# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ମେ' ୭/୨୦୨୩ (୧୪ ପୃଷ୍ଠା+ ଛୁଟିଦିନ) | Bhubaneswar, Sunday, May 7/2023 | Page 14 ₹ 7.00

୪୯ଶ ଭାଗ ୧୬୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 161 ମୂଲ୍ୟ₹୭/-




**ମଥିଶା ପଥିରାନାଙ୍କ ପ୍ରଭାବୀ ବୋଲିଂ**
ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ଚେନ୍ନାଇ ସୁପର କିଙ୍ଗ୍ସ ତରଫରୁ ପ୍ରଭାବୀ ବୋଲିଂ ସହ ୩ ଉଇକେଟ ନେଇଛନ୍ତି ମଥିଶା ପଥିରାନା।
୧୪

୧୦
**ସାମନ୍ଥାଙ୍କୁ ପ୍ରଶଂସା କଲେ ନାଗା**
ବିବାହ ବିଚ୍ଛେଦ ପରେ ବି ନିକଟରେ ସାଉଥ୍ ଅଭିନେତା ନାଗା ଚୈତନ୍ୟ ଏକ ସାକ୍ଷାତକାରରେ ପୂର୍ବତନ ସ୍ତ୍ରୀ ସାମନ୍ଥାଙ୍କୁ ପ୍ରଶଂସା କରିଛନ୍ତି।



# ଚାହିଦା ଅଛି, ପ୍ରୋତ୍ସାହନ ନାହିଁ

**୧୯୮୦ରେ ପ୍ରତିଷ୍ଠିତ ନୟାଗଡ଼ ସମବାୟ ଚିନିକଳ ଏକଦା ଏହି ଜିଲାର କୃଷିଭିତ୍ତିକ ଅର୍ଥନୀତିକୁ ସୁଦୃଢ଼ କରିଥିଲା । ଚିନିକଳର ଉତ୍ପାଦନ କ୍ଷମତା ୧.୨ ଲକ୍ଷ ଟନ୍ ଥିବାବେଳେ ଏହା ଉପରେ ୩୦ ହଜାରରୁ ଊର୍ଦ୍ଧ୍ୱ ଚାଷୀ ନିର୍ଭର କରି ଚଳୁଥିଲେ। କିନ୍ତୁ ୨୦୧୫ରେ ଚିନିକଳ ବନ୍ଦ ହେବା ପରଠାରୁ ଆଖୁଚାଷୀ ମୁଣ୍ଡରେ ହାତ ଦେଇବସିଛନ୍ତି। ତଥାପି ଚିନି ବଦଳରେ ଗୁଡ଼ର ଚାହିଦା ବଢୁଥିବାରୁ ଅନେକ କୃଷକ ପାରମ୍ପରିକ ଆଖୁଚାଷରୁ ମୁହଁ ଫେରାଇ ନାହାନ୍ତି। ପ୍ରୋତ୍ସାହନ ମିଳିପାରିଲେ ଚାଷୀମାନେ ଅଧିକ ପରିମାଣର ଆଖୁ ଉତ୍ପାଦନ କରି ଗୁଡ଼ର ଚାହିଦାକୁ ମେଣ୍ଟାଇବାରେ ସକ୍ଷମ ହୁଅନ୍ତେ। ଫଳରେ ଚାଷୀଙ୍କ ଲାଭ ବଢ଼ନ୍ତା ଓ ଲୋକେ ମଧ୍ୟ ଉଚିତ ମୂଲ୍ୟରେ ଚିନିର ବିକଳ୍ପ ଭାବେ ଗୁଡ଼କୁ ଆଦରିପାରନ୍ତେ।**

ଲୋକନାଥ ମିଶ୍ର
**ନୟାଗଡ଼ ଅଫିସ,୬।୫**

ନୟାଗଡ଼ର ଆଖୁ ଅଧିକ ଦୋରୁଅ ଓ ଶର୍କରାଯୁକ୍ତ ଥିବାରୁ ଗୁଡ଼ର ଚାହିଦା ବଢ଼ିବାରେ ଲାଗିଛି। ହେଲେ ଏଥିପାଇଁ ସରକାରୀ ପ୍ରୋତ୍ସାହନ ନାହିଁ। ଫଳରେ ଚାଷୀମାନେ କେବଳ ନିଜ ଶ୍ରମ ବିନିଯୋଗ କରି ଏହି ବ୍ୟବସାୟ ଚଳାଇଛନ୍ତି। ନୟାଗଡ଼ ଚିନି କଳ ବନ୍ଦ ହେବା ପରେ ଆଖୁ ଚାଷ କମିଛି। ତଥାପି କେତେଜଣ ଚାଷୀ ନିଜର ପାରମ୍ପରିକ ଗୁଡ଼ ବ୍ୟବସାୟ ଜାରି ରଖିଛନ୍ତି। ଚିନି ପରିବର୍ତ୍ତେ ଗୁଡ଼ ପ୍ରତି ସାଧାରଣ ଲୋକଙ୍କ ଆଗ୍ରହ ବଢ଼ିଛି। ଏହା ବିଭିନ୍ନ ବ୍ୟଞ୍ଜନ, ପିଠା, ମୁଆଁ, ଉଖୁଡା, ଆଚାର ପ୍ରସ୍ତୁତିରେ ବ୍ୟବହାର ହେଉଛି।


ନୂଆ କଣ୍ଟାବଣିଆ ଗାଁରେ ଜଣେ ମହିଳା ପାରମ୍ପରିକ ପଦ୍ଧତିରେ ଗୁଡ଼ ପ୍ରସ୍ତୁତ କରୁଛନ୍ତି।

ନୟାଗଡ଼ର ଗୁଡ଼ ଏବେ ଢେଙ୍କାନାଳ, ଅନୁଗୋଳ, କଟକ, ଭୁବନେଶ୍ୱର, ଗଞ୍ଜାମରେ ବିକ୍ରି ହେଉଛି।

ନୟାଗଡ଼ ବ୍ଲକ ବାଲୁଗାଁ ପଞ୍ଚାୟତ ନୂଆ କଣ୍ଟାବଣିଆ ଗାଁର ଚାଷୀ ଦୁର୍ଯ୍ୟୋଧନ ପ୍ରଧାନ କୁହନ୍ତି, ମୁଁ ୨୦ ମାଣ (୫ଏକର) ଜମିରେ ଆଖୁ ଚାଷ କରୁଛି। ମୋତେ ମୋ ପରିବାର ଓ ବଡ଼ଭାଇ ବୃନ୍ଦାବନଙ୍କ ପରିବାର ଆଖୁଚାଷଠାରୁ ଗୁଡ଼ ତିଆରି କରି ବିକ୍ରି ପର୍ଯ୍ୟନ୍ତ ସହଯୋଗ କରୁଛନ୍ତି। ପ୍ରତିଦିନ ୪ରୁ ୬ଜଣ ଲୋକ ଆଖୁଶାଳରେ ଦରକାର। ବିଦ୍ୟୁତ୍ ବ୍ୟବସ୍ଥା ସହିତ ଜେନେରେଟର ଦ୍ୱାରା ଆଖୁ ପେଡ଼ା ହେଉଛି। ଆଖୁ ରସ ପାଇପ୍ ଯୋଗେ ଶାଳରେ ପହଞ୍ଚୁଛି। ସେଠାରେ ଗୁଡ଼ ତିଆରି ହେଉଛି। ୬ ଓ ୮ ବର୍ଷ ବୟସରେ ଆମେ ଦୁଇ ଭାଇ ବାପାଙ୍କୁ ଆଖୁ ଫସଲରେ ସହଯୋଗ କରୁଥିଲୁ। ୧୦ ଓ ୧୨ ବର୍ଷ ବୟସରୁ ଆମେ ଆଖୁ ଫସଲ ସାଙ୍ଗକୁ ଗୁଡ଼ କରି ଆସୁଛୁ। ପ୍ରାୟ ୩୫ ବର୍ଷ ହେଲା ଆଖୁ ଚାଷ କରି ଆସୁଛୁ। ନୟାଗଡ଼ ଚିନିକଳ କାମ କରୁଥିବା ସମୟରେ ୧ରୁ ୨ମାଣ ଜମିରେ

## ନୟାଗଡ଼ ଗୁଡ଼

ହେଉଥିବା ଆଖୁରସରୁ କେବଳ ଗୁଡ଼ କରୁଥିଲୁ। ଅବଶିଷ୍ଟ ୧୮ ମାଣ ଜମିର ଆଖୁ ଚିନିକଳ ନେଇଯାଉଥିଲା। ଚିନିକଳ ବନ୍ଦ ପରେ ୨୦୨୧ ପର୍ଯ୍ୟନ୍ତ ୧୫ ମାଣ ଜମିର ଆଖୁ ଢେଙ୍କାନାଳ ଚିନିକଳକୁ ଦେଉଥିଲୁ। ହେଲେ କ୍ଷତି ହେଉଥିବାରୁ ଆଉ ଦେଉନାହିଁ। ଚିନିକଳ ବନ୍ଦ ପରେ ଆମ ଜିଲାରେ ଆଖୁ ଚାଷ ହ୍ରାସ ହୋଇଛି। ତେବେ ଆମ ଉପରେ ଏହାର ପ୍ରଭାବ ପଡ଼ିନି। ସବୁ ବର୍ଷ ଆମେ ୨୦ରୁ ୨୨ ମାଣ ଜମିରେ ଆଖୁ ଫସଲ କରି ଆସୁଛୁ। ଅନ୍ୟପକ୍ଷରେ ଗୁଡ଼ ପ୍ରସ୍ତୁତ କରୁଥିବାରୁ କ୍ଷତିର ହିସାବ ଆମ ପାଖରେ ନାହିଁ। ନିଜ ଜମି ୩ ମାଣ ଓ ଭାଗ ଜମି ୧୭ମାଣରେ ଯାହା ରୋଜଗାର ହୁଏ ଜମି ମାଲିକ, ଋଣ ଟଙ୍କା ପରିଶୋଧ ଓ ଦୁଇ ପରିବାର ଚଳେ। ଗୋଟିଏ ବର୍ଷରେ ଅତିକମ୍‌ରେ ୨ ଲକ୍ଷ ଟଙ୍କା ଲାଭ ମିଳେ। ଆମ୍ଭ ପରିବାର ପକ୍ଷରୁ ପ୍ରସ୍ତୁତ ଗୁଡ଼କୁ ବ୍ୟବସାୟୀମାନେ କେଜି ପ୍ରତି ୩୩ ଟଙ୍କାରେ କିଣନ୍ତି। ଢେଙ୍କାନାଳ, ଅନୁଗୋଳ ଓ ତାଳଚେରର ବ୍ୟବସାୟୀମାନେ ଗୁଡ଼ କିଣି ନିଅନ୍ତି। ଖୁଚୁରାରେ ଆମ ଗାଁରେ ୪୫ ଟଙ୍କାରେ ଗୁଡ଼ ବିକ୍ରି ହେଉଛି।

ନୂଆଗାଁ ବ୍ଲକ ଶିମିଳିସାହି ଗାଁର ଗୁଲୁବାସ ପ୍ରଧାନ କୁହନ୍ତି, ୬ ବର୍ଷରୁ ଆରମ୍ଭ କରିଥିବା ଆଖୁ ଚାଷ ୬୦ ବର୍ଷରେ ପହଞ୍ଚିଲାଣି। ବାପାଙ୍କୁ ଆଖୁ ଚାଷରେ ସହଯୋଗ କରୁ କରୁ ମୁଁ ଅଜାଣତରେ ଚାଷୀ ହୋଇଗଲି। ମୁଁ ପାଠ ପଢ଼ିନି କି ସ୍କୁଲ ଦେଖିନି। ତେବେ ନିଜ ନାମ ଦସ୍ତଖତ କରିବା ଶିଖିଛି। ଚାଷରେ କ୍ଷତି ହେଉ କି ଲାଭ ହେଉ ଆଉ ପଛକୁ ଫେରି ଦେଖିନି। ଚାଷ କରି ଝିଅ, ପୁଅ ବାହାଘର କରାଇଛି। ମୋ ପୁଅକୁ ପାଠ ପଢ଼ାଇଛି। ପୁଅ ଦୋକାନ କରିଛି। ମୋ ଝିଅ, ଜ୍ୱାଇଁ, ପୁଅ, ବୋହୂ ଚାଷରେ ☞ପୃଷ୍ଠା–୪

# ଅନ୍ଧାରରେ ଭାଷଣ ଦେଲେ ରାଷ୍ଟ୍ରପତି

**ବାରିପଦା ଅଫିସ,୬।୫**

୩ ଦିନିଆ ମୟୂରଭଞ୍ଜ ଗସ୍ତରେ ଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଶନିବାର ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବର ଦୀକ୍ଷାନ୍ତ ଅଭିଭାଷଣ ସମୟରେ ଦେଖାଦେଇଛି ଗୁରୁତର ତ୍ରୁଟି। ରାଷ୍ଟ୍ରପତି ଅଭିଭାଷଣ ଆରମ୍ଭ କରିବା ମାତ୍ରେ ଅଡିଟୋରିୟମରୁ ଆଲୁଅ ଚାଲିଗଲା। ଜେନେରେଟର ମଧ୍ୟ ଠିକ୍‌ରେ ଚାଲିଲାନି। ରାଷ୍ଟ୍ରପତି ଅନ୍ଧାରରେ ୯ ମିନିଟ୍ ପର୍ଯ୍ୟନ୍ତ ନିଜର ଅଭିଭାଷଣ ଦେବା ପରେ କରେଣ୍ଟ ଆସିଥିଲା। ଦେଶର ପ୍ରଥମ ନାଗରିକଙ୍କ କାର୍ଯ୍ୟକ୍ରମରେ ଏଭଳି ସାଂଘାତିକ ତ୍ରୁଟିକୁ ସବୁ ମହଲରୁ ନିନ୍ଦା କରାଯାଇଛି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏଭଳି ତ୍ରୁଟିକୁ ନୈତିକତା ଦୃଷ୍ଟିରୁ ନିଜକୁ ଦାୟୀ କରିଥିବାବେଳେ ବିଦ୍ୟୁତ୍ ଯୋଗାଣକାରୀ ସଂସ୍ଥା ଏହାକୁ ବିଶ୍ୱବିଦ୍ୟାଳୟର ଇଣ୍ଟରନାଲ ଫଲ୍ଟ ବୋଲି କହି ନିଜ ଉପରୁ ଦୋଷ ଛଡ଼ାଇ ଦେଇଛି। ତେବେ ଏଭଳି ଘଟଣା ପରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ବୈଠକ ଡକାଇ ଜିଲା ପ୍ରଶାସନଠାରୁ ରିପୋର୍ଟ ମଗାଇଛନ୍ତି। ଅପରପକ୍ଷରେ ବିଶ୍ୱବିଦ୍ୟାଳୟର ବିଦ୍ୟୁତ୍ ବିଭାଗ ଦାୟିତ୍ୱରେ ଥିବା ଜଣେ କର୍ମଚାରୀଙ୍କୁ କେବଳ ନିଲମ୍ବନ କରାଯାଇଛି। ପ୍ରକାଶ ଯେ, ବାରିପଦାର ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ☞ପୃଷ୍ଠା–୪


ଏମ୍‌ଏସ୍‌ସିବି ଅଡିଟୋରିୟମ ହଲ୍‌ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ


**ଝାରସୁଗୁଡ଼ା ଉପନିର୍ବାଚନ: ଆଜି ପ୍ରଚାରକୁ ଓହ୍ଲାଇବେ ନବୀନ, ଧର୍ମେନ୍ଦ୍ର** | ପୃଷ୍ଠା ୩

**ଆଜିର ସମ୍ପାଦକୀୟ** ଚିନ୍ତାଧାରା ବଦଳୁ


# ମଣିପୁର ହିଂସା: ମୃତ୍ୟୁ ୫୪କୁ ବୃଦ୍ଧି

**ଇମ୍ଫାଲ, ୬।୫**

ମଣିପୁର ହିଂସାଜନିତ ମୃତ୍ୟୁସଂଖ୍ୟା ଶନିବାର ସୁଦ୍ଧା ୫୪ରେ ପହଞ୍ଚିଥିବା ସରକାରୀ ଭାବେ କୁହାଯାଇଛି। ରାଜ୍ୟର ହିଂସାପ୍ରବଣ ଅଞ୍ଚଳକୁ ସୈନ୍ୟବାହିନୀ ନିୟନ୍ତ୍ରଣକୁ ନେବା ପରେ ଇମ୍ଫାଲ ଉପତ୍ୟକାରେ ଜୀବନଯାତ୍ରା ସ୍ୱାଭାବିକ ହୋଇଛି। ଦୋକାନ ବଜାର ଖୋଲିବା ସହ ରାସ୍ତାରେ ଯାନବାହନ ଚଳାଚଳ ଆରମ୍ଭ ହୋଇଛି। ଶନିବାର ସକାଳେ ଇମ୍ଫାଲ ଓ ଅନ୍ୟ ସହରରେ ଦୋକାନ ବଜାର ଖୋଲିବା ପରେ ଲୋକମାନେ ଅତ୍ୟାବଶ୍ୟକ ସାମଗ୍ରୀ କିଣାକିଣିରେ ବ୍ୟସ୍ତ ରହିଥିବା ଦେଖାଯାଇଛି। ହିଂସାପ୍ରବଣ ଅଞ୍ଚଳରେ ଅଧିକ ସେନା ଯବାନ, ରାପିଡ୍ ଆକ୍ସନ ଫୋର୍ସ ଏବଂ କେନ୍ଦ୍ରୀୟ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ମୋଟ ୧୩,୦୦୦ ☞ପୃଷ୍ଠା–୪

# ଦେଶରେ ସୁଦୃଢ଼ ହେବ ଇ-କୋର୍ଟ ଭିତ୍ତିଭୂମି: ସିଜେଆଇ

**କଟକ ଅଫିସ,୬।୫**

ଓଡ଼ିଶା ହାଇକୋର୍ଟ ଭଳି ସୁପ୍ରିମକୋର୍ଟରେ ଇ-କୋର୍ଟ ପ୍ରକଳ୍ପ କାର୍ଯ୍ୟକାରୀ ହେବ। ଏଥିପାଇଁ ତୃତୀୟ ପର୍ଯ୍ୟାୟ ଆକ୍ସନ ପ୍ଲାନ୍ କାର୍ଯ୍ୟକାରୀ କରିବା ନିମନ୍ତେ ବୈଷୟିକ ଜ୍ଞାନକୌଶଳର ଉପଯୋଗର ସମ୍ଭାବନାମୟ ଦିଗ ଉପରେ ଆଲୋକପାତ କରିବା ଉଦ୍ଦେଶ୍ୟରେ କଟକସ୍ଥିତ ଜୁଡିସିଆଲ ଏକାଡେମୀଠାରେ ଶନିବାର ଆରମ୍ଭ ହୋଇଛି ଦୁଇଦିନିଆ ସମ୍ମିଳନୀ। ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଧନଞ୍ଜୟ ୱାଇ. ଚନ୍ଦ୍ରଚୂଡ଼ ସମ୍ମିଳନୀକୁ ଉଦ୍‌ଘାଟନ କରି ଦେଶରେ ଇ-କୋର୍ଟ ଭିତ୍ତିଭୂମି ସୁଦୃଢ଼ ଉପରେ ଗୁରୁତ୍ୱାରୋପ କରିଛନ୍ତି।

ପ୍ରଧାନ ବିଚାରପତି ଚନ୍ଦ୍ରଚୂଡ଼ କହିଲେ, ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କ ନେତୃତ୍ୱ ଯୋଗୁ ଓଡ଼ିଶାରେ ନ୍ୟାୟ ବ୍ୟବସ୍ଥାର ଆଧୁନିକୀକରଣ ଓ ରେକର୍ଡ ରୁମ୍ ଡିଜିଟାଇଜେଶନ ସେଣ୍ଟର ସ୍ଥାପନା ଭଳି କାର୍ଯ୍ୟ ସମ୍ଭବ ହୋଇପାରିଛି।


ସିଜେଆଇ ଡି. ୱାଇ. ଚନ୍ଦ୍ରଚୂଡ଼

୨୦୨୩ରୁ ୨୦୨୭ ଯାଏ ଆଗାମୀ ୪ ବର୍ଷରେ ଦେଶରେ ଇ-କୋର୍ଟ ନିମନ୍ତେ ତୃତୀୟ ପର୍ଯ୍ୟାୟ ଆକ୍ସନ ପ୍ଲାନ କାର୍ଯ୍ୟକାରୀ କରିବାକୁ ୭,୨୧୦ କୋଟି ଟଙ୍କା ଅନୁଦାନ ମଞ୍ଜୁର ହୋଇଛି। ଏଥିରେ କୋର୍ଟ ରେକର୍ଡଗୁଡ଼ିକର ଡିଜିଟାଇଜେଶନ କାର୍ଯ୍ୟ ମଧ୍ୟ ଅନ୍ତର୍ଭୁକ୍ତ ରହିଛି। ପ୍ରାୟ ୩,୧୦୮କୋଟି ପୃଷ୍ଠାର ରେକର୍ଡ ଡିଜିଟାଇଜ୍ କରାଯିବାକୁ ଲକ୍ଷ୍ୟ ରହିଛି। ଦେଶର ହାଇକୋର୍ଟଗୁଡ଼ିକ ସରକାରୀ ଅନୁଦାନକୁ ଉପଯୋଗ କରି ଇ-କୋର୍ଟ ଭିତ୍ତିଭୂମିକୁ ସୁଦୃଢ଼ କରାଇବେ। ଜିଲା କୋର୍ଟ ସମେତ ଦେଶର ସମସ୍ତ କୋର୍ଟର ଡିଜିଟାଲ ଭିତ୍ତିଭୂମି ଏହାଦ୍ୱାରା ବିକଶିତ ହୋଇପାରିବ। ଆଧୁନିକ ସୂଚନା ଓ ପ୍ରଯୁକ୍ତିବିଦ୍ୟା କିଭଳି ଦୂରଦୂରାନ୍ତରେ ଥିବା ସାଧାରଣ ଲୋକଙ୍କୁ ନ୍ୟାୟପ୍ରଦାନ କରିବାରେ ସହାୟକ ହୋଇପାରିଛି। ବିଶେଷକରି ଜିଲା ଓ ତାଲୁକସ୍ତରରେ ମହିଳା ଓ ଭିନ୍ନକ୍ଷମଙ୍କ ନିମନ୍ତେ ତୁରନ୍ତ ଆବଶ୍ୟକ ସୁବିଧା ଯୋଗାଇ ଦେବା ଉପରେ ପ୍ରଧାନ ବିଚାରପତି ଗୁରୁତ୍ୱ ଦେଇଛନ୍ତି।

ଏହି ଅବସରରେ ନିଉଟ୍ରାଲ ସାଇଟେଶନ ଫର ସିନ୍ ଇଣ୍ଡିଆନ୍ ଜୁଡିସିଆରି ବ୍ୟବସ୍ଥାକୁ ପ୍ରଧାନ ବିଚାରପତି ଚନ୍ଦ୍ରଚୂଡ଼ ଉନ୍ମୋଚନ କରିଥିଲେ। ଆଇନ ବ୍ୟବସ୍ଥାରେ କେସ୍ ଲ' ରିପୋର୍ଟିଂ ଏକ ଗୁରୁତ୍ୱପୂର୍ଣ୍ଣ ☞ପୃଷ୍ଠା–୪

# ଖାର୍ଗେଙ୍କୁ ହତ୍ୟା ପାଇଁ ଭାଜପା ପ୍ରାର୍ଥୀଙ୍କ ଯୋଜନା: କଂଗ୍ରେସ

**ବେଙ୍ଗାଲୁରୁ, ୬।୫**

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ତାଙ୍କ ସ୍ତ୍ରୀ ଓ ପୂରା ପରିବାରକୁ ହତ୍ୟା କରିବା ପାଇଁ ଜଣେ ଭାଜପା ପ୍ରାର୍ଥୀ ଯୋଜନା କରୁଥିବା ଅଭିଯୋଗ ହୋଇଛି। କର୍ଣ୍ଣାଟକରେ କଂଗ୍ରେସ ପ୍ରଭାରୀ ଥିବା ଦଳର ସାଧାରଣ ସମ୍ପାଦକ ରଣଦୀପ୍ ସୁର୍ଜେୱାଲା ଏହି ଅଭିଯୋଗ ଆଣିଥିବାବେଳେ ଶାସକ ଭାଜପା ଏହାକୁ ଖଣ୍ଡନ କରିଛି। କଂଗ୍ରେସ ନେତା ଖବରଦାତା ସମ୍ମିଳନୀରେ ହତ୍ୟା ଷଡ଼ଯନ୍ତ୍ରର ଏକ ଅଡିଓ ଉପସ୍ଥାପନ କରିଛନ୍ତି। ସେଥିରେ କାଲାବୁରାଗି ଜିଲା ଚିତ୍ତପୁର ଆସନର ଭାଜପା ପ୍ରାର୍ଥୀ ମଣିକାନ୍ତ ରାଠୋଡ୍ କଂଗ୍ରେସ ଅଧ୍ୟକ୍ଷ ଖାର୍ଗେ ଓ ତାଙ୍କ ପରିବାରକୁ ନିଶ୍ଚିହ୍ନ କରିଦେବେ ବୋଲି କହୁଥିବା ଶୁଣାଯାଇଛି।

ମେ' ୧୦ରେ କର୍ଣ୍ଣାଟକ ବିଧାନସଭାର ୨୨୪ ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ଭାଜପା ଏବଂ କଂଗ୍ରେସ ମଧ୍ୟରେ ବାକ୍‌ଯୁଦ୍ଧ ଜାରି ରହିଛି। କଂଗ୍ରେସ ପ୍ରତି କନ୍ନଡିଗାମାନଙ୍କ ସମର୍ଥନ ବଢୁଥିବାବେଳେ ଶାସକ ଦଳ ନିର୍ବାଚନ ହାରିବାକୁ ଯାଉଥିବାରୁ ଖାର୍ଗେ ଓ ତାଙ୍କ ପରିବାରକୁ ହତ୍ୟା କରିବା ପାଇଁ ☞ପୃଷ୍ଠା–୪


ମଲ୍ଲିକାର୍ଜୁନ ଖାର୍ଗେ

# ଚାର୍ଲ୍ସ ବ୍ରିଟେନ୍‌ର ୪୦ତମ ରାଜା

**ବ୍ରିଟେନକୁ ମିଳିଲା ନୂଆ ରାଜା। ଶନିବାର ବିଧିବଦ୍ଧ ଭାବେ କିଙ୍ଗ୍ ଚାର୍ଲ୍ସ ତୃତୀୟ ବ୍ରିଟେନ ରାଜା ରୂପେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଲଣ୍ଡନ ୱେଷ୍ଟମିନଷ୍ଟର ଆବେ ଚର୍ଚ୍ଚରେ କିଙ୍ଗ୍ ଚାର୍ଲ୍ସ ଓ କୁଇନ୍ କାମିଲାଙ୍କ ରାଜ୍ୟାଭିଷେକ କରାଯାଇଛି। ରାଜପରିବାର ସମେତ ଦେଶ ବିଦେଶରୁ ଆସିଥିବା ବହୁ ଭିଆଇପି ଅତିଥି ଏହି ବିଶାଳ ସମାରୋହରେ ସାମିଲ ହୋଇଛନ୍ତି। ଚାର୍ଲ୍ସଙ୍କ ପ୍ରଶେସନ ଦେଖିବା ପାଇଁ ଅନେକ ସଂଖ୍ୟାରେ ଲୋକ ରାସ୍ତାକଡ଼ରେ ଉତ୍କଣ୍ଠାର ସହ ଅପେକ୍ଷା କରିଥିବାର ଦେଖାଯାଇଥିଲା।**

**ଲଣ୍ଡନ, ୬।୫**

କିଙ୍ଗ୍ ଚାର୍ଲ୍ସ ୩ୟ ବ୍ରିଟେନ୍‌ର ନୂଆ ରାଜା। ଏଥିପାଇଁ ସାରା ବ୍ରିଟେନ୍ ଏବେ ଉତ୍ସବମୁଖର। ଶନିବାର ଲଣ୍ଡନର ୱେଷ୍ଟମିନଷ୍ଟର ଆବେଠାରେ କିଙ୍ଗ୍ ଚାର୍ଲ୍ସ ଓ କୁଇନ୍ କାମିଲାଙ୍କ ଐତିହାସିକ ରାଜ୍ୟାଭିଷେକ ବେଶ୍ ଆଡମ୍ବର ସହକାରେ କରାଯାଇଛି। କିଙ୍ଗ୍ ଚାର୍ଲ୍ସ ବ୍ରିଟେନର ୪୦ତମ ରାଜା ହୋଇଛନ୍ତି। ରାଜ୍ୟାଭିଷେକ ସମାରୋହରେ ହିନ୍ଦୁ, ଶିଖ୍, ମୁସଲମାନ ଏବଂ ବୌଦ୍ଧ ସମ୍ପ୍ରଦାୟର ଧର୍ମଗୁରୁମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଚାର୍ଲ୍ସଙ୍କୁ ସେଣ୍ଟ ଏଡୱାର୍ଡଙ୍କ ରାଜ ମୁକୁଟ ପିନ୍ଧାଯାଇଛି। ୭୦ ବର୍ଷ ପରେ ବ୍ରିଟେନରେ ରାଜ୍ୟାଭିଷେକ ସମାରୋହ ଅନୁଷ୍ଠିତ ହୋଇଛି। ସମାରୋହ ଲାଗି କିଙ୍ଗ୍ ଚାର୍ଲ୍ସ ଏବଂ କୁଇନ୍ କାମିଲା, ବଡ଼ପୁଅ ପ୍ରିନ୍ସ୍ ୱିଲିୟମ୍, ବୋହୂ କେଟ୍ ମିଡିଲଟନ୍‌ଙ୍କ ସହ ବକିଂହାମ ପ୍ୟାଲେସ୍‌ରୁ ଆବେ ଚର୍ଚ୍ଚ ଅଭିମୁଖେ ବାହାରିଥିଲେ। ବର୍ଷା ପାଗ ସତ୍ତ୍ୱେ ଚାର୍ଲ୍ସଙ୍କୁ ଦେଖିବା ପାଇଁ ରାସ୍ତାକଡ଼ରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ରାଜପରିବାର ସଦସ୍ୟଙ୍କ ସମେତ ଦେଶ ବିଦେଶରୁ ପ୍ରାୟ ୨,୦୦୦ରୁ ଊର୍ଦ୍ଧ୍ୱ ଅତିଥି ସମାରୋହରେ ଯୋଗଦେଇଛନ୍ତି। ବହୁ ନ୍ୟୁଜ୍ ଚ୍ୟାନେଲରେ ରାଜ୍ୟାଭିଷେକର ସିଧା ପ୍ରସାରଣ କରାଯାଇଥିବାବେଳେ ବିଭିନ୍ନ ସ୍ଥାନରେ ସାଧାରଣ ଲୋକଙ୍କ ପାଇଁ ପ୍ରୋଜେକ୍ଟର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ରାଜ୍ୟାଭିଷେକ ଲାଗି ବ୍ରିଟେନ୍‌ର ୧୩ଟି ସ୍ଥାନରେ ଗନ୍ ସାଲ୍ୟୁଟ୍ ଦିଆଯାଇଛି। ଏହି ଅବସରରେ ପ୍ରିନ୍ସ୍ ୱିଲିୟମ୍ କିଙ୍ଗ୍ ଚାର୍ଲ୍ସଙ୍କୁ 'ଦ ଷ୍ଟୋନ୍ ରୟାଲ୍' ଦେଇଥିଲେ, ଯାହା ରାଜ୍ୟାଭିଷେକରେ ବ୍ୟବହାର ହୋଇଥିବା ଏକମାତ୍ର ନୂଆ ଅଳଙ୍କାର। ଗତବର୍ଷ ସେପ୍ଟେମ୍ବରରେ ମହାରାଣୀ ଏଲିଜାବେଥ୍‌ଙ୍କ ବିୟୋଗ ପରେ ୭୪ ବର୍ଷୀୟ ଚାର୍ଲ୍ସଙ୍କ ନାମ ବ୍ରିଟେନ୍‌ର ନୂଆ ରାଜା ଭାବେ ଘୋଷଣା କରାଯାଇଥିଲା। ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଏସୀୟ ବଂଶୋଦ୍ଭବ ଋଷି ସୁନକ ସମାରୋହରେ ବାଇବେଲ୍ ପାଠ କରିଥିଲେ। ଏହାଛଡ଼ା ସୁନକ ଓ ସ୍ତ୍ରୀ ଅକ୍ଷତା ମୂର୍ତ୍ତି ଚାର୍ଲ୍ସଙ୍କ ପ୍ରଶେସନରେ ଭାଗନେଇଥିଲେ। ଭାରତରୁ ଉପରାଷ୍ଟ୍ରପତି ଜଗଦୀପ ଧନକର ଓ ତାଙ୍କ ସ୍ତ୍ରୀ ସୁଦେଶ ଧନକର ଏହି ରାଜକୀୟ ସମାରୋହରେ ଯୋଗଦେଇଛନ୍ତି। ବଲିଉଡ୍ ଅଭିନେତ୍ରୀ ସୋନମ କପୁରଙ୍କ ସମେତ ବହୁ ଭାରତୀୟ ରାଜ୍ୟାଭିଷେକ ସମାରୋହରେ ସାମିଲ ହୋଇଛନ୍ତି।


ଲଣ୍ଡନର ୱେଷ୍ଟମିନ୍‌ଷ୍ଟର ଆବେରେ ଶନିବାର ରାଜ୍ୟାଭିଷେକ ପରେ ସେଣ୍ଟ ଏଡ୍‌ୱାର୍ଡଙ୍କ କ୍ରାଉନ୍ ପିନ୍ଧିଥିବା ବ୍ରିଟେନ କିଙ୍ଗ୍ ଚାର୍ଲ୍ସ ୩ୟଙ୍କ ସହ କୁଇନ୍ କାମିଲା ଏବଂ ରାଜପରିବାର ସଦସ୍ୟମାନେ।




# ହଜାରେ ବର୍ଷର ରାଜକୀୟ ପରମ୍ପରା



କିଙ୍ଗ୍ ଚାର୍ଲ୍ସ ୩ୟଙ୍କୁ ସେଣ୍ଟ ଏଡଓ୍ୱାର୍ଡଙ୍କ ମୁକୁଟ ପିନ୍ଧାଯିବା ପରର ଦୃଶ୍ୟ।

ହଜାରେ ବର୍ଷ ପୁରୁଣା ରାଜକୀୟ ପରମ୍ପରା ଅନୁସାରେ କିଙ୍ଗ୍ ଚାର୍ଲ୍ସ ତୃତୀୟଙ୍କ ରାଜ୍ୟାଭିଷେକ ୱେଷ୍ଟମିନ୍‌ଷ୍ଟର ଆବେରେ ଶନିବାର ସମ୍ପନ୍ନ ହୋଇଛି। ୭୦ ବର୍ଷ ପରେ ଲଣ୍ଡନର ଆବେ ଚର୍ଚ୍ଚରେ କିଙ୍ଗ୍ ଚାର୍ଲ୍ସ ଓ କୁଇନ୍ କାମିଲାଙ୍କ ଐତିହାସିକ ରାଜ୍ୟାଭିଷେକ ବେଶ୍ ଆଡମ୍ବର ସହକାରେ କରାଯାଇଛି। ଏଥିରେ ଭାରତର ଉପରାଷ୍ଟ୍ରପତି ଜଗଦୀପ୍ ଧନକରଙ୍କ ସମେତ ଦେଶ ବିଦେଶରୁ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ସମାରୋହରେ ବିଭିନ୍ନ ସମ୍ପ୍ରଦାୟର ଧର୍ମଗୁରୁ ଉପସ୍ଥିତ ରହିଥିଲେ। ଏହି ଅବସରରେ ଚାର୍ଲ୍ସଙ୍କୁ ସେଣ୍ଟ ଏଡଓ୍ୱାର୍ଡଙ୍କ ରାଜ ମୁକୁଟ ପିନ୍ଧାଯାଇଛି। ରାଜ୍ୟାଭିଷେକ ପରେ କିଙ୍ଗ୍ ଚାର୍ଲ୍ସ ବ୍ରିଟେନର ୪୦ତମ ରାଜା ହୋଇଛନ୍ତି। ରାଜ୍ୟାଭିଷେକରେ ଅନେକ ବର୍ଷ ପୁରୁଣା ସୁନା ଓ ରୁପା ନିର୍ମିତ ଆଭୂଷଣ ବ୍ୟବହାର କରାଯାଇଛି, ଯେଉଁଥିରେ ସୁନାରେ ତିଆରି କିଙ୍ଗ୍‌ସ ଅର୍ବ, ସେପ୍‌ଟ୍ରେସ୍, ଆମ୍ପୁଲା, ଚାମଚ ଇତ୍ୟାଦି ରହିଛି।

## ‘ଈଶ୍ୱର ରାଜାଙ୍କୁ ରକ୍ଷା କରନ୍ତୁ’

ଲଣ୍ଡନ, ୬।୫

ଗତବର୍ଷ ସେପ୍ଟେମ୍ବର ୮ରେ ବ୍ରିଟେନର ମହାରାଣୀ ଏଲିଜାବେଥ୍ ୨ୟଙ୍କ ପରଲୋକ ଘଟିଥିଲା। ଏଲିଜାବେଥଙ୍କ ପରେ କିଙ୍ଗ୍ ଚାର୍ଲ୍ସ ୩ୟ ହିଁ ଥିଲେ ବ୍ରିଟେନ୍ ରାଜା ହେବା ପାଇଁ ଦାବିଦାର। ପ୍ରିନ୍ସ ଅଫ୍ ୱେଲ୍ସର ଭାବେ ବହୁ ବର୍ଷ ଦାୟିତ୍ୱରେ ରହିବା ପରେ ଏଲିଜାବେଥଙ୍କ ପରେ ଚାର୍ଲ୍ସ ୩ୟଙ୍କ ନାମ ରାଜା ଭାବେ ଘୋଷଣା କରାଗଲା। ଏହାପରଠାରୁ ଚାର୍ଲ୍ସଙ୍କ ନାମ ପୂର୍ବରୁ ଯୋଡ଼ି ହୋଇଗଲା କିଙ୍ଗ୍। ସ୍ତ୍ରୀ କାମିଲା ହୋଇଗଲେ କୁଇନ୍ ଅଫ୍ କନ୍‌ଶର୍ଟ୍। ପାଖାପାଖି ୭ ମାସ ବ୍ରିଟେନ୍ ରାଜକାର୍ଯ୍ୟ ତୁଲାଇବା ପରେ ଶନିବାର ୱେଷ୍ଟମିନ୍‌ଷ୍ଟର ଆବେଠାରେ ରାଜା ଚାର୍ଲ୍ସ ୩ୟ ଏବଂ ରାଣୀ କାମିଲାଙ୍କ ରାଜ୍ୟାଭିଷେକ କରାଯାଇଛି। ୩ ଦିନ ଧରି ଏହି କାର୍ଯ୍ୟକ୍ରମ ଦେଶବ୍ୟାପୀ ଚାଲିବ। ରାଜ୍ୟାଭିଷେକ ସାରି ବକିଂହାମ ପ୍ୟାଲେସକୁ ଫେରିବା ସମୟରେ ରାସ୍ତାକଡ଼ରେ ଛିଡ଼ା ରହିଥିବା ଚାର୍ଲ୍ସଙ୍କ ପ୍ରଶଂସକ ‘ଈଶ୍ୱର ରାଜାଙ୍କୁ ରକ୍ଷା କରନ୍ତୁ’ ବୋଲି ନାରା ଦେଇଥିଲେ।



ରାଜ୍ୟାଭିଷେକ ପରେ ଗୋଲ୍ଡ ଷ୍ଟେଟ୍ ଘୋଡ଼ାଗାଡ଼ିରେ ବସି ବକିଂହାମ ପ୍ୟାଲେସ୍ ଫେରୁଛନ୍ତି ରାଜା ଚାର୍ଲ୍ସ ଓ ରାଣୀ କାମିଲା।



## ୩୬୦ ବର୍ଷ ପୁରୁଣା ରାଜମୁକୁଟ

ରାଜ୍ୟାଭିଷେକ ଅବସରରେ ସେଣ୍ଟ ଏଡ୍‌ୱାର୍ଡଙ୍କ ରାଜମୁକୁଟ ଚାର୍ଲ୍ସଙ୍କୁ ପିନ୍ଧାଯାଇଛି। ତାଙ୍କ ପୂର୍ବରୁ ମୁକୁଟକୁ ତାଙ୍କ ମା’ ତଥା ବ୍ରିଟେନ୍‌ର ଦିବଂଗତ ମହାରାଣୀ ଏଲିଜାବେଥ ୨ୟ ୧୯୫୩ ନିଜ ରାଜ୍ୟାଭିଷେକରେ ପରିଧାନ କରିଥିଲେ। ଏଲିଜାବେଥ୍‌ଙ୍କ ପୂର୍ବରୁ ୧୯୩୭ରେ କିଙ୍ଗ୍ ଜର୍ଜ ଷଷ୍ଠଙ୍କ ରାଜ୍ୟାଭିଷେକ ସମୟରେ ସେ ଏହାକୁ ପିନ୍ଧିଥିଲେ। ୧୬୬୧ରେ କିଙ୍ଗ୍ ଚାର୍ଲ୍ସ ୨ୟଙ୍କ ଦ୍ୱାରା ଏହି ମୁକୁଟ ନିର୍ମାଣ କରାଯାଇଥିଲା। ୨ କିଲୋଗ୍ରାମ ଓଜନର ସୁନାରେ ତିଆରି ମୁକୁଟକୁ ୬ ଜଣ ରାଜା ପିନ୍ଧି ସାରିଛନ୍ତି। ୩୬୦ ବର୍ଷ ପୁରୁଣା ରାଜମୁକୁଟରେ ମାଣିକ ସାଙ୍ଗକୁ ବହୁ ମୂଲ୍ୟବାନ୍ ରତ୍ନପଥର ଖଚିତ କରାଯାଇଛି। ଅନ୍ୟପକ୍ଷେ କାମିଲାଙ୍କୁ ପିନ୍ଧା ଯାଇଥିବା କୁଇନ୍ ମ୍ୟାରିଙ୍କ ମୁକୁଟ ଡିଜାଇନ୍‌ରେ ସାମାନ୍ୟ ପରିବର୍ତ୍ତନ କରାଯାଇ କୋହିନୁର ହୀରାକୁ କାଢ଼ି ଦିଆଯାଇଛି। ୧୯୧୧ରେ ଏହି ରୁପା ମୁକୁଟକୁ ତିଆରି କରାଯାଇଥିଲା। ୨,୨୦୦ ହୀରାରେ ଖଚିତ ଏହି ମୁକୁଟର ଓଜନ ୫୯୦ ଗ୍ରାମ୍।

## ୧୩୦୦ ଖ୍ରୀଷ୍ଟାବ୍ଦରେ ନିର୍ମାଣ ହୋଇଥିଲା ରାଜ୍ୟାଭିଷେକ ଚୌକି

କିଙ୍ଗ୍ ଚାର୍ଲ୍ସ ୩ୟଙ୍କୁ ଯେଉଁ ସ୍ୱତନ୍ତ୍ର ଚୌକିରେ ବସାଇ ରାଜ୍ୟାଭିଷେକ କରାଯାଇଛି, ତାହା ୧୩୦୦ ଖ୍ରୀଷ୍ଟାବ୍ଦରେ ନିର୍ମାଣ କରାଯାଇଥିଲା। ଏହାକୁ ସେଣ୍ଟ ଏଡ୍‌ୱାର୍ଡଙ୍କ ଚେୟାର ବୋଲି କୁହାଯାଏ। ଚୌକିର ଉଚ୍ଚତା ୬ ଫୁଟ୍ ୯ ଇଞ୍ଚ। ସ୍ୱତନ୍ତ୍ର ଭାବେ ନିର୍ମାଣ କରାଯାଇଥିବା ଏହି ଚୌକିରେ ଷ୍ଟୋନ୍ ଅଫ୍ ଡେଷ୍ଟିନି (ଭାଗ୍ୟଶିଳା) ଖଞ୍ଜା ଯାଇଛି। ତେବେ ପରବର୍ତ୍ତୀ ସମୟରେ ଅର୍ଥାତ୍ ୧୭୨୭ରେ ଚୌକିର ଦୁଇ ପାର୍ଶ୍ୱରେ ବିପରୀତ ଦିଗକୁ ମୁଖ କରିଥିବା ଦୁଇଟି ସିଂହ ଲଗାଯାଇଛି। ହଜାରେ ବର୍ଷ ପୁରୁଣା ରୀତିନୀତି ଅନୁସାରେ କିଙ୍ଗ୍ ଚାର୍ଲ୍ସ ୩ୟଙ୍କ ରାଜ୍ୟାଭିଷେକ ହୋଇଥିବାବେଳେ ଏଥିରେ ବହୁ ବର୍ଷ ପୁରୁଣା ଅଳଙ୍କାର ବ୍ୟବହାର କରାଯାଇଛି।

## ତୃତୀୟ ଧାଡ଼ିରେ ବସିଲେ ପ୍ରିନ୍ସ ହ୍ୟାରି

କିଙ୍ଗ୍ ଚାର୍ଲ୍ସ ୩ୟଙ୍କ ରାଜ୍ୟାଭିଷେକ କାର୍ଯ୍ୟକ୍ରମରେ ରାଜପରିବାର ସଦସ୍ୟମାନେ ଆଗ ଧାଡ଼ିରେ ବସିଥିବାବେଳେ ପ୍ରିନ୍ସ ହ୍ୟାରି ଏବଂ ଆଣ୍ଡ୍ରେୟୁ ତୃତୀୟ ଧାଡ଼ିରେ ବସିଥିବା ଦେଖିବାକୁ ମିଳିଥିଲା। ରାଜ୍ୟାଭିଷେକ ପରେ ରାଜା, ରାଣୀ ବକିଂହାମ ପ୍ୟାଲେସକୁ ଫେରି ବାଲ୍‌କୋନିରେ ରାଜପରିବାର ସଦସ୍ୟଙ୍କ ସହ ମିଶି ଶୁଭେଚ୍ଛୁଙ୍କୁ ଧନ୍ୟବାଦ ଜଣାଇବା ସମୟରେ ହ୍ୟାରି ଓ ଆଣ୍ଡ୍ରେୟୁ ଦେଖାଯାଇ ନ ଥିଲେ। ହ୍ୟାରିଙ୍କ ସ୍ତ୍ରୀ ମେଘାନ ସମାରୋହରେ ସାମିଲ ହୋଇ ନ ନାହାନ୍ତି।



ବ୍ରିଟେନ୍ କିଙ୍ଗ୍ ଚାର୍ଲ୍ସ ୩ୟ ଏବଂ କୁଇନ୍ କାମିଲା ଡାଇମଣ୍ଡ ଜୁବିଲି ଷ୍ଟେଟ୍ କୋଚ୍‌ରେ ବସି ବକିଂହାମ ପ୍ୟାଲେସ୍‌ରୁ ୱେଷ୍ଟମିନ୍‌ଷ୍ଟର ଆବେ ଅଭିମୁଖେ ଯାଉଛନ୍ତି।

## ଡାଇମଣ୍ଡ ଜୁବିଲି ଷ୍ଟେଟ୍ ଘୋଡ଼ାଗାଡ଼ି

ମହାରାଣୀ ଏଲିଜାବେଥ୍‌ଙ୍କ ୮୦ତମ ଜନ୍ମବାର୍ଷିକୀ ଅବସରରେ ଏହି ଘୋଡ଼ାଗାଡ଼ି ନିର୍ମାଣ କରାଯାଇଥିଲା। ୨୦୧୪ ଜୁନ୍ ୪ରେ ଷ୍ଟେଟ୍ ଓପନିଙ୍ଗ୍ ଅଫ୍ ପାର୍ଲାମେଣ୍ଟ ସମୟରେ ଏହାକୁ ପ୍ରଥମ କରି ବ୍ୟବହାର କରାଯାଇଥିଲା। ବିଶେଷ ଭାବେ ୬ଟି ଘୋଡ଼ା ଏହି ଗାଡ଼ିକୁ ଟାଣିଥାନ୍ତି। ଅଷ୍ଟ୍ରେଲିଆର ଘୋଡ଼ାଗାଡ଼ି ନିର୍ମାତା ଡବ୍ଲ୍ୟୁ. ଜେ. ଫ୍ରେକ୍‌ଲିଙ୍ଗଟନ୍ ଏହାକୁ ନିର୍ମାଣ କରିଛନ୍ତି। ଏହାର ଓଜନ ୪ ଟନ୍।

# ସେନା ନିୟନ୍ତ୍ରଣରେ ହିଂସାପ୍ରବଣ ଅଞ୍ଚଳ

- ମଣିପୁରରେ ସ୍ୱାଭାବିକ ହେଉଛି ଜୀବନଯାତ୍ରା
- ଦୋକାନ ବଜାର ଖୋଲିଲା
- ଏନ୍‌ଇଇଟି-ୟୁଜି ସ୍ଥଗିତ

ଇମ୍ଫାଲ, ୬।୫

ମଣିପୁର ହିଂସାଜନିତ ମୃତ୍ୟୁସଂଖ୍ୟା ୫୪ରେ ପହଞ୍ଚିଥିବା ସରକାରୀ ଭାବେ କୁହାଯାଇଛି। କିନ୍ତୁ ପ୍ରକୃତ ମୃତ୍ୟୁସଂଖ୍ୟା ଏହାଠାରୁ ଯଥେଷ୍ଟ ଅଧିକ ବୋଲି ବେସରକାରୀ ସୂତ୍ରରୁ ଜଣାପଡ଼ିଛି। ସୈନ୍ୟବାହିନୀ ହିଂସାପ୍ରବଣ ଅଞ୍ଚଳକୁ ନିଜ ନିୟନ୍ତ୍ରଣକୁ ନେବା ପରେ ଶନିବାର ଇମ୍ଫାଲ ଉପତ୍ୟକାରେ ଜୀବନଯାତ୍ରା ସ୍ୱାଭାବିକ ସ୍ଥିତିକୁ ଫେରିଛି। ଦୋକାନ ବଜାର ଖୋଲିଥିବାବେଳେ ରାସ୍ତାରେ ଗାଡ଼ିମୋଟର ଚଳାଚଳ ଆରମ୍ଭ ହୋଇଛି। ଶନିବାର ସକାଳେ ଇମ୍ଫାଲ ଓ ଅନ୍ୟ ସହରରେ ଦୋକାନ ବଜାର ଖୋଲିବା ସହ ଲୋକମାନେ ଅତ୍ୟାବଶ୍ୟକ ସାମଗ୍ରୀ କିଣାକିଣିରେ ବ୍ୟସ୍ତ ରହିଥିବା ଦେଖାଯାଇଛି। ମଣିପୁରରେ ଆଇନ ଶୃଙ୍ଖଳା ସ୍ଥିତିକୁ ଦୃଷ୍ଟିରେ ରଖି ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ରବିବାର ହେବାକୁ ଥିବା ମେଡିକାଲ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି-ୟୁଜିକୁ ସ୍ଥଗିତ ରଖିଛି। ମଣିପୁରରେ ଯେଉଁ ପରୀକ୍ଷାର୍ଥୀଙ୍କ ପରୀକ୍ଷା କେନ୍ଦ୍ର ଥିଲା ସେମାନଙ୍କ ପାଇଁ ପରୀକ୍ଷା ତାରିଖ ଖୁବ୍‌ଶୀଘ୍ର ଘୋଷଣା କରାଯିବ ବୋଲି ଏନ୍‌ଟିଏ କହିଛି।

ଶୁକ୍ରବାର ରାତିରେ ଚୁରାଚାନ୍ଦପୁର ଜିଲାରେ ଦୁଇଟି ଏନ୍‌କାଉଣ୍ଟରରେ ୫ ଜଣ ଉଗ୍ରପନ୍ଥୀ ନିହତ ହୋଇଥିବାବେଳେ ଇଣ୍ଡିଆ ରିଜର୍ଭ ବାଟାଲିୟନର ୨ ଯବାନ ଆହତ ହୋଇଛନ୍ତି। ମୋଟ ୧୩,୦୦୦ ଲୋକଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ଆଶ୍ରୟସ୍ଥଳରେ ରଖାଯାଇଛି। ସେମାନଙ୍କ ମଧ୍ୟରୁ କେତେଜଣ ସେନା କ୍ୟାମ୍ପରେ ଆଶ୍ରୟ ନେଇଥିବା ପ୍ରତିରକ୍ଷା ମୁଖପାତ୍ର କହିଛନ୍ତି। ଚୁରାଚାନ୍ଦପୁର ସମେତ ମୋରେହ, କାକ୍‌ଚିଙ୍ଗ ଏବଂ କାଙ୍ଗପୋକ୍‌ପି ଜିଲା ସେନାର ଦୃଢ଼ ନିୟନ୍ତ୍ରଣରେ ରହିଛି।

ଇମ୍ଫାଲ ଇଷ୍ଟ ଏବଂ ୱେଷ୍ଟ ଜିଲାରେ ଶୁକ୍ରବାର ଏକାଧିକ ପୋଡ଼ାଜଳା ଘଟଣା ଘଟିଛି। ମଣିପୁର ହିଂସାରେ ବହୁସଂଖ୍ୟାରେ ଲୋକଙ୍କ ଜୀବନ ଯିବା ସହ ଶତାଧିକ ଆହତ ହୋଇଥିବା ଭିନ୍ନ ସୂତ୍ରରୁ ଜଣାପଡ଼ିଛି। ଗୁଳିମାଡ଼ରେ ଆହତ ଅନେକ ଆଇଆଇଏମ୍‌ଏସ୍ ଏବଂ ଜବାହରଲାଲ ନେହେରୁ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସରେ ଚିକିତ୍ସିତ ହେଉଛନ୍ତି। ବୁଧବାରଠାରୁ ମେଇତି ସମ୍ପ୍ରଦାୟ ବିରୋଧରେ ସଂଘର୍ଷ ଲାଗି ରହିଥିବାବେଳେ ରାଜ୍ୟରେ ସେନା ଏବଂ ଆସାମ ରାଇଫଲ୍ସରୁ ପାଖାପାଖି ୧୦,୦୦୦ ସୈନ୍ୟଙ୍କୁ ମୁତୟନ କରାଯାଇଛି। ସୂଚନାଯୋଗ୍ୟ, ମଣିପୁରରେ ମେଇତିମାନଙ୍କୁ ଏସ୍‌ଟି ତାଲିକାରେ ୧୦ ବର୍ଷ ପର୍ଯ୍ୟନ୍ତ ସାମିଲ କରିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ପରେ ଏହାକୁ ବିରୋଧ କରି ନାଗା ଓ କୁକି ସମୁଦାୟ ଆନ୍ଦୋଳନ କରୁଛନ୍ତି। ବୁଧବାର ଅଲ୍ ଟ୍ରାଇବାଲ୍ ଷ୍ଟୁଡେଣ୍ଟ ୟୁନିୟନ୍ ମଣିପୁର (ଏଟିଏସ୍‌ୟୁଏମ୍) ପକ୍ଷରୁ ‘ଟ୍ରାଇବାଲ୍ ସୋଲିଡାରିଟି ମାର୍ଚ୍ଚ’ର ଆୟୋଜନ କରାଯାଇଥିଲା। ହିଂସାତ୍ମକ ଆନ୍ଦୋଳନର ନିଆଁ ରାଜଧାନୀ ଇମ୍ଫାଲକୁ ବ୍ୟାପିବା ପରେ ରାଜ୍ୟ ସରକାର ଉପଦ୍ରବୀଙ୍କୁ ଦେଖିବା ମାତ୍ରେ ଗୁଳି କରିବାକୁ ନିର୍ଦ୍ଦେଶ ଦେଇଥିଲେ।



## ପ୍ରଧାନମନ୍ତ୍ରୀ ମଣିପୁର ଆସିବାକୁ ଶର୍ମିଳାଙ୍କ ଅପିଲ୍

ମଣିପୁରରେ ହିଂସା ଜାରି ରହିଥିବାବେଳେ ଶାନ୍ତି ରକ୍ଷା ପାଇଁ ଧର୍ମମତ ନିର୍ବିଶେଷରେ ସବୁ ମହିଳା ଆଗେଇ ଆସିବାକୁ ସିଭିଲ ରାଇଟ୍ସ କର୍ମୀ ଇରୋମ ଶର୍ମିଳା ଚାନୁ ଶନିବାର ଆହ୍ୱାନ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ମଣିପୁର ଗସ୍ତ କରି ଲୋକଙ୍କ ସମସ୍ୟା ବୁଝିବା ସହ ତାହାର ସମାଧାନ କରିବାକୁ ଶର୍ମିଳା ଅନୁରୋଧ କରିଛନ୍ତି। ଆଇରନ୍ ଲେଡି ଶର୍ମିଳା କହିଛନ୍ତି, ମଣିପୁର ଜଳୁଥିବାବେଳେ ଲୋକଙ୍କ ଦୁର୍ଦ୍ଦଶାରେ ସେ ମର୍ମାହତ। ସବୁ ମେଇତି ଏବଂ ଆଦିବାସୀ ଏକାଠି ହୋଇ ହିଂସା ବନ୍ଦ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ସବୁ ମହିଳାମାନେ ସେମାନଙ୍କ ମାତୃତ୍ୱ ଗୁଣରେ କାର୍ଯ୍ୟ କରି ଶାନ୍ତି ଫେରାଇ ଆଣିବାକୁ ଶର୍ମିଳା କହିଛନ୍ତି।



ଇରୋମ ଶର୍ମିଳା ଚାନୁ

# ଖବର ସଂଗ୍ରହ ବେଳେ ସାକ୍ଷୀ ଜୋଷୀଙ୍କୁ ପୋଲିସ ଆକ୍ରମଣ

### କାର୍ଯ୍ୟାନୁଷ୍ଠାନ ଦାବିକଲା ସିପିଜେ

ନୂଆଦିଲ୍ଲୀ/ନ୍ୟୁୟର୍କ, ୬।୫

ରେସଲିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଏଫ୍ଆଇ) ମୁଖ୍ୟ ବ୍ରିଜ ଭୂଷଣ ଶରନ ସିଂଙ୍କ ବିରୋଧରେ ମହିଳା କୁସ୍ତିଯୋଦ୍ଧାମାନେ ଯୌନ ନିର୍ଯାତନା ଅଭିଯୋଗ ଆଣି କାର୍ଯ୍ୟାନୁଷ୍ଠାନ ଲାଗି ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ଆନ୍ଦୋଳନ ଚଳାଇଛନ୍ତି। ଖବର ସଂଗ୍ରହ କରିବାକୁ ବୁଧବାର ସାମ୍ବାଦିକା ସାକ୍ଷୀ ଜୋଷୀ ସେଠାକୁ ଯାଇଥିବାବେଳେ ଦିଲ୍ଲୀ ପୋଲିସ ତାଙ୍କୁ ଆକ୍ରମଣ କରିବା ସହ ଅଟକ ରଖିଥିଲା। ୟୁଟ୍ୟୁବ୍‌ରେ ରିପୋର୍ଟ ପୋଷ୍ଟ କରୁଥିବା ଖବରଦାତା ଜୋଷୀ ମହିଳା କୁସ୍ତିଯୋଦ୍ଧାଙ୍କ ଧାରଣାସ୍ଥଳରେ ନିୟୋଜିତ ଥିବା ପୋଲିସ କର୍ମଚାରୀମାନଙ୍କ ଭିଡିଓ ରେକର୍ଡିଂ ପାଇଁ ଉଦ୍ୟମ କରୁଥିବାବେଳେ ଜଣେ ମହିଳା ପୋଲିସ୍ ଅଫିସର ତାଙ୍କୁ ବାରଣ କରିଥିଲେ। ପରେ କେତେଜଣ ପୋଲିସ ଅଫିସର ତାଙ୍କୁ ଚୁଟି ଧରି ଘୋଷାଡ଼ିଥିଲେ। ପୋଲିସ ବସ୍ ମଧ୍ୟକୁ ନେବା ପୂର୍ବରୁ ତାଙ୍କ ପ୍ୟାଣ୍ଟ ଚିରିଦେଇଥିଲେ ବୋଲି ଅଭିଯୋଗ ହୋଇଛି। ଘଣ୍ଟାଏ କାଳ ତାଙ୍କୁ ଅଟକ ରଖାଯିବା ପରେ ଛାଡ଼ିଦିଆଯାଇଥିଲା। ଭାରତୀୟ କର୍ତ୍ତୃପକ୍ଷ ତୁରନ୍ତ ଘଟଣାର ନିରପେକ୍ଷ ତଦନ୍ତ କରି କର୍ତ୍ତବ୍ୟରତ ସାମ୍ବାଦିକଙ୍କୁ ହଇରାଣ ହରକତ କରିବା ଓ ଅଟକ ରଖିବାରେ ସମ୍ପୃକ୍ତ ପୋଲିସ ଅଧିକାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆମେରିକାର ସାମ୍ବାଦିକ ସୁରକ୍ଷା କମିଟି (ସିପିଜେ) ପକ୍ଷରୁ ଦାବି କରାଯାଇଛି। ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସରେ ଖବର ସଂଗ୍ରହ ପାଇଁ ଯାଇଥିବା ଜଣେ ସାକ୍ଷୀଙ୍କୁ ହଇରାଣ କରିବା ସହ ଆକ୍ରମଣ କରିବା ଏବଂ ବେଆଇନ ଭାବେ ଅଟକ ରଖିବା ଘଟଣା ଭାରତରେ ମହିଳା ସାମ୍ବାଦିକମାନଙ୍କ ଅସୁରକ୍ଷିତ ପରିବେଶକୁ ସ୍ପଷ୍ଟ କରୁଛି ବୋଲି ସିପିଜେର ଏସିଆ ପ୍ରୋଗ୍ରାମ କୋଅର୍ଡିନେଟର ବେହ ଲିହ ୟି କହିଛନ୍ତି।



ସାକ୍ଷୀ ଜୋଷୀ



କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ତୁମୁଡିବନ୍ଧ ବ୍ଲକ ବେଲଘର ଥାନା ଅଧୀନ ଗୁମା ଛକ ମୁଖ୍ୟ ରାସ୍ତାରେ ଶନିବାର ମାଓବାଦୀମାନେ ଗଛ ପକାଇ ରାସ୍ତା ଅବରୋଧ କରିବା ସହ ଏକାଧିକ ପୋଷ୍ଟର ଛାଡ଼ିଛନ୍ତି। ଏଥିଯୋଗୁ ବେଲଘର-ତୁମୁଡିବନ୍ଧ ରାସ୍ତାରେ ଯାତାୟାତ ବନ୍ଦ ହୋଇଯାଇଛି। ବେଲଘର ଓ ତୁମୁଡିବନ୍ଧକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଏକାଧିକ ଯାନବାହନ ଅଟକି ରହିଥିଲା। ପୋଲିସ ଏବଂ କେନ୍ଦ୍ରୀୟ ସୁରକ୍ଷା ବଳ ପହଞ୍ଚି ପୋଷ୍ଟର ଜବତ କରି ରାସ୍ତାରୁ ଗଛ ହଟାଇ ଯାନବାହନ ଚଳାଚଳ ସ୍ୱାଭାବିକ କରିଥିଲେ। ଅନ୍ୟପଟେ ସମ୍ପୃକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଥିବା ସୂଚନା ମିଳିଛି।

# ଝାରସୁଗୁଡ଼ା ଉପନିର୍ବାଚନ: ଆଜି ପ୍ରଚାରକୁ ଓହ୍ଲାଇବେ ନବୀନ, ଧର୍ମେନ୍ଦ୍ର

**ଭୁବନେଶ୍ୱର,୬।୫(ବ୍ୟୁରୋ)**

ଆସନ୍ତା ୧୦ ତାରିଖରେ ଝାରସୁଗୁଡ଼ା ଉପନିର୍ବାଚନ ପାଇଁ ମତଦାନ ହେବ। ହାତରେ ଆଉ ମାତ୍ର ୨ ଦିନ ଥିବାରୁ ନିର୍ବାଚନ ପ୍ରଚାର ଶେଷସୀମାରେ ପହଞ୍ଚିଛି। ରାଜ୍ୟର ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀମାନେ ଘରଘର ବୁଲି ଭୋଟ ଭିକ୍ଷା କରୁଛନ୍ତି। ଶେଷ ମୁହୂର୍ତ୍ତରେ ଭୋଟରଙ୍କ ହୃଦୟ ଜିତିବାକୁ ଆପ୍ରାଣ ଉଦ୍ୟମ ଚଳାଇଛନ୍ତି। ଦଳର ଷ୍ଟାର କ୍ୟାମ୍ପେନରଙ୍କ ସହିତ ବିଭିନ୍ନ ସ୍ଥାନରେ ସମାବେଶ କରିବା ସାଙ୍ଗକୁ ଗାଁ ଗାଁ ବୁଲି ପ୍ରଚାର କରୁଛନ୍ତି। ଅନ୍ୟପକ୍ଷରେ ରବିବାର ଝାରସୁଗୁଡ଼ାରେ ହାଇ ଭୋଲ୍‌ଟେଜ ପ୍ରଚାର ହେବ। ବିଜେଡି ଓ ଭାଜପା ନିଜର ଶକ୍ତି ପ୍ରଦର୍ଶନ କରିବେ। ବିଜେଡି ପ୍ରାର୍ଥୀ ଦୀପାଳି ଦାସଙ୍କ ପାଇଁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଚାର ମଇଦାନକୁ ଓହ୍ଲାଇବେ। ଏଥିପାଇଁ ଅମିଲିପାଲି ପଡ଼ିଆରେ ବିଜେଡି ପକ୍ଷରୁ ଏକ ବିରାଟ ସମାବେଶର ଆୟୋଜନ କରାଯାଇଛି। ବିଜେଡି ପର୍ଯ୍ୟବେକ୍ଷକଙ୍କଠାରୁ ଆରମ୍ଭ କରି ପଶ୍ଚିମ ଓଡ଼ିଶା ନେତାମାନେ ପ୍ରସ୍ତୁତିରେ ଲାଗି ପଡିଛନ୍ତି। ଦୀପାଳିଙ୍କୁ ଜିତାଇବା ପାଇଁ ନବୀନ ଭୋଟ ଭିକ୍ଷା କରିବେ।

ଅନ୍ୟପକ୍ଷରେ ଭାଜପା ପ୍ରାର୍ଥୀ ଟଙ୍କଧର ତ୍ରିପାଠୀଙ୍କ ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ପ୍ରଚାର ମଇଦାନକୁ ଓହ୍ଲାଇବେ। ଧର୍ମେନ୍ଦ୍ର କୋଲାବିରା ବ୍ଲକରେ ଦଳ ପକ୍ଷରୁ ଅନୁଷ୍ଠିତ ସାଧାରଣ ସଭାରେ ଯୋଗଦେବା ସହ ଝାରସୁଗୁଡ଼ା ବସ୍‌ଷ୍ଟାଣ୍ଡରେ ରୋଡ୍ ଶୋ କରିବେ। ଗୋଟିଏ ଦିନରେ ଦୁଇ ଦଳର ହେଭିୱେଟ ନେତାଙ୍କ ଗସ୍ତ ଝାରସୁଗୁଡ଼ା ଉପନିର୍ବାଚନକୁ ସରଗରମ କରିଛି। ଉପନିର୍ବାଚନରେ ବିଜେଡି ନିଜ ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ପୂରା ଦମ ଲଗାଇ ଥିବାବେଳେ ଭାଜପା ପ୍ରାର୍ଥୀଙ୍କ ପାଇଁ ପଶ୍ଚିମ ଓଡ଼ିଶା ଏମ୍‌ପି, ରାଜ୍ୟ ସଭାପତି, ଜାତୀୟ ସ୍ତରର ନେତା ଓ କେନ୍ଦ୍ରମନ୍ତ୍ରୀମାନେ ଜୋର ଲଗାଇଛନ୍ତି।




ସମାବର୍ତ୍ତନ ଉତ୍ସବରେ ଉପସ୍ଥିତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ଅମାତ ଓ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ।

**ଡବ୍ଲ୍ୟୁଏଚ୍‌ଓର ଘୋଷଣା: କୋଭିଡ୍‌-୧୯ ବିଶ୍ୱ ମହାମାରୀ ନୁହେଁ**




# ନାରୀ ଶିକ୍ଷା ବିକାଶର ମୁଖ୍ୟ ଉପାଦାନ: ରାଷ୍ଟ୍ରପତି

## ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ

**ବାରିପଦା ଅଫିସ,୬।୫**

ନାରୀ ଶିକ୍ଷା ଦେଶ ବିକାଶର ଏକ ମୁଖ୍ୟ ଉପାଦାନ। ଛାତ୍ରଙ୍କ ତୁଳନାରେ ଛାତ୍ରୀମାନେ ଅଧିକ ସଂଖ୍ୟାରେ ଶିକ୍ଷାଲାଭ କରୁଥିବା ବେଳେ ଝିଅମାନଙ୍କୁ ପ୍ରୋତ୍ସାହିତ କରିବା ସମସ୍ତଙ୍କ ଦାୟିତ୍ୱ ବୋଲି ମୟୂରଭଞ୍ଜ ଜିଲା ବାରିପଦାର ତକତପୁରସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ୧୨ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ବିକାଶର ଲାଭ ସମାଜର ସବୁ ବର୍ଗର ଲୋକଙ୍କ ପାଖରେ ପହଞ୍ଚିବା ଦରକାର। ଦେଶ ଅମୃତ ମହୋତ୍ସବ ପାଳନ କରୁଥିବା ବେଳେ ଅନେକ ଲୋକଙ୍କ ପାଖରେ ବିକାଶ ବର୍ତ୍ତମାନ ସୁଦ୍ଧା ଅପହଞ୍ଚ। ସରକାର ଏହାକୁ ମିଶନ ମୋଡ୍‌ରେ ନେଇ ଆଗେଇ ଚାଲିଥିବା ବେଳେ ଏଥିରେ ସହଯୋଗ କରିବା ସମସ୍ତଙ୍କର ଦାୟିତ୍ୱ ବୋଲି ରାଷ୍ଟ୍ରପତି କହିଥିଲେ। ସେହିପରି ପ୍ରତିଯୋଗିତା ଜୀବନର ଏକ ଅବିଚ୍ଛେଦ ଅଙ୍ଗ। ଛାତ୍ରୀଛାତ୍ର ଆଗକୁ ବଢ଼ିବା ସମୟରେ ପଛକୁ ଚାହିଁବାକୁ ପଡ଼ିବ। ସମାଜର କେତେକ ବର୍ଗର ପିଲାମାନେ ପ୍ରତିଯୋଗିତାରେ ସକ୍ଷମ ହୋଇପାରୁନାହାନ୍ତି। ସାମାଜିକ, ଶୈକ୍ଷିକ ଓ ଆର୍ଥିକ ଦୃଷ୍ଟିରୁ ପଛୁଆ ଥିବା ଛାତ୍ରୀଛାତ୍ରଙ୍କ ହାତ ଧରି ପ୍ରତିଯୋଗିତାରେ ସାମିଲ କରିବାକୁ ପଡ଼ିବ ବୋଲି ରାଷ୍ଟ୍ରପତି କହିଥିଲେ। ପ୍ରାରମ୍ଭରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ରାଷ୍ଟ୍ରପତି। ଓଡ଼ିଶା ଗଠନରେ ମହାରାଜାଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ମୟୂରଭଞ୍ଜର ଝୁମର ଲୋକଗୀତ ଓ ଅନ୍ୟାନ୍ୟ ଆଦିବାସୀ ନୃତ୍ୟ, ସଙ୍ଗୀତର ଆକର୍ଷଣ ଖୁବ୍ ନିଆରା ବୋଲି ଉଲ୍ଲେଖ କରିଥିଲେ। ୟୁନିସ୍କୋ ଦ୍ୱାରା ବିଶ୍ୱ ଐତିହ୍ୟ ମାନ୍ୟତା ପାଇଥିବା ଶିମିଳିପାଳ ଅଭୟାରଣ୍ୟ ଜୈବ ବିବିଧତା ଦୃଷ୍ଟିରୁ ପୃଥିବୀ ଭୂଗୋଳରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି। ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଧାପିକା, ଅଧାପକମାନେ ଉଚ୍ଚତର ଗବେଷଣା ମାଧ୍ୟମରେ ଏଠାରେ ବସବାସ କରୁଥିବା ବନ୍ୟପ୍ରାଣୀ ଓ ବୃକ୍ଷଲତାର ସୁରକ୍ଷା ନିମନ୍ତେ ସଚେତନତା ସୃଷ୍ଟି କରିବାକୁ ରାଷ୍ଟ୍ରପତି ପରାମର୍ଶ ଦେଇଥିଲେ। ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଡ.ଗଣେଶୀ ଲାଲଙ୍କ ପୌରୋହିତ୍ୟରେ ଆୟୋଜିତ ସମାବର୍ତ୍ତନ ଉତ୍ସବରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ବିବରଣୀ ପାଠ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପ୍ରାଣୀ ସମ୍ପଦ ବିକାଶ, ପଞ୍ଚାୟତିରାଜ ତଥା ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ପ୍ରଦୀପ ଅମାତ ଯୋଗ ଦେଇଥିଲେ। ଏହି ଅବସରରେ ଖ୍ୟାତନାମା କଣ୍ଠଶିଳ୍ପୀ ସ୍ୱରୂପା ଚକ୍ରବର୍ତ୍ତୀ, ଝୁମର ଗବେଷିକା ଡ. ବୀଣାପାଣି ମହାନ୍ତ, ରାଜଯୋଗିନୀ ବ୍ରହ୍ମାକୁମାରୀ କମଳେଶ, ସାନ୍ତାଳୀ ସାହିତ୍ୟିକ ଅର୍ଜୁନ ଚରଣ ହେମ୍ବ୍ରମଙ୍କୁ ସମ୍ମାନସୂଚକ ଡି.ଲିଟ୍ ଏବଂ ଉଚ୍ଚଶିକ୍ଷା ପରିଷଦର ଉପାଧ୍ୟକ୍ଷ ଡ. ଅଶୋକ କୁମାର ଦାସଙ୍କୁ ସମ୍ମାନସୂଚକ ଡିଏସ୍‌ସି ପ୍ରଦାନ କରାଯାଇଥିଲା। ୯୦ ଜଣଙ୍କୁ ପିଏଚ୍.ଡି. ଡିଗ୍ରୀ ଓ ୩୪ ଜଣଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ପ୍ରମୋଦ କୁମାର ଶତପଥୀ, କୁଳସଚିବ ସହଦେବ ସମାଧିଆ, ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ଲକ୍ଷ୍ମୀଧର ଗିରି, ବିତ୍ତ ନିୟନ୍ତ୍ରକ ଶୁକଦେବ ତରେଇ, ସିଣ୍ଡିକେଟ ଓ ଏକାଡେମିକ କାଉନସିଲ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସୃଷ୍ଟି ହେଲା ଘୂର୍ଣ୍ଣିବଳୟ

## ୭ରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

**ଭୁବନେଶ୍ୱର,୬।୫(ବ୍ୟୁରୋ)**

ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ଶନିବାର ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ୮ ତାରିଖ ସକାଳ ସୁଦ୍ଧା ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ୯ ତାରିଖ ବେଳକୁ ତାହା ଅବପାତରେ ପରିଣତ ହେବ। ଏହାପରେ ଅବପାତ କେନ୍ଦ୍ରୀୟ ବଙ୍ଗୋପସାଗରରେ ଉତ୍ତର ଦିଗକୁ ଗତି କରିବା ସହ ବାତ୍ୟାରେ ରୂପାନ୍ତରିତ ହେବ ବୋଲି ଆଇଏମ୍‌ଡି(ଭାରତୀୟ ପାଣିପାଗ ବିଭାଗ) ପୂର୍ବାନୁମାନ କରିଛି। ତେବେ ବର୍ତ୍ତମାନ ସୁଦ୍ଧା ଓଡ଼ିଶା ପାଇଁ କୌଣସି ସତର୍କ ସୂଚନା ଜାରି କରାଯାଇ ନାହିଁ ବୋଲି ଆଇଏମ୍‌ଡି ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି।

ସେ କହିଛନ୍ତି, ସମ୍ଭାବ୍ୟ ବାତ୍ୟା ଓ ଲଘୁଚାପକୁ ଦୃଷ୍ଟିରେ ରଖି ଦକ୍ଷିଣ-ପୂର୍ବ ବଙ୍ଗୋପସାଗର, ଏହା ନିକଟ କେନ୍ଦ୍ରୀୟ ବଙ୍ଗୋପସାଗର ଓ ଆଣ୍ଡାମାନ ସାଗରକୁ ମତ୍ସ୍ୟଜୀବୀମାନେ ୭ ତାରିଖରୁ ଯିବା ଉଚିତ ନୁହେଁ। ଯେଉଁ ମତ୍ସ୍ୟଜୀବୀମାନେ ସେହି ଅଞ୍ଚଳରେ ପୂର୍ବରୁ ଅଛନ୍ତି, ସେମାନେ ଶୀଘ୍ର ଫେରି ଆସିବା ଉଚିତ। ଲଘୁଚାପ କ୍ଷେତ୍ର ସୃଷ୍ଟି ହେଲେ ବାତ୍ୟାର ଗତିପଥ, ତୀବ୍ରତା, କେଉଁ ଅଞ୍ଚଳକୁ ଗତି କରିବ, କେଉଁ ସ୍ଥାନରେ ସ୍ଥଳଭାଗ ଛୁଇଁବ ସେ ବିଷୟରେ ବିଶେଷ ସୂଚନା ଦିଆଯିବ ବୋଲି ମୃତ୍ୟୁଞ୍ଜୟ କହିଛନ୍ତି।

ଗତ କିଛିବର୍ଷ ହେବ ଲଗାତର ଭାବେ ମେ' ମାସରେ ବାତ୍ୟା ହେଉଛି। ଚଳିତ ବର୍ଷ ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ମଧ୍ୟ ସରକାର ଆଗୁଆ ପ୍ରସ୍ତୁତି ଚଳାଇଛନ୍ତି। ସତର୍କ ରହିବାକୁ ସମସ୍ତ ବିଭାଗକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଜିଲାପାଳଙ୍କୁ ଆଲର୍ଟ ରଖାଯାଇଛି। ଜିଲା ଓ ରାଜ୍ୟ ସ୍ତରରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲିବାକୁ ପରାମର୍ଶ ଦିଆଯାଇଛି। ଜନସାଧାରଣଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ଲାଗି ପ୍ରାୟ ୧ ହଜାର ବାତ୍ୟା ଆଶ୍ରୟ ସ୍ଥଳ ପ୍ରସ୍ତୁତ କରାଯାଉଛି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଏନ୍‌ଡିଆର୍‌ଏଫ୍ ଏବଂ ଓଡ୍ରାଫ୍ ଟିମ୍‌କୁ ମଧ୍ୟ ପ୍ରସ୍ତୁତ ରଖାଯାଇଛି।

ଅନ୍ୟପକ୍ଷରେ ଆସନ୍ତା ୭ ତାରିଖରୁ ୧୨ ତାରିଖ ଯାଏ ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ଅନୁଭୂତ ହେବ। ପାରଦ ଉପରମୁହାଁ ହେବା ସହ ସର୍ବୋଚ୍ଚ ତାପମାତ୍ରା ୪୩ ଡିଗ୍ରୀ ସେଲ୍‌ସିୟସକୁ ଟପିଯିବା ସମ୍ଭାବନା ରହିଛି।

# ଖରାଛୁଟିରେ ଆଦର୍ଶ ବିଦ୍ୟାଳୟ ପିଲାଙ୍କୁ ଅନ୍‌ଲାଇନ୍ ପାଠପଢ଼ା

**ଭୁବନେଶ୍ୱର,୬।୫(ବ୍ୟୁରୋ):** ଚଳିତବର୍ଷ ବିଦ୍ୟାଳୟଗୁଡ଼ିକରେ ଆଗୁଆ ଖରାଛୁଟି ହୋଇଛି। ଛାତ୍ରୀଛାତ୍ରମାନେ ଲମ୍ବା ଛୁଟି ପାଉଥିବାରୁ ଏଥିଯୋଗୁ ଯେପରି ସେମାନଙ୍କ ପାଠପଢ଼ା ବ୍ୟାହତ ନ ହେବ ସେଥିପାଇଁ ଅନ୍‌ଲାଇନ୍ କ୍ଲାସ୍‌କୁ ଗୁରୁତ୍ୱ ଦିଆଯାଇଛି। ଓଡ଼ିଆ ମାଧ୍ୟମ ପିଲାଙ୍କୁ ସିବିଏସ୍‌ଇ ଢାଞ୍ଚାରେ ଗୁଣାତ୍ମକ ଶିକ୍ଷା ଦେବାକୁ ରାଜ୍ୟ ସରକାର ବ୍ଲକ୍‌ସ୍ତରରେ ଖୋଲିଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି)ରେ ଅନ୍‌ଲାଇନ୍ ମାଧ୍ୟମରେ ଶିକ୍ଷା ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଛି। ପୂର୍ବାହ୍ନରେ ଏହି କ୍ଲାସ୍ ଅନୁଷ୍ଠିତ ହେବ ଓ ଏଥିପାଇଁ ଅନ୍‌ଲାଇନ୍ ଶିକ୍ଷାଦାନ ସାରଣୀ ପ୍ରସ୍ତୁତ କରାଯିବ। ଏ ସଂକ୍ରାନ୍ତରେ ଏକ ବିସ୍ତୃତ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇ ସମସ୍ତ ବିଦ୍ୟାଳୟକୁ ପଠାଯାଇଛି। ସେହିପରି ଜେଇଇ, ନିଟ୍ ଓ ପ୍ରତିରକ୍ଷା ଭଳି ବିଭିନ୍ନ ଜାତୀୟସ୍ତରୀୟ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ଭୁବନେଶ୍ୱରସ୍ଥିତ ଆଇକନିକ୍ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀର ମେଧାବୀ ଛାତ୍ରୀଛାତ୍ରଙ୍କୁ ଅନ୍‌ଲାଇନ୍ କୋଚିଂ ପ୍ରଦାନ କରାଯାଉଥିବା ସୂଚନା ଦିଆଯାଇଛି।

# ୫ ଜିଲାର ୩୨୩ ରୂପାନ୍ତରିତ ସ୍କୁଲ ଲୋକାର୍ପିତ

**ଭୁବନେଶ୍ୱର,୬।୫(ବ୍ୟୁରୋ)**

## ୫-ଟି ସ୍କୁଲ ରୂପାନ୍ତରଣ ତୃତୀୟ ପର୍ଯ୍ୟାୟର ପଞ୍ଚମ ଦିବସ




■ ଜୀବନର ସବୁ କ୍ଷେତ୍ରରେ ସାଧୁତା ରକ୍ଷା କରିବାକୁ ପିଲାଙ୍କୁ ପରାମର୍ଶ ଦେଲେ ମୁଖ୍ୟମନ୍ତ୍ରୀ

■ ରୂପାନ୍ତର ଯୋଗୁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବ: ଛାତ୍ରୀଛାତ୍ର

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫-ଟି ସ୍କୁଲ ରୂପାନ୍ତରଣ ଅଭିଯାନର ତୃତୀୟ ପର୍ଯ୍ୟାୟର ପଞ୍ଚମ ଦିନରେ ଶନିବାର ୫ ଜିଲାର ୩୨୩ ରୂପାନ୍ତରିତ ହାଇସ୍କୁଲକୁ ଲୋକାର୍ପିତ କରିଛନ୍ତି। ଏଥିରେ ଖୋର୍ଦ୍ଧା ଜିଲାର ୬୨ ହାଇସ୍କୁଲ, ବରଗଡ଼ ଜିଲାର ୬୨, ମୟୂରଭଞ୍ଜ ଜିଲାର ୧୦୦, ବୌଦ୍ଧ ଜିଲାର ୨୩ ହାଇସ୍କୁଲ ଏବଂ ନବରଙ୍ଗପୁର ଜିଲାର ୭୬ଟି ହାଇସ୍କୁଲ ଅନ୍ତର୍ଭୁକ୍ତ। ଏହାଦ୍ୱାରା ତୃତୀୟ ପର୍ଯ୍ୟାୟର ପଞ୍ଚମ ଦିନରେ ରାଜ୍ୟରେ ସମୁଦାୟ ୧୮୧୬ ରୂପାନ୍ତରିତ ହାଇସ୍କୁଲ ଲୋକାର୍ପିତ ହୋଇଛି। ସୂଚନାଯୋଗ୍ୟ, ଗତ ୨ ପର୍ଯ୍ୟାୟରେ ରାଜ୍ୟରେ ୩୯୮୧ ସ୍କୁଲ ରୂପାନ୍ତରିତ ହୋଇଥିଲା। ତିନୋଟି ପର୍ଯ୍ୟାୟ ସମ୍ପୂର୍ଣ୍ଣ ହେବା ପରେ ରାଜ୍ୟରେ ସମୁଦାୟ ୬୧୩୨ ସ୍କୁଲ ରୂପାନ୍ତରିତ ହେବ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ସ୍କୁଲ ରୂପାନ୍ତରର ପ୍ରତ୍ୟେକ ସ୍ତରରେ ଜନସାଧାରଣ ସାମିଲ ହୋଇଛନ୍ତି। ସ୍କୁଲ ପରିଚାଳନା କମିଟିରେ ସଦସ୍ୟ, ଅଭିଭାବକ ଓ ସ୍ଥାନୀୟ ଜନସାଧାରଣ ରୂପାନ୍ତରିତ ସ୍କୁଲର ପରିକଳ୍ପନାଠାରୁ ଆରମ୍ଭ କରି ରୂପାୟନର ସବୁ ସ୍ତରରେ ସଂଶ୍ଳିଷ୍ଟ ହୋଇଛନ୍ତି। କେଉଁ କାର୍ଯ୍ୟରେ କେତେ ଖର୍ଚ୍ଚ ହେଉଛି, ସେ ବିଷୟରେ ମଧ୍ୟ ସେମାନେ ଜାଣନ୍ତି। ତେଣୁ ସ୍କୁଲ ରୂପାନ୍ତର ହେଉଛି, ଜନ ଭାଗୀଦାରିର ଏକ ପ୍ରକୃଷ୍ଟ ଉଦାହରଣ। କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକଗଣ, ପଞ୍ଚାୟତ ପ୍ରତିନିଧି, ସ୍କୁଲ ପରିଚାଳନା କମିଟିର ସଦସ୍ୟ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକମାନଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇ ୫-ଟି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଛନ୍ତି। ସେ କହିଛନ୍ତି, ୫-ଟି ହେଉଛି ଟେକ୍ନୋଲୋଜି, ଟିମ୍‌ୱାର୍କ, ଟ୍ରାନ୍ସପରେନ୍ସି ବା ସ୍ୱଚ୍ଛତା ଏବଂ ଟାଇମ୍ ବା ସମୟ। ଏସବୁର ପ୍ରୟୋଗରେ ଟ୍ରାନ୍ସଫର୍ମେଶନ ବା ରୂପାନ୍ତର ଆସିଥାଏ। ଟେକ୍ନୋଲୋଜିର ପ୍ରୟୋଗରେ ସ୍କୁଲରେ ସ୍ମାର୍ଟକ୍ଲାସ ରୁମ୍, କମ୍ପ୍ୟୁଟର ଓ ଆଧୁନିକ ଲାବୋରେଟୋରିର ବିକାଶ କରାଯାଇଛି। ସେହିପରି ଏହି ରୂପାନ୍ତର କାମକୁ ସମସ୍ତଙ୍କ ମିଳିତ ଉଦ୍ୟମରେ କରାଯାଇଛି, ଯାହା ଟିମ୍‌ୱାର୍କର ପ୍ରତୀକ। ସମୟକୁ ଗୁରୁତ୍ୱ ଦିଆଯାଇ ସମସ୍ତ କାମ ମଧ୍ୟ ଠିକ୍ ସମୟରେ ଶେଷ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ଭିଡିଓ କନ୍‌ଫରେନ୍ସ ଜରିଆରେ ଯୋଡ଼ି ହୋଇଥିବା ସ୍କୁଲଗୁଡ଼ିକରେ ଉପସ୍ଥିତ ଥିବା ଛାତ୍ରୀଛାତ୍ରମାନଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ୫-ଟିର ଉପଯୋଗ ସମ୍ପର୍କରେ ବୁଝାଇ କହିଛନ୍ତି ଯେ ବର୍ତ୍ତମାନ ଯୁଗ ହେଉଛି ଟେକ୍ନୋଲୋଜିର ଯୁଗ। ଜୀବନର ସବୁ କ୍ଷେତ୍ରକୁ ଟେକ୍ନୋଲୋଜି ପ୍ରଭାବିତ କରୁଛି। ତେଣୁ ପିଲାମାନେ ନୂଆ ନୂଆ ଟେକ୍ନୋଲୋଜି ବିଷୟରେ ଜାଣିବାକୁ ଚେଷ୍ଟା କରିବା ଆବଶ୍ୟକ। ଏହାଦ୍ୱାରା ସେମାନେ ଆଧୁନିକ ଯୁଗରେ ସବୁ କ୍ଷେତ୍ରରେ ଆଗରେ ରହିପାରିବେ। ସେହିପରି ସମୟ ଉପରେ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ଛାତ୍ରୀଛାତ୍ରମାନଙ୍କ ସଫଳତା ହେଉଛି ଓଡ଼ିଶାର ସଫଳତା। ୫-ଟି ସ୍କୁଲଗୁଡ଼ିକରେ ପିଲାମାନଙ୍କୁ ସବୁପ୍ରକାର ଆଧୁନିକ ସୁବିଧା ଦେବା ପାଇଁ ପ୍ରଚେଷ୍ଟା କରାଯାଇଛି। ପିଲାମାନେ ଏହାର ସୁଯୋଗ ନେଇ ନିଜ ପ୍ରତିଭାର ପରିଚୟ ପ୍ରଦାନ କରିପାରିଲେ, ସେମାନଙ୍କ ନିଜର ଓ ପରିବାରର ଗୌରବ ବୃଦ୍ଧି ହେବା ସହିତ ସାରା ଓଡ଼ିଶାର ଗୌରବ ବୃଦ୍ଧି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ୫-ଟି ସ୍କୁଲ ରୂପାନ୍ତର ସମ୍ପର୍କରେ ନିଜର ଅଭିଜ୍ଞତା ବର୍ଣ୍ଣନା କରି ଖୋର୍ଦ୍ଧା ଜିଲାର ଛାତ୍ରୀ ରୂପାଲି ଲୋପାମୁଦ୍ରା ପଣ୍ଡା, ବରଗଡ଼ର ଛାତ୍ରୀ ଚଞ୍ଚଳା ଧାରୁଆ, ମୟୂରଭଞ୍ଜର ସୋହାନୀ ଧଳ, ବୌଦ୍ଧର ସ୍ୱାତୀ ସିମରନ ଚିନାର ଓ ନବରଙ୍ଗପୁରର ବୈଷ୍ଣବୀ ହରିଜନ ପ୍ରମୁଖ ୫-ଟି ସ୍କୁଲ ରୂପାନ୍ତର କେବଳ ଆମ ବିଦ୍ୟାଳୟର ଶୈକ୍ଷିକ ପରିବେଶକୁ ଉନ୍ନତ କରିଛି। ଏହାଦ୍ୱାରା ଆମେ ଜୀବନରେ ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବୁ ବୋଲି ଦୃଢ଼ ନିଶ୍ଚିତ ହୋଇଛୁ। ଏହାସହିତ ଆମ ରାଜ୍ୟ ଓଡ଼ିଶା ପାଇଁ ମଧ୍ୟ ନିଜର ଅବଦାନ ରଖିପାରିବୁ ବୋଲି ଭାବୁଛୁ। ସବୁ କ୍ଷେତ୍ରରେ ଓଡ଼ିଶାକୁ ଶ୍ରେଷ୍ଠ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନକୁ ସାକାର କରିବା ଲାଗି ପିଲାମାନେ କହିଥିଲେ ଯେ ଆମେ ନିଶ୍ଚୟ ପଢ଼ିବୁ, ବଢ଼ିବୁ ଓ ସବୁ କ୍ଷେତ୍ରରେ ଶ୍ରେଷ୍ଠ ହେବୁ।

ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲାରେ ଉପସ୍ଥିତ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶୋକ ପଣ୍ଡା, ବରଗଡ଼ରେ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ମୟୂରଭଞ୍ଜରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ବୌଦ୍ଧରେ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଓ ନବରଙ୍ଗପୁରରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ପ୍ରମୁଖ ସେମାନଙ୍କ ମତାମତ ରଖି କହିଥିଲେ, ସ୍କୁଲ ରୂପାନ୍ତର ଦ୍ୱାରା ଶିକ୍ଷା ବାତାବରଣରେ ଉନ୍ନତି ଆସିବା ସହିତ ପିଲାମାନଙ୍କୁ ଡିଜିଟାଲ ଦୁନିଆ ସହିତ ଯୋଡ଼ିପାରିଛି। ଏହାଦ୍ୱାରା ସେମାନେ ଆଧୁନିକ ଯୁଗର ଟେକ୍ନୋଲୋଜି ସହିତ ନିଜକୁ ସାମିଲ କରିବାରେ ଅଧିକ ସହଜ ହୋଇପାରିବ।

କାର୍ଯ୍ୟକ୍ରମକୁ ପରିଚାଳନା କରି ୫-ଟି ସଚିବ ଭି.କେ. ପାଣ୍ଡିଆନ କହିଥିଲେ, ସ୍କୁଲ ରୂପାନ୍ତରରେ ଯେଉଁସବୁ ସମ୍ପତ୍ତି ବା ଆସେଟ୍ ସୃଷ୍ଟି ହୋଇଛି, ସେ ସବୁ ସାରା ଓଡ଼ିଶାବାସୀଙ୍କ ଟଙ୍କାରେ ନିର୍ମିତ ହୋଇଛି। ମୁଖ୍ୟମନ୍ତ୍ରୀ ସ୍କୁଲର ଆସେଟ୍‌ଗୁଡ଼ିକର ରକ୍ଷଣାବେକ୍ଷଣ ଉପରେ ସର୍ବାଧିକ ଗୁରୁତ୍ୱାରୋପ କରନ୍ତି। ତେଣୁ ଆପଣମାନେ ନିଜର ସମ୍ପତ୍ତି ଭଳି ସ୍କୁଲର ସମ୍ପତ୍ତିର ରକ୍ଷଣାବେକ୍ଷଣ କରିବେ ବୋଲି ମୁଖ୍ୟମନ୍ତ୍ରୀଙ୍କ ଆଶା ଓ ଭରସା ରହିଛି। ଡିସେମ୍ବର ସୁଦ୍ଧା ରାଜ୍ୟର ସବୁ ସ୍କୁଲ ରୂପାନ୍ତରଣରେ ସାମିଲ ହେବ ବୋଲି ସେ କହିଥିଲେ।

ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର-ତଥା-ଶାସନ ସଚିବ ଅଶ୍ୱଥୀ ଏସ୍ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଓସେପାର ସ୍ୱତନ୍ତ୍ର ପ୍ରୋଜେକ୍ଟ ଡାଇରେକ୍ଟର ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ସଚିବମାନେ ଉପସ୍ଥିତ ଥିଲେ।

# ୯ରେ ନବୀନଙ୍କୁ ଭେଟିବେ ନୀତୀଶ

**ଭୁବନେଶ୍ୱର,୬।୫(ବ୍ୟୁରୋ)**



ନୀତୀଶ କୁମାର

ବିହାର ମୁଖ୍ୟମନ୍ତ୍ରୀ ତଥା ସଂଯୁକ୍ତ ଜନତା ଦଳ(ଜେଡିୟୁ) ନେତା ନୀତୀଶ କୁମାର ଆସନ୍ତା ୯ ତାରିଖରେ ଓଡ଼ିଶା ଗସ୍ତରେ ଆସିବେ। ନବୀନ ନିବାସଠାରେ ମଧ୍ୟାହ୍ନ ୧୨ଟାରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିବା କାର୍ଯ୍ୟକ୍ରମ ରହିଛି। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଅଣଭାଜପା ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ଏକାଠି କରି ଏକ ଦୃଢ଼ ବିରୋଧୀ ମେଣ୍ଟ କରିବା ଲକ୍ଷ୍ୟରେ ନୀତୀଶ ଆସୁଥିବା ସୂଚନା ମିଳିଛି।

ଗତ ଏପ୍ରିଲରେ ନୀତୀଶ ବିଭିନ୍ନ ଦଳର ପ୍ରମୁଖ ନେତାମାନଙ୍କୁ ନୂଆଦିଲ୍ଲୀଠାରେ ସାକ୍ଷାତ କରିଥିଲେ। ଭାଜପା ବିରୋଧରେ ବିରୋଧୀଙ୍କୁ ଏକାଠି କରିବା ପାଇଁ ବିଭିନ୍ନ ରାଜ୍ୟ ଗସ୍ତ କରିବେ ବୋଲି ଘୋଷଣା କରିଥିଲେ। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ନେତା ରାହୁଲ ଗାନ୍ଧୀଙ୍କ ସମେତ ନୀତୀଶ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ, ବାମପନ୍ଥୀ ନେତା ସୀତାରାମ ୟେଚୁରୀ ଏବଂ ଡି. ରାଜାଙ୍କୁ ସାକ୍ଷାତ କରିଛନ୍ତି। ଗତ ମାର୍ଚ୍ଚରେ ଟିଏମ୍‌ସି ମୁଖ୍ୟ ମମତା ନବୀନ ନିବାସରେ ନବୀନଙ୍କୁ ସାକ୍ଷାତ କରିଥିଲେ। ଏହି ଗସ୍ତକୁ ନେଇ ରାଜନୈତିକ ଉତ୍ସୁକତା ଦେଖାଦେଇଥିଲେ ମଧ୍ୟ ମମତା ଏହାକୁ ଏଡ଼େଇ ଦେଇଥିଲେ। ଗଣମାଧ୍ୟମକୁ ସେ କହିଥିଲେ, ଏହା ଏକ ସୌଜନ୍ୟମୂଳକ ସାକ୍ଷାତ ଥିଲା। କୌଣସି ପ୍ରକାର ରାଜନୈତିକ ଆଲୋଚନା ହୋଇନାହିଁ। ୨୦୨୨ ଡିସେମ୍ବରରେ ଓଡ଼ିଶାରେ ହୋଇଥିବା ପୁରୁଷ ହକି ବିଶ୍ୱକପ୍ ମ୍ୟାଚ ଦେଖିବା ପାଇଁ ନବୀନ ଉଭୟ ମମତା ଓ ନୀତୀଶଙ୍କୁ ନିମନ୍ତ୍ରଣ କରିଥିଲେ।

ବିଜେଡି ଭାଜପା ଓ କଂଗ୍ରେସଠାରୁ ସମଦୂରତା ରକ୍ଷାକରି ଆସିଛି। ତୃତୀୟ ସାମ୍ମୁଖ୍ୟ ଗଠନ ନେଇ ପୂର୍ବରୁ ହୋଇଥିବା ବିଭିନ୍ନ ବୈଠକରୁ ବିଜେଡି ନିଜକୁ ଦୂରେଇ ରଖିଛି। ତେବେ ବିଭିନ୍ନ ପ୍ରସଙ୍ଗରେ ବିଜେଡି କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାରଙ୍କୁ ସମର୍ଥନ ଦେଇ ଆସୁଛି। ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ ମମତାଙ୍କ ପରେ ନୀତୀଶ କୁମାରଙ୍କ ଓଡ଼ିଶା ଗସ୍ତକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି।



**ଆଜିର ମନ୍ତବ୍ୟ**

କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଏବଂ ରାଜ୍ୟ କଂଗ୍ରେସ ସଭାପତି ଡି.କେ. ଶିବକୁମାର ହେଉଛନ୍ତି ଟିପୁ ସୁଲତାନଙ୍କ ପରିବାର ସଦସ୍ୟ। ସେମାନେ ପାକିସ୍ତାନ ଯାଇ ଟିପୁ ଜୟନ୍ତୀ ପାଳନ କରନ୍ତୁ। **-ହିମନ୍ତ ବିଶ୍ୱଶର୍ମା, ଆସାମ ମୁଖ୍ୟମନ୍ତ୍ରୀ**





## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାନ୍ଦୁଥିବ,**
**ଯାହା ପାଇବ ତାହା ବାନ୍ଧୁଥିବ।**

ମଣିଷର ଆଶା ଅନେକ ସମୟରେ ଅପୂରଣୀୟ ହୋଇ ରହିଯାଏ। ଆଶାନୁରୂପ ନ ମିଳିଲେ ବା ନ ପାଇଲେ ମନ ବିରସ ହୋଇଯାଏ। ତେବେ ମନ ଊଣା ନ କରି ଯେତିକି ମିଳିଲା ସେତିକିରେ ସନ୍ତୁଷ୍ଟ ହେବା ଉଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କାହା କରମରେ ଖିରି ଖିରିସା,**
**କାହା କରମରେ ଲଡ୍ଡୁ;**
**କାହା କରମରେ ଖାରିଆ ଖଡ଼ା,**
**ଚୋବାଇ ଚୋବାଇ ମରୁ।**

ନିଜ ଜୀବଦଶାରେ ପ୍ରତ୍ୟେକ ବ୍ୟକ୍ତି ପ୍ରାରବ୍ଧ କର୍ମ ଅନୁସାରେ ଫଳ ଭୋଗ କରିଥାଆନ୍ତି। କାହା ଭାଗ୍ୟରେ ଖିରିପୁରି ଭଳି ମିଷ୍ଟାନ୍ନ ବ୍ୟଞ୍ଜନ ଖଞ୍ଜା ହୋଇ ରହୁଥିବା ବେଳେ ଆଉ କିଏ ଭୋକ ଉପାସରେ ପଡ଼ିରହି ଦିନ ବିତାଉଥିବାର ଦେଖିବାକୁ ମିଳିଥାଏ। କର୍ମାନୁଯାୟୀ ଫଳ ମିଳୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଆଇନର ଆଶ୍ରୟ ନେବ ଶିକ୍ଷକ ସଂଘ

**ଛୁଟି ଦିନରେ କାର୍ଯ୍ୟ କରିବାକୁ ବିରୋଧ : ବ୍ୟବସ୍ଥାର ପରିବର୍ତ୍ତନ ଦାବି ତେଜୁଛି**

ଭୁବନେଶ୍ୱର,୬।୫(ବ୍ୟୁରୋ)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଚାକିରି କରୁଥିବା ସମସ୍ତ ସରକାରୀ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକଙ୍କ ପାଇଁ ରହିଥିବା ଛୁଟି ବ୍ୟବସ୍ଥାକୁ ନେଇ ଅସନ୍ତୋଷ ଲାଗି ରହିଛି। ବିଶେଷକରି ଛୁଟି ଦିନରେ କାର୍ଯ୍ୟ କରିବାକୁ ବିରୋଧ କରି ଶିକ୍ଷକମାନେ ବିଭିନ୍ନ ସମୟରେ ଆନ୍ଦୋଳନକୁ ଓହ୍ଲାଉଛନ୍ତି। ସରକାର ଶିକ୍ଷକଙ୍କ ଅଧିକାରକୁ ଛଡାଇ ନେଉଥିବାରୁ ସେମାନେ ଆଇନର ଆଶ୍ରୟ ନେବେ ବୋଲି ନୂତନ ପେନସନ ଯୋଜନାଭୁକ୍ତ ମାଧ୍ୟମିକ ଶିକ୍ଷକ ସଂଘ ଚେତାବନୀ ଦେଇଛି। ସଂଘ ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ କହିଛନ୍ତି, ସରକାରୀ କର୍ମଚାରୀଙ୍କ ଛୁଟି ନିର୍ଦ୍ଧାରଣ କରାଯାଇଛି। ବିଭିନ୍ନ ବିଭାଗ କର୍ମଚାରୀଙ୍କ ଛୁଟି ନିମନ୍ତେ ବାର୍ଷିକ କ୍ୟାଲେଣ୍ଡର ପ୍ରସ୍ତୁତ କରୁଛନ୍ତି। ଏହି ଆଧାରରେ ସମସ୍ତ ସରକାରୀ କର୍ମଚାରୀଙ୍କୁ ପ୍ରାୟତଃ ସମାନ ଛୁଟି ମିଳିଥାଏ। ମାତ୍ର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଚାକିରି କରୁଥିବା ଶିକ୍ଷୟିତ୍ରୀଶିକ୍ଷକ ସେମାନଙ୍କ ଛୁଟି ଅଧିକାରରୁ ସବୁବେଳେ ବଞ୍ଚିତ ହେଉଛନ୍ତି। ଛୁଟି ଦିନରେ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଅବକାଶକାଳୀନ ଶିକ୍ଷା ଦେବାଠାରୁ ଆରମ୍ଭ କରି ଆଇରନ ବଟିକା ବାଣ୍ଟିବା, ବହି ବାଣ୍ଟିବା, ବିଭିନ୍ନ ପ୍ରକାର ସର୍ଭେ, ଟ୍ରେନିଂ ଆଦି ବିଭିନ୍ନ କାର୍ଯ୍ୟ କରିବାକୁ ପଡୁଛି। ଛୁଟିରେ ବିଭିନ୍ନ କାର୍ଯ୍ୟଭାର ଲଦିଦେଇ ସରକାର ମାନବିକ ଅଧିକାର ଆଇନକୁ ଉଲ୍ଲଂଘନ କରୁଛନ୍ତି। ଯଦି ଜିଲାର ଶିକ୍ଷାଧିକାରୀମାନେ ଏଥିରୁ ନିବୃତ୍ତ ନ ହୁଅନ୍ତି, ତେବେ ସଂଘ ଆଇନ ଓ ମାନବାଧିକାର କମିଶନରଙ୍କ ଆଶ୍ରୟ ନେବ ବୋଲି ସଭାପତି ପ୍ରଧାନ ଚେତାବନୀ ଦେଇଛନ୍ତି। ସଂଘର ଅଭିଯୋଗ ଅନୁସାରେ, ଗଣଶିକ୍ଷା ବିଭାଗ ଶିକ୍ଷକମାନଙ୍କୁ ୮୨ଦିନ ଛୁଟି ପ୍ରଦାନ କରିଛି। ଖରା ଛୁଟି ୩୮, ପାଳନ ହେଉଥିବା ୮ଟି ଦିବସ ଓ ଅବଶିଷ୍ଟ ସାପ୍ତାହିକ ଛୁଟି (ରବିବାର) ରହିଛି। ତେବେ ରବିବାରରେ ବିଭିନ୍ନ ପରୀକ୍ଷା ଅନୁଷ୍ଠିତ ହେଉଥିବାବେଳେ ଶିକ୍ଷୟିତ୍ରୀଶିକ୍ଷକଙ୍କ ଛୁଟି ବାତିଲ କରାଯାଉଛି। ସେହିପରି ଖରା ଛୁଟିରେ ମଧ୍ୟ ଶିକ୍ଷୟିତ୍ରୀଶିକ୍ଷକ ରୋଷ୍ଟର ଡ୍ୟୁଟି କରୁଛନ୍ତି। ବର୍ତ୍ତମାନ ମେ ୫ରୁ ଖରାଛୁଟି ହେବା ସତ୍ତ୍ୱେ କିଛି ଜିଲାର ଜିଲା ଶିକ୍ଷା ଅଧିକାରୀ ଫିଜିକାଲ ରିମେଡିଆଲ କ୍ଲାସ୍ କରିବାକୁ ଚିଠି କରିଛନ୍ତି। ସେହିପରି କିଛି ଜିଲାର ଶିକ୍ଷାଧିକାରୀ ବିଭିନ୍ନ ହ୍ୱାଟ୍ସଆପ୍ ଗ୍ରୁପ୍ ଓ ଭର୍ଚୁଆଲ୍‌ରେ ଶିକ୍ଷୟିତ୍ରୀଶିକ୍ଷକଙ୍କୁ କାର୍ଯ୍ୟ କରିବାକୁ ବାଧ କରୁଥିବା ଅଭିଯୋଗ ହୋଇଛି। କୌଣସି ଶିକ୍ଷୟିତ୍ରୀଶିକ୍ଷକ ହେଡ୍‌କ୍ୱାର୍ଟର ଛାଡିପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଏନେଇ ସଂଘ ସମ୍ପାଦକ ଅମରେନ୍ଦ୍ର ସ୍ୱାଇଁ, ମହାସଚିବ ବିଶ୍ୱଜିତ ବିଶ୍ୱାଳ, କୋଷାଧକ୍ଷ ପଞ୍ଚାନନ ଜେନା, ମିଡିଆ ସମ୍ପାଦକ ଚନ୍ଦ୍ରକାନ୍ତ ପଣ୍ଡା ଏବଂ ଆବାହକ ନିରୋଦ ରଥ ପ୍ରମୁଖ ବ୍ୟବସ୍ଥାରେ ପରିବର୍ତ୍ତନ ପାଇଁ ଦାବି କରିଛନ୍ତି।

# ହାତୀ ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ

ଢେଙ୍କାନାଳ ଅଫିସ,୬।୫

ଶୌଚ ପାଇଁ ଯାଇଥିବା ଜଣେ ବୃଦ୍ଧଙ୍କ ହାତୀ ଆକ୍ରମଣରେ ଶନିବାର ମୃତ୍ୟୁ ହୋଇଛି। ଘଟଣା ଘଟିଛି ଢେଙ୍କାନାଳ ଜିଲା ଗଁନ୍ଦିଆ ଥାନା ଯୋରନ୍ଦା ଫାଣ୍ଡି ନେଉଳପୋଇ ଗ୍ରାମରେ। ମୃତ ବୃଦ୍ଧ ହେଲେ ନୋଉଳପୋଇର କ୍ଷୀରୋଦ ସାମଲ(୭୫)। ସୂଚନା ଅନୁଯାୟୀ, ପୂର୍ବାହ୍ନ ୮ଟାରେ କ୍ଷୀରୋଦ ପଞ୍ଚାୟତ କାର୍ଯ୍ୟାଳୟ ପଛପାଖ ପଡ଼ିଆକୁ ଶୌଚ ପାଇଁ ଯାଇଥିଲେ। ଏହି ସମୟରେ ସେଠାରେ ଥିବା ଏକ ଦନ୍ତା ହାତୀ ତାଙ୍କୁ ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ହିଁ କ୍ଷୀରୋଦଙ୍କ ମୃତ୍ୟୁ ହୋଇଯାଇଥିଲା। କପିଳାସ ରେଞ୍ଜ ଅଧିକାରୀ ଓ କର୍ମଚାରୀମ ପହଞ୍ଚି ତଦନ୍ତ କରିଛନ୍ତି। ଗଁନ୍ଦିଆ ଥାନା ଓ ଯୋରନ୍ଦା ଫାଣ୍ଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇ ଦେଇଛି। ଏ ସଂକ୍ରାନ୍ତରେ ଗଁନ୍ଦିଆ ଥାନାରେ ନଂ. ୧୧।୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ଭାଲୁ ମୃତଦେହ ଜବତ

ଆନନ୍ଦପୁର,୬।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ବନଖଣ୍ଡ ଅଧୀନ ବରାଙ୍ଗ ଜଙ୍ଗଲ ପାର୍ଶ୍ୱ କଡ଼ରାମାଳ ଗାଁ ନିକଟ ପୋଖରୀ କୂଳରୁ ଏକ ଭାଲୁର ମୃତଦେହ ଶନିବାର ଉଦ୍ଧାର କରାଯାଇଛି। ଭାଲୁର ମୃତଦେହ ଦେଖି ସ୍ଥାନୀୟ ଲୋକେ ବନ ବିଭାଗକୁ ସୂଚନା ଦେଇଥିଲେ। ବନବିଭାଗ କର୍ମଚାରୀ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ରେଞ୍ଜ ଅଫିସକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଡିଏଫ୍‌ଓ ଅଭୟ କୁମାର ଦଳେଇ ସୂଚନା ଦେଇଛନ୍ତି।

# ଶିକ୍ଷକଙ୍କ ଗଳାକାଟି ହତ୍ୟା, ବାପାଙ୍କୁ ହାଣିଲେ ପୁଅ

କୁଚିଣ୍ଡା,୬।୫(ଡି.ଏନ.ଏ.)

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଅଞ୍ଚଳରେ ଶନିବାର ପୃଥକ୍ ହତ୍ୟା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ଗୋଟିଏ ଘଟଣାରେ ଜଣେ ଶିକ୍ଷକଙ୍କ ଗଳାକାଟି ହତ୍ୟା କରାଯାଇଥିବାବେଳେ ଅନ୍ୟ ଏକ ଘଟଣାରେ ବିବାହ ପାଇଁ ଜିଦ୍ ଧରି ପୁଅ କୋଡି ସାହାଯ୍ୟରେ ବାପାଙ୍କୁ ହତ୍ୟା କରିଛନ୍ତି। ଉଭୟ ଘଟଣାକୁ ପୋଲିସ ଗୁରୁତର ସହ ନେଇ ଛାନ୍‌ଭିନ୍ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, କୁଚିଣ୍ଡା ଥାନା ୪୯ନଂ. ଜାତୀୟ ରାଜପଥର କୁଚିଣ୍ଡା ବାଇପାସ୍ ଖର୍ଲା ପୋଲ ପାର୍ଶ୍ୱରୁ ସକାଳେ ପୋଲିସ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। କେହି ତାଙ୍କୁ ଗଳାକାଟି ହତ୍ୟା କରିବା ପରେ ଫିଙ୍ଗି ଦେଇଥିବା ପୋଲିସ ଅନୁମାନ କରୁଛି। ମୃତକ ହେଲେ ମହୁଲପାଲି ଥାନା କୁଚିଲାପାଲି ଗ୍ରାମର ପୃଥୀରାଜ ମହାନନ୍ଦ(୪୩) ଓରଫ ମଣ୍ଟୁ। ସେ କୁଚିଣ୍ଡା ଏନ୍‌ଏସି ୱାର୍ଡ ନଂ.୮ ମନ୍ତ୍ରୀମୁଣ୍ଡା ପ୍ରାଥମିକ ସ୍କୁଲର ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କ ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକେ ଥାନା ଓ ପରିବାରକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି କେସ୍ ନଂ.୯୦/୨୩ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ କରୁଛି। ସମ୍ବଲପୁରରୁ ସନ୍ଧାନୀ କୁକୁର ସହ ସାଇଣ୍ଟିଫିକ ଟିମ୍ ପହଞ୍ଚି ତନାଘନା ଚଳାଇଛି। କୁଚିଣ୍ଡା ମେଡିକାଲରେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମଣ୍ଟୁ ଦୀର୍ଘବର୍ଷ ହେବ କୁଚିଣ୍ଡାରେ ଘର ଭଡା ନେଇ ରହୁଥିଲେ। ତାଙ୍କ ସ୍ତ୍ରୀ ଓ ଗୋଟିଏ ପୁତ୍ର ସନ୍ତାନ ଅଛନ୍ତି। ଶୁକ୍ରବାର ଅପରାହ୍ନରେ ମଣ୍ଟୁ ସ୍କୁଟି ଧରି ଘରୁ ବାହାରିଥିଲେ। ହେଲେ ରାତିରେ ଆଉ ଘରକୁ ଫେରି ନ ଥିଲେ। ଶନିବାର ସକାଳୁ ସ୍ୱାମୀଙ୍କ ହତ୍ୟା ଖବର ଶୁଣି ସ୍ତ୍ରୀଙ୍କ ହୋସ ଉଡିଯାଇଥିଲା। ଘଟଣାଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଥିବା କୁଚିଣ୍ଡା ଆଇଆଇସି ଶୋଭାକର ସେଠ କହିଛନ୍ତି।



ପୃଥୀରାଜ ମହାନନ୍ଦ



ପରମାନନ୍ଦ ନାୟକ

### କୁଚିଣ୍ଡାରେ ପୃଥକ୍ ହତ୍ୟାକାଣ୍ଡ

ସେହିପରି କୁଚିଣ୍ଡା ଥାନା ଅନ୍ତର୍ଗତ ଚନ୍ଦନିମାଲ ପଞ୍ଚାୟତ ତିହାଡିପାଲି ଗ୍ରାମରେ ଶନିବାର ଏକ ହତ୍ୟାକାଣ୍ଡ ଘଟିଛି। ମଧ୍ୟାହ୍ନରେ ପରମାନନ୍ଦ ନାୟକ (୬୨)ଙ୍କୁ ନିଜ ବଡ ପୁଅ ବିକାଶ ନାୟକ(୩୦)କୋଡି ଦ୍ୱାରା ହତ୍ୟା କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ହତ୍ୟାକାରୀ ପୁଅ ବିକାଶଙ୍କୁ ଗିରଫ କରିଛି। ଏ ନେଇ ଥାନାରେ କେସ୍ ନଂ.୯୧/୨୩ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ଦୀର୍ଘ ଦିନ ହେବ ପୁଅ ବିକାଶ ବିବାହ ପାଇଁ ବାପା ପାଖରେ ଜିଦ ଧରି ଗଣ୍ଡଗୋଳ କରିଆସୁଥିଲେ। ଶନିବାର ମଧ୍ୟ ସମାନ ଘଟଣା ନେଇ ସେ ବାପାଙ୍କ ସହ ପାଟିତୁଣ୍ଡ କରିଥିଲେ। ପରେ ବାପାଙ୍କୁ କୋଡିରେ ହାଣି ହତ୍ୟା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ମେଡିକାଲକୁ ପଠାଇ ହତ୍ୟାରେ ବ୍ୟବହୃତ କୋଡି ଜବତ କରି ଅଧିକ ତଦନ୍ତ ଜାରି ରଖିଛି।

## ଦେଶରେ ସୁଦୃଢ଼ ହେବ ... **ପ୍ରଥମ ପୃଷ୍ଠାରୁ...**

ଅଂଶ, ଯାହା ଏହି ବ୍ୟବସ୍ଥାରେ ମଧ୍ୟ ରହିଛି। ଏହି ବ୍ୟବସ୍ଥା ଦ୍ୱାରା ବିଚାରପତି ଓ ଆଇନଜୀବୀମାନେ ଆଇନ୍ ରିପୋର୍ଟଗୁଡ଼ିକ ସହଜରେ ୱେବ୍‌ସାଇଟ୍ ଜରିଆରେ ପାଇପାରିବେ। ସୁପ୍ରିମକୋର୍ଟ ଓ ହାଇକୋର୍ଟର ନିର୍ଦ୍ଦେଶନାମା ଓ ରାୟଗୁଡ଼ିକ ସହଜରେ ଜନସାଧାରଣ ମଧ୍ୟ ଏଥିରୁ ପାଇପାରିବେ। ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ସ୍ୱାଗତ ଭାଷଣ ଦେଇ ସୁପ୍ରିମକୋର୍ଟରେ ଇ-କୋର୍ଟ ପ୍ରକଳ୍ପ କାର୍ଯ୍ୟକାରୀ ହେବା ନିମନ୍ତେ ତୃତୀୟ ପର୍ଯ୍ୟାୟ ଜାତୀୟ ଆକ୍ସନ ପ୍ଲାନ ପ୍ରସଙ୍ଗରେ ଆଲୋଚନା କରିବା ଏହି ସମ୍ମିଳନୀର ଉଦ୍ଦେଶ୍ୟ ବୋଲି କହିଥିଲେ। କୋଭିଡ୍ ସମୟରୁ ଆରମ୍ଭ ହୋଇଥିବା ଆଭାସି ଶୁଣାଣି, ଲାଇଭ୍ ଷ୍ଟ୍ରିମିଂ, ଇ-ଫାଇଲିଂ, କାଗଜବିହୀନ କୋର୍ଟ, ରେକର୍ଡ ଡିଜିଟାଇଜେଶନ ଆଦି ନ୍ୟାୟିକ ବ୍ୟବସ୍ଥାରେ ଥିବା ଶୂନ୍ୟସ୍ଥାନକୁ ପୂରଣ କରିଛି। ତୃତୀୟ ପର୍ଯ୍ୟାୟ ଇ-କୋର୍ଟ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ଅନୁଦାନ ଯୋଗାଇ ଦେଇଥିବାରୁ ମୁଖ୍ୟ ବିଚାରପତି ଧନ୍ୟବାଦ ଦେବା ସହ ଏହି ଦାୟିତ୍ୱକୁ ତୁଲାଇବା ଉପରେ ଜୋର୍ ଦେଇଛନ୍ତି। ନ୍ୟାୟ ବ୍ୟବସ୍ଥାରେ ନାଗରିକମାନଙ୍କ ତଥ୍ୟ ଯେପରି ଅପବ୍ୟବହାର ନ ହୋଇ ସୁରକ୍ଷିତ ରହେ ସେନେଇ ଏକ ଜୁଡିସିଆରି ଡାଟା ସିକ୍ୟୁରିଟି ପଲିସି ତିଆରି କରାଯିବା ଉପରେ ମୁରଲୀଧର ଗୁରୁତ୍ୱାରୋପ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସୁପ୍ରିମକୋର୍ଟର ବିଚାରପତି ରାଜେଶ ବିନ୍ଦଲ ଯୋଗ ଦେଇ ଇ-କୋର୍ଟ ବ୍ୟବସ୍ଥା କାର୍ଯ୍ୟକାରୀ କରିବାରେ ଦେଶର ସବୁ ହାଇକୋର୍ଟ ସମାନ ସ୍ତରର ନୁହନ୍ତି। ସରକାର ଯୋଗାଇ ଦେଉଥିବା ଅନୁଦାନ ଉପଯୋଗ ନ ହେବା ଇ-କୋର୍ଟ ବ୍ୟବସ୍ଥା କାର୍ଯ୍ୟକ୍ଷମ ହେବା ଦିଗରେ ମୁଖ୍ୟ ପ୍ରତିବନ୍ଧକ ହୋଇଛି। ବିଚାର ବିଭାଗୀୟ ଅଧିକାରୀ, କର୍ମଚାରୀ, ଆଇନଜୀବୀ ଓ କାର୍ଯ୍ୟାଳୟ ସହାୟକମାନଙ୍କୁ ତାଲିମ ଦେବାର ଆବଶ୍ୟକତା ରହିଛି। ଓଡ଼ିଶା ହାଇକୋର୍ଟ ଉଦାହରଣ ଦେଇ ଏକ ପ୍ରଭାବ ନେତୃତ୍ୱ ଦୃଶ୍ୟପଟକୁ ବଦଳାଇ ଦେଇପାରେ ବୋଲି ସେ କହିଥିଲେ। ହାଇକୋର୍ଟର ବିଚାରପତି ଶୁଭାଶିଷ ତାଳପତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ତରାଖଣ୍ଡ ହାଇକୋର୍ଟର ମୁଖ୍ୟ ବିଚାରପତି ବିପିନ୍ ସାଙ୍ଘୀ, ହିମାଚଳ ପ୍ରଦେଶର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ତରଲୋକ ସିଂହ ଚୌହାନ୍‌ଙ୍କ ସମେତ ଦେଶର ସମସ୍ତ ହାଇକୋର୍ଟର ବିଚାରପତି ଓ ବିଚାର ବିଭାଗୀୟ ଅଧିକାରୀ, ଭାରତ ସରକାରଙ୍କ ନ୍ୟାୟ ବିଭାଗ ଏବଂ ସୁପ୍ରିମକୋର୍ଟ ଇ-କମିଟିର ପ୍ରତିନିଧିମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି।




କଟକ ଜୁଡିସିଆଲ ଏକାଡେମୀରେ ଆୟୋଜିତ ଦୁଇଦିନିଆ ଜାତୀୟ କର୍ମଶାଳାର ଶନିବାର ଉଦ୍‌ଘାଟନୀ ଉତ୍ସବରେ ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼, ସୁପ୍ରିମକୋର୍ଟ ବିଚାରପତି ରାଜେଶ ବିନ୍ଦାଲ, ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍.ମୁରଲୀଧର ଓ ବିଚାରପତି ସୁବାଶିଷ ତାଳପତ୍ର।

## ଚାହିଦା ଅଛି, ପ୍ରୋତ୍ସାହନ ...

ସହଯୋଗ କରୁଛନ୍ତି। ପୂର୍ବରୁ ବଳଦ ଓ ପୋଢ଼ ଦ୍ୱାରା ଆଖୁ ପେଡ଼ା ହେଉଥିଲା। ଏବେ ବଳଦ ଓ ପୋଢ଼ ମିଳୁ ନାହାନ୍ତି। ସେମାନଙ୍କ ସହଯୋଗରେ ଆଖୁ ପେଡ଼ିଲେ କ୍ଷତି ହେଉଛି। ଏଣୁ ଟ୍ରାକ୍ଟର ଯୋଗେ ଆଖୁଶାଳ ବୁଲୁଛି। ଜଣେ ଅଥବା ୨ଜଣ ହେଲେ ଶାଳ ବୁଲିବାରେ ଅସୁବିଧା ନାହିଁ। ମୁଁ ୪ ମାଣ ଆଖୁ ଫସଲ କରିଛି। ସବୁ ଗୁଡ଼ ବିକ୍ରି କରୁଛି। ଗୁଡ଼ କେଜି ପ୍ରତି ୩୦ରୁ ୩୫ ଟଙ୍କାରେ ବ୍ୟବସାୟୀମାନେ କିଣି କଟକ, ଭୁବନେଶ୍ୱର ଓ ପୁରୀରେ ବିକ୍ରି କରୁଛନ୍ତି। ଗାଁ ଗହଳିରେ ମଧ୍ୟ କେଜି ପ୍ରତି ୩୫ରୁ ୪୦ ଟଙ୍କାରେ ବିକ୍ରି ହେଉଛି।

ପାଣିପୋଇଲା ଛକର ଆଖୁ ଚାଷୀ ପ୍ରମୋଦ କୁମାର କୁଣ୍ଡଙ୍କ ନୟାଗଡ଼ର ଆଖୁରେ ଭଲ ଚିନି ହୁଏ। ନୟାଗଡ଼ ଜିଲାର ୧ଟନ(୧୦ କୁଇଣ୍ଟାଲ) ଆଖୁ ଚିନିକଳରେ ପେଡ଼ାଗଲେ ୧ କୁଇଣ୍ଟାଲ ୫ କେଜି ଚିନି ମିଳୁଥିଲା। ଅନ୍ୟ ଜିଲାର ସମ ପରିମାଣର ଆଖୁ ପେଡ଼ିଲେ ୮୫ କେଜି ଚିନି ମିଳୁଥିଲା। ଚିନି ପରି ଗୁଡ଼ର ମାନ ରହୁଛି। ବାଲୁଗାଁର ଚାଷୀ ରଣଜିତ୍ ଦଳବେହେରା କୁହନ୍ତି, ନୟାଗଡ଼ର ମାଟି ଆଖୁ ଚାଷ ପାଇଁ ଉପଯୁକ୍ତ। ଆଖୁ ଭଲ ହେଉଥିବାରୁ ଗୁଡ଼ ଭଲ ହେଉଛି। କେମିକାଲ ବଦଳରେ ପାରମ୍ପରିକ ପଦ୍ଧତିରେ ଗୁଡ଼ ତିଆରି ହେଉଥିବାରୁ ଏହାର ସ୍ୱାଦ ବଜାୟ ରହିପାରୁଛି। ନୟାଗଡ଼, ରଣପୁର, ଓଡ଼ଗାଁ, ନୂଆଗାଁ ବ୍ଲକ ଅଞ୍ଚଳରେ ଆଖୁ ଚାଷ ଅଧିକ ହେଉଛି। ସମ୍ପୃକ୍ତ ଅଞ୍ଚଳରୁ ଗୁଡ଼କୁ ପ୍ରସ୍ତୁତ କରାଯାଇ ବିଭିନ୍ନ ଜିଲାକୁ ପଠାଯାଉଛି। ତେବେ କେତେଜଣ ବ୍ୟବସାୟୀ ଅନ୍ୟ ଜିଲାର ଗୁଡ଼କୁ ନୟାଗଡ଼ର ଗୁଡ଼ କହି ବିକ୍ରି କରୁଛନ୍ତି। ପ୍ରଶାସନିକସ୍ତରରେ ଧରପଗଡ଼ ନ ଥିବାରୁ ସେହି ଗୁଡ଼ ଯାଞ୍ଚ ହେଉନାହିଁ। ପୁଣି ଜିଲାରେ ଆଖୁ ଚାଷୀଙ୍କୁ ପ୍ରୋତ୍ସାହନ ନାହିଁ। ଯେଉଁମାନେ ଗୁଡ଼ ପ୍ରସ୍ତୁତ କରି ଜୀବିକା ବଞ୍ଚାଇ ରଖିଛନ୍ତି ସେମାନଙ୍କୁ ମଧ୍ୟ ସରକାରୀ ସହାୟତା ମିଳୁନାହିଁ। ଜିଆଇ ଟ୍ୟାଗ୍‌ର ମାନ୍ୟତା ମିଳିଲେ ଆମକୁ ଫାଇଦା ମିଳନ୍ତା ବୋଲି ଦଳବେହେରା କହିଛନ୍ତି। ବାରବାଟୀ ଗାଁର ଗୁଡ଼ ବ୍ୟବସାୟୀ ବିରଞ୍ଚି ନାରାୟଣ ସାହୁ କୁହନ୍ତି, ଆମ ଗୁଡ଼ ‘ମା ଗୁଡ଼’ ବ୍ରାଣ୍ଡରେ କଟକ, ଭୁବନେଶ୍ୱର, ପୁରୀ, ଗଞ୍ଜାମ ଜିଲା ଓ ଆଖପାଖ ଅଞ୍ଚଳରେ ବିକ୍ରି ହେଉଛି। ୧ କେଜି ଡବା ମୂଲ୍ୟ ୮୦ ଟଙ୍କା ଓ ୫୦୦ ଗ୍ରାମ ଡବା ୫୦ ଟଙ୍କାରେ ବିକ୍ରି ହେଉଛି। ସେହିପରି ଗୁଡ଼ରେ ପ୍ରସ୍ତୁତ ଖଜା ମଧ୍ୟ ବିକ୍ରି ହେଉଛି। ପୁଣି ଟିଣରେ ଗୁଡ଼ ଭର୍ତ୍ତିକରି ବିକ୍ରି କରାଯାଉଛି। ନୟାଗଡ଼ରୁ ଚାହିଦା ମୁତାବକ ଗୁଡ଼ ମିଳୁ ନ ଥିବାରୁ ବାହାର ରାଜ୍ୟରୁ ଗୁଡ଼ ଆଣିବାକୁ ପଡୁଛି। ଏହି ବ୍ୟବସାୟରେ ମୋର ବର୍ଷକୁ ଦେଢ଼ରୁ ଦୁଇ ଲକ୍ଷ ଟଙ୍କା ଲାଭ ହେଉଛି ବୋଲି ସେ ସୂଚନା ଦେଇଛନ୍ତି।

ନୟାଗଡ଼ ପାଣିପୋଇଲାସ୍ଥିତ ଆଖୁ ଗବେଷଣା କେନ୍ଦ୍ରର ବୈଜ୍ଞାନିକ ପ୍ରମୋଦ କୁମାର ନାୟକ କୁହନ୍ତି, ନୟାଗଡ଼ର ଆଖୁ ଉତ୍କୃଷ୍ଟ ଧରଣର। ଗୁଡ଼ ପ୍ରସ୍ତୁତି ବେଳେ ଚାଷୀ ଭେଣ୍ଡି ଗଛ ରସ ଓ ବାଦାମ ରସ ପକାଇ ମଇଳା ସଫା କରୁଛନ୍ତି। ଏଥିପାଇଁ କେମିକାଲ ବ୍ୟବହାର ହେଉନାହିଁ। ପାରମ୍ପରିକ ପଦ୍ଧତିରେ ଗୁଡ଼ ପ୍ରସ୍ତୁତ କରାଯାଉଥିବାରୁ ତାହା ସ୍ୱାଦିଷ୍ଟ ଲାଗୁଛି। ଏଥିପାଇଁ ନୟାଗଡ଼ ଗୁଡ଼କୁ ଜିଆଇ ଟ୍ୟାଗ୍‌ର ମାନ୍ୟତା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଅତିରିକ୍ତ ଜିଲା ମୁଖ୍ୟ କୃଷି ଅଧିକାରୀ ଲଲାଟେନ୍ଦୁ ମହାପାତ୍ର କୁହନ୍ତି, ନୟାଗଡ଼ ଜିଲା ଏକ କୃଷି ପ୍ରଧାନ ଅଞ୍ଚଳ। ମହାନଦୀ, କୁସୁମୀ, କୁଆଁରିଆଁ, ଡାହୁକା, ବୃତ୍ତଙ୍ଗ, ବାଘମାରୀ ପରି ନଦୀକୂଳିଆ ଅଞ୍ଚଳରେ ଆଖୁଚାଷ ହୋଇ ଆସୁଛି। ତେବେ ଚିନିକଳ ବନ୍ଦ ପରେ ଆଖୁ ଫସଲ ହ୍ରାସ ପାଇଛି। ଚିନିକଳ ବନ୍ଦ ପୂର୍ବରୁ ଜିଲାରେ ୬ ହଜାର ହେକ୍ଟର ଜମିରେ ଆଖୁ ଫସଲ ହେଉଥିଲା। ଏବେ ଜିଲାରେ ମାତ୍ର ୧୨୦୫ ହେକ୍ଟର ଜମିରେ ଆଖୁ ଚାଷ ହେଉଛି।

## ଅନ୍ଧାରରେ ଭାଷଣ ...

ଅଡିଟୋରିୟମରେ ଆୟୋଜିତ ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ମୁର୍ମୁ ଯୋଗଦେଇ ନିଜର ଦୀକ୍ଷାନ୍ତ ଅଭିଭାଷଣ ଆରମ୍ଭ କରିଥିଲେ। ଏହି ସମୟରେ ପୂର୍ବାହ୍ନ ୧୧ଟା ୫୬ରୁ ୧୨ଟା ୫ମିନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଯାଇଥିଲା। ଅଡିଟୋରିୟମ ସମ୍ପୂର୍ଣ୍ଣ ଅନ୍ଧାର ହୋଇଯାଇଥିଲା। ଭିତରେ ବସିଥିବା ଅତିଥି ଓ ଛାତ୍ରୀଛାତ୍ରମାନେ ପରସ୍ପରକୁ ଦେଖିପାରି ନ ଥିଲେ। ପୋଡିୟମ ଲାଇଟରେ ରାଷ୍ଟ୍ରପତିଙ୍କ କେବଳ ମୁହଁ ଦେଖାଯାଉଥିବା ବେଳେ ଅନ୍ୟ ସମସ୍ତେ ଅନ୍ଧାର ମଧ୍ୟରେ ବସି ରହିଥିଲେ। ରାଷ୍ଟ୍ରପତି ଅନ୍ଧାରକୁ ଖାତିର ନ କରି ଭାଷଣ ଜାରି ରଖିଥିଲେ। ‘ଅନ୍ଧାର ଯେତିକି ଆଲୁଅ ସେତିକି ଏହି ଯେ ଗହନ ବନ...’ ପଂକ୍ତି ଉଲ୍ଲେଖ କରି ଉଭୟ ଆଲୋକ ଓ ଅନ୍ଧାରକୁ ସମାନ ଭାବରେ ଗ୍ରହଣ କରିବା ଉଚିତ ବୋଲି କହିଥିଲେ। ଏପରି କି ବିଶ୍ୱବିଦ୍ୟାଳୟର ପ୍ରଶଂସା ସମୟରେ ବିଜୁଳିର ଲୁଚକାଳି ଖେଳକୁ ବିଦ୍ୟୁତ୍‌ର ଇର୍ଷା ବୋଲି ବକ୍ତବ୍ୟ ମାଧ୍ୟମରେ ପ୍ରକାଶ କରିଥିଲେ।

ତେବେ ଶକ୍ତି ବିଭାଗ ଏହାକୁ ଏକ ଅନିଚ୍ଛାକୃତ ତ୍ରୁଟି ବୋଲି କହି ଦୁଃଖ ପ୍ରକାଶ କରିଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ମଧ୍ୟ ଦୋଷ ସ୍ୱୀକାର କରିଛି। ଅପରପକ୍ଷରେ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମରେ ବିଦ୍ୟୁତ୍ ବିଭ୍ରାଟକୁ ସାଧାରଣ ଜନତା ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଘଟଣାର ତଦନ୍ତ କରି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେନ୍ଦ୍ରାଞ୍ଚଳ ଆରଡିସି ଡ. ସୁରେଶ ଚନ୍ଦ୍ର ଦଳେଇ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳ ବିନୀତ ଭରଦ୍ୱାଜ ବିଧିବଦ୍ଧ ଭାବେ ମୁଖ୍ୟ ଶାସନ ସଚିବଙ୍କୁ ଘଟଣା ସମ୍ପର୍କରେ ଅବଗତ କରିବା ସହ ତଦନ୍ତ ହେବ ବୋଲି କହିଛନ୍ତି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏହି ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଥିବା ବେଳେ ଯାହା କାର୍ଯ୍ୟାନୁଷ୍ଠାନ ହେବ ତାହାକୁ ସେ ଗ୍ରହଣ କରିବେ ଓ ଦରକାର ପଡ଼ିଲେ ତାଙ୍କ ପଦବୀରୁ ଇସ୍ତଫା ଦେଇଦେବେ ବୋଲି କହିଛନ୍ତି। କାର୍ଯ୍ୟରେ ଅବହେଳା ପାଇଁ ଦାୟିତ୍ୱରେ ଥିବା ବିଦ୍ୟୁତ୍ କର୍ମଚାରୀ ଜୟନ୍ତ କୁମାର ତ୍ରିପାଠୀଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ସ୍ନାତକୋତ୍ତର ବିଭାଗର ଅଧ୍ୟକ୍ଷ, କୁଳସଚିବ ଓ ଡେଭଲପ୍‌ମେଣ୍ଟ ଅଫିସରଙ୍କୁ ନେଇ ଏକ ୩ ଜଣିଆ କମିଟି ଗଠନ କରାଯାଇଛି। ଘଟଣାର ତଦନ୍ତ କରି କମିଟି ଆସନ୍ତା ୧୨ତାରିଖ ମଧ୍ୟରେ ରିପୋର୍ଟ ପ୍ରଦାନ କରିବା ପରେ ଏକ୍ସପର୍ଟଙ୍କ ଦ୍ୱାରା ତର୍ଜମା କରାଯାଇ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁଳପତି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ବିଦ୍ୟୁତ୍ ବିତରଣ ସଂସ୍ଥା ଟିପିଏନ୍‌ଓଡିଏଲ୍‌ର ସିଇଓ ଭାସ୍କର ସରକାର କହିଛନ୍ତି, ଟାଟା ପାୱାର ପକ୍ଷରୁ କୌଣସି ତ୍ରୁଟି କରାଯାଇନାହିଁ। ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ତ୍ରୁଟି ଯୋଗୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ସେ କହିଛନ୍ତି।

## ଖାର୍ଗେଙ୍କୁ ହତ୍ୟା ପାଇଁ ଭାଜପା ...

ଭାଜପା ନେତା ଯୋଜନା ଚଳାଇଥିବା ସୁର୍ଜେୱାଲା କହିଛନ୍ତି। ରାଠୋଡ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇଙ୍କର ସ୍ୱତନ୍ତ୍ର ଅନୁଗତ ବୋଲି ସୁର୍ଜେୱାଲା ଦାବି କରିଛନ୍ତି। ସେ କହିଛନ୍ତି, ମୁଁ ଜାଣେ ଏହି ଘଟଣାରେ ପ୍ରଧାନମନ୍ତ୍ରୀ, କର୍ଣ୍ଣାଟକ ପୋଲିସ ଏବଂ ନିର୍ବାଚନ କମିଶନ ନୀରବ ରହିବେ। ତେବେ କର୍ଣ୍ଣାଟକବାସୀ ଚୁପ୍ ରହିବେ ନାହିଁ। ସେମାନେ ଏହାର ଠିକଣା ଜବାବ ଦେବେ ବୋଲି ସୁର୍ଜେୱାଲା କହିଛନ୍ତି। ଅନ୍ୟପକ୍ଷରେ ଅଭିଯୋଗର ତଦନ୍ତ କରାଯିବ ଏବଂ ଆଇନ ତା’ ବାଟରେ ଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ରାଠୋଡ୍ ଅଭିଯୋଗ କରିଛନ୍ତି, କଂଗ୍ରେସ ନକଲି ଅଡିଓ କ୍ଲିପ୍ ପ୍ରସ୍ତୁତ କରି ତାଙ୍କୁ ବଦନାମ କରିବାକୁ ଉଦ୍ୟମ ଚଳାଇଛି। ଖାର୍ଗେ କିମ୍ବା ତାଙ୍କ ପରିବାରକୁ କୌଣସି କ୍ଷତି କରିବା ତାଙ୍କର ଉଦ୍ଦେଶ୍ୟ ନୁହେଁ। ରାଠୋଡ୍ ନିର୍ବାଚନରେ ନିଶ୍ଚିତ ଜିତିବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## ମଣିପୁର ହିଂସା: ମୃତ୍ୟୁ ...

ଲୋକଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ଆଶ୍ରୟସ୍ଥଳରେ ରଖାଯାଇଛି। ସେମାନଙ୍କ ମଧ୍ୟରୁ କେତେଜଣ ସେନା କ୍ୟାମ୍ପରେ ଆଶ୍ରୟ ନେଇଥିବା ପ୍ରତିରକ୍ଷା ମୁଖପାତ୍ର କହିଛନ୍ତି। ଚୁରାଚାନ୍ଦପୁର ସମେତ ମୋରେହ, କାକ୍‌ଚିଙ୍ଗ ଏବଂ କାଙ୍ଗପୋକ୍‌ପି ଜିଲା ସେନାର ଦୃଢ଼ ନିୟନ୍ତ୍ରଣରେ ରହିଛି। ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତିକୁ ଦୃଷ୍ଟିରେ ରଖି ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ରବିବାର ହେବାକୁ ଥିବା ମେଡିକାଲ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି-ୟୁଜିକୁ ସ୍ଥଗିତ ରଖିଛି। ମେଇତି ସମ୍ପ୍ରଦାୟକୁ ଅନୁସୂଚିତ ଜନଜାତି (ଏସ୍‌ଟି) ମାନ୍ୟତା ପ୍ରଦାନ ନେଇ ମଣିପୁର ହାଇକୋର୍ଟଙ୍କ ରାୟକୁ ବିରୋଧ କରି ବୁଧବାରଠାରୁ ହିଂସାତ୍ମକ ସଂଘର୍ଷ ଲାଗି ରହିଥିବାବେଳେ ରାଜ୍ୟରେ ସେନା ଏବଂ ଆସାମ ରାଇଫଲ୍ସରୁ ପାଖାପାଖି ୧୦,୦୦୦ ସୈନ୍ୟଙ୍କୁ ମୁତୟନ କରାଯାଇଛି। ମଣିପୁର ଜଳୁଥିବାବେଳେ ଶାନ୍ତିରକ୍ଷା ପାଇଁ ଧର୍ମମତ ନିର୍ବିଶେଷରେ ସବୁ ମହିଳା ଆଗେଇ ଆସିବାକୁ ଲୌହ ମାନବୀ ଇରମ ଶର୍ମିଳା ଚାନୁ ଆହ୍ୱାନ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ତାଙ୍କ ରାଜ୍ୟକୁ ଆସି ଜନସାଧାରଣଙ୍କ ସମସ୍ୟା ବୁଝି ସମାଧାନ କରନ୍ତୁ ବୋଲି ସେ ଅନୁରୋଧ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ମନକାରକ ଚନ୍ଦ୍ର ନୀଚଭାବସ୍ଥ ଯୋଗୁ ଅନ୍ୟମନସ୍କତା ସହ ବ୍ୟସ୍ତତା ମଧ୍ୟରେ ସମୟ କଟାଇବେ। ଯାତ୍ରା, ବାଣିଜ୍ୟ, ପରିବହନ, ସଙ୍ଗଠନ, ରାଜନୀତି ପାଇଁ ବହୁତ ଭଲ। ମାତ୍ର କର୍ମ କ୍ଷେତ୍ରରେ କେତେକ ବ୍ୟତିକ୍ରମ କାରଣରୁ ଟେନ୍‌ସନ ପିଛା ଛାଡ଼ିବ ନାହିଁ। କ୍ରୀଡ଼ା, ଚଳଚ୍ଚିତ୍ର, କଳା, ସାହିତ୍ୟ କ୍ଷେତ୍ରରେ ଅଗ୍ରଗତି ଦ୍ରୁତ ହେବ।

**ବୃଷ**
ସ୍ୱଗୃହୀ କର୍ମାଧିପତି ଯୋଗୁ ଆଜି ଦିନଟିରେ ପ୍ରତ୍ୟେକ କାର୍ଯ୍ୟ ସାମାନ୍ୟ ବିଳମ୍ବିତ ସମୟରେ ସଫଳତା ପ୍ରାପ୍ତ କରାଇବ। ସାମୂହିକ କାମରେ ବନ୍ଧୁଙ୍କ ପ୍ରଶଂସାସୂଚକ ବାକ୍ୟ ଭାବ ବିଭୋର କରାଇବ। ପରିବାରରେ ପିଲାମାନଙ୍କ ରୁଗ୍‌ଣ ସ୍ୱାସ୍ଥ୍ୟ ସକାଶେ ଚିନ୍ତିତ ରହିବେ। ଅବୁଝା ବ୍ୟକ୍ତିଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ କାମ ହାସଲ କରିବାକୁ ପଡ଼ିପାରେ।

**ମିଥୁନ**
ତୃତୀୟାଧିପ ଏକାଦଶସ୍ଥ ହୋଇ ଯୋଗକାରକ ହେତୁ ଅଭିଳଷିତ ଜିନିଷ ପ୍ରାପ୍ତିରେ ଅସୁବିଧା ରହିବ ନାହିଁ। ଟିକିଏ ହସ ମିଶ୍ରିତ ମଧୁର କଥା ସକାଶେ ଲକ୍ଷ୍ୟହୀନ ଭ୍ରମଣ ମଧ୍ୟ କରିପାରନ୍ତି। ପୁନର୍ବସୁ ନକ୍ଷତ୍ର ଦେବଗୁରୁଙ୍କ କୃପାରୁ ସଭା ସମିତିରେ ବୁଦ୍ଧିଜୀବୀଙ୍କ ଦ୍ୱାରା ସମ୍ମାନିତ ହେବେ। ଦୀର୍ଘ ଦିନର ଶତ୍ରୁତା ବିବାଦର କାରଣ ହୋଇପାରେ।

**କର୍କଟ**
ଏକାଧିକ ଗ୍ରହଜନିତ କର୍ମକ୍ଷେତ୍ରରେ ସ୍ୱ ଇଚ୍ଛାରେ ନିଜ ମୁଣ୍ଡ ଉପରକୁ ଦାୟିତ୍ୱ ନେଇ ପଶ୍ଚାତ୍ତାପ କରିବାକୁ ପଡ଼ିପାରେ। ପରିବାର ସକାଶେ ଦୂରଯାତ୍ରାରେ ଫେରିବା ବାଟରୁ ମୂଲ୍ୟବାନ୍ ଦ୍ରବ୍ୟ ଆଣିପାରନ୍ତି। ଅଶ୍ଳେଷା ନକ୍ଷତ୍ରର ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିପାରେ। ଆର୍ଥିକ ବାଣିଜ୍ୟ, ବ୍ୟବସାୟରେ ଲାଭ ମିଳିବ।

**ସିଂହ**
ରାଶି ପ୍ରତି ଶନିଙ୍କ ଦୃଷ୍ଟି କାରଣରୁ ସ୍ୱାସ୍ଥ୍ୟହାନିଜନିତ ସାମୟିକ ମନ ମାନ୍ଦା ରହିଲେ ମଧ୍ୟ ବନ୍ଧୁଙ୍କ ଆଶ୍ୱାସନାରୁ ମନ ବଦଳିଯିବ। ବିରୋଧୀ ବ୍ୟକ୍ତିଟି ଦୋଷାରୋପ କରି ସମସ୍ୟା ବଢ଼ାଇ ଦେବେ। ବନ୍ଧୁଙ୍କ ନିକଟରୁ ଆବଶ୍ୟକତାଠାରୁ ଅଧିକ ଟଙ୍କା ପାଇ ଖୁସି ହେବେ। ସହକର୍ମୀମାନେ ଅସହଯୋଗ ମନୋଭାବ ପୋଷଣ କରିବେ।

**କନ୍ୟା**
ଆଜି କର୍ମକ୍ଷେତ୍ରରେ ଚାଲାକ୍ କାମ କରି ସମସ୍ୟାକୁ ସୁଧାରି ନେବେ। ବୃହସ୍ପତି ବ୍ୟୟାଧିପ ଦୃଷ୍ଟିରେ ଥିବାରୁ ପୁରାତନ ଗାଡ଼ିଟି ବିକ୍ରି ହୋଇଯିବା ହେତୁ ଚିନ୍ତିତ ହୋଇପାରନ୍ତି। ସାମାଜିକ କ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ସାଧାରଣ କଥାରେ ବିତର୍କ ଜନିତ ପଡ଼ୋଶୀଙ୍କ ସହ ସମ୍ପର୍କ ହାନି ଯୋଗୁ ବିରସ ମନରେ ରହିବେ।

**ତୁଳା**
ମଙ୍ଗଳ ସ୍ୱଭାବରୁ ଦୁଃସ୍ଥାନସ୍ଥ ଯୋଗୁ ଅସୁବିଧାକୁ ପ୍ରକାଶ ନ କରି ମାନସିକ କଷ୍ଟ ପାଇବେ। ପାରିବାରିକ ଜୀବନ, ରାଜନୈତିକ ସ୍ଥିତି ଓ ଆନୁଷ୍ଠାନିକ କାମରେ ପ୍ରଗତି ହେତୁ ଖୁସି ରହିବେ। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ି ବଢ଼ି ଯିବ, କିନ୍ତୁ ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କର୍ମମୁଖର ହେବେ। ଚିତ୍ରା ନକ୍ଷତ୍ର ନିଜ ପରିସରରେ ପ୍ରତିଷ୍ଠିତ ହେବେ।

**ବିଛା**
ଶନିଙ୍କ ପ୍ରଭାବରେ ସମ୍ପର୍କୀୟଙ୍କ ଭଲ କରିବାକୁ ଯାଇ ନିଜେ କ୍ଷତିରେ ପଡ଼ିବେ। ବର୍ତ୍ତମାନ ପରିସ୍ଥିତିରେ ଅନ୍ୟମାନଙ୍କ ସହ ସାଲିସ୍ କରି ଚଳିବା ଠିକ୍ ହେବ। ଆୟ ବହୁମୁଖୀ ହେବ, କିନ୍ତୁ ଖର୍ଚ୍ଚ ମଧ୍ୟ କିଛି କମିବାର ନାହିଁ। ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବା ସହ ବୌଦ୍ଧିକ ବିକାଶରୁ ବୁଦ୍ଧିଜୀବୀମାନଙ୍କ ପ୍ରଶଂସାଭାଜନ ହେବେ।

**ଧନୁ**
ମାନସିକ ଅସ୍ଥିରତା ଓ ଅସଂଯମ ଜୀବନଚର୍ଯ୍ୟାରୁ ଅନ୍ୟମନସ୍କ କିମ୍ବା ଅସାବଧାନତା ଜନିତ ସମସ୍ୟାଗ୍ରସ୍ତ ହେବେ। ସ୍ୱାର୍ଥ ସାଧନ ପରିପ୍ରେକ୍ଷୀରେ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ହଜି ଯାଇଥିବା ବନ୍ଧୁଙ୍କ ଖୋଜ ଖବର ପାଇପାରନ୍ତି। ଉତ୍ତରାଷାଢ଼ା ନକ୍ଷତ୍ର ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ ହେବ।

**ମକର**
ମୁଖ୍ୟ ଭାବରେ ଶନି ହେତୁ ସମସ୍ୟା ଓ ପ୍ରତିବନ୍ଧକକୁ ନୀରବଦ୍ରଷ୍ଟା ଭାବରେ ଅତିକ୍ରମ ଚିନ୍ତା କରିପାରନ୍ତି। ସତ୍‌ସଙ୍ଗ, ସଭାସମିତିରେ ବକ୍ତୃତା, ପ୍ରବଚନ, ଆନୁଷ୍ଠାନିକ କାମ ଓ ପ୍ରତିଯୋଗିତାରେ ସଫଳତା ପାଇବେ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିଲେ ମଧ୍ୟ କିଛି ଅସୁବିଧା ହେବ ନାହିଁ।

**କୁମ୍ଭ**
ଆଜି କୋଣଭାବସ୍ଥ ଶୁକ୍ରଙ୍କ ସୁପ୍ରଭାବରୁ ଯେଉଁ କାମରେ ହାତ ଦେବେ ସଫଳତା ମିଳିବ। ଉତ୍ତର ଭାଦ୍ରବ ନକ୍ଷତ୍ର ସତର୍କରେ ନ ଚଳିଲେ ବିଭିନ୍ନ ସମସ୍ୟାର ସାମ୍ନା କରିବାକୁ ପଡ଼ିପାରେ। ସାନ୍ଧ୍ୟ ଭ୍ରମଣର ଜନଗହଳିପୂର୍ଣ୍ଣ ପରିବେଶରେ ପାଟିତୁଣ୍ଡ ହୋଇପାରନ୍ତି। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ।

**ମୀନ**
ଶୁକ୍ର ଓ ମଙ୍ଗଳଙ୍କ ସ୍ଥିତିରୁ ବନ୍ଧୁଙ୍କ ନିମନ୍ତ୍ରଣ ପାଇ ହଠାତ୍ ଜରୁରୀ କାମରେ ବାହାରକୁ ଯିବାକୁ ପଡ଼ିପାରେ। ଆଲୋଚନା, ସମାଲୋଚନା, ବିତର୍କ, ପ୍ରଶାସନ, ରାଜନୀତି, ସଂଗଠନ କ୍ଷେତ୍ରରୁ ସୁଫଳ ମିଳିବ। ଘରର ବରାଦ ଅନୁସାରେ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ପରିସ୍ଥିତି ପ୍ରତି ସଚେତନ ନ ହୋଇ କାମ କଲେ ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି।

ଆଜି ଜ୍ୟେଷ୍ଠ କୃଷ୍ଣ ଦ୍ୱିତୀୟା ରବିବାର, ମେ’ ୭ ତାରିଖ, ବିଶ୍ୱ ହାସ୍ୟଦିବସ, (ମେ’ ମାସର ପ୍ରଥମ ରବିବାର) ରାଶି ନକ୍ଷତ୍ର- ଅନୁରାଧା/ବିଛା, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୧୮ ଗତେ ଘ.୦୯।୩୫ ମଧ୍ୟେ, ଘ.୦୧।୧୯ ଗତେ ଘ.୦୧।୫୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୩୨ ଗତେ ଘ.୦୬।୦୮ ମଧ୍ୟେ ରାହୁକାଳ।

ଧରିତ୍ରୀ DHARITRI
ଭୁବନେଶ୍ୱର, ରବିବାର, ୭ ମେ, ୨୦୨୩

**୮୬୮ ବୋତଲ କଫ୍ ସିରପ ଜବତ**

ରେଢାଖୋଲ: ଅନୁଗୋଳରୁ ସମ୍ବଲପୁର ଚାଲାଣ ହେଉଥିବା ୮୬୮ ବୋତଲ କଫ୍ ସିରପକୁ ରେଢାଖୋଲ ପୋଲିସ ଶନିବାର ୫୫ନଂ. ଜାତୀୟ ରାଜପଥର ଦଲଖମଣ ନିକଟରୁ ଜବତ କରିଛି। ୩ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବା ସହ ବ୍ୟବହୃତ ବୋଲେରୋ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସମ୍ବଲପୁର ଅଇଁଠାପାଲି ଥାନା ଅଧୀନ ଦାନିପାଲିର ନାଗେଶ୍ୱର ରୋହିଦାସ (୨୪), ଡେଙ୍ଗସରଗିର ଦିପକ ଖଡିଆ (୨୩) ଓ ଅନୁଗୋଳ ଜିଲା କୁଣ୍ଡେଇଗୋଳା ଥାନା ଖଇରପାଲିର ଟିକନୁ ନାଏକ (୨୨)। ଏ ନେଇ ରେଢାଖୋଲ ଥାନାରେ କେସ୍ ନଂ.୧୧୫/୨୩ରେ ମାମଲା ରୁଜୁ କରି ପୋଲିସ ସେମାନଙ୍କୁ କୋର୍ଟ ଚାଲାଣ କରିଛି।



# ପାହାଡ଼ ଶୀର୍ଷକୁ ଚଢ଼ିପାରୁନି ବିକାଶ


ନଗଡ଼ା ଡାହାଣ ପାର୍ଶ୍ୱରେ ଥିବା ଗୁହିଆଶାଳ ଗ୍ରାମ।


ନଗଡ଼ା ବାମ ପାର୍ଶ୍ୱରେ ଥିବା ତୁମୁଣି ଗାଁ।

■ ନଗଡ଼ା ବାମ, ଡାହାଣ ପାର୍ଶ୍ୱ ଅବହେଳିତ
■ ରାସ୍ତା ନାହିଁ, ଜଙ୍ଗଲ ବିଭାଗ ଅନୁମତିକୁ ଅପେକ୍ଷା

ଯାଜପୁର ଅଫିସ/କାଳିଆପାଣି(ଡି.ଏନ.ଏ.),୬।୫

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଟିଙ୍ଗୁଡ଼ିପାଳ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ତୁମୁଣି ଏବଂ ନାଳିଆଡାବ ଗ୍ରାମବାସୀଙ୍କ ଜୀବନ ଧାରଣର ମାନ ଏବେ ବି ବହୁ ପଛରେ ପଡ଼ିଛି। ଏହି ଦୁଇ ଗ୍ରାମକୁ ରାସ୍ତା ନାହିଁ। ଶିଶୁ ମୃତ୍ୟୁ ଘଟଣା ପରେ ନଗଡ଼ା ଗ୍ରାମକୁ ଫୋକସ କରାଯାଇଛି ସତ ହେଲେ ଏହାର ଡାହାଣ ଏବଂ ବାମପାର୍ଶ୍ୱ ଅଞ୍ଚଳ ଅବହେଳିତ ଅବସ୍ଥାରେ ରହିଛି। ଏଥିରୁ ରତ୍ନଗର୍ଭା ସୁକିନ୍ଦା ଅଞ୍ଚଳରେ ବିକାଶ ପାଇଁ ନୁହେଁ କ୍ଷମତା ଲାଗି ଲଢେଇ ଚାଲିଥିବା ସ୍ପଷ୍ଟ ମନେହେଉଛି। ସରକାରୀ ଏବଂ ରାଜନୈତିକସ୍ତରରେ ନିଜର ବାହାସ୍ଫୋଟ ମାରିବା ପାଇଁ କେବଳ ନଗଡ଼ାକୁ କେନ୍ଦ୍ରୀଭୂତ କରି ପାର୍ଶ୍ୱ ଅଞ୍ଚଳ ପ୍ରତି ଆଖି ବୁଜିଦେବା ବିକାଶ ପ୍ରତି ଅଣଦେଖା ବୋଲି ମତପ୍ରକାଶ ପାଇଛି। ବିକାଶ ହେଲେ କେତେଜଣ ପ୍ରଭାବଶାଳୀ ରାଜନେତାଙ୍କ ପାଇଁ ବିପଦ ହୋଇପାରେ ବୋଲି ଏଭଳି ଜାଣିଶୁଣି ଅବହେଳା କରାଯାଉଥିବା ସାଧାରଣରେ ସନ୍ଦେହ କରାଯାଉଛି। ଏହି କ୍ରମରେ ନଗଡ଼ା ପାହାଡ଼ ଶୀର୍ଷକୁ ବିକାଶ କେବେ ଚଢ଼ିପାରିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ପୁଷ୍ଟିହୀନତାର ଶିକାର ହୋଇ ନଗଡ଼ା ଶିଶୁ ମୃତ୍ୟୁ ଘଟଣାକୁ ପ୍ରାୟ ୭ ବର୍ଷ ଅତିକ୍ରାନ୍ତ ହୋଇଛି। ଏନେଇ ବଦନାମ ମୁଣ୍ଡାଇଥିବା ରାଜ୍ୟ ସରକାରଙ୍କ ବହୁସୂତ୍ରୀ କାର୍ଯ୍ୟକ୍ରମ ଏଯାଏ ସଫଳ ହୋଇପାରିନାହିଁ। ନଗଡ଼ା ରାଜସ୍ୱ ମୌଜାର ସାମଗ୍ରିକ ବିକାଶ ନିମନ୍ତେ ପ୍ରାୟ ୧୩ କୋଟି ଟଙ୍କା ଖର୍ଚ୍ଚ କରି ପାହାଡ଼ ଚିରି ରାସ୍ତା ନିର୍ମାଣ ହୋଇଛି। ଏହାପରେ ସେଠାରେ ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପାନୀୟ ଜଳ, ସାଧାରଣ ବଣ୍ଟନ ବ୍ୟବସ୍ଥା ଆଦି କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଛି। କେବଳ ଶିକ୍ଷା କ୍ଷେତ୍ରରେ ନୂତନ ପ୍ରାଥମିକ ସ୍କୁଲ ନିର୍ମାଣରେ ୧୩ ଲକ୍ଷ ୫୦ ହଜାର ଟଙ୍କା, ଅଙ୍ଗନୱାଡ଼ି କେନ୍ଦ୍ର ପାଇଁ ୪ ଲକ୍ଷ ୭୮ ହଜାର ଟଙ୍କା, କିଚେନ ଶେଡ୍ ନିମନ୍ତେ ୧ ଲକ୍ଷ ଟଙ୍କା ଏବଂ ଶୌଚାଳୟ ପାଇଁ ୩ ଲକ୍ଷ ୨୦ ହଜାର ଟଙ୍କା ସମଗ୍ର ଶିକ୍ଷା ମାଧ୍ୟମରେ ଖର୍ଚ୍ଚ କରାଯାଇଛି। ଏହିସବୁ ସ୍କୁଲ ଏବଂ ଅଙ୍ଗନୱାଡ଼ି କେନ୍ଦ୍ରକୁ ନଗଡ଼ା ଗ୍ରାମର ଛାତ୍ରୀଛାତ୍ର ଆସି ଅଧ୍ୟୟନ କରୁଛନ୍ତି। କିନ୍ତୁ ନଗଡ଼ାଠାରୁ ୨.୭୦୦ କି.ମି. ଦୂର ବାମପାର୍ଶ୍ୱରେ ଥିବା ତୁମୁଣି ଗ୍ରାମକୁ ଏଯାଏ ରାସ୍ତା ନିର୍ମାଣ ହୋଇପାରିନାହିଁ। ତୁମୁଣି ଗାଁଟି ପାହାଡ଼ ଶିଖରର ସମତଳ ଭୂମିରେ ରହିଛି। ପାହାଡ଼ ଉପରେ ନିଜ ପରିବାର ଚଳାଇବା ପାଇଁ ଗ୍ରାମବାସୀ ଜଙ୍ଗଲରୁ ଫଳମୂଳ, ମହୁ ସଂଗ୍ରହ କରି ସାପ୍ତାହିକ ହାଟରେ ବିକ୍ରି କରି କିରୋସିନ ଓ ଲୁଣ କିଣି ଆଣନ୍ତି। ରାଶନ ନେବାକୁ ଟିଙ୍ଗୁଡିପାଳ କିମ୍ବା ନାଳିଆଡାବାକୁ ଆସିବାକୁ ପଡେ। ଏହି ଗ୍ରାମବାସୀଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅପହଞ୍ଚ ହୋଇଛି। ଏବେ ବି ମାତୃ ମୃତ୍ୟୁହାର ଓ ଶିଶୁ ଅପପୁଷ୍ଟିରେ ଲଗାମ ଲାଗି ପାରିନାହିଁ। ସ୍ୱାସ୍ଥ୍ୟ କର୍ମୀମାନେ ନଗଡ଼ାରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଥିବା ବେଳେ ରାସ୍ତା ନ ଥିବା ବାହାନା କରି ତୁମୁଣି ଗାଁକୁ ଯାଉନାହାନ୍ତି। ପାହାଡ଼ କଡରେ ବଡବଡ ପଥର ଉପରେ ପାଦ ଚଲା ରାସ୍ତା ରହିଛି। ତେଣୁ ସରକାରୀ କର୍ମଚାରୀମାନେ ସେଠାକୁ ଯିବାକୁ ଅମଙ୍ଗ ହେଉଛନ୍ତି। ତୁମୁଣି ଗାଁ ଲୋକମାନେ ଲୁଣ ଟିକେ କିଣିବାକୁ ହେଲେ ଗୋଟିଏ ଦିନରେ ଘରକୁ ଫେରିପାରନ୍ତି ନାହିଁ। ପାହାଡ଼ ରାସ୍ତା ଦେଇ ଯିବା ସମୟରେ ବନ୍ୟଜନ୍ତୁ ଭୟ ଲାଗି ରହିଥାଏ। ଅଧିକାଂଶ ସମୟରେ ଏକାଧିକ ବ୍ୟକ୍ତି ଭାଲୁ ଆକ୍ରମଣରେ ମରିଥିବା ନଜିର ରହିଛି। ପ୍ରାୟ ୨୫ ଘର ବସବାସ କରୁଥିବା ଏହି ତୁମୁଣି ଗାଁରେ ବିଜୁଳି ଆଲୁଅ ସ୍ୱପ୍ନ। ୨୦୧୭ରେ ସେଠାରେ ଏକ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ହୋଇଥିଲା। ହେଲେ ତାହା ଆଜି ଭାଙ୍ଗିରୁଜି ଗଲାଣି। ଅନୁରୂପ ପରିସ୍ଥିତି ଦେଖାଦେଇଛି ନଗଡ଼ା ଡାହାଣ ପାର୍ଶ୍ୱ ୩ କି.ମି. ଦୂରବର୍ତ୍ତୀ ଗୁହିଆଶାଳ ଗ୍ରାମରେ। ସେଠାରେ ପ୍ରାୟ ୪୦ ପରିବାର ବସବାସ କରୁଥିବାବେଳେ ତୁମୁଣି ଭଳି ସରକାରୀ ଅବହେଳା ଜଳଜଳ ହୋଇ ଦିଶୁଛି। ସରକାରଙ୍କ ବହୁସୂତ୍ରୀ କାର୍ଯ୍ୟକ୍ରମ ସେଠାରେ କେବଳ କାଗଜକଲମରେ ସୀମିତ ରହିଛି।

ଦୁର୍ବଳ ନେତୃତ୍ୱ, ଠିକାଦାରି ରାଜନୀତି ସେଠାକାର ବିକାଶର ଧାରାକୁ ପଛକୁ ପକାଇ ଦେଇଥିବା ସାଧାରଣରେ ଆଲୋଚନା ହେଉଛି। ଏହି ଅଞ୍ଚଳର ଅଧିବାସୀ ଶିକ୍ଷିତ ହେଲେ କେତେଜଣ ରାଜନେତାଙ୍କ ପାଇଁ ବିପଦ ହୋଇପାରେ ବୋଲି ସନ୍ଦେହ କରି ସବୁଦିନ ଲାଗି ଅପାଠୁଆ ରୁହନ୍ତୁ ବୋଲି ଏଭଳି ଚକ୍ରାନ୍ତ କରାଯାଉଛି ବୋଲି ସାଧାରଣରେ ଆଲୋଚନା ହେଉଛି। ସୁକିନ୍ଦା ନିର୍ବାଚନ ମଣ୍ଡଳୀରୁ ବିଭିନ୍ନ ସମୟରେ ପ୍ରତିନିଧିତ୍ୱ କରୁଥିବା ରାଜନେତାଙ୍କ ଦୁର୍ବଳ ନେତୃତ୍ୱ ତୁମୁଣି ଏବଂ ଗୁହିଆଶାଳରେ ସ୍ପଷ୍ଟ ପ୍ରତିଫଳିତ ହେଉଛି। ସେଠାରେ ବସବାସ କରୁଥିବା ସରଳ, ନିରୀହ ଜୁଆଙ୍ଗ ଆଦିବାସୀଙ୍କ ମାନବ ଅଧିକାରକୁ କ୍ଷୁର୍ଣ୍ଣ କରାଯାଇଛି ବୋଲି ମତପ୍ରକାଶ ପାଇଛି। ଜଙ୍ଗଲ, ଜମି, ଜଳକୁ ନଷ୍ଟ କରି ଖଣି କମ୍ପାନୀମାନେ ଗତ ୭ ଦଶନ୍ଧି ହେଲା ଅନେକ କୋଟି ଟଙ୍କା ଲାଭ କରି ଆସୁଛନ୍ତି। ହେଲେ ପରୋକ୍ଷରେ ସେମାନଙ୍କ ସାମାଜିକ ଦାୟିତ୍ୱବୋଧ କ'ଣ ରହିଛି କମ୍ପାନୀ କର୍ତ୍ତୃପକ୍ଷ ତାହା ଭୁଲି ଯାଇଛନ୍ତି। ଏହାକୁ ହୃଦୟଙ୍ଗମ କରି ସରକାର ଜିଲା ଖଣିଜ ପଦାର୍ଥ ପ୍ରତିଷ୍ଠାନ (ଡିଏମ୍ଏଫ୍) ପାଣ୍ଠି ଗଠନ କରିଛନ୍ତି। ତେବେ ଏହି ପାଣ୍ଠିର ବିନିଯୋଗ ମଧ୍ୟ ଠିକ୍ ଭାବେ ହେଉ ନ ଥିବାରୁ ଏବେ ବି ତୁମୁଣି ଏବଂ ଗୁହିଆଶାଳ ଗ୍ରାମକୁ ବିକାଶ ପାହାଡ଼ ଚଢ଼ିପାରୁନି ବୋଲି ଚର୍ଚ୍ଚା ହେଉଛି। ସୁକିନ୍ଦା ଅଞ୍ଚଳର ସାମାଜିକ କର୍ମୀ ସୁକାନ୍ତି ମହାନ୍ତ, ଲମ୍ବୋଦର ମହାନ୍ତ, ଗୀତାଞ୍ଜଳି ମହାନ୍ତ କୁହନ୍ତି, ତୁମୁଣି ଏବଂ ଗୁହିଆଶାଳକୁ ରାସ୍ତା ନିର୍ମାଣ ପାଇଁ ଦାବି ହେଉଥିଲେ ହେଁ ସରକାର ଶୁଣୁନାହାନ୍ତି। ତେଣୁ ଏବେ ବି ସେଠାରେ ଅପପୁଷ୍ଟି ଦେଖାଯିବା ସହ ପିଲାମାନେ ଅପାଠୁଆ ରହୁଛନ୍ତି। ନଗଡ଼ାରେ ମଧ୍ୟ ସେତେଟା ବିକାଶ ଏଯାଏ ହୋଇପାରିନାହିଁ।

ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋରଙ୍କୁ ପଚାରିବାରୁ ସେ କହିଛନ୍ତି, ତୁମୁଣି ଓ ଗୁହିଆଶାଳ ଗ୍ରାମକୁ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ହୋଇସାରିଛି। ଜଙ୍ଗଲ ବିଭାଗର ଅନୁମତି ମିଳିଲେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ପାଣି, ଅଙ୍ଗନୱାଡ଼ି କେନ୍ଦ୍ର ଆଦି କ୍ଷେତ୍ରରେ ବିକାଶ ହେଉଛି।

## ୮ରୁ ଓଜେଇଇ, ୧୫ ଯାଏ ଚାଲିବ

ଭୁବନେଶ୍ୱର,୬।୫(ବ୍ୟୁରୋ)

ଆସନ୍ତା ୮ ତାରିଖ ସୋମବାରଠାରୁ ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ଆରମ୍ଭ ହେବ। ଏଥିପାଇଁ ଓଜେଇ ପକ୍ଷରୁ ପରୀକ୍ଷା ସୂଚୀ ପ୍ରକାଶ ପାଇଛି। ଦୈନିକ ୩ଟି ପର୍ଯ୍ୟାୟରେ ସିବିଟି ମାଧ୍ୟମରେ ପରୀକ୍ଷା ହେବ। ପରୀକ୍ଷା ଅବଧି ଦୁଇଘଣ୍ଟା ରହିବ। ସକାଳ ୯ରୁ ୧୧ ପ୍ରଥମ ପର୍ଯ୍ୟାୟ, ୧୨ଟା ୩୦ରୁ ଅପରାହ୍ନ ୨ଟା ୩୦ ଦ୍ୱିତୀୟ ପର୍ଯ୍ୟାୟ ଓ ଅପରାହ୍ନ ସାଢ଼େ ୪ରୁ ସାଢ଼େ ୬ ତୃତୀୟ ପର୍ଯ୍ୟାୟ ରହିବ। ପ୍ରଥମ ଦିନରେ ଲାଟେରାଲ ଡିପ୍ଲୋମା ଛାତ୍ରଛାତ୍ରୀଙ୍କ ପରୀକ୍ଷା ଅନୁଷ୍ଠିତ ହେବାକୁଥିବାବେଳେ ଦ୍ୱିତୀୟ ଦିନ ଏମ୍‌ସିଏ ଓ ଏମ୍‌ଟେକ ଏଣ୍ଟ୍ରାନ୍ସ ଅନୁଷ୍ଠିତ ହେବ। ପର୍ଯ୍ୟାୟକ୍ରମେ ଅନ୍ୟାନ୍ୟ ବର୍ଗରେ ନାମଲେଖା ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇ ୧୫ ତାରିଖରେ ଶେଷ ହେବ। ୨୩ଟି ପାଠ୍ୟକ୍ରମରେ ୫୫,୯୭୯ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଏଥିପାଇଁ ରାଜ୍ୟର ୩୦ଟି ସ୍ଥାନରେ ୪୪ଟି ସେଣ୍ଟର ଓ ରାଜ୍ୟ ବାହାରେ ୩ଟି ସ୍ଥାନରେ ୩ଟି ସେଣ୍ଟର କରାଯାଇଛି।

## ଅଭିଯୁକ୍ତଙ୍କୁ ଧରିବାକୁ ଯାଇଥିବା ପୋଲିସକୁ ସଂଘବଦ୍ଧ ଆକ୍ରମଣ

■ ୨ ମହିଳା ପୋଲିସ ଅଧିକାରୀ ଆହତ
■ ୫ ଅଭିଯୁକ୍ତ ଗିରଫ

ତିର୍ତ୍ତୋଲ,୬।୫(ଡି.ଏନ.ଏ.)

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଗରେଇ ପଞ୍ଚାୟତ ଅନ୍ତର୍ଗତ ଶିରୋଳ ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଅଭିଯୁକ୍ତଙ୍କୁ ଧରିବାକୁ ଯାଇଥିବା ପୋଲିସକୁ ସଂଘବଦ୍ଧ ଆକ୍ରମଣ କରାଯାଇଛି। ଏଥିରେ ୨ ମହିଳା ପୋଲିସ ଅଧିକାରୀ ଆହତ ହୋଇଛନ୍ତି। ଆହତ ଏସ୍ଆଇ ନିଲମ ସୋରେନ ଏବଂ ଏଏସ୍ଆଇ ସୁଷମା ମୁଦୁଲିଙ୍କୁ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମୁଦୁଲିଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ପୋଲିସ ମାମଲା (ନଂ.୨୧୭/୨୩)ରୁଜୁ କରି ଶନିବାର ଅଭିଯୁକ୍ତ ଦେବାଶିଷ ବାରିକ, ଦୀପକ ବାରିକ, ଭାଗବତ ବାରିକ, ପ୍ରସନ୍ନ ବାରିକ ଓ ଅଲେଖ ବାହାଲିଆଙ୍କୁ କୋର୍ଟ ଚାଲାଣ କରିଛି।


କଟକ ବଡ଼ ଡାକ୍ତରଖାନାରେ ଏଏସ୍ଆଇ ସୁଷମା ମୁଦୁଲି ଚିକିତ୍ସିତ ହେଉଛନ୍ତି।

ଗ୍ରାମର ଶ୍ମଶାନ ରାସ୍ତା ତିଆରି ପାଇଁ ଲୋକେ ଦାବି କରିବା ପରେ ଏପ୍ରିଲ ୬ରେ ତହସିଲ କାର୍ଯ୍ୟାଳୟର ଅମିନ ଆସି ମାପଚୁପ କରିଥିଲେ। ଅଶୋକ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ କରାଯାଇଥିଲା। ରାସ୍ତା ସଂଲଗ୍ନ ଏକ ସରକାରୀ ଜମିରେ ପ୍ରସନ୍ନ ଲେଙ୍କା ଚାଷକାର୍ଯ୍ୟ କରୁଥିଲେ। ମାପବେଳେ ଉକ୍ତ ଜମି ଶ୍ମଶାନ ରାସ୍ତାରେ ଚିହ୍ନଟ ହୋଇଥିଲା। ଏନେଇ ପ୍ରସନ୍ନ ପ୍ରତିକ୍ରିୟାଶୀଳ ହୋଇ ସେ ଏବଂ ତାଙ୍କ ପୁଅ ଅନିଲ ମିଶି ଅଶୋକଙ୍କୁ ଆକ୍ରମଣ କରିଥିଲେ। ଅଶୋକଙ୍କ ପରିବାର ଥାନାରେ ଏତଲା ଦେଇଥିବାବେଳେ କେତେଜଣ ଲୋକ ଅଭିଯୁକ୍ତଙ୍କ ଘରେ ଭଙ୍ଗାରୁଜା ଓ ଜଳାପୋଡା କରିଥିଲେ। ଘଟଣା ପରଠୁ ଅଭିଯୁକ୍ତମାନେ ଫେରାର ଥିଲେ।

# ରଥଯାତ୍ରା ପୂର୍ବରୁ ସମସ୍ତ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ


୫-ଟି ସଚିବ ଭି.କେ.ପାଣ୍ଡିଆନ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବୁଲି କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରୁଛନ୍ତି।

୫-ଟି ସଚିବଙ୍କ ବିଭିନ୍ନ ପ୍ରକଳ୍ପର ସମୀକ୍ଷା

ପୁରୀ ଅଫିସ,୬।୫

ପୁରୀ ସହରକୁ ବିଶ୍ୱସ୍ତରୀୟ ସହରରେ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଚାଲିଛି। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ସମ୍ପନ୍ନ କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ଅନେକ ସମୟରେ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରୁଛନ୍ତି। ଅଧିକାଂଶ ସମୟ ଯଥା ପ୍ରତି ଶନିବାର ୫-ଟି ସଚିବ ଭି.କେ.ପାଣ୍ଡିଆନ ପୁରୀ ଆସି କାର୍ଯ୍ୟର ସମୀକ୍ଷା କରିଥାନ୍ତି। ଏହି ପରିପ୍ରେକ୍ଷୀରେ ସକାଳେ ୫-ଟି ସଚିବ ପାଣ୍ଡିଆନ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ପୁରୀରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପାଣ୍ଡିଆନ ପ୍ରଥମେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ପରେ ଶ୍ରୀମନ୍ଦିର ଚାରିପାଖରେ ଚାଲିଥିବା ପରିକ୍ରମା ମାର୍ଗ କାର୍ଯ୍ୟର ସମୀକ୍ଷା କରିଥିଲେ। ସରକାରଙ୍କ ପକ୍ଷରୁ ଦିଆଯାଇଥିବା ଟାର୍ଗେଟ ଅନୁଯାୟୀ କାର୍ଯ୍ୟ ଠିକ୍ ଭାବରେ ଜାରି ରହିଥିବାରୁ ସନ୍ତୋଷ ବ୍ୟକ୍ତ କରିଥିଲେ। ସେହିପରି ରଥଯାତ୍ରା ପୂର୍ବରୁ ଯେପରି କାର୍ଯ୍ୟ ସରିବ ସେନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସେହିଭଳି ମହାପ୍ରଭୁଙ୍କ ରଥଯାତ୍ରା ସମୟରେ ଲକ୍ଷାଧିକ ଭକ୍ତ ପୁରୀକୁ ଆସିବେ। ତେଣୁ ଭକ୍ତମାନଙ୍କର ଯେପଥି ଅସୁବିଧା ନ ହୁଏ ସେଥିପାଇଁ ପରାମର୍ଶ ଦେଇଥିଲେ। ରାସ୍ତାଗୁଡିକ ଯେପରି ଠିକ୍ ଭାବେ ନିର୍ମାଣ କରାଯିବ ଓ ରାସ୍ତାର କୌଣସି ସ୍ଥାନରେ ଖାଲ ନ ରହିବ ସେଥିପ୍ରତି ଧ୍ୟାନ ଦେବକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପୁରୀରେ ଚାଲିଥିବା ଶ୍ରୀସେତୁ ପ୍ରକଳ୍ପ କାର୍ଯ୍ୟର ମଧ୍ୟ ସମୀକ୍ଷା କରିବା ସହ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ନିର୍ମାଣ କାର୍ଯ୍ୟର ନକ୍ସା ବିଭାଗୀୟ ଅଧିକାରୀମାନେ ପାଣ୍ଡିଆନଙ୍କୁ ଦେଖାଇଥିଲେ। ଏ ସମସ୍ତ କାର୍ଯ୍ୟକୁ ୫-ଟି ସଚିବ ପାଣ୍ଡିଆନ ପରିଦର୍ଶନ କରି ଆବଶ୍ୟକ ନିର୍ଦ୍ଦେଶ ଦେଇଛନ୍ତି। ସମୀକ୍ଷା ସମୟରେ ଜିଲାପାଳ ସମର୍ଥ ବର୍ମା, ଉପଜିଲାପାଳ ଭବତାରଣ ସାହୁ, ଓବିସିସିର ନିର୍ବାହୀ ଯନ୍ତ୍ରୀ ଓ ଅନ୍ୟାନ୍ୟ ଅଧିକାରୀ, ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

# ଜେଲରୁ ଆସି ବାପାଙ୍କୁ କାନ୍ଧଦେଲେ

■ ସାମ୍ପ୍ରଦାୟିକ ଦଙ୍ଗା ମାମଲାରେ ଗିରଫ ହୋଇଥିଲେ ପୁଅ

ସମ୍ବଲପୁର,୬।୫(ବ୍ୟୁରୋ)

ବାପାଙ୍କ ଶେଷକୃତ୍ୟରେ ସାମିଲ ହେବା ପାଇଁ ବିଚାର ବିଭାଗ ହେପାଜତରେ ଥିବା ଅଭିଯୁକ୍ତ ଶିଶିର ବହିଦାର କୋର୍ଟଙ୍କ ସ୍ୱତନ୍ତ୍ର ଅନୁମତି ନେଇ ଶନିବାର ରାଜଘାଟରେ ବାପାଙ୍କୁ ଶେଷ ଦର୍ଶନ କରିବା ସହ କାନ୍ଧ ଦେଇଥିଲେ। ସମ୍ବଲପୁର ଜିଲା ଜଜ୍ ଓ ଏସ୍‌ଡିଜେଏମ୍ କୋର୍ଟ ଶିଶିରଙ୍କୁ ସ୍ୱତନ୍ତ୍ର ଅନୁମତି ପ୍ରଦାନ କରିବା ପରେ ଶିଶିର ଜେଲରୁ ମୁକୁଳି ରାଜଘାଟରେ ବାପାଙ୍କ ଅନ୍ତିମ ସଂସ୍କାର କାର୍ଯ୍ୟରେ ସାମିଲ ହୋଇଥିଲେ। ସମ୍ବଲପୁର ଦଙ୍ଗା ଘଟଣାରେ ଗିରଫ ହୋଇଥିବା ଶିଶିର ବିଚାର ବିଭାଗୀୟ ନିର୍ଦ୍ଦେଶ କ୍ରମେ ପୋଲିସର କଡା ସୁରକ୍ଷା ବଳୟରେ ରାଜଘାଟ ଯାଇଥିଲେ। ସେଠାରେ ରୀତିନୀତି ଅନୁସାରେ ସମସ୍ତ କାର୍ଯ୍ୟସାରି ପୁଣି ପୋଲିସ ହେପାଜତରେ ଜେଲକୁ ଯାଇଥିଲେ। ଏଥିରେ ବଡପୁଅ ସୁଧୀର ବହିଦାର, ସମୀର ବହିଦାରଙ୍କ ସମେତ ପରିଜନ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ମୁଦିପଡା ନିବାସୀ ରେସ୍‌ଲର ବିଶ୍ୱମ୍ଭର ବହିଦାରଙ୍କ ଶୁକ୍ରବାର ମୃତ୍ୟୁ ଘଟିଥିଲା। ଶନିବାର ରାଜଘାଟରେ ତାଙ୍କର ମୃତଦେହ ସତ୍କାର କରାଯାଉଥିଲା। ହେଲେ ସାନ ପୁଅ ଶିଶିର ଜେଲରେ ରହିଥିଲେ। ଏପ୍ରିଲ ୧୪ ତାରିଖ ହନୁମାନ ଜୟନ୍ତୀ ଶୋଭାଯାତ୍ରା ସମୟରେ ପୋଡ଼ାଜଳା ଘଟଣାରେ ପୋଲିସ ଅଭିଯୁକ୍ତ ଦର୍ଶାଇ ତାଙ୍କୁ ଗିରଫ କରିଥିଲା। ଏପ୍ରିଲ ୧୬ରେ ସେ ଗିରଫ ହୋଇଥିବା ବେଳେ ୧୭ରେ ପୋଲିସ ତାଙ୍କୁ କୋର୍ଟ ଚାଲାଣ କରିଥିଲା। ସେହିଦିନଠାରୁ ସେ ବିଚାର ବିଭାଗୀୟ ହେପାଜତରେ ରହିଥିଲେ। ତାଙ୍କ ନାମରେ ଜିଲା ଜଜ୍ କୋର୍ଟରେ ଏପର୍ଯ୍ୟନ୍ତ ୩ ଗୋଟି ମାମଲା ଥିବାବେଳେ ଏସ୍‌ଡିଜେଏମ୍ କୋର୍ଟରେ ଗୋଟିଏ ମାମଲା ବିଚାରାଧୀନ ରହିଛି। ବାପାଙ୍କ ଶେଷ ଦର୍ଶନ କରିବା ପାଇଁ ଉଭୟ କୋର୍ଟରେ ଅଭିଯୁକ୍ତଙ୍କ ଓକିଲ ଆବେଦନ କରିଥିଲେ। କୋର୍ଟରୁ ସ୍ୱତନ୍ତ୍ର ଅନୁମତି ମିଳିବା ପରେ ସମ୍ବଲପୁର ମଣ୍ଡଳ କାରାଗାରରୁ କଡା ସୁରକ୍ଷାରେ ତାଙ୍କୁ ରାଜଘାଟ ନିଆଯାଇଥିଲା। ବିଶ୍ୱମ୍ଭରଙ୍କ ଶେଷକୃତ୍ୟରେ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା, କ୍ରୀଡା ସଂଗଠକ, କ୍ରୀଡ଼ାବିତ୍, ସାମାଜିକ କର୍ମୀ ଯୋଗଦେଇଥିଲେ।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETELCONBBST-346E, ତା.02.05.2023ରିଖ

**କାର୍ଯ୍ୟର ନାମ :** ତାଳଚେର-ବିମଳାଗଡ଼ ନୂଆ ରେଳ ଲିଙ୍କ୍ ପ୍ରକଳ୍ପର ନିର୍ମାଣ ସମ୍ବନ୍ଧୀୟ LT ବିତରଣ ଲାଇନ୍ (OH & UG)ଗୁଡ଼ିକ ସହିତ 1x250KVA ସବ୍-ଷ୍ଟେସନର ନିର୍ମାଣ ସହିତ ଖମାର ଷ୍ଟେସନ ନିକଟସ୍ଥ କି.ମି. 52.500 ଠାରେ ରୋଡ୍ ଓଭର ବ୍ରିଜ୍ (ROB)ର ନିର୍ମାଣ ନିମନ୍ତେ 11KV, 3-ଫେଜ୍ ଓଭର ହେଡ୍ ଲାଇନର ସ୍ଥାନାନ୍ତରଣ/ରୂପାନ୍ତରଣ ଏବଂ ସୁନାଖଣି-ସମଲ ସେକ୍ସନ ମଧ୍ୟରେ 1 ଗୋଟି ଟନେଲର ଜେନେରାଲ ବିଦ୍ୟୁତୀକରଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 151.63 ଲକ୍ଷ, EMD : ₹ 2,25,800/-, କାର୍ଯ୍ୟ ଶେଷ ହେବା ଅବଧି : 06 ମାସ।**

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.24.05.2023ରିଖ 1200 ଘଟିକାରେ।**

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B/G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଖଣ୍ଡର 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ-I)/ ଭୁବନେଶ୍ୱର
PR-18/CG/23-24

Government of Odisha — No. C-242
**HOUSING & URBAN DEVELOPMENT DEPARTMENT**
3rd Floor, Kharavel Bhavan, Keshari Nagar, Bhubaneswar, Dist.: Khurda, PIN - 751001
**NOTICE INVITING RFP**
RFP No. 07/HUD (SAN)/Bhubaneswar — Dated: 03.05.2023

| | | |
|---|---|---|
| 1 | Name of the Work | Supply, Installation and Commissioning of Conveyor belt with AMC for four years in 115 ULBs in the State of Odisha |
| 2 | Cost of Bid Documents | Rs.10,000/- (Rupees ten thousand) only. |
| 3 | Period of Completion | One Calendar Month |
| 4 | Date & time of availability of bid documents in the portal | From 11.00 hrs. of 10.05.2023 to 17.00 hrs. of 17.06.2023 |
| 5 | Last date/time for receipt of Bids in the portal | 17.00 hrs. of 17.06.2023 |
| 6 | Name & address of the Officer Inviting Bid | Dr. Bhakta Kabi Das, Engineer-in-Chief, Housing & Urban Development Deptt., 3rd Floor, Kharavel Bhavan, Keshari Nagar, Bhubaneswar, Dist.: Khurda, PIN - 751001, e-mail: bhaktakdas@gmail.com |

1. Other details can be seen in the bidding documents, which is available in website: www.tendersodisha.gov.in.

Sd./- Engineer-in-Chief
Housing & Urban Development Deptt.
Govt. of Odisha
OIPR-13001/11/0009/2324

**ODISHA PUBLIC SERVICE COMMISSION CUTTACK**
**NOTICE**
No. 4064 /P.S.C., Dt.06.5.23
1E-09-2022/23 (DR-III)

**No.D-39:-** It is for information of all concerned that written examination for the post of Assistant Director of Handicrafts in Class-II (Group-B) of Odisha Handicrafts Service, pursuant to Advt. No.09 of 2022-23 shall be held **on 03.06.2023 & 04.06.2023** as decided by the Commission. The details shall be notified in due course.

The candidates are advised to visit the website of the Commission **http://www.opsc.gov.in** from time to time for further information.

OIPR-12002/11/0027/2324 — Sd./- Secretary

Government of Odisha — No. C-246
**HOUSING & URBAN DEVELOPMENT DEPARTMENT**
3rd Floor, Kharavel Bhavan, Keshari Nagar, Bhubaneswar, Dist.: Khurda, PIN - 751001
**NOTICE INVITING RFP**
RFP No. 04/HUD (SAN)/Bhubaneswar — Dated: 03.05.2023

| | | |
|---|---|---|
| 1 | Name of the Work | Selection of service provider from IRDAI Registered Life Insurance Companies/ Firms for providing Group Term Insurance Policy for Core Sanitation Workers under the Scheme "GARIMA" |
| 2 | Cost of Bid Documents | Rs.10,000/- (Rupees ten thousand) only. |
| 3 | Period of Completion | One Calendar Year |
| 4 | Date & time of availability of bid documents in the portal | From 11.00 hrs. of 08.05.2023 to 17.00 hrs. of 12.06.2023 |
| 5 | Last date/time for receipt of Bids in the portal | 17.00 hrs. of 12.06.2023 |
| 6 | Name & address of the Officer Inviting Bid | Dr. Bhakta Kabi Das, Engineer-in-Chief, Housing & Urban Development Deptt., 3rd Floor, Kharavel Bhavan, Keshari Nagar, Bhubaneswar, Dist.: Khurda, PIN - 751001, e-mail: bhaktakdas@gmail.com |

1. Other details can be seen in the bidding documents, which is available in website: www.tendersodisha.gov.in.

Sd./- Engineer-in-Chief
Housing & Urban Development Deptt.
Govt. of Odisha
OIPR-13001/11/0012/2324

**GOVERNMENT OF JHARKHAND**
**OFFICE OF THE EXECUTIVE ENGINEER**
**IRRIGATION DIVISION NO.1,BARHAIT**
e-Procurement Very Short Time Tender Notice
Tender Reference No. :- WRD/IRRIGATION DIV. NO.1 BARHAIT /F2-01/2023-24 — Dt :04.05.2023

| | | |
|---|---|---|
| 1. | Name of the work | Anti-erosion work to protect Barhait-Sarjamghutu approaching R.E.O. road along the right bank of Gumani river under block-Barhait, in the district of Sahibganj. |
| 2. | Estimated Cost (Rs.) | Rs.12729876.51 (Rupees One Crore twenty seven lakh twenty nine thousand eight hundred seventy six & paise fifty one) only |
| 3. | Time of Completion | 180 days |
| 4. | Last date & Time for receipt of bids | 18.05.2023 Up to 5:00 P.M. |
| 5. | Date of Publication of Tender on website | 09.05.2023 11:00 A.M. |
| 6. | Name & address of office Inviting tender | Executive Engineer Irrigation Division No.1, Barhait |
| 7. | Contact no. of Procurement officer | 9431365175 |
| 8. | Helpline number of e-Procurement cell | 06432-232477 |

Note :- **Only E-Tender will be accepted.** Estimated cost may vary. Further details can be seen on website http://jharkhandtenders.gov.in

Executive Engineer
Irrigation Division No.1, Barhait
PR 296617Irrigation(23-24)#D

**ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ବଲାଙ୍ଗୀର**

ବିଜ୍ଞପ୍ତି ସଂଖ୍ୟା: 472 — ତାରିଖ: 04.05.2023

No.ସ-25:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନରେ ଦର୍ଶିତ ହୋଇଥିବା ଏକ ଶିଶୁପୁତ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଘସିଏନଠାରୁ ଗତ ତା୨୨।୦୩।୨୦୨୩ରେ ଉଦ୍ଧାର କରାଯାଇ ଶିଶୁ ମଙ୍ଗଳ କମିଟି ବଲାଙ୍ଗୀରଙ୍କ ନିର୍ଦ୍ଦେଶ କ୍ରମେ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର, ବଲାଙ୍ଗୀରଠାରେ ରହି ଆସୁଛନ୍ତି। ଉକ୍ତ ଶିଶୁର ସହାବସ୍ଥାନ ସମୟ ଭିତରେ କୌଣସି ବ୍ୟକ୍ତି ପ୍ରତ୍ୟକ୍ଷ କିମ୍ବା ଫୋନ୍ କିମ୍ବା କୌଣସି ମାଧ୍ୟମରେ ଅନୁଷ୍ଠାନ କର୍ତ୍ତୃପକ୍ଷ, ଶିଶୁ ମଙ୍ଗଳ କମିଟି, ବଲାଙ୍ଗୀର କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ବଲାଙ୍ଗୀରଙ୍କ କାର୍ଯ୍ୟାଳୟରେ କେବେ ମଧ୍ୟ କୌଣସି ପ୍ରକାର ଯୋଗାଯୋଗ କରି ଶିଶୁଟିର ସମ୍ବନ୍ଧରେ ପଚାରି ବୁଝି ନାହାନ୍ତି ବା ଅଦ୍ୟାବଧି କୌଣସି ପ୍ରକାର ଦାବି ଜଣାଇ ନାହାନ୍ତି।

୧. ରଶ୍ମିରଞ୍ଜନ- ଶିଶୁ ମଙ୍ଗଳ କମିଟି, ବଲାଙ୍ଗୀର, ପତ୍ରସଂଖ୍ୟା- ୫୯୩, ତାରିଖ- ୨୨।୩।୨୦୨୩ କ୍ରମେ ଉକ୍ତ ଶିଶୁପୁତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର, ବଲାଙ୍ଗୀରଠାରେ ଅଦ୍ୟାବଧି ରହିଆସୁଛନ୍ତି। ଶିଶୁଟିର ବୟସ- ଏକ ମାସରୁ ଊର୍ଦ୍ଧ୍ୱ ଏବଂ ସୁନ୍ଦର ସ୍ୱାସ୍ଥ୍ୟର ଅଧିକାରୀ ଅଟନ୍ତି।



ଯଦି ଏହି ଶିଶୁଟିର କେହି ମାତା / ପିତା / ଅଭିଭାବକ ବା ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞାପନ ପ୍ରକାଶିତ ହେବାର ୩୦ ଦିନ ମଧ୍ୟରେ ଶିଶୁ ମଙ୍ଗଳ କମିଟି, ବଲାଙ୍ଗୀର (ମୋ. ନଂ.- ୭୬୮୩୯-୬୮୨୧୨), ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ବଲାଙ୍ଗୀରଙ୍କ (ଫୋ.ନଂ.- ୦୬୬୫୨-୨୩୧୮୮୬)ଙ୍କ ସହ ଫୋନ୍ ଯୋଗେ କିମ୍ବା କାର୍ଯ୍ୟାଳୟରେ ଯୋଗାଯୋଗ କରିପାରିବେ। ଯଦି ଉକ୍ତ ସମୟ ସୀମା ମଧ୍ୟରେ କୌଣସି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁଟି କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ, ୨୦୧୫ ଓ ସଂଶୋଧିତ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ, ୨୦୨୧ ଅନୁସାରେ ପୋଷ୍ୟ ସନ୍ତାନ ନିମନ୍ତେ ଆଇନତଃ ଯୋଗ୍ୟ ବିବେଚନା କରାଯାଇ ଶିଶୁର ସର୍ବୋତ୍ତମ ସ୍ୱାର୍ଥ ଦୃଷ୍ଟିରୁ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ।

ସ୍ୱା./- ଜିଲ୍ଲାପାଳ, ବଲାଙ୍ଗୀର
OIPR-33036/11/0001/2324

**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**
E-mail ID: cebuildings_orissa@yahoo.co.in, cebuildings@rediffmail.com, Tel.: (0674) 2391523
**INVITATIONS FOR BIDS (IFB)**
File No. B-I-Home-18/2023 — Lr. No. 19154 / Bhubaneswar — 4th May, 2023
No. B-168
**Invitation for Bids**
**Bid Identification No. OSD-C.E. (B) - 02/2023-24**

| | | |
|---|---|---|
| 1. | The OSD-Chief Engineer (Buildings) on behalf of Governor of Odisha invites bids from reputed Indian firms registered with the State Government and bidders of equivalent Grade/Class registered with Central Government/MES/Railways for the tourism infrastructure works detailed in the table below on turnkey basis (i.e. Architectural planning with detailed design, vetting & execution). | |
| 2. | Nature of Work | Construction of Staff Quarter (5 Blocks of D-type Qrs. & 7 Blocks of E-type Qrs.) of High Court of Orissa in Sector-13, CDA, Cuttack on Turnkey Basis in the State of Odisha. |
| 3. | No. of Work | 01 No. |
| 4. | Bid Cost | Rs.10,000/- |
| 5. | Class of Contractor | Super Class |
| 6. | Availability of Bid documents in the website | From Dt.12.05.2023 to 5.30 P.M. of Dt.01.06.2023. |
| 7. | Pre-bid Meeting | Dt.22.05.2023 at 11.00 A.M. |
| 8. | Last date of Online Submission of Bid | Dt.01.06.2023 upto 5.30 P.M. |
| 9. | Last Dt. of submission of hard copy (Cover - III). | Dt.09.06.2023 upto 5.30 P.M. |
| 10. | Date of Opening of Bids | Dt.12.06.2023 at 11.30 A.M. |
| 11. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website only. | |

Sd./- OSD-Chief Engineer (Buildings)
Odisha, Bhubaneswar
OIPR-34117/11/0010/2324

> ଯେଉଁମାନେ ଶାସନକ୍ଷମତାର ଅଧିକାରୀ– ସେମାନଙ୍କର ସାମାଜିକ ସ୍ଥିତିର ଉଚ୍ଚତା ଯାହା ହେଉନା କାହିଁକି– ସେମାନଙ୍କୁ ଯଥାର୍ଥ ସତ୍ୟଦ୍ରଷ୍ଟାମାନଙ୍କ ନିକଟରୁ ଅନୁପ୍ରେରଣା ଗ୍ରହଣ କରିବାକୁ ହେବ। ସେହି ସତ୍ୟ ଦ୍ରଷ୍ଟାମାନଙ୍କ ସଂକଳ୍ପ ଏବଂ ଭଗବତ୍ ସଂକଳ୍ପ ଏକ। –ଶ୍ରୀମା

# ଚିନ୍ତାଧାରା ବଦଳୁ



ଆକାର ପଟେଲ

ଗୋଆରେ ଏସ୍‌ସିଓ ବିଦେଶ ମନ୍ତ୍ରୀମାନଙ୍କ ବୈଠକ ଆୟୋଜିତ ହୋଇଥିଲା। ଏଥିରେ ଅନ୍ୟମାନଙ୍କ ସହ ପାକିସ୍ତାନର ବୈଦେଶିକ ମନ୍ତ୍ରୀ ଯୋଗଦେଇଥିଲେ। ଏହି ଯୁବମନ୍ତ୍ରୀ ଜଣେ କ୍ଷମତାଶାଳୀ ପରିବାର ସଦସ୍ୟ ଭାବେ ଭାରତରେ ଜଣାଶୁଣା। ତାଙ୍କ ମା'ପାକିସ୍ତାନର ପ୍ରଧାନମନ୍ତ୍ରୀ ଥିଲେ, ଯିଏ ଆତଙ୍କବାଦୀଙ୍କ ଗୁଳିରେ ନିହତ ହୋଇଥିଲେ। ଏ ହେଉଛନ୍ତି ସେହି ବ୍ୟକ୍ତି ଯାହାଙ୍କର ପାକିସ୍ତାନ ସୃଷ୍ଟ ବିପଜ୍ଜନକ ତଥା ସମସ୍ୟାଭିତ୍ତିକ ସ୍ଥିତି ଉପରେ ପ୍ରତ୍ୟକ୍ଷ ଅଭିଜ୍ଞତା ଅଛି। ଗୋଆରେ ଆୟୋଜିତ ବୈଠକରେ ଆମେ ତାଙ୍କ ପ୍ରତି ଅତ୍ୟନ୍ତ ରୁକ୍ଷ ଶାରୀରିକ ଭାଷା ପ୍ରଦର୍ଶନ କଲୁ। ଆମ ବୈଦେଶିକ ମନ୍ତ୍ରୀ ତାଙ୍କ ସହ କରମର୍ଦ୍ଦନ ନ କରି କେବଳ ନମସ୍କାର କଲେ। ଏହା ଆୟୋଜିତ ବୈଠକରେ ଜଣେ ବ୍ୟକ୍ତିଙ୍କୁ ସତେ ଯେମିତି ଅବାଞ୍ଛିତ ମନେକରିବା ଭଳି ଥିଲା। ଅନ୍ୟପକ୍ଷରେ ଏହି ଯୁବ ମନ୍ତ୍ରୀ ନିଜର କର୍ତ୍ତବ୍ୟ ଭଲ ଭାବେ ନିଭାଇଥିବା ମେସେଜ ସୋସିଆଲ ମିଡିଆରେ ଚାଲୁଛି, ଯଦିଓ ସେ ଦେଇଥିବା କୌଣସି ସାକ୍ଷାତକାର ମୁଁ ଦେଖିନାହିଁ। ଆମ ସାମ୍ବାଦିକମାନଙ୍କ ପ୍ରଶ୍ନରେ ସେ ନିଜର ସ୍ୱରୂପକୁ ପ୍ରକାଶ କରିଦେଲେ ଯାହା କେବେ ଆମ ନେତାମାନେ କରିନାହାନ୍ତି। ଏବେ ଆମେ ବିଷୟବସ୍ତୁକୁ ଆସିବା। ଆମେ କେମିତି ଆମ ପଡ଼ୋଶୀଙ୍କ ସହ ସମ୍ପର୍କ ବୃଦ୍ଧି କରିବା। ପ୍ରଥମ ପ୍ରଶ୍ନ, ଆମର କୌଣସି ଏଜେନ୍ସି କିମ୍ବା ବ୍ୟବସ୍ଥା ଅଛି କି ନାହିଁ ତା'ଉପରେ ବିଚାର କରିବା ଉଚିତ। କାରଣ ସେମାନେ ଯାହା କରୁଛନ୍ତି ତାହା ବନ୍ଦ ନ କରିବା ଯାଏ ସାମାନ୍ୟ ସ୍ଥିତି ଫେରିବ ନାହିଁ ବୋଲି ଆମର ଧାରଣା ଅଛି। ସନ୍ତ୍ରାସବାଦ ଯୋଗୁ କଶ୍ମୀରରେ ମୃତ୍ୟୁ ସମ୍ପର୍କିତ ତଥ୍ୟକୁ ନେଇ ମୁଁ ଏକ ପୁସ୍ତକ ଲେଖିଥିଲି। ଦୁଇ ଦଶନ୍ଧି ପୂର୍ବେ ସଂଗ୍ରହ କରିଥିବା ତଥ୍ୟ ଅନୁଯାୟୀ ମୃତ୍ୟୁ ସଂଖ୍ୟା ଥିଲା ୪୦୦୦ରୁ ଊର୍ଦ୍ଧ୍ୱ। ପରେ ଅଟଳ ବିହାରୀ ବାଜପେୟୀ ଏବଂ ମନମୋହନ ସିଂଙ୍କ ଶାସନ କାଳରେ ପ୍ରତିବର୍ଷ ଏହା କମିବାରେ ଲାଗିଥିଲା। ଏବେ ଆମ ସରକାରଙ୍କ ଦୃଷ୍ଟିକୋଣରୁ ଜଣାପଡୁଛି, କଶ୍ମୀରରେ ସମସ୍ତ ହିଂସା ବାହାର ପ୍ରାୟୋଜିତ ଏବଂ ଏଥିରେ କୌଣସି ସ୍ଥାନୀୟ ତତ୍ତ୍ୱ ନାହିଁ। ତେବେ ଆମ ନିକଟରେ ଥିବା ବିକଳ୍ପଗୁଡ଼ିକ ଥିବାବେଳେ ସାମାନ୍ୟ ସ୍ଥିତି ଫେରାଇବାରେ ସଫଳ ହେବା ଲାଗି ବିଚାର କରିବା ଦରକାର। ପୂର୍ବତନ କୂଟନୀତିଜ୍ଞ ସତିନ୍ଦର ଲାମ୍ବା 'ଶାନ୍ତିର ସନ୍ଧାନରେ: ୬ ଜଣ ପ୍ରଧାନମନ୍ତ୍ରୀଙ୍କ ସମୟରେ ଭାରତ–ପାକିସ୍ତାନ ସମ୍ପର୍କ' ନାମକ ପୁସ୍ତକ ନିକଟରେ ପ୍ରକାଶ କରିଥିଲେ। ପାକିସ୍ତାନର ପୂର୍ବତନ ରାଷ୍ଟ୍ରପତି ପରଭେଜ ମୁଶରଫ କଶ୍ମୀରରେ ସାମାନ୍ୟ ସ୍ଥିତି ଫେରାଇବାର ୪ ସୂତ୍ରୀ ଫର୍ମୁଲାକୁ ସେ ସେଥିରେ ସ୍ଥାନିତ କରିଛନ୍ତି। ଏହା ଥିଲା ପର୍ଯ୍ୟାୟକ୍ରମେ ସୈନ୍ୟ ପ୍ରତ୍ୟାହାର ମାଧ୍ୟମରେ ଅଞ୍ଚଳକୁ ସେନାମୁକ୍ତ କରିବା, କଶ୍ମୀର ସୀମାରେ କୌଣସି ପରିବର୍ତ୍ତନ ନ ହେବା, କଟକଣାରେ ନିୟନ୍ତ୍ରଣ ରେଖା ଦେଇ କଶ୍ମୀରମାନଙ୍କ ମୁକ୍ତ ଚଳପ୍ରଚଳ ଏବଂ ଭାରତ, ପାକିସ୍ତାନ ଓ କଶ୍ମୀରକୁ ନେଇ ଜମ୍ମୁ–କଶ୍ମୀରରେ ମିଳିତ ପର୍ଯ୍ୟବେକ୍ଷଣ କରିବା। କିନ୍ତୁ ଏହା ସଫଳ ହୋଇପାରିଲା ନାହିଁ। ପରେ ମନମୋହନଙ୍କ ସରକାର ସମୟରେ ଭାରତ ପକ୍ଷରୁ ଆଉ କିଛି ଗାଇଡ୍‌ଲାଇନ ଜାରି କରାଗଲା। ଏଥିରେ ମୁଶରଫଙ୍କ ୪ଟି ପଏଣ୍ଟ ସମେତ ଅଧିକ କିଛି ଯୋଡ଼ା ଯାଇଥିଲା। ନିୟନ୍ତ୍ରଣ ରେଖା (ଏଲ୍‌ଓସି) ଦେଇ ବାଣିଜ୍ୟକୁ ଉତ୍ସାହିତ କରିବା, ସବୁ ସ୍ଥାନୀୟ ଉତ୍ପାଦ ଦ୍ରବ୍ୟ ଉପରେ ଥିବା ନନ୍ ଟାରିଫ ବାଧା ଦୂର କରିବା, ବାଣିଜ୍ୟ ବୃଦ୍ଧି କରିବା ପାଇଁ ପଦକ୍ଷେପ ନେବା ସହ ଅଧିକ ପଥ ଖୋଲିବା ଭଳି ବାଣିଜ୍ୟ ସମ୍ପର୍କିତ ବିଷୟଗୁଡ଼ିକ ସାମିଲ କରାଯାଇଥିଲା। ଏହା ମଧ୍ୟ ସଫଳ ହେଲା ନାହିଁ। ଭାରତ ଯେଉଁ ଦ୍ରବ୍ୟ ଉତ୍ପାଦନ କରେ ପାକିସ୍ତାନ ତାହା କରେ ନାହିଁ। କିନ୍ତୁ ବାଣିଜ୍ୟିକ ବାଧା ସକାଶେ ଆମେ ତାହାକୁ ବିକ୍ରି କରିପାରୁନାହୁଁ ଏବଂ ସ୍ୱାଭାବିକ ବା ସାମାନ୍ୟସ୍ଥିତି ଫେରାଇବା ପ୍ରତି ଅନିଚ୍ଛୁକ ହୋଇଛୁ। ଦୁଇ ଦଶ ମଧ୍ୟରେ କିମ୍ବା ଅତି କମ୍‌ରେ କଶ୍ମୀରରେ ସାମାନ୍ୟ ସ୍ଥିତି ଫେରାଇବା ପ୍ରତି ଆଗଭର ହେବା ଆମ ପାଇଁ ତଥା ଆମ ଅର୍ଥ ବ୍ୟବସ୍ଥା ଲାଗି ଲାଭଦାୟକ ହେବ। କିନ୍ତୁ ପୂର୍ବରୁ ଏଥିପ୍ରତି ଯେଭଳି ସରକାରଙ୍କ ଆଗ୍ରହ ନ ଥିଲା ଏବକାର ସରକାରଙ୍କର ମଧ୍ୟ ସେଭଳି ଇଚ୍ଛା ଥିବା ଜଣାପଡୁନାହିଁ।

ଆମେ ଗୋଆରେ ପୁନର୍ବାର ଆମ ସ୍ଥିତିର ପୁନରାବୃତ୍ତି କଲୁ ଓ ଏହା ଭବିଷ୍ୟତରେ ଲାଗି ରହିବ। ଲାମ୍ବାଙ୍କ ଅନୁଯାୟୀ ସରକାର ସେତେବେଳେ ଯାହା ବିଚାର କରୁଥିଲେ ତାହା ବେଶି ସମୟ ଆମ ଚିନ୍ତାଧାରାରେ ରହି ନାହିଁ। ତେବେ ସମସ୍ୟାର ସମାଧାନ ଲାଗି ଦ୍ୱିତୀୟ ବାଟ ଅଛି କି ନାହିଁ ତାହା ଦେଖିବାକୁ ହେବ। ପାକିସ୍ତାନକୁ ବାଦ୍ ଦେଇ ବିଶେଷକରି କଶ୍ମୀରରେ ସମସ୍ୟା ସମାଧାନ ହୋଇପାରିବ କି ନାହିଁ ସେ ସମ୍ପର୍କରେ ବିଚାର କରିବାକୁ ପଡ଼ିବ। ସେଠାରେ ପହଞ୍ଚିବାକୁ ହେଲେ ଆମକୁ ଗ୍ରହଣ କରିବାକୁ ହେବ କିମ୍ବା ଅତି କମ୍‌ରେ ଏକ ସିଦ୍ଧାନ୍ତ ଉପରେ ବିଚାର କରିବାକୁ ପଡ଼ିବ ଯେ, ଯଦି ଆମେ ଆମ ଆଭ୍ୟନ୍ତରୀଣ ସମସ୍ୟା ସମାଧାନ କରିଦେବା ତେବେ ବାହାରର କ୍ଷତିକାରକ ପ୍ରଭାବ ସୀମିତ ହୋଇଯିବ। କିନ୍ତୁ ଏହା ଆମ ବିଚାରଧାରାରେ ନ ଥିବା ଜଣାପଡୁଛି। ଆମେ ଧରିନେଇଛୁ, ଯଦି ପାକିସ୍ତାନ ଆମ ବିରୋଧରେ ତା' କାର୍ଯ୍ୟ ବନ୍ଦ କରିଦେବ କିମ୍ବା ପୃଥିବୀରୁ ଆଜି କୌଣସି ପ୍ରକାରେ ଅନ୍ତର୍ଦ୍ଧାନ ହୋଇଯିବ ତେବେ ଆସନ୍ତା କାଲିଠାରୁ କଶ୍ମୀରରେ ବ୍ୟାପକ ସେନା ଏବଂ ଅର୍ଦ୍ଧସାମରିକ ବଳ ମୁତୟନର ଆବଶ୍ୟକ ପଡ଼ିବ ନାହିଁ। ଏଭଳି ଭାବିବା ମୂର୍ଖାମୀର ପରିଚୟ। ଯାହା ହେଉ ଏହା ହିଁ ଏବକାର ସରକାରଙ୍କ ସ୍ଥିତି ଓ ଚିନ୍ତାଧାରା। ଯେ ପର୍ଯ୍ୟନ୍ତ ସରକାର ଏହିଭଳି ଚିନ୍ତାଧାରାରେ ରହିବେ, ସେଯାଏ ଆମ ପଡ଼ୋଶୀ ସହ ସମ୍ପର୍କରେ ଅଗ୍ରଗତି ହେବ ନାହିଁ। ଆମକୁ କୁହାଯାଇଛି, ସେମାନଙ୍କ(ପାକିସ୍ତାନ) ପାଖରେ ସମାଧାନର ଚାବିକାଠି ଅଛି ଏବଂ ସେମାନେ ଏହାକୁ ବ୍ୟବହାର କରିବାକୁ ମନା କରି ଦେଉଛନ୍ତି। ସେମାନେ ମନା କରୁଥିବାରୁ ଆମେ ସେମାନଙ୍କ ସହ ଆଲୋଚନା କରିବୁ ନାହିଁ ବୋଲି କୁହାଯାଉଛି। ଆମ ଏଜେନ୍ସିକୁ ଆମେ ଦୂରେଇ ଦେଇଥିବାରୁ ଆମର ମୂଳ ବିଷୟ ଉପରେ ଧ୍ୟାନ ରହୁନାହିଁ। କିନ୍ତୁ କିଭଳି ଆମେ କରମର୍ଦ୍ଦନ କଲୁ ନାହିଁ ଏବଂ କିଭଳି କ୍ରୋଧିତ ହେଲୁ ତାହା ପ୍ରଚାର କରୁଛୁ। ଏହା ହିଁ ଏବକାର ଭାରତର ବୈଦେଶିକ ନୀତିର ସ୍ଥିତି।

Email:aakar.patel@gmail.com

# ନକଲି ସାର୍ଟିଫିକେଟ ଓ ବ୍ୟବସ୍ଥାଗତ ତ୍ରୁଟି



ଅଧ୍ୟାପକ ଗୋପବନ୍ଧୁ

ସୁଶାସନ ପାଇଁ ଶାସନଗତ ଦୃଢ଼ତା ଅତ୍ୟନ୍ତ ଜରୁରୀ। ସୁଶାସନ ବ୍ୟବସ୍ଥା ହୁଗୁଳି ଗଲେ ଅରାଜକତା ଦେଖାଦିଏ। ଚାରିଆଡ଼େ ମାଫିଆମାନଙ୍କ ପ୍ରାଦୁର୍ଭାବ ବଢ଼ିଯାଏ। ବ୍ୟବସ୍ଥା ବିରୋଧୀ ଅରାଜକ ତତ୍ତ୍ୱ ଆତ୍ମପ୍ରକାଶ କରନ୍ତି। ନିଜ ସ୍ୱାର୍ଥପାଇଁ ଏମାନେ ସମାନ୍ତରାଳ ବ୍ୟବସ୍ଥା ଚାଲୁ କରିବାକୁ ଚେଷ୍ଟା କରନ୍ତି। ଏହା ରାଷ୍ଟ୍ରସତ୍ତାକୁ ଆଞ୍ଚ ପହଞ୍ଚାଏ। ରାଷ୍ଟ୍ର ସ୍ୱଚ୍ଛ ଓ ନିର୍ମଳ ଶାସନ ଦେଇପାରେ ନାହିଁ। ନାଗରିକମାନେ ନ୍ୟାୟ ପାଇ ପାରନ୍ତି ନାହିଁ। ସରଳ ଓ ଶୃଙ୍ଖଳିତ ଲୋକଙ୍କ ଉପରେ ଅତ୍ୟାଚାର ବଢ଼େ। ସମସ୍ତ କ୍ଷେତ୍ରରେ ସେମାନେ ବଞ୍ଚିତ ହୁଅନ୍ତି। ରାଷ୍ଟ୍ରର ଗୋଟିଏ ବ୍ୟବସ୍ଥା ଦୁର୍ବଳ ହେଲେ ଅନ୍ୟ ବ୍ୟବସ୍ଥାକୁ ଏହା ପ୍ରଭାବିତ କରେ। ଏହା ଅଧିକ ପରିବ୍ୟାପ୍ତ ହେଲେ ରାଷ୍ଟ୍ରସତ୍ତା ଅରାଜକ ତତ୍ତ୍ୱ ହାତକୁ ଚାଲିଯାଏ। ଏମାନେ ନିଜ ସ୍ୱାର୍ଥପାଇଁ ରାଷ୍ଟ୍ରକୁ ବିପଦରେ ପକାଇବାକୁ ପଛଘୁଞ୍ଚା ଦିଅନ୍ତି ନାହିଁ। ଅଣାୟତ୍ତ ପରିସ୍ଥିତିକୁ ସୁଧାରିବାକୁ ପୁଣି ଅନେକ ସମୟ ଲାଗିଯାଏ। କାରଣ ଏଥିପାଇଁ ପ୍ରବଳ ଜନମତର ଆବଶ୍ୟକତା ପଡ଼େ। ରାଷ୍ଟ୍ରବାଦୀମାନଙ୍କୁ ଆଗକୁ ଆସିବାକୁ ପଡ଼େ।

ଗୋଟିଏ ରାଷ୍ଟ୍ରର ବିକାଶ ପାଇଁ ଏକ ଦୃଢ଼ ଶିକ୍ଷାବ୍ୟବସ୍ଥା ଅପରିହାର୍ଯ୍ୟ। ଦେଶରେ ଶିକ୍ଷାବ୍ୟବସ୍ଥାର ଦାୟିତ୍ୱ ହେଉଛି ଏକ ସୁସ୍ଥ ଓ ପାରଦର୍ଶୀ ଶୈକ୍ଷିକ ବାତାବରଣ ବଜାୟ ରଖିବା ଓ ସ୍ୱଚ୍ଛ ମୂଲ୍ୟାୟନ ଜରିଆରେ ଛାତ୍ରୀଛାତ୍ରମାନଙ୍କ ପ୍ରତିଭାକୁ ପ୍ରମାଣପତ୍ର ବା ସାର୍ଟିଫିକେଟ ମାଧ୍ୟମରେ ସ୍ୱୀକୃତି ଦେବା। ଏହି ପ୍ରମାଣପତ୍ର ପାଇବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ଅକ୍ଲାନ୍ତ ପରିଶ୍ରମ କରିବାକୁ ପଡ଼େ। ମାଟ୍ରିକୁଲେଶନ ସାର୍ଟିଫିକେଟ ପାଇଁ ଜଣକୁ ଅନ୍ୟୂନ ଦଶବର୍ଷ ପଢିବାକୁ ହୁଏ। ପରୀକ୍ଷାରେ କୃତକାର୍ଯ୍ୟ ହେଲେ ତାକୁ ପାସ୍ ପ୍ରମାଣପତ୍ର ମିଳେ। ଫେଲ୍ ହେଲେ ପୁଣି ଅଧିକ ବର୍ଷ ପଢ଼ିବାକୁ ହୁଏ। ସେହିପରି ଯୁକ୍ତ୨ ପାଇଁ ଅନ୍ୟୂନ ଦୁଇ ବର୍ଷ, ଯୁକ୍ତ୩ ପାଇଁ ଅନ୍ୟୂନ ତିନି ବର୍ଷ, ପୋଷ୍ଟ ଗ୍ରାଜୁଏଶନ ପାଇଁ ଅନ୍ୟୂନ ଦୁଇବର୍ଷ, ଏହିପରି ପ୍ରତି ସ୍ତରର ପର୍ଯ୍ୟାୟକ୍ରମ ପାଇଁ ସମୟସୀମା ନିର୍ଦ୍ଧାରଣ କରାଯାଇଛି। ହିସାବ କଲେ ହାଇସ୍କୁଲ ସାର୍ଟିଫିକେଟ ପାଇଁ ଅନ୍ୟୂନ ଦଶ ବର୍ଷ, ଯୁକ୍ତ୨ ପାଇଁ ଅନ୍ୟୂନ ବାର ବର୍ଷ, ଯୁକ୍ତ ୩ ସାର୍ଟିଫିକେଟ ପାଇଁ ଅନ୍ୟୂନ ପନ୍ଦର ବର୍ଷ ଓ ଆହୁରି ଉଚ୍ଚତର ଡିଗ୍ରୀ ପାଇଁ ଆହୁରି ଅଧିକ ବର୍ଷ ପଢିବାକୁ ହୁଏ।

ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରୀଛାତ୍ରମାନେ ପୂର୍ଣ୍ଣ ସମୟ ଭଲ ପରୀକ୍ଷା ଫଳ ପାଇବା ପାଇଁ ଲଗାଇ ଦିଅନ୍ତି। ଏକ ମାତ୍ର ଲକ୍ଷ୍ୟ ଭଲ ନମ୍ବର ରଖି ଭଲ ଡିଭିଜନରେ ପାସ୍ କରିବା। ଏହି ରେଜଲ୍ଟ ତା'ର ସ୍ୱପ୍ନକୁ ସାକାର କରିବ। ଭଲ ଚାକିରିଟିଏ କରିବାରେ ସହାୟକ ହେବ। ବହୁ କଷ୍ଟ ସ୍ୱୀକାର କରି ପରିବାର ଯେଉଁ ପାଠ ପଢ଼ାଇଛନ୍ତି, ସେ ରୋଜଗାର କଲେ ପରିବାର ପ୍ରତି ସହାୟକ ହେବ। ଏ ସମସ୍ତ ବିଷୟ ଆମ ଅନୁଭୂତିରେ। ଆମେ ସମସ୍ତେ ଏହି ସୋପାନ ଦେଇ ଆସିଛୁ। ପଢି ସାରିଲା ପରେ ଜଣେ ଯେଉଁ ଶିକ୍ଷା ପ୍ରମାଣପତ୍ର ପାଏ, ତାହା ତା'ର ତପସ୍ୟାର ଫଳ। ଏହି ପ୍ରମାଣପତ୍ର ସାରା ଜୀବନ ତା'ର ବ୍ୟକ୍ତିତ୍ୱର ପ୍ରମାଣ ଦିଏ। ମଲା ପରେ ବି ପରବର୍ତ୍ତୀ ବଂଶଧରମାନେ ଏହାକୁ ନେଇ ଗର୍ବ କରନ୍ତି। ଆଲୋଚନା ବି କରନ୍ତି। ତେଣୁ ଶିକ୍ଷାନୁଷ୍ଠାନଗୁଡ଼ିକରେ ପରୀକ୍ଷାର ଯେଉଁପରି ସ୍ୱତନ୍ତ୍ର ମହତ୍ତ୍ୱ ଥାଏ, ସେଠାରୁ ଯେଉଁ ଶିକ୍ଷା ପ୍ରମାଣପତ୍ର ମିଳେ ତାହାର ମହତ୍ତ୍ୱ ଆହୁରି ଅଧିକ ଥାଏ।



ଏହିପ୍ରକାର ଶୃଙ୍ଖଳିତ ବ୍ୟବସ୍ଥା ଭୂଲୁଣ୍ଠିତ ହୁଏ, ଯେତେବେଳେ ଏହାର ଏକ ଭ୍ରଷ୍ଟ ଓ ବିରୋଧୀ ବ୍ୟବସ୍ଥା କାୟାବିସ୍ତାର କରେ। ଶ୍ରେଣୀଶିକ୍ଷା ଉପରୁ ଗୁରୁତ୍ୱ ହ୍ରାସ କରାଯାଏ। ପରୀକ୍ଷା ପଦ୍ଧତିରେ ଅସ୍ୱଚ୍ଛତା ଆସେ। ସାର୍ଟିଫିକେଟ ହାସଲ କରିବା କେବଳ ମାତ୍ର ଲକ୍ଷ୍ୟ ହୋଇଯାଏ। ଛାତ୍ରୀଛାତ୍ରୀମାନେ ନକଲ ଉପରେ ଗୁରୁତ୍ୱ ଦିଅନ୍ତି। କାର୍ଯ୍ୟରତ କର୍ମଚାରୀମାନେ ପରୀକ୍ଷାରେ ଅସାଧୁ ଉପାୟର ଅବଲମ୍ବନକୁ ପ୍ରୋତ୍ସାହିତ କରନ୍ତି। କପି ମାଫିଆମାନେ ସକ୍ରିୟ ହୋଇଯାଆନ୍ତି ଓ ବ୍ୟବସ୍ଥା ସହିତ ବୁଝାମଣା କରି ପ୍ରଶ୍ନପତ୍ର ଲିକ୍ ସହିତ, କପି ଯୋଗାଣ, ମୂଲ୍ୟାୟନରେ ହେରଫେର, ଟାବୁଲେଶନ ବେଳେ ନମ୍ବର ହେରଫେର ପରି ଅସାଧୁ କାର୍ଯ୍ୟ ବିନା ପ୍ରତିବନ୍ଧକରେ କରିଚାଲନ୍ତି। ଏପରି ସ୍ଥଳେ ପରୀକ୍ଷା ନିୟାମକର ବିରୋଧରେ ଏକ ଭ୍ରଷ୍ଟ ସମାନ୍ତରାଳ ବ୍ୟବସ୍ଥା କାର୍ଯ୍ୟକରେ। ଗୋଟିଏ ରାଷ୍ଟ୍ରର ଶିକ୍ଷାବ୍ୟବସ୍ଥାକୁ ସୁଚାରୁରୂପେ ପରିଚାଳିତ କରିବା ପାଇଁ ଯେଉଁସବୁ ନିୟମର ପ୍ରବର୍ତ୍ତନ ହୋଇଥାଏ, ତାହା କ୍ରମେ ମୂଲ୍ୟହୀନ ହୋଇଯାଏ ଏବଂ ମାଫିଆ ଓ ଭ୍ରଷ୍ଟାଚାରୀଙ୍କ ଇଙ୍ଗିତରେ ଦେଶର ବ୍ୟବସ୍ଥା ପରିଚାଳିତ ହୁଏ।

ବ୍ୟବସ୍ଥାରେ ଚରମ ବିଶୃଙ୍ଖଳା ଦେଖାଦିଏ, ଯେତେବେଳେ ସାର୍ଟିଫିକେଟ ବା ପାସ୍ ପ୍ରମାଣପତ୍ର ବଜାରରେ କିଣିବାକୁ ମିଳେ। ଶିକ୍ଷା ମାଫିଆ ଓ କଳାବଜାରକାରୀମାନେ ଏହାକୁ ସବୁଠାରୁ ସହଜ ମାଧ୍ୟମ ଭାବେ ଗ୍ରହଣକରି ନେଇଛନ୍ତି। ଏଥିରେ ଶ୍ରେଣୀ ଶିକ୍ଷା ଲାଭକରିବାର ଆବଶ୍ୟକତା ନ ଥାଏ। ଦଶପନ୍ଦର ବର୍ଷ ପର୍ଯ୍ୟନ୍ତ ପାଠ ପଢିବାର ଝମେଲା ଏବଂ ଅର୍ଥ ଓ ସମୟ ବ୍ୟୟର ଆବଶ୍ୟକତା ପଡେନାହିଁ। କେଉଁ ସ୍କୁଲ ବା କଲେଜରେ ନାମ ଲେଖାଇବାକୁ ପଡ଼େ ନାହିଁ। କେହି ଯଦି ନାମ ଲେଖାଇ ଥାଏ, ତେବେ ସେ ଫେଲ୍ ହୋଇଥିଲେ ବି ତାକୁ ଅଧିକ ନମ୍ବର ରଖିଥିବା ପାସ୍ ସାର୍ଟିଫିକେଟ ଓ ନମ୍ବର ଫର୍ଦ୍ଦ ବା ମାର୍କଶିଟ ମିଳିଯାଏ। ଏହାକୁ ନେଇ ସେ ଭଲ ଚାକିରି ପାଇଯାଏ। ଯିଏ ଜାଲ୍ ସାର୍ଟିଫିକେଟ ଯୋଗାଡ଼ କରିପାରେ ତାକୁ ଚାକିରି ଯୋଗାଡ଼ କରିବା କେଉଁ କଷ୍ଟକର କାମ? କେତେଜଣ ରାଜନେତାଙ୍କ ପାଇଁ ନିଜର ରାଜନୈତିକ ପ୍ରଭାବ ବିସ୍ତାର ଉଦ୍ଦେଶ୍ୟରେ ସାଧାରଣ ଜନତାଙ୍କୁ ନିଜର ଉଚ୍ଚଶିକ୍ଷା ଯୋଗ୍ୟତାର ପ୍ରଦର୍ଶନ କରିବା ଦିଗରେ ଏହା ଏକ ସହଜ ମାଧ୍ୟମ। ଏପରିକି ନିର୍ବାଚନ ଅଧିକାରୀଙ୍କ ନିକଟରେ ଏବାବଦକୁ ଆଫିଡାଭିଟ୍ ଦେବାକୁ ସେମାନେ କୁଣ୍ଠାବୋଧ କରନ୍ତି ନାହିଁ। ଯଦି ଏପରି ବ୍ୟକ୍ତି ଉଚ୍ଚପଦ ପଦବୀରେ ଅଧିଷ୍ଠିତ ହୋଇଯାଆନ୍ତି ଓ ତାଙ୍କ ବିରୋଧରେ ଅଭିଯୋଗ ଆସେ, ତେବେ ସେ ନିଜର କ୍ଷମତା ବଳରେ ଏପ୍ରକାର ଅଭିଯୋଗକୁ ଚାପିଦେବା ପାଇଁ ଭରପୂର ଚେଷ୍ଟା କରନ୍ତି।

ନିକଟରେ ଓଡ଼ିଶାରେ ହଜାର ହଜାର ସଂଖ୍ୟାରେ ଜାଲ୍ ସାର୍ଟିଫିକେଟ ଓ ମାର୍କଶିଟ ବିକ୍ରି ହେବାର ତଥ୍ୟ ପ୍ରଘଟ ହୋଇଛି। ଏପ୍ରକାର ଚେରର ଗଭୀରତା ବହୁତ ବେଶିବୋଲି ପ୍ରମାଣ ମିଳିଛି। ଅନେକେ ଏହିପ୍ରକାର ପ୍ରମାଣପତ୍ର ଜରିଆରେ ଚାକିରି କରୁଥିବାର ଜଣାପଡିଛି। କେତେଜଣ ଧରାପଡିଲେଣି। ଏହା ଉପରେ ଖୋଳତାଡ଼ ଚାଲିଛି। ଅନେକଙ୍କ ଧାରଣା ଯେ ଏହା ପଛରେ ରାଜନୈତିକ ନେତାଙ୍କ ପୃଷ୍ଠପୋଷକତା ଥାଇପାରେ। ଏପ୍ରକାର ବ୍ୟବସ୍ଥା ଦୀର୍ଘବର୍ଷ ଧରି ଚାଲିଛି। ଏ ସବୁ ସମୁଦ୍ରକୁ ଶଙ୍ଖେ। ଠିକ୍‌ଭାବେ ଇନକ୍ୱାରି କଲେ ଅନେକ କଥା ସାମ୍ନାକୁ ଆସିବ ଓ ଅନେକଙ୍କ ମୁଖା ଖୋଲିବ। ତେବେ ସାଧାରଣରେ ଏହାବି ସନ୍ଦେହରେ ରହିଛି ଯେ ଯେଉଁମାନେ ଏତେ କରିତ୍‌କର୍ମା, ଯେଉଁମାନେ ପାଠ ନ ପଢି ଜାଲ୍ ସାର୍ଟିଫିକେଟ ସଂଗ୍ରହ କରି ଚାକିରି କରିପାରୁଛନ୍ତି, ସେମାନେ ଇନକ୍ୱାରିକୁ ବି କିଣି ନେବେନିତ? କାରଣ ଦେଶର ଗୋଟିଏ ବ୍ୟବସ୍ଥାରେ ଘୁଣ ଲାଗିଲେ ତାହା ଅନ୍ୟ ବ୍ୟବସ୍ଥାକୁ ମଧ୍ୟ ସଂକ୍ରମିତ ହୁଏ।

ରାଜନେତାମାନେ ଦେଶର ଦିଗ୍‌ଦର୍ଶକ। କେତେଜଣ ରାଜନେତାଙ୍କ ବିରୋଧରେ ଜାଲ୍ ଶିକ୍ଷାଗତ ଯୋଗ୍ୟତା ରହିଛି ବୋଲି ଗମ୍ଭୀର ଅଭିଯୋଗ ଆସିଛି। ଅତୀତରେ ଦିଲ୍ଲୀର ଆଇନ ମନ୍ତ୍ରୀଙ୍କ ବିରୋଧରେ ଏପରି ଅଭିଯୋଗ ଆସିଥିଲା ଓ ତାଙ୍କୁ ଇସ୍ତଫା ଦେବାକୁ ପଡିଥିଲା। ଆହୁରି ଅନେକ ନେତାଙ୍କ ବିରୋଧରେ ଏପରି ଅଭିଯୋଗ ଆସୁଛି। କେବଳ ଏତିକି ନୁହେଁ ଜାଲ୍ ଜାତି ସାର୍ଟିଫିକେଟ, ଜାଲ୍ ଜନ୍ମ ସାର୍ଟିଫିକେଟ, ଜାଲ୍ ସମ୍ପତ୍ତି ପ୍ରମାଣ ପରି ଅଭିଯୋଗ ମଧ୍ୟ ଆସୁଛି। ରାଜନୈତିକ ନେତାମାନେ ଏ ସମସ୍ତ ଅଭିଯୋଗରୁ ମୁକ୍ତ ହେବା ଉଚିତ। ଅନ୍ୟଥା ଏମାନଙ୍କ ହାତରେ ଦେଶ ସୁରକ୍ଷିତ ରହିବ କିପରି?

ଏହିପ୍ରକାର କାରବାରରେ ଲିପ୍ତଥିବା କଳାବଜାରକାରୀ ଓ ମାଫିଆମାନଙ୍କୁ କଠୋର ହସ୍ତରେ ଦମନ କରାଯିବା ଉଚିତ। ଆଉ ସମ୍ପୃକ୍ତ ରାଜନୈତିକ ନେତାମାନେ ତ ଆଦୌ କ୍ଷମାର ପାତ୍ର ନୁହନ୍ତି। ତାଙ୍କୁ ଯେତେ ଭର୍ତ୍ସନା କଲେ ବି କମ୍ ହେବ।

(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୂରଭଞ୍ଜ
ମୋ– ୭୦୦୮୯୭୬୧୮୦

# ବାଫ୍‌ଟା ବିଜୟିନୀ

ବ୍ୟକ୍ତିତ୍ୱ



ମୀରା ସାୟଲ

ବ୍ରିଟିଶ୍ ଏକାଡେମୀ ଅଫ୍ ଫିଲ୍ମ ଆଣ୍ଡ୍ ଟେଲିଭିଜନ ଆର୍ଟ୍ସ (ବାଫ୍‌ଟା)। କଳାର ପ୍ରସାର କରୁଥିବା ବିଶ୍ୱର ଏହି ଅଗ୍ରଣୀ ସ୍ୱାଧୀନ ଦାତବ୍ୟ ସଂସ୍ଥାର ପୁରସ୍କାର ଉତ୍ସବ ଉପରେ ସମସ୍ତଙ୍କ ନଜର ଥାଏ। ପୁରସ୍କାର ସମାରୋହ ସହିତ ବର୍ଷବ୍ୟାପୀ କଳା ଦ୍ୱାରା ଅନୁପ୍ରେରିତ ବିଶ୍ୱର ଶ୍ରେଷ୍ଠ ପ୍ରତିଭାଙ୍କୁ ବାଛି ସେମାନଙ୍କ ପାଇଁ କର୍ମଶାଳା, ମାଷ୍ଟରକ୍ଲାସେସ୍, ଲେକ୍‌ଚର୍ସ ଆୟୋଜନ କରି ଅନ୍ତର୍ଜାତୀୟସ୍ତରୀୟ ପ୍ରଶିକ୍ଷଣ ଦେବା ସହ ମେଧାବୃତ୍ତି ପ୍ରଦାନ କରୁଥିବା ବାଫ୍‌ଟା ନୂତନ ତଥା ଅଜଣା ମେଧାବୀଙ୍କ ପାଇଁ ଆଲୋକବର୍ତ୍ତିକା ପାଲଟିଯାଇଛି। ଚଳଚ୍ଚିତ୍ର, ଗେମ୍ସ ଓ ଟେଲିଭିଜନ ଶିଳ୍ପର ଭବିଷ୍ୟତ କଳାକାର ଓ କଳା ସମ୍ବନ୍ଧୀୟ ଉଚ୍ଚକୋଟୀର ବ୍ୟକ୍ତିତ୍ୱ ସୃଷ୍ଟି ଦିଗରେ ଏହି ସଂସ୍ଥାର ଉଦ୍ୟୋଗ ସର୍ବଦା ପ୍ରଶଂସନୀୟ। କଳା ଜଗତରେ ଖ୍ୟାତ ଏଭଳି ଅନନ୍ୟ ସଂସ୍ଥାର ଆୟ ଏହାର ସଦସ୍ୟତା ଗ୍ରହଣ, ବ୍ୟକ୍ତିଗତ ଦାନ, ଟ୍ରଷ୍ଟ, ଫାଉଣ୍ଡେଶନ ଏବଂ କର୍ପୋରେଟ୍ ସହଯୋଗରୁ ମିଳିଥାଏ। କଳାର ଏକ ମହାର୍ଘ ଆଭିମୁଖ୍ୟ ରଖି ଅନବରତ ପ୍ରତିଭା ଅନ୍ୱେଷଣ କରୁଥିବା ବାଫ୍‌ଟାର ସମ୍ମାନ, ଫେଲୋଶିପ୍(ଅଧିସଦସ୍ୟତା) ଲାଭ କରୁଥିବା ବ୍ୟକ୍ତି ନିଜକୁ ଧନ୍ୟ ମନେକରିବା ସ୍ୱାଭାବିକ। ବ୍ରିଟେନ୍‌ରେ ରହୁଥିବା ଭାରତୀୟ କଳାକାର ତଥା ଲେଖକ ମୀରା ସାୟଲ ବାଫ୍‌ଟା ଫେଲୋଶିପ୍ ପାଇବେ ବୋଲି ମେ' ପହିଲାରେ ଘୋଷଣା ହେବା ପରେ ସେ ଅତ୍ୟନ୍ତ ଉତ୍ସାହିତ ଥିବା ପ୍ରକାଶ କରିଛନ୍ତି। କାରଣ ଚଳିତବର୍ଷର ସମ୍ମାନ ମେଣ୍ଟରମାନଙ୍କ ପାଇଁ ସୁଯୋଗ ଆଣିଦେବା ଓ ବାଫ୍‌ଟାର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଭାଗ ନେଉଥିବା ଅଂଶଗ୍ରହଣକାରୀଙ୍କୁ ସମର୍ଥନ କରିବାର ଏକ ଯୁଗଳ ଅବସର ସୃଷ୍ଟି କରିବାକୁ ଯାଉଛି। ଆଗାମୀ ସମାରୋହରେ ଚଳଚ୍ଚିତ୍ର ଓ ଟେଲିଭିଜନ୍ କ୍ଷେତ୍ରକୁ ଉଲ୍ଲେଖନୀୟ ବ୍ୟକ୍ତିଗତ ଅବଦାନ ସକାଶେ ମିଳିବାକୁ ଥିବା ମାନ୍ୟତା 'ବାଫ୍‌ଟା ଫେଲୋଶିପ୍'ର ଅଧିକାରୀ ହେବେ ମୀରା।

ଇଂଲିଶ୍ କମେଡ଼ିଆନ୍, ଔପନ୍ୟାସିକା, ନାଟ୍ୟକାର, ଗାୟିକା, ସାମ୍ବାଦିକା ତଥା ଅଭିନେତ୍ରୀ ଭାବେ ପରିଚିତ ମୀରା ସାୟଲ ୨୭ ଜୁନ୍ ୧୯୬୧ରେ ବ୍ରିଟେନ୍‌ର ଓ୍ୱଲଭରହାମ୍ପଟନ୍‌ଠାରେ ଜନ୍ମ ଗ୍ରହଣ କରିଥିବା ବେଳେ ଷ୍ଟାଫୋର୍ଡଶାୟାର ଅନ୍ତର୍ଗତ ଏକ ଖଣି ଅଞ୍ଚଳ ଏସିଙ୍ଗଟନ୍‌ଠାରେ ବଢ଼ିଥିଲେ। ପଞ୍ଜାବୀ ପିତା ସୁରିନ୍ଦର ସାୟଲ ଓ ମାତା ସୁରିନ୍ଦର କୌର ନୂଆଦିଲ୍ଲୀରୁ ବ୍ରିଟେନ୍‌କୁ ଯାଇଥିଲେ। ଏସିଙ୍ଗଟନ୍‌ରେ ବାସ କରୁଥିବା ବର୍ଗଙ୍କ ମଧ୍ୟରେ ମୀରାଙ୍କ ପରିବାର ଗୋଟିଏ ମାତ୍ର ଏସୀୟ ପରିବାର ଥିଲା। ସେଠାରେ କଟିଥିବା ସମୟ ଓ ଭୌଗୋଳିକ ସ୍ଥିତି ଆଧାରରେ ରଚିତ 'ଅନିତା ଆଣ୍ଡ୍ ମି' ହେଉଛି ମୀରାଙ୍କ ଅନ୍ୟତମ ଶ୍ରେଷ୍ଠ କୃତି। ୨୦୦୩ରେ ବିବିସିକୁ ଏକ ସାକ୍ଷାତକାର ଦେବାବେଳେ ଏହି ପୁସ୍ତକକୁ ସେ ତାଙ୍କର ଏକ ଅଧା ଆତ୍ମଜୀବନୀ ବୋଲି ଉଲ୍ଲେଖ କରିଥିଲେ। ତାଙ୍କ ପାଠପଢ଼ା ଜୀବନ କହିଲେ ସେ ଓ୍ୱାଲ୍‌ସାଲର କୁଇନ୍ ମେରୀ ହାଇସ୍କୁଲରେ ପ୍ରାରମ୍ଭିକ ଶିକ୍ଷା ଶେଷ କରିଥିଲେ। ତା' ପରେ ମାଞ୍ଚେଷ୍ଟର ବିଶ୍ୱବିଦ୍ୟାଳୟରୁ ଇଂଲିଶ ସାହିତ୍ୟ ଓ ଡ୍ରାମାରେ ଦୁଇଟି ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ଡ୍ରାମା ବିଷୟରେ ପଢୁଥିବାବେଳେ ମୀରା ଷ୍ଟିଫେନ୍ ଯୋଶେଫ୍ ଷ୍ଟୁଡିଓରେ ଯୋଗଦେଇଥିଲେ। ସେଠାରେ ସେ ଅଭିନୟରେ କ୍ୟାରିୟର ଗଢ଼ିବା ସହ ମଞ୍ଚ ନାଟକ ଲେଖିବା ଆରମ୍ଭ କରିଥିଲେ। ସ୍ନାତକବେଳେ କଳା ପ୍ରତି ଗଭୀର ମନନଶୀଳ ଓ ଦକ୍ଷତା ପ୍ରଦର୍ଶନ ତାଙ୍କୁ ୟୁନିଭର୍ସିଟି ଅଫ୍ ଲିଡ୍‌ସରେ ଡ୍ରାମା ଓ ସାଇକୋଥିରାପିରେ ସ୍ନାତକୋତ୍ତର ପଢ଼ିବା ଲାଗି ଯୋଗ୍ୟ କରାଇଦେଇଥିଲା। ଏହାପରେ କଳା ପ୍ରଶିକ୍ଷଣ ଦେବା ସକାଶେ ପୋଷ୍ଟଗ୍ରାଜୁଏଟ୍ ସାର୍ଟିଫିକେଟ୍ ଅଫ୍ ଏଜୁକେଶନ (ପିଜିସିଇ) ପଢ଼ିଥିଲେ। ସେହି ସମୟରେ ସେ ଜାକି ସାପିରୋଙ୍କ ସହ ମିଶି ଜଣେ ମହିଳାଙ୍କ ଜୀବନୀ ଉପରେ ଆଧାରିତ–ୱାନ୍ ଅଫ୍ ୟୁ'ଜ୍– ରଚନା କରିଥିଲେ। ଏଥିରେ ୱେଷ୍ଟ ମିଡ୍‌ଲାଣ୍ଡସରେ ଜନ୍ମିତ ଜଣେ ଭାରତୀୟ ଝିଅ ଅଭିନେତ୍ରୀ ହେବା ପାଇଁ ଘର ଛାଡ଼ି ପଳାଇଯାଇଥିବା ଚରିତ୍ରକୁ ଚିତ୍ରଣ କରାଯାଇଥିଲା। ମୀରା ସମୁଦାୟ ୧୫ଟି ଏପିସୋଡ୍‌ରେ ମଧ୍ୟ ଅଭିନୟ କରିଥିଲେ। ପ୍ରଥମେ ଷ୍ଟିଫେନ୍ ଯୋଶେଫ୍ ଷ୍ଟୁଡିଓ ଏବଂ ପରେ ତାହାକୁ ସେ ନ୍ୟାଶନାଲ ଷ୍ଟୁଡେଣ୍ଟ ଡ୍ରାମା ଫେଷ୍ଟିଭାଲରେ ପ୍ରଦର୍ଶନ କରିଥିଲେ। ଉଚ୍ଚକୋଟୀର ପ୍ରଦର୍ଶନ ପାଇଁ ତାଙ୍କୁ ଦୁଇଟି ଅନ୍ତର୍ଜାତୀୟ ପୁରସ୍କାର ମିଳିଥିଲା। ଫଳସ୍ୱରୂପ ମୀରାଙ୍କୁ ରୟାଲ କୋର୍ଟ ଥିଏଟରର ନିର୍ଦ୍ଦେଶକ ଯୋଗାଯୋଗ କରି ତାଙ୍କ ସଂସ୍ଥାରେ କାର୍ଯ୍ୟ କରିବା ଲାଗି ୩ ବର୍ଷ ପାଇଁ ଚୁକ୍ତି କରିଥିଲେ। ଏହାପରେ ତାଙ୍କ ପ୍ରତିଭା ଆହୁରି ବିକଶିତ ହୋଇଥିଲା। ୧୯୯୩ରେ ସେ ବ୍ରିଟିଶ ଫିଲ୍ମ ନିର୍ଦ୍ଦେଶକ ଗୁରିନ୍ଦର ଚଢାଙ୍କ ନିର୍ଦ୍ଦେଶିତ 'ଭାଜି ଅନ୍ ଦି ବିଚ୍'ର ଚିତ୍ରନାଟ୍ୟ କରିଥିଲେ। ବିବିସିର ଲୋକପ୍ରିୟ କମେଡି ଶୋ 'ଗୁଡ୍‌ନେସ୍ ଗ୍ରେସିଅସ୍ ମି' (୧୯୯୬ରୁ ୨୦୦୧)ର ଲେଖକ ଟିମ୍‌ରେ ମୀରା ଥିବାବେଳେ ଅଭିନୟ ମଧ୍ୟ କରିଥିଲେ। ଏହା ପ୍ରଥମେ ରେଡିଓ ଏବଂ ପରେ ଟେଲିଭିଜନରେ ତାହା ପ୍ରଦର୍ଶିତ ହୋଇଥିଲା। ଏ. ଆର୍. ରହମାନ ଓ ଆଣ୍ଡ୍ରି ଲୟଡ୍ ୱେବରଙ୍କ 'ବମ୍ବେ ଡ୍ରିମ୍ସ'ର ସଂଳାପ ଲେଖକ ରହିବା ସହ ସେଥିରେ ସେ ଅଭିନୟ କରିଥିଲେ। ଅନ୍ତର୍ଜାତୀୟ ଏମ୍ମି ପୁରସ୍କାର ପାଇଥିବା ଏହି ସିରିଜ୍‌ରେ ତାଙ୍କ ଅଭିନୟ କଳା ଜଗତର ଦୃଷ୍ଟି ଆକର୍ଷଣ କରିଥିଲା। ମୀରା ମଧ୍ୟ ସାମୟିକ ଗାୟିକା ଭାବେ କାର୍ଯ୍ୟ କରିଛନ୍ତି। ସାମ୍ବାଦିକା ଭାବେ 'ଗାର୍ଡିଆନ୍'ରେ ତାଙ୍କ ଲେଖା ପ୍ରକାଶ ପାଇ ପ୍ରଶଂସିତ ହୋଇଛି। କଳାର ବିବିଧ ବିଭାଗରେ ନିଜ ପ୍ରତିଭା ପ୍ରଦର୍ଶନ କରିପାରିଥିବାରୁ ସେ ଅନେକ ସମ୍ମାନର ଅଧିକାରୀ ହୋଇପାରିଛନ୍ତି।

ବ୍ୟକ୍ତିଗତ ଜୀବନରେ ସେ ୧୯୮୯ରେ ସାମ୍ବାଦିକ ଶେଖର ଭାଟିଆଙ୍କୁ ବିବାହ କରିଥିଲେ ହେଁ ୨୦୦୨ରେ ବିଚ୍ଛେଦ ଘଟିଥିଲା। ସେମାନଙ୍କଠାରୁ ଝିଅ ମିଲି ଭାଟିଆ ଅଛନ୍ତି, ଯିଏ ରୟାଲ କୋର୍ଟ ଥିଏଟରରେ ଆସୋସିଏଟ୍ ଡାଇରେକ୍ଟର ଭାବେ କାର୍ଯ୍ୟରତ। ତେବେ ୨୦୦୫ରେ ମୀରା ବ୍ରିଟିଶ ଅଭିନେତା ସଞ୍ଜୀବ ଭାସ୍କରଙ୍କୁ ବିବାହ କରିଥିଲେ। ସେମାନଙ୍କଠାରୁ ପୁଅଟିଏ ଅଛି। ମୀରାଙ୍କ ଭାଇ ରାଜୀବ ସାୟଲ 'ଦି ଗାର୍ଡିଆନ୍'ର ଜଣେ ଅନୁସନ୍ଧାୟୀ ସାମ୍ବାଦିକ ଭାବେ ଜଣାଶୁଣା। ଦେଖିବାକୁ ଗଲେ ପରିବାରର ସଦସ୍ୟମାନେ କଳାନୁଗ୍ରାହୀ।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ବୟସ ୬୦। କିନ୍ତୁ ବେଙ୍ଗାଲୁରୁରେ ଏକ ଶୁଷ୍କ ହ୍ରଦକୁ ପୁନରୁଦ୍ଧାର କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି ରେବତୀ କମାଥ। ସେ ଜଳ ସମସ୍ୟା ସୁଧାରିବା ଲାଗି ସଂଗ୍ରାମ ଜାରି ରଖିବା ସହ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରୁଛନ୍ତି। ବେଙ୍ଗାଲୁରୁର ୨୫ ଏକର ପରିମିତ ସୋମାନହାଲ୍ଲି ହ୍ରଦ ଶୁଖିଯିବା ଫଳରେ ତା'କଡ଼ରେ ଥିବା ରାଜା କେନାଲ ବନ୍ଦ ହୋଇଯାଇଥିଲା। ଏବେ ଏହି ହ୍ରଦର ପୁନରୁଦ୍ଧାର ହେବା ଫଳରେ କେନାଲରେ ପାଣିଯାଉଛି ଓ କୃଷକମାନେ ଉପକୃତ ହେଉଛନ୍ତି। ୪୫ ବର୍ଷ ପରେ ସ୍ଥାନୀୟ ଲୋକେ ହ୍ରଦରୁ ପାନୀୟ ଜଳ ପାଇପାରୁଛନ୍ତି। ଆର୍ଥମୁଭର ଦ୍ୱାରା ଏହି କାର୍ଯ୍ୟ କରିବାକୁ ରେବତୀଙ୍କୁ ୬ ମାସ ଲାଗିଥିଲା। ସେ ମଧ୍ୟ ନଦୀ ସଂରକ୍ଷଣ ପାଇଁ ଏକ ପ୍ରୋଜେକ୍ଟ ଚଳାଉଛନ୍ତି। ଏହି ପ୍ରୋଜେକ୍ଟକୁ ସ୍ୱୀକୃତି ମିଳିବା ପରେ ସେ ଏଯାବତ ୪,୦୦୦ ଗଛ ଲଗାଇ ସାରିଲେଣି। ଆଗକୁ ପିଲାମାନଙ୍କୁ ପରିସଂସ୍ଥା ସୁରକ୍ଷା ଲାଗି ସଚେତନ କରିବା ସହ ପ୍ରଶିକ୍ଷିତ କରିବା ସକାଶେ ଯୋଜନା ପ୍ରସ୍ତୁତ କରୁଥିବା କହନ୍ତି ରେବତୀ।

## ୨୫ ବର୍ଷ ତଳର ଧରିତ୍ରୀ

୭ ମେ ୧୯୯୮

- ଉତ୍ତର–ପୂର୍ବ ପେରୁର ଏକ ଜଙ୍ଗଲ ଅଞ୍ଚଳରେ ବୋଇଂ ୭୩୭ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୮୭ ଯାତ୍ରୀ ନିହତ।
- କାସ୍ପାରୋଭଙ୍କୁ ପଛରେ ପକାଇ ଭାରତୀୟ ଗ୍ରାଣ୍ଡମାଷ୍ଟର ବିଶ୍ୱନାଥନ୍ ଆନନ୍ଦ ଅନ୍ତର୍ଜାତୀୟ ସ୍ତରର ମର୍ଯ୍ୟାଦାଜନକ ବେସ୍ ଓସ୍କାର ପୁରସ୍କାର ଲାଭ କରିଛନ୍ତି।
- ମହାରାଷ୍ଟ୍ର ଜଳସେଚନ ଓ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ଗୁଲାବ ରାଓ ଘାଓ୍ୱାଣ୍ଡେଙ୍କ ରାଜ୍ୟ ମନ୍ତ୍ରିମଣ୍ଡଳ ଓ ବିଧାନସଭାର ସଦସ୍ୟ ପଦରୁ ଇସ୍ତଫା ପ୍ରଦାନ।
- ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ମୁକ୍ତ କରାଯିବାକୁ ଦାବି କରି ଚୌଦ୍ୱାରସ୍ଥିତ ସର୍କଲ ଜେଲ୍‌ର ୭୭ଜଣ କଏଦୀଙ୍କ ଆମରଣ ଅନଶନ।

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 2 | | | | | | 1 | |
| | 9 | 3 | 6 | | | | | 2 |
| 8 | | | | 3 | | | | |
| 2 | | 6 | 8 | | | | | 4 |
| | | | | | | | 9 | |
| | 1 | 7 | | | | 5 | | |
| | | | | 8 | | 4 | | 1 |
| | 6 | | 5 | 4 | | | 7 | |
| 1 | | | | | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 7 | 1 | 2 | 5 | 6 | 9 | 8 |
| 5 | 2 | 9 | 8 | 7 | 6 | 3 | 4 | 1 |
| 6 | 1 | 8 | 9 | 3 | 4 | 2 | 7 | 5 |
| 3 | 4 | 1 | 6 | 9 | 7 | 8 | 5 | 2 |
| 8 | 6 | 2 | 5 | 4 | 1 | 7 | 3 | 9 |
| 9 | 7 | 5 | 3 | 8 | 2 | 4 | 1 | 6 |
| 7 | 9 | 6 | 2 | 5 | 3 | 1 | 8 | 4 |
| 2 | 5 | 3 | 4 | 1 | 8 | 9 | 6 | 7 |
| 1 | 8 | 4 | 7 | 6 | 9 | 5 | 2 | 3 |

ଗତ କାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସାବରଙ୍ଗ–ଚରମ୍ପା ରାସ୍ତା ମରାମତି କରାଯାଉ

ମହାଶୟ,

ସାବରଙ୍ଗରୁ ଚରମ୍ପା ଯାଇଥିବା ପକ୍କାରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଲାଣି। ସ୍ଥାନେ ସ୍ଥାନେ ଅତି ଗଭୀର ଖାଲ ହୋଇଛି ଯେ ଗାଡ଼ିଘୋଡ଼ା ଦୂରେଥାଉ, ଖାଲିପାଦରେ ମଧ୍ୟ ଚାଲିଯାଇ ହେବନି। ରାସ୍ତାରୁ ଗେଟି, ପିଚୁ ସବୁ ଉପରକୁ ବାହାରି ପଡ଼ିଲାଣି। ଝୁଣ୍ଟିପଡ଼ି ଲୋକେ ଖଣ୍ଡିଆଖାବରା ହେଉଛନ୍ତି। ସାଇକେଲ, ରିକ୍ସା, ଅଟୋ ଯିବା ଆସିବା ସମୟରେ ଲୋକେ ତଳକୁ ଖସି ପଡୁଛନ୍ତି। ଅଳ୍ପଦିନ ତଳେ ବାଇକରେ ବସିଥିବା ଲୋକଟିଏ ତଳକୁ ଖସିପଡ଼ି ଲହୁଲୁହାଣ ହୋଇ ଡାକ୍ତରଖାନା ଯାଇଥିଲେ। ତେବେ ଶୀଘ୍ର ଏହି ରାସ୍ତାଟିକୁ ମରାମତି କରାଯାଇ ଲୋକଙ୍କୁ ମରଣଯନ୍ତାରୁ ରକ୍ଷା କରାଯିବାକୁ ବିଭାଗୀୟ ଅଧିକାରୀଙ୍କୁ ଅନୁରୋଧ।

– ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

## ଚିରନ୍ତନୀ

ଅତି ପ୍ରିୟ ପଥ ତବ ହେଲା ଯେବେ
କଣ୍ଟକେ ଆକୀର୍ଣ୍ଣ
ଦିଅ ଅନୁମତି ନିଜ ପଥ ନିଜେ
ଖୋଜୁ ହେ ନବୀନ!
(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**କର୍ଣ୍ଣାଟକ ନିର୍ବାଚନ**

# ୧୪୧ ଆସନ ଜିତିବ କଂଗ୍ରେସ: ଶିବକୁମାର

**ବେଙ୍ଗାଲୁରୁ,୬।୫**

କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ କଂଗ୍ରେସ ୧୪୧ ଆସନ ଜିତିବ। ରାଜ୍ୟର ଜନସାଧାରଣ ଆମ ଦଳକୁ କ୍ଷମତାକୁ ଆଣିବେ ବୋଲି ରାଜ୍ୟ କଂଗ୍ରେସ ମୁଖ୍ୟ ଡି କେ. ଶିବକୁମାର କହିଛନ୍ତି। ଶନିବାର ଏକ ସାକ୍ଷାତକାରରେ ସେ ଏଭଳି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏଥିସହ ଶିବକୁମାର କହିଛନ୍ତି, ଏଥର ରାଜ୍ୟରେ କଂଗ୍ରେସ ସହଜରେ ସଂଖ୍ୟାଗରିଷ୍ଠତା ହାସଲ କରିବ। ଏହି ବିଜୟ ୧୯୭୮ରେ ହୋଇଥିବା ଦଳର ବିଜୟ ପରି ଲୋକସଭା ନିର୍ବାଚନ ପାଇଁ ଦ୍ୱାର ଖୋଲିବ। ବିଧାନସଭା ନିର୍ବାଚନ ପ୍ରଚାରରେ ୟୁନିଫର୍ମ ସିଭିଲ କୋଡ ଏବଂ ନ୍ୟାଶନାଲ ରେଜିଷ୍ଟର ଅଫ ସିଟିଜେନ(ଏନଆରସି) ଭଳି ପ୍ରସଙ୍ଗ ଉଠାଇଥିବାରୁ ସେ ଭାଜପାକୁ କଡ଼ା ସମାଲୋଚନା କରିଛନ୍ତି। ବିଧାନସଭା ନିର୍ବାଚନରେ ଭାଜପାର କୌଣସି ଏଜେଣ୍ଡା ଏବଂ ଦୂରଦୃଷ୍ଟି ନ ଥିବାରୁ ଏଥର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫ୍ୟାକ୍ଟର କାମ କରିବ ନାହିଁ।


ଡି କେ. ଶିବକୁମାର

# ବରିଷ୍ଠ ଅଧିକାରୀଙ୍କ ସହ ପ୍ରସ୍ତୁତି ସମୀକ୍ଷା କଲେ ସିଇଓ

**ଭୁବନେଶ୍ୱର,୬।୫(ବ୍ୟୁରୋ)**

ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ କିଶୋର ଧଳ ଶନିବାର ଝାରସୁଗୁଡ଼ା ବିଧାନସଭା ଉପନିର୍ବାଚନ ସହ ସମ୍ପୃକ୍ତ ବରିଷ୍ଠ ଅଧିକାରୀମାନଙ୍କ ସହିତ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ପ୍ରସ୍ତୁତି ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ କରିଛନ୍ତି। ଏହି ବୈଠକରେ ଉପନିର୍ବାଚନ ନିମନ୍ତେ ନିଯୁକ୍ତ ହୋଇଥିବା ସାଧାରଣ ପର୍ଯ୍ୟବେକ୍ଷକ ଦେବକ୍ରିଷ୍ଣା ତିୱାରୀ, ପୋଲିସ ପର୍ଯ୍ୟବେକ୍ଷକ ହମିଦ୍ ଅଖତାର, ଖର୍ଚ୍ଚ ପର୍ଯ୍ୟବେକ୍ଷକ ରବିରାଜ ସାହୁ, ରାଜ ଖୋଗରେ, ରାଜ୍ୟ ଆଇନଶୃଙ୍ଖଳା ଆଇଜି ପ୍ରବୀଣ କୁମାର, ଝାରସୁଗୁଡ଼ା ଜିଲାପାଳ ଆବୋଲି ଏସ୍. ନରୱାଣେ ଓ ଆରକ୍ଷୀ ଅଧୀକ୍ଷକ ସ୍ମିଥ୍ ପି.ପୁରୁଷୋତ୍ତମଦାସ, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର, ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରମୋଦ ସାହୁ ଓ ଉପମୁଖ୍ୟ ନିର୍ବାଚନ ଅଧିକାରୀ ପଦ୍ମଜା ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ରାତିଅଧିଆ ପ୍ରଚାର ଅଭିଯୋଗ ଆଣିଲା ବିଜେଡି

**ଭୁବନେଶ୍ୱର,୬।୫(ବ୍ୟୁରୋ)**

ଝାରସୁଗୁଡ଼ା ଉପନିର୍ବାଚନ ପାଇଁ ପ୍ରଚାର ସରଗରମ ହୋଇଛି। ବିଜେଡି ଓ ଭାଜପା ପରସ୍ପର ବିରୋଧରେ ନିର୍ବାଚନ ଆଚରଣବିଧି ଭାଙ୍ଗିବା ନେଇ ଅଭିଯୋଗ କରୁଛନ୍ତି। ଭାଜପା ନିର୍ବାଚନ ଆଚରଣବିଧି ଉଲ୍ଲଂଘନ କରିବା ନେଇ ବିଜେଡିର ଏକ ପ୍ରତିନିଧି ଦଳ ଶନିବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟରେ ଅଭିଯୋଗ କରିଛି। ବିଜେଡିର ଅଭିଯୋଗ ଅନୁସାରେ ରାତିଅଧରେ ଭାଜପା ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ନିର୍ବାଚନ ପ୍ରଚାର କରୁଛନ୍ତି। ସେ ମେ’ ୫ ତାରିଖରେ ଲଳିତ ହେରିଟେଜ, ମୁଦ୍ରା ଫେଶନ, ସାମ୍‌ସଙ୍ଗ ଛକଠାରେ ରାତି ୧ଟାରୁ ୨ଟା ଯାଏ ପ୍ରଚାର କରିଛନ୍ତି। ନିର୍ବାଚନ ଆଚରଣବିଧି ଅନୁସାରେ ରାତି ୧୦ଟା ପରେ ପ୍ରଚାର ଉପରେ କଟକଣା ରହିଛି। ଏହାସତ୍ତ୍ୱେ ଟଙ୍କଧର ରାତି ୧ଟାରୁ ୨ଟା ମଧ୍ୟରେ ଲଳିତ ହେରିଟେଜ ନିକଟ ସାମ୍‌ସଙ୍ଗ ଛକରେ ସହଯୋଗୀଙ୍କ ସହିତ ପ୍ରଚାର କରିଥିଲେ। ଏହି ସମୟରେ ମାଇକ୍ରୋଫୋନ୍ ମଧ୍ୟ ବ୍ୟବହାର କରିଥିଲେ, ଯାହାର ଭିଡିଓ ଫୁଟେଜକୁ ବିଜେଡି ସିଇଓଙ୍କ ନିକଟରେ ଦାଖଲ କରିଛି।

ପଦ୍ମପୁର ଭଳି ଏଠାରେ ଶୋଚନୀୟ ପରାଜୟ ହେବା ଜାଣିବା ପରେ ଭାଜପା ଆଚରଣବିଧି ଭାଙ୍ଗିବା ଏକ ଅଭ୍ୟାସରେ ପରିଣତ କରିଛି ବୋଲି ବିଜେଡି ଅଭିଯୋଗ କରିଛି। ଟଙ୍କଧରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେଡି ସିଇଓଙ୍କ ନିକଟରେ ଦାବି କରିଛି।

## ଝାରସୁଗୁଡ଼ା ଉପନିର୍ବାଚନ
### ସିଇଓଙ୍କୁ ଭେଟିଲେ ଉଭୟ ଦଳ

# ସରକାରୀ କର୍ମଚାରୀଙ୍କୁ ନିର୍ବାଚନ ପ୍ରଚାରରେ ଲଗାଉଛି ବିଜେଡି: ଭାଜପା

**ଭୁବନେଶ୍ୱର,୬।୫(ବ୍ୟୁରୋ)**

ଝାରସୁଗୁଡ଼ା ଉପନିର୍ବାଚନରେ ବିଜେଡି ମହିଳା ସରକାରୀ କର୍ମଚାରୀଙ୍କୁ ନିଜ ଦଳର ପ୍ରଚାର କାର୍ଯ୍ୟରେ ଲଗାଇବା ସହ ଲୋକଙ୍କୁ ଟଙ୍କା ବାଣ୍ଟି ନିର୍ବାଚନ ଆଇନ ଉଲ୍ଲଂଘନ କରୁଛି। ସାଧାରଣ ନିର୍ବାଚନ ହେଉ କି ଉପନିର୍ବାଚନ ସବୁବେଳେ ସରକାରୀ କର୍ମଚାରୀମାନେ ନିୟମ ଉଲ୍ଲଂଘନ କରିବା ସହ ବିଜେଡିର କର୍ମୀ ଭଳି ପ୍ରଚାର କରି ଆସୁଛନ୍ତି। ଶୁକ୍ରବାର ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀର କୋଲାବିରା ବ୍ଲକ ଜିଲାପାଲି ଗ୍ରାମ ପଞ୍ଚାୟତର କମ୍ୟୁନିଟି ରିସୋର୍ସ ପର୍ସନ(ସିଆର୍‌ପି) ଅସ୍ମିତା ନାୟକ, ବିନତା ନାୟକ, ଜେ.ପଣ୍ଡାକିମାଲ ଓ ପୂଜା ପଟେଲ ବିଜେଡି ନିର୍ବାଚନୀ ପ୍ରଚାରରେ ସିଧାସଳଖ ଯୋଗ ଦେଇଥିଲେ। ସେହିପରି ସରବାହଲ ୧ ନମ୍ବର ୱାର୍ଡର ଅଙ୍ଗନୱାଡି ଦିଦି ସୁରୁଚି ପାଢ଼ୀ ଖୋଲାଖୋଲି ସୋସିଆଲ ମିଡିଆରେ ବିଜେଡି ପ୍ରାର୍ଥୀ ଦୀପାଳି ଦାସଙ୍କ ନାଁରେ ପ୍ରଚାର କରୁଛନ୍ତି। ଏହା ନିର୍ବାଚନ ଆଚରଣ ବିଧିକୁ ଉଲ୍ଲଂଘନ କରିବା ସହ ଲୋକପ୍ରତିନିଧି ଅଧିନିୟମ ୧୯୫୧ ଅନୁସାରେ ସରକାରୀ ଚାକିରି କରିଥିବା କୌଣସି ବ୍ୟକ୍ତି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିପାରିବେ ନାହିଁ। ଚାକିରିରେ ଥାଇ ସରକାରୀ ତହବିଲରୁ ଟଙ୍କା ନେଇ ବିଜେଡି ପାଇଁ ନିର୍ବାଚନ ପ୍ରଚାର କରୁଥିବା ଭାଜପା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛି। ଭାଜପାର ଏକ ପ୍ରତିନିଧି ଦଳ ଶନିବାର ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି।

ଭାଜପା ଅଭିଯୋଗ କରିଛି ଯେ, ସରକାରୀ କର୍ମଚାରୀମାନଙ୍କୁ ନିଜ ଦଳ ସପକ୍ଷରେ ଲଗାଇ ପ୍ରଚାର କରିବା ବିଜେଡିର ଚିରାଚରିତ ଅଭ୍ୟାସ। ସେମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି। ଝାରସୁଗୁଡ଼ାରେ ସରକାରୀ କଳ, ବଳ ଦ୍ୱାରା ଭୋଟରଙ୍କୁ ପ୍ରଭାବିତ କରିବାକୁ ବିଜେଡି ଅପଚେଷ୍ଟା ଚଳାଇଛି ବୋଲି ଭାଜପା ମୁଖପାତ୍ର ସୋନାଲୀ ସାହୁ ଅଭିଯୋଗ କରିଛନ୍ତି। ଏହି ପ୍ରତିନିଧିମଣ୍ଡଳୀରେ ମୁଖପାତ୍ର ସତ୍ୟବ୍ରତ ପଣ୍ଡା, ଉମାକାନ୍ତ ପଟ୍ଟନାୟକ, ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ ସମ୍ପାଦିକା ଐଶ୍ୱର୍ଯ୍ୟା ବିଶ୍ୱାଳ, ଲିଗାଲ୍ ସେଲ୍ ସଂଯୋଜକ ଜୟନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।


**idco** Your power to grow — ISO 9001 & 14001 Corporation | ODISHA NEW OPPORTUNITIES

**OFFICE OF THE DIVISIONAL HEAD (ELECTRICAL-II), IDCO, IDCO TOWER, BHUBANESWAR**

No. CAD-459

Tender Call Notice No. BBSR/ELECT-II/E-129/22-23/1360 — Dated: 02.05.2023

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

Name of the Work : Supply, Installation, testing and commissioning of Electrical Distribution Boards for Kalamandal, BBSR.

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect-II), IDCO, IDCO Tower, Janpath, Bhubaneswar | Bid ID No. BBSR/ELECT-II/e-03/23-24 | 10.05.2023 at 12.00 hrs. | 16.05.2023 at 17.00 hrs. |

Further details can be seen from the e-Procurement Portal: **www.tendersorissa.gov.in.** Corrigendum or Addendum if any will not be published in Newspapers and can be seen in e-Procurement portal as well as in IDCO website.

OIPR-14003/11/0030/2324 — Sd./- Divisional Head (Elect.-II), IDCO, Bhubaneswar



**BHUBANESWAR DEVELOPMENT AUTHORITY**

**AKASH SHOVA BUILDING, SACHIVALAYA MARG, BHUBANESWAR – 751001**

**Visit us at: http://www.bda.gov.in**

No.CAD-463:-

**INVITATIONS FOR BIDS (IFB)**

**Bid Identification No. 545** — **dated. 04.5.2023**

1. Executive Engineer, Division-IV, BDA, Bhubaneswar on behalf of Bhubaneswar Development Authority invites percentage rate bids in double Cover system conforming to the Detailed Tender Call Notice (DTCN) from Electrical Contractors having valid H.T. license registered under Government of Odisha, having PAN and valid EPF & ESI registration No., GST Certificate for the item of work mentioned in the table below.

| Sl. No. | Name of work | Estimated cost (in Rs.) | EMD (in Rs.) | Cost of tender paper | Period of completion |
|---|---|---|---|---|---|
| (1) | (2) | (3) | (4) | (5) | (6) |
| 1 | Up-gradation and shifting of 11KV line in connection with conversion of 11KV over head line to 11KV XLPE UG cable in front of ISBT, Bhubaneswar | 34,39,572.00 | 34,400.00 | 6000.00 + 18% GST | 30(Thirty) days |

2. The Bid documents will be available in the website: https://tendersodisha.gov.in from 09.5.2023 to 18.5.2023 up to 17.00 Hours.
3. Bids shall be received only “On line” on or before 18.5.2023 up to 17.00 Hours. The bidder must possess compatible Digital Signature Certificate (DSC) of Class-III.
4. Other details can be seen in the bidding documents.
5. The authority reserves the right to cancel any or all bids at any moment without assigning any reason thereof.
6. Any addendum/corrigendum/cancellation shall only be uploaded in the website: https://tendersodisha.gov.in

OPIPR-13033/11/0059/2324 — Sd. /- Executive Engineer, Division-IV, BDA



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER GAJAPATI, PARALAKHEMUNDI**

Email-gajapaticdmo@gmail.com /Telephone/Fax No. 06815-222205/222305/223834

No. 3321/2023 — Dated 6.5.2023

**ADVERTISEMENT FOR ENGAGEMENT OF RETIRED WILLING GOVERNMENT SERVANTS OF MINISTERIAL STAFF AS OSD & CONSULTANT PHARMACIST/ LABORATORY TECHNICIAN FOR THE ESTABLISHMENT OF CDM&PHO, GAJAPATI, PARARALAKHEMUNDI**

No. E-82:- Applications are invited from the willing retired Government Servants in enclosed format (Application Form) for engagement of **01 numbers of retired Ministerial staff as OSD & 09 numbers of retired Pharmacist as Consultant Pharmacist and 08 no of retired L.T as Consultant Laboratory Technician** against regular vacancy on contractual basis for the period of one year or till the vacancies are filled up , whichever is earlier with following conditions & eligibility conditions on or before by **17.05.2023, 1.00 P.M.**

The details of Advertisement and Terms & Conditions of Engagement are available in **District Website http// www.gajapati.nic.in**

All correspondence of this office will be made through respective E-Mail-id.

**Sd./- Chief District Medical & Public Health Officer, Gajapati, Paralakhemundi**

OIPR-10105/11/0003/2324



OFFICE OF THE DEAN & PRINCIPAL

**V.S.S. INSTITUTE OF MEDICAL SCIENCES & RESEARCH, BURLA**

**Dist: SAMBALPUR, Odisha, Pin-768017**

e-mail: vssmcburlaorissa@gmail.com/ sicklecellvssmc@gmail.com

**Tender Call Notice No:2778/VIMSAR,Burla Dated: 04.05.2023**

**TENDER CALL NOTICE**

No. E-80:- Sealed Tenders are invited by the undersigned from the Registered reputed manufacturers / authorized dealers, DGS & D rates contract holder/ EPM rate contract holders and registered firms under GST act for the supply of Glassware, Plastic Wares, Chemicals, Reagents, Kits for the Odisha Sickle Cell Project, Sickle Cell Institute, Veer Surendra Sai Institute of Medical Sciences and Research, Burla on or before dt: **09.06.2023** upto **11.00 A.M.** through Regd. Post/Speed Post only which will be opened on dt: **09.06.2023** at **12.00 Noon**.

The detailed terms and conditions of the tender call notice can be obtained personally or by their representative from the Sickle Cell Institute, VIMSAR, Burla on or before **08.06.2023 at 1.00 P.M.** and can be downloaded from the website **http://vimsar.ac.in** & **http://sambalpur.nic.in** from its date of publication.

**Sd./- Dean & Principal**
**VSS Inst. of Med. Sc. & Research, Burla**

OIPR-10187/11/0007/2324



**GOVT. OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, MAHANADI NORTH DIVISION-I, JAGATPUR, CUTTACK**

**E-mail ID :- exengr.mnd@gmail.com**

**‘e’ Procurement Notice No- MND-02/2023-24**

**No. A-98:-** The bid documents consisting of work, estimated cost, cost of tender paper, EMD, time of completion, class of contractor, the set of term & conditions of contract and other necessary documents can be seen in e- procurement portal **www.tendersorissa.gov.in**. The tender submission process will be completely online.

**BIDDERS REGISTERED THEMSELVES UNDER CDMS PORTAL ONLY CAN PARTICIPATE IN THE BIDDING PROCESS AFTER 31.12.2020 AS PER WORKS DEPTT. LETTER NO- 9100 DATED 17.07.2020.**

1. Nature of Work : Canal & River Embankment work
2 Total No. of Works : 39 (Thirty nine) works
3. Bid Identification No : MND-02/2023-24
4. Tender Cost : Rs.10.48 Lakhs to Rs.49.98 Lakhs
5. Class of Contractor : “D, C & B” Class
5. Period of completion : 9 (Nine) Months
6. Other Details : As noted below
   a) Procurement Officer : Superintending Engineer, Mahanadi North Division-I, Jagatpur, email: exengr.mnd@gmail.com Ph:- 0671-2491546
   b) Availability of Tender On-line for bidding : 10.00 Hours of 08.05.2023 to 17.30 Hours of 15.05.2023
   c) Last date & time of submission of bid document : 17.30 Hours of 15.05.2023
   d) Date, time & place of opening of bid : 16.05.2023 at 11.30 Hours in the O/o the Superintending Engineer, Mahanadi North Division-I, Jagatpur
   e) Date of Lottery (if required) : Intimated Later on.

Further details can be seen from the Govt. website "**https://tendersodisha.gov.in**"

**Superintending Engineer, Mahanadi North Division-I, Jagatpur**

OIPR-32003/11/0002/2324



**COLLECTORATE, RAYAGADA**

**(District Disaster Management Authority, Emergency Section)**

**Adv. No. 394/VIII-06/23** — **Date: 04.05.2023**

**EoI invited from eligible NGOs for Preparation of Village Disaster Management Plans in Rayagada District under the Programme for Community Resilience**

No. F-45: The Expression of Interest (EoI) is invited from the interested registered Non-Government Organizations (NGOs) who will be engaged for preparation of Village Disaster Management Plans (VDMPs) in Odia Language in different Blocks of Rayagada District with the Financial & Technical Support of OSDMA, Bhubaneswar. The details of eligibility criteria, Term of Reference (ToR), selection procedure of NGO & others are uploaded in the District NIC Website **(https://rayagada.nic.in)**. The interested NGOs should apply by 18.05.2023 upto 1.00 P.M. and the same will be opened on 20.05.2023 at 11.00 A.M. Any modification, alternation and date of extension, if so required will be intimated through the above District NIC Website only. The authority reserved the right to cancel any or the entire proposal of EoI without assigning any reason thereof.

**Sd./- Collector-cum-Chairperson, DDMA, Rayagada**

**OIPR-24365/11/0001/2324**



**GOVERNMENT OF ODISHA** — **No. B-161**

**OFFICE OF THE SUPERINTENDING ENGINEER, KALAHANDI (R&B) DIVISION, BHAWANIPATNA**

**E-mail: eekalahandi@gmail.com, Fax No.: 06670-230512**

**E-Procurement Notice**

**Bid Identification No. BC KLD-03/2023-24**

**No. 5844** — **Dated: 29.04.2023**

| | | | |
|---|---|---|---|
| 1. | Name of the work | : | 02 (Two) numbers Civil Work & 05 (Five) numbers Electrical Works |
| 2. | Estimated Cost | : | Rs.7.00 to 81 Lakhs |
| 3. | Period of Completion | : | 01 (One) to 08 (Eight) Calendar Months |
| 4. | Date and time of availability of bid document in the portal | : | 11.00 hours of 06.05.2023 to 17.00 hours of 16.05.2023 |
| 5. | Last date/time for receipt of bid in the portal | : | 17.00 hours of 16.05.2023 |
| 6. | Name and address of the Officer Inviting Bid | : | Superintending Engineer, Kalahandi (R&B) Division, Bhawanipatna |
| 7. | Date & Venue of Opening of the Single Cover Bid and Technical Bid (Cover 1) of Double Cover Bid | : | On 19.05.2023 at 11.00 A.M. in the Office of the Superintending Engineer, Kalahandi (R&B) Division, Bhawanipatna |

Further details can be seen from the e-procurement portal **https://tendersodisha.gov.in**.

**Sd./- (Er. S.K. Naik)**
**Executive Engineer**
**Kalahandi (R&B) Division**

**OIPR-34017/11/0005/2324**



**GOVERNMENT OF ODISHA**

**“e” - PROCUREMENT NOTICE**

**WORKS DEPARTMENT**

**E-mail: pwdoff_khd@yahoo.com**

**Tender Call Notice No. 04/2023-24**

No. B-167: The Superintending Engineer, Khurda (R&B) Division, Khurda on behalf of Governor of Odisha invites percentage rate bid in Single Cover System in ONLINE MODE from eligible class of contractors having valid registration certificate for execution of the Civil works as detailed below:

1. Nature of Work : Road & Building work
2. No. of Work : 02 Nos.
3. Tender Cost : Rs.6000.00 (Online)
4. Class of Contractor : Sl. No. 01 ‘B’ Class Contractor; Sl. No. 02 ‘C’ Class Contractor
5. Available of Bid document in the website : From Dt.15.05.2023 at 10.30 A.M. to Dt.25.05.2023 at 5.00 P.M.
6. Date of Opening of Bids : Dt.26.05.2023 at 11.30 A.M.
7. Bidders have to participate in ONLINE bidding only. Further details can be seen from the website: **https://tenderodisha.gov.in**. Any information regarding Addendum/Corrigendum/ Cancellation of tender can be available in the said website.

**Sd./- Superintending Engineer**
**Khurda (R&B) Division, Khurda**

**OIPR-34095/11/0003/2324**



See Career Appointment on every Wednesday & Saturday



ଓଡ଼ିଶା ସରକାର

GOVERNMENT OF ODISHA

**OFFICE OF THE ENGINEER-IN-CHIEF, ELECTRICITY-CUM-PRINCIPAL CHIEF ELECTRICAL INSPECTOR (ODISHA)**

**POWER HOUSE SQUARE, UNIT-V, BHUBANESWAR**

**TEL. NO.0674-2394873, Fax: 2391255/ 2391024,**

**E-Mail: sdaorissa@nic.in, eic-epcei@nic.in**

**CANCELLATION OF EXPRESSION OF INTEREST (EoI)FOR EMPANELLING ENERGY AUDIT FIRMS FOR CARRYING OUT ENERGY AUDIT IN INDUSTRY & BUILDINGS**

No. AA-06:- The Expression of Interest (EOI) called from eligible energy auditing firms for empaneling of energy audit firms for carrying out Energy Audit in Industry & Building by this office is here by cancelled.

**Sd./- EIC(E)-cum-PCEI & SDA(Odisha)**

OIPR-04068/11/0005/2324



**GOVT. OF ODISHA**

**OFFICE OF THE COLLECTOR**

**KANDHAMAL, PHULBANI**

**(ST & SC Development Section)**

**No. 2072/SSD-IV-11/23** — **Dated: 06.05.2023**

**NOTICE INVITING OBJECTION**

No. V-07: It is hereby informed to all applicants who have applied for the post of Lady matron in pursuant to this office Advertisement No. 1401 / Dated: 24.03.2023 that, the provisional list of valid & rejected applicants is available in the district website i.e. **www.kandhamal.nic.in** as well as in the Notice Board of District Welfare Officer, Kandhamal.

The applicants are requested to go through the lists and file their objection, if any, with justification along with supporting documents by Regd. Post/Speed Post by date: 23.05.2023. Objections recevied after 23.05.2023 shall not be entertained. The applicants are also requestd to furnish the wanting documents as mentioned in the remarks column on or before aforementioned dateline positively.

**Collector**
**Kandhamal, Phulbani**

**OIPR-19337/11/0001/2324**



**OFFICE OF THE MUNICIPAL COUNCIL, TITILAGARH**

**No.1036/Dated 04.05.2023**

**e-Tender Notice**

**BID Identification No. TIGM_04_2023**

**No.C-253:-** Bid documents consisting of work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. **https://tendersodisha.gov.in**

1. Name of the work : Civil Construction works as mentioned in website
2. No. of works : 13 Nos.
3. Estimated cost : As per DTCN
4. Period of completion : 60 Days to 90 Days
5. Date and time of availability of Bid Documents in the Portal : From 06.05.2023, 5.00 PM to 15.05.2023, 5.00 PM
6. Last date & time for receipt of Bids in the portal : On 15.05.2023 at 05.00 PM
7. Last date & time for deposit of Fees & Documents (in sealed envelope) at Office : On 18.05.2023 at 01.00 PM
8. Bids received online shall be opened on : On 20.05.2023 at 10.00 AM
9. Name and address of the officer inviting Bid : Executive Officer, Titilagarh Municipality

Further details can be seen from the procurement portal i.e. **https://tendersodisha.gov.in**

**Sd./- Executive Officer, Titilagarh Municipality**

OIPR-13095/11/0004/2324



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, PURI**

**CONTRACTUAL APPOINTMENT / WALK-IN-INTERVIEW**

**Advt. No :1930/DPMU** — **Dt.:04.05.2023**

No.E-81:- Interested candidates may attend the walk-in-interview for the post of Medical Officers at DHH, Puri on contractual basis as per the NHM norms.

| Sl. No. | Name of the Post | Vacancy |
|---|---|---|
| 01 | MO, MBBS (SNCU & NCD) | 2 |

The application format and details are available in the website **www.puri.nic.in**

**Sd./- Chief District Medical & Public Health Officer, Puri**

OIPR-10021/11/0004/2324



**No. i-110**

**GOVERNMENT OF ODISHA**

**OFFICE OF THE PANCHAYAT SAMITI, BARCHANA, JAJPUR**

**‘E’ PROCUREMENT NOTICE No. Tender Online 01 BAD / 2023-24**

1. Name of work : Building Works (Sub-Centre Building)
2. Total No. of work : 10 Nos. of Work
3. Estimated Cost (Approx.) : Rs.3190084/- to Rs.3197855/-
4. Period of Completion : 270 days
5. Class of Contractor : B & C

Other details are as follows :
a) Procurement Officer : Block Development Officer, Barchana, Jajpur
b) Availability of tender online & submission of bid : 15.05.2023 at 11.00 A.M. to 26.05.2023 upto 5.00 P.M.
c) Last date & time of seeking of tender clarification : 24.05.2023 upto 1.00 P.M.
d) Opening of Tender : 29.05.2023 at 11.30 A.M.

Further details can be seen on the Govt. website: **www.tendersodisha.gov.in**.

**Sd./- Block Development Officer, Barchana, Jajpur**

**OIPR-19360/11/0001/2324**



**Government of Odisha**

**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BHAWANIPATNA**

**NOTICE**

**FOR PRADHAN MANTRI GRAM SADAK YOJANA (PMGSY) NATIONAL COMPETITIVE BIDDING THROUGH E-PROCUREMENT NOTICE FOR PMGSY-III, BATCH-I (2022-23) PACKAGES**

**Bid identification No. BPT/Online-02/2023-24**

No. O-115: **The Chief Construction Engineer, R. W. Circle, Bhawanipatna on behalf of Odisha State Rural Road Agency invites the percentage rate bids** in electronic tendering system for construction of roads & bridges under Pradhan Mantri Gram Sadak Yojana in the districts of **Kalahandi and Nuapada for 14 (fourteen)** number of package with estimated cost totaling to Rs.51.02 Cr. including their maintenance for five years from the eligible contractors registered with **State PWD / CPWD / MES / Railways**. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

Date of release of Invitation for Bids through e-procurement **dtd.10.05.2023**.

**Availability of Bid Documents and mode of submission:** The bid document is available online and should be submitted online in **www.pmgsytenders.gov.in**. The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved format (c) original affidavit regarding correctness of information furnished with bid document as per provisions of Clause 4.4B(a)(ii)of ITB with **C.C.E., R. W. Circle, Bhawanipatna/** Concerned Superintending Engineer / Executive Engineer, R.W. Division (as per Tender Call Notice) on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.

**Last Date/ Time for receipt of bids through e-procurement: 30.05.2023 upto 5.00 P.M.**

For further details please log on to www.pmgsytenders.gov.in

**Sd./- CHIEF CONSTRUCTION ENGINEER**
**Rural Works Circle, Bhawanipatna**

**OIPR-25102/11/0004/2324**

## ସଂକ୍ଷେପରେ

### ଧରାପଡ଼ିଲେ ୬ ପେସାଦାର ଲୁଟେରା

୨୦ ମୋବାଇଲ, ଗୋଟିଏ ବାଇକ୍ ଜବତ

ଭୁବନେଶ୍ୱର,୬।୫(ବ୍ୟୁରୋ) - ରାଜଧାନୀରେ ଆତଙ୍କ ଖେଳାଉଥିବା ଲୁଟେରା ଗ୍ୟାଙ୍ଗ୍‌ର ୬ ପେସାଦାର ଅଭିଯୁକ୍ତଙ୍କୁ କମିଶନରେଟ ପୋଲିସ ଗିରଫ କରିଛି। ସେମାନେ ହେଲେ ଶାନ୍ତିପଲ୍ଲୀ ବସ୍ତିରେ ରହୁଥିବା ଭୂପତି ଭୋଇ, ପୁରୀର ଦୀପକ ପ୍ରଧାନ, କନ୍ଧମାଳର ସୁଜିତ ସିଂ, ଗଞ୍ଜାମର ଡି ଦୀପ୍ତି ରଞ୍ଜନ ଓ ସନ୍ତୋଷ ପ୍ରଧାନ ଏବଂ ନୟାଗଡର ବିନାୟକ କୁମାର ମହାପାତ୍ର। ଏମାନଙ୍କଠାରୁ ବିଭିନ୍ନ କମ୍ପାନୀର ୨୦ଟି ଚୋରା ମୋବାଇଲ ଫୋନ୍ ଓ ଗୋଟିଏ ବାଇକ୍ ଜବତ କରିଛି ପୋଲିସ। ନୟାପଲ୍ଲୀ ଓ ତମାଣ୍ଡୋ ଥାନା ପୋଲିସ ଜଣେ ଲେଖାଏ ଅଭିଯୁକ୍ତଙ୍କୁ ଧରିଥିବାବେଳେ ଖଣ୍ଡଗିରି ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେହିପରି ଜଣେ ମହିଳାଙ୍କୁ ମାଡ ମାରି ମୋବାଇଲ ଲୁଟିନେବା ଅଭିଯୋଗରେ ୨ଜଣଙ୍କୁ ଗିରଫ କରିଛି ଶହୀଦନଗର ଥାନା ପୋଲିସ। ଏନେଇ ପୃଥକ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ସମସ୍ତଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ବିନାୟକ ବିଭିନ୍ନ ଅପରାଧରେ ସମ୍ପୃକ୍ତ ଥିବାରୁ ତାଙ୍କ ବିରୋଧରେ ସିଆର୍‌ପିସି-୧୧୦ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବା ଲାଗି ପଦକ୍ଷେପ ନିଆଯାଉଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

### ଗୋଷ୍ଠୀ ସଂଘର୍ଷ: ଉଭୟ ପକ୍ଷରୁ ୨ ଗିରଫ

ଭୁବନେଶ୍ୱର,୬।୫(ବ୍ୟୁରୋ)- ଦୁଇ ଗୋଷ୍ଠୀ ମଧ୍ୟରେ ମାଡ ପିଟି ହୋଇ ଆହହ ହେବା ଘଟଣାରେ ଧଉଳି ଥାନା ପୋଲିସ ଉଭୟ ପକ୍ଷରୁ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ସ୍ଥାନୀୟ ଅଞ୍ଚଳର ଅକ୍ଷୟ ଭୋଇ ଓ ସରତ ଭୋଇ । ସେମାନଙ୍କଠାରୁ ଗୋଟିଏ ମୋଟରସାଇକେଲ ,ରୁପା ଚେନ,ମନି ପର୍ଶ ଏବଂ ଗୋଟିଏ ବାଉଁଶ ବାଡି ଜବତ ହୋଇଛି।ସୂଚନାନୁସାରେ ଶୁକ୍ରବାର ସକାଳେ କୌଣସି ଏକ କାରଣକୁ ନେଇ ଉଭୟ ପକ୍ଷ ମଧ୍ୟରେ ପ୍ରଥମେ ଯୁକ୍ତିତର୍କ ଆରମ୍ଭ ହୋଇ ପରେ ଏହା ଭୀଷଣ ରୂପ ନେଇଥିଲା । ପରସ୍ପର ପରସ୍ପରକୁ ଆକ୍ରମଣ କରିବା ଦ୍ୱାରା ଉଭୟ ପକ୍ଷ ଆହତ ହୋଇଥିଲେ। ଏହି ଘଟଣାରେ ଏକ ମୋଟରସାଇକେଲ ଭାଙ୍ଗି ଯାଇଥିବା ବେଳେ ପରସ୍ପର ପରସ୍ପର ପ୍ରତି ଚୋରୀ ଅଭିଯୋଗ ମଧ୍ୟ ଆଣିଥିଲେ । ଉଭୟ ପକ୍ଷର ଅଭିଯୋଗ ଆଧାରରେ ଧଉଳି ଥାନା ପୋଲିସ ମାମଲା ରୁଜୁ କରି ତଦନ୍ତ କରିବା ସହିତ ମାମଲାରେ ସମ୍ପୃକ୍ତ ଥିବା ନିମ୍ନୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଫେରାର ଥିବା ଅନ୍ୟମାନଙ୍କୁ ଧରିବାକୁ ଚେଷ୍ଟା ଜାରି ରଖିଛି ।

### ପ୍ରେମିକ ବିରୋଧରେ ପ୍ରେମିକାଙ୍କ ବ୍ଲାକ୍‌ମେଲିଂ ଅଭିଯୋଗ

ଭୁବନେଶ୍ୱର,୬।୫(ବ୍ୟୁରୋ)- ବିବାହର ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କୁ ପ୍ରଥମେ ପ୍ରେମ ପରେ ଶାରିରୀକ ସମ୍ପର୍କ ରଖିଲେ। ହେଲେ କୌଣସି କାରଣରୁ ଯୁବତୀ ଜଣକ ଦୂରେଇ ରହିବାକୁ ଚାହିଁବାରୁ ପ୍ରେମିକ ଯୁବକ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ କରିବାକୁ ଧମକ ଦେଇ ବ୍ଲାକ୍‌ମେଲିଂ କଲେ। ଏନେଇ ପ୍ରେମିକଙ୍କ ନାଁରେ ପ୍ରେମିକ ଜଣକ ଶହୀଦନଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ଯୁବକ ହେଉଛନ୍ତି ନରେଶ ପଳେଇ। ତାଙ୍କ ଘର ନୟାଗଡରେ ହୋଇଥିବାବେଳେ ସେ ମଧୁସୂଦନ ନଗର ରହୁଥିଲେ। ଯୁବତୀଙ୍କ ଅଭିଯୋଗ ଅନୁସାରେ, ନରେଶଙ୍କ ସହ ତାଙ୍କର ୩ବର୍ଷ ହେବ ସମ୍ପର୍କ ଥିଲା। ଯୁବତୀ ଯେତେବେଳେ ବାହାଘର ପାଇଁ କହିଥିଲେ ସେତେବେଳେ ଯୁବକ ମନା କରିଦେଇଥିଲେ। ଏନେଇ ଯୁବତୀ ଦୂରେଇ ରହିବାକୁ କହିବାରୁ ଯୁବକ ଜଣକ ତାଙ୍କ ଅଜାଣତରେ କିଛି ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓ ରଖି ଟଙ୍କା ମାଗିଥିଲେ। ପରେ ଯୁବତୀ ଜଣକ ୩୦ ହାଜର ଟଙ୍କା ଦେବା ପରେ ବି ପ୍ରେମିକ ଅଧିକ ମାଗୁଛନ୍ତି। ଏଥିସହ ବାରମ୍ବାର ଶାରୀରିକ ସମ୍ପର୍କ ରଖିବାକୁ ବାଧ କରୁଥିବା ଯୁବତୀ ଜଣକ ଥାନାରେ ଅଭିଯୋଗ କରିଛନ୍ତି।

### ମଧୁବୈଶ୍ୟ ସମାଜର ବୈଠକ

ବାଲିଅନ୍ତା,୬।୫(ଡି.ଏନ୍.ଏ.)- ବାଲିଅନ୍ତା ବ୍ଲକ ଅଧୀନ ଭୁବନପୁର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଉତ୍ତରମୁଖୀଙ୍କ ପୀଠରେ ଶନିବାର ୮ ସାହି ମଧୁବୈଶ୍ୟ ସମାଜର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାଣବନ୍ଧୁ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ମଧୁବୈଶ୍ୟ ଜାତିର ଶତାଧିକ ଭାଇମାନେ ଏହି ବୈଠକରେ ଯୋଗଦେଇଥିଲେ। ବୈଠକରେ ସମାଜକୁ ଅଧିକ ସଂଗଠିତ କରିବା ସହିତ ନିଜ ନିଜ ଭିତରେ ସମ୍ପର୍କକୁ ଅଧିକ ସୁଦୃଢ ପାଇଁ ଆଲୋଚନା ହୋଇଥିଲା। ଜାତିର ଇଷ୍ଟ ଦେବତା ଶ୍ରୀଗଣେଶଙ୍କ ଏକ ମନ୍ଦିର ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସମ୍ପାଦକ ଲକ୍ଷ୍ମୀଧର ସାହୁ ବୈଠକ ପରିଚାଳନା କରିଥିଲେ।

# କଟକରେ ନକଲି ମୃଦୁ ପାନୀୟ କାରଖାନା



ନକଲି ମୃଦୁ ପାନୀୟ କାରଖାନାରେ ସିଏମ୍‌ସି ପକ୍ଷରୁ ଚଢାଉ କରାଯାଉଛି।



ଜବତ ଥଣ୍ଡା ପାନୀୟ ବୋତଲ।

କଟକ ଅଫିସ,୬।୫

- ୮ ଲକ୍ଷର ଯନ୍ତ୍ରାଂଶ, ଥଣ୍ଡା ପାନୀୟ ବୋତଲ ଜବତ
- ୫୦ ହଜାର ଜରିମାନା ଆଦାୟ
- କାରଖାନା ସିଲ୍

କଟକ ନକଲି ଓ ଅପମିଶ୍ରିତ କାରବାରର ପେଣ୍ଠସ୍ଥଳ ପାଲଟିଛି। ପୂର୍ବରୁ ବେଆଇନ କାରଖାନାରେ ପୋଲିସ ଚଢ଼ାଉ କରି ନକଲି ସିମେଣ୍ଟ, ଚା, ମସଲା, ଅପମିଶ୍ରିତ ସସ୍ ଆଦି ଜବତ କରିଛି। କେତେକ କ୍ଷେତ୍ରରେ କାରଖାନାକୁ ସିଲ୍ କରାଯିବା ସହ କର୍ମଚାରୀଙ୍କୁ ଗିରଫ କରାଯାଇଛି। ହେଲେ ଏହା ଉପରେ ସମ୍ପୂର୍ଣ୍ଣ ମାତ୍ରାରେ ରୋକ୍ ଲଗାଯାଇପାରୁନାହିଁ। ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଶନିବାର କଟକ ସୂତାହାଟ ଅଞ୍ଚଳର ଦର୍ଜି ସାହିରେ ଥିବା ଜାଭେଦ ଏଣ୍ଟରପ୍ରାଇଜ୍ ନାମକ ନକଲି ମୃଦୁ ପାନୀୟ କାରଖାନାରେ ସିଏମ୍‌ସି ପକ୍ଷରୁ ଚଢ଼ାଉ କରାଯାଇଥିଲା। ସେଠାରୁ ୮ ଲକ୍ଷ ଟଙ୍କାର ଯନ୍ତ୍ରାଂଶ, ମୃଦୁ ପାନୀୟ ବୋତଲ, ଖାଲି ବୋତଲ ଜବତ କରାଯିବା ସହିତ ୫୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ପରେ ଉକ୍ତ କାରଖାନାକୁ ସିଲ୍ କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଅଞ୍ଚଳରେ ଏହି ନକଲି ମୃଦୁ ପାନୀୟ କାରଖାନା ଦୀର୍ଘଦିନ ଧରି ଚାଲୁଥିଲା। କାରଖାନା କର୍ତ୍ତୃପକ୍ଷ କଟକ ସହରରେ ବ୍ୟବସାୟ ନ କରି ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା ଜିଲାରେ ବ୍ୟବସାୟ କରୁଥିଲେ। ବିଶେଷକରି ବିନା ପରୀକ୍ଷାନିରୀକ୍ଷା ଓ ଅସ୍ୱାସ୍ଥ୍ୟକର ପରିବେଶରେ ମୃଦୁ ପାନୀୟ ପ୍ରସ୍ତୁତ କରାଯାଉଥିଲା। ଖବରପାଇ କ୍ୟାଣ୍ଟନମେଣ୍ଟ ପୋଲିସ ସହଯୋଗରେ ସିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ, ଖାଦ୍ୟ ସୁରକ୍ଷା ଅଧିକାରୀ ଓ କର୍ମଚାରୀମାନେ ସେଠାରେ ଚଢ଼ାଉ କରିଥିଲେ। ଯାଞ୍ଚବେଳେ ବେଆଇନ ଭାବେ ନକଲି ମୃଦୁ ପାନୀୟ ପ୍ରସ୍ତୁତ ହେଉଥିବା ଜଣାପଡିଥିଲା। କାରଖାନାର ଫୁଡ୍ ଲାଇସେନ୍ସ ଓ ଟ୍ରେଡ୍ ଲାଇସେନ୍ସ ନ ଥିଲା। ଏପରି କି କାରଖାନା କର୍ତ୍ତୃପକ୍ଷ ଆବଶ୍ୟକ କାଗଜପତ୍ର ଦେଖାଇବାରେ ବିଫଳ ହୋଇଥିଲେ। ସବୁଠାରୁ ଆଶ୍ଚର୍ଯ୍ୟର କଥା ବାହାରେ ଫିଙ୍ଗା ଯାଉଥିବା ଥଣ୍ଡା ପାନୀୟ ବୋତଲକୁ ସଂଗ୍ରହ କରାଯାଉଥିଲା। ତାହାକୁ ସଫା କରାଯିବା ପରେ ସେଥିରେ ଥଣ୍ଡା ପାନୀୟ ଭର୍ତ୍ତି କରି ସିଲ୍ କରାଯାଉଥିଲା। ପରେ ତାହାକୁ ବିକ୍ରି ପାଇଁ ବଜାରକୁ ପଠାଯାଉଥିଲେ। ବିନା ଅନୁମତିରେ ଏହି କାରଖାନା ଚାଲୁଥିବା ଜଣାପଡିଛି। ବାସ୍ତବରେ ଏହି ଥଣ୍ଡା ପାନୀୟ ଲୋକଙ୍କ ଶରୀର ପାଇଁ କେତେ ଉପଯୋଗୀ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଜବତ ଥଣ୍ଡା ପାନୀୟ ବୋତଲ ପରୀକ୍ଷା ପାଇଁ ଲାବୋରେଟୋରିକୁ ପଠାଯିବ ବୋଲି ସିଏମ୍‌ସି ପକ୍ଷରୁ ଜଣାପଡିଛି।





କଟକ ବାଲିଯାତ୍ରା ଉପର ପଡିଆରେ ସା ପରିଚୟ ଫାଉଣ୍ଡେଶନ ପକ୍ଷରୁ ଅନୁଷ୍ଠିତ ଜାତୀୟ ଆଦିବାସୀ ମେଳାର ଶନିବାର ନବମ ସନ୍ଧ୍ୟାରେ କଳାକାରଙ୍କ ଦ୍ୱାରା ପରିବେଷିତ ଆଦିବାସୀ ନୃତ୍ୟ।

## ଅଭିଯୋଗକୁ ଖଣ୍ଡନ କଲେ ଥାନା ଅଧିକାରୀ

ବାଲିପାଟଣା ଥାନା ଅଧିକାରୀଙ୍କ ବିରୋଧରେ ମହିଳାଙ୍କ ଦୁର୍ବ୍ୟବହାର ଅଭିଯୋଗ

ଭୁବନେଶ୍ୱର,୬।୫(ବ୍ୟୁରୋ)

ବାଲିପାଟଣା ଥାନା ଅଧିକାରୀ ଓମ୍ ପ୍ରକାଶ ମହାନ୍ତିଙ୍କ ବିରୋଧରେ ଶନିବାର ଜଣେ ମହିଳା ସାଂଘାତିକ ଅଭିଯୋଗ ଆଣିଛନ୍ତି। ମହିଳାଙ୍କ ଅଭିଯୋଗ ଅନୁଯାୟୀ ଥାନା ଅଧିକାରୀ ତାଙ୍କ ଜାତି ଓ ଚରିତ୍ରକୁ ନେଇ ଖରାପ ମନ୍ତବ୍ୟ ଦେଇ ଦୁର୍ବ୍ୟବହାର କରିଛନ୍ତି। ଏପରିକି ଜଣେ ରାଜନୈତିକ ନେତାଙ୍କ ପାଖରେ ସେ ଶୋଇଛନ୍ତି ବୋଲି ଥାନା ଅଧିକାରୀ ତାଙ୍କୁ କହିଥିବା ସେ ଗୁରୁତର ଅଭିଯୋଗ ଆଣିଛନ୍ତି। ଅନ୍ୟପଟେ ମହିଳାଙ୍କ ଏଭଳି ଅଭିଯୋଗକୁ ଥାନା ଅଧିକାରୀ ଓମ୍. ପ୍ରକାଶ ମହାନ୍ତି ଖଣ୍ଡନ କରିଛନ୍ତି। କୌଣସି ଦୁର୍ବ୍ୟବହାର କରି ନ ଥିବା ସେ କହିଛନ୍ତି। ଏହାସହ ସେ ଆହୁରି ମଧ୍ୟ କହିଛନ୍ତି ଯେ, ମହିଳା ଜଣଙ୍କ ପୋଲିସକୁ ବଦନାମ କରିବାକୁ ଚେଷ୍ଟା କରୁଛନ୍ତି। ତେଣୁ ବଦ୍‌ନାମ କରିଥିବାରୁ ମହିଳାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେବୋଲି ମହାନ୍ତି କହିଛନ୍ତି ।

ସୂଚନାନୁସାରେ ଶାଶୁ ଘର ଲୋକେ ଘରେ ପ୍ରବେଶ କରିବାକୁ ଅନୁମତି ଦେଉ ନ ଥିବାରୁ ଅଭିଯୋଗକାରୀ ମହିଳା ଜଣଙ୍କ ବାଲିପାଟଣା ଥାନାକୁ ନ୍ୟାୟ ପାଇଁ ଯାଇଥିଲେ। ହେଲେ ଏହି ସମୟରେ ତାଙ୍କୁ କେସ୍ ନ ରଖି ପୋଲିସ ଓଲଟା ଦୁର୍ବ୍ୟବହାର କରିଥିବା ସେ ଅଭିଯୋଗ କରିଛନ୍ତି। ଏପରି କି ଟଙ୍କା ଖାଇଥିବାରୁ ଥାନା ଅଧିକାରୀ କେସ୍ ରଖୁ ନ ଥିବା ସହ ଦୁର୍ବ୍ୟବହାର ସଂକ୍ରାନ୍ତରେ ମହିଳା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ତଦନ୍ତ କରାଯାଉଛି ବୋଲି ମହିଳା ଥାନାର ଅଧିକାରିଣୀ ଶୁଭଶ୍ରୀ ପଣ୍ଡା କହିଛନ୍ତି।

## ବୟନିକା ମାର୍କେଟ ବିଲ୍ଡିଂ ଶାଖାରେ ରେକର୍ଡ ପରିମାଣ ବିକ୍ରି

ଭୁବନେଶ୍ୱର,୬।୫(ବ୍ୟୁରୋ)

### ସାବିତ୍ରୀ ପାଇଁ ଆକର୍ଷଣୀୟ ନୂଆ ଡିଜାଇନ୍



ଓଡ଼ିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ଲିଃ 'ବୟନିକା' ଶୁକ୍ରବାର ତା'ର ୬୭ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ଏହି ଅବସରରେ ରାଜ୍ୟର ସମସ୍ତ ବୟନିକା ଶାଖାରେ ପାଖାପାଖି ୧ କୋଟି ୨୦ ଲକ୍ଷ ଟଙ୍କାର ବ୍ୟବସାୟ ହୋଇଛି। ଏଥିମଧ୍ୟରୁ ବୟନିକା ମାର୍କେଟ ବିଲ୍ଡିଂ ଶାଖାରେ ୩୨ଲକ୍ଷ ଟଙ୍କାର ବିକ୍ରି ହୋଇଛି, ଯାହା ଗୋଟିଏ ଦିନରେ ହୋଇଥିବା ବିକ୍ରିର ସର୍ବକାଳୀନ ରେକର୍ଡ। ଆଗାମୀ ସାବିତ୍ରୀକୁ ଆଖି ଆଗରେ ରଖି ବୟନିକା ଏହାର ସମସ୍ତ ଶାଖାରେ ନୂଆ ଡିଜାଇନ୍ ତଥା ରଙ୍ଗର ଶାଢ଼ି, ଡ୍ରେସ୍ ସେଟ୍ ତଥା ଅନ୍ୟାନ୍ୟ ଜିନିଷ ଭରପୂର କରି ରଖିଛି। ଏଗୁଡ଼ିକ ଜାତୀୟ ତଥା ରାଜ୍ୟସ୍ତରୀୟ ପୁରସ୍କାରପ୍ରାପ୍ତ ବୁଣାକାର ତଥା ଓଡ଼ିଶାର ଛୋଟବଡ ପ୍ରାଥମିକ ବୁଣାକାର ସମବାୟ ସମିତି ଦ୍ୱାରା ବୁଣାଯାଉଛି । ବୟନିକାର ମାର୍କେଟ୍ ବିଲ୍ଡିଂ ଶାଖାରେ କେତେଜଣ ସନ୍ଥ କବୀର ପୁରସ୍କାରପ୍ରାପ୍ତ ବୁଣାକାର ତଥା ଟାଟା ଅନ୍ତରନ୍ ମାଣିଆବନ୍ଧ ଦ୍ୱାରା ପ୍ରସ୍ତୁତ ଅତ୍ୟାଧୁନିକ ଡିଜାଇନ୍ ଶାଢ଼ିମାନ ସୀମିତ ସମୟ ପାଇଁ ପ୍ରଦର୍ଶିତ ହେଉଛି ଓ ଏହାର ଅର୍ଡର ରଖାଯାଉଛି ବୋଲି ବୟନିକା ପକ୍ଷରୁ ସୂଚନା ଦିଆଯାଇଛି।

## ଯୁବତୀଙ୍କୁ ବ୍ଲାକ୍‌ମେଲିଂ, ସମ୍ପର୍କୀୟ ଭାଇ ଗିରଫ

ଭୁବନେଶ୍ୱର,୬।୫(ବ୍ୟୁରୋ)

ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଜଣେ ସମ୍ପର୍କୀୟ ଭଉଣୀଙ୍କ ସହ ଶାରୀରିକ ସମ୍ପର୍କ ରଖି ପରବର୍ତ୍ତୀ ସମୟରେ ଭିଡିଓ ଭାଇରାଲ ଧମକ ଦେବା ଅଭିଯୋଗରେ ମହିଳା ଥାନା ପୋଲିସ ଶନିବାର ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଅଞ୍ଚଳର ବେଣୁଧର ବେହେରା (୩୧)। ପୂର୍ବରୁ ବ୍ଲାକମେଲର ତଥା ସହଯୋଗୀ ଅନନ୍ତ ପ୍ରସାଦ ସେଠୀଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସୂଚନାନୁସାରେ, ବେଣୁଧର ବିବାହିତ ହୋଇଥିବା ବେଳେ ପୀଡିତାଙ୍କ ସମ୍ପର୍କୀୟ ଭାଇ ହୋଇଥିବାରୁ ତାଙ୍କ ସହ ସମ୍ପର୍କ ବଢ଼ାଇ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ତାଙ୍କ ଅଜାଣତରେ ମୋବାଇଲ ମାଧ୍ୟମରେ ଅନ୍ତରଙ୍ଗ ମୁହୂର୍ତ୍ତର କିଛି ଫଟୋ ଉତ୍ତୋଳନ କରି ରଖିଥିଲେ। ପରେ ଉକ୍ତ ଫଟୋ ଓ ଭିଡିଓକୁ ଭାଇରାଲ କରାଇ ଦେବାର ଧମକ ଦେଇ ବେଣୁଧର ପୀଡିତାଙ୍କ ସହ ବାରମ୍ବାର ଶାରିରୀକ ସମ୍ପର୍କ ରଖ ଆସୁଥିଲେ। ଏହାପରେ ବି ବେଣୁଧର ଉକ୍ତ ଫଟୋ ଓ ଭିଡିଓକୁ ତାଙ୍କର ଜଣେ ସହଯୋଗୀ ଅନନ୍ତ ପ୍ରସାଦ ସେଠୀଙ୍କୁ ପଠାଇ ଦେଇଥିଲେ। ଫଳରେ ଅନନ୍ତ ମଧ୍ୟ ପୀଡିତାଙ୍କୁ ବ୍ଲାକମେଲିଂ କରି ଶାରୀରିକ ସମ୍ପର୍କ ରଖିବା ସହ ଭାଇରାଲ କରାଇ ଦେବାର ଧମକ ଦେଇ ୧୩ ହଜାର ୪ ଶହ ଟଙ୍କା ନେଇଥିଲେ। ପରେ ପୁଣି ଅନନ୍ତ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରିବାରୁ ପୀଡିତା ବାଧହୋଇ ମହିଳା ଥାନାରେ ଅଭିଯୋଗ କରିଥିଲେ।

## ବୈଦ୍ୟେଶ୍ୱରରୁ ଶ୍ରୀକ୍ଷେତ୍ର ଗଲା ଫାସିକାଠ





ଖୋର୍ଦ୍ଧା ଅଫିସ,୬।୫

ଜୁନ୍ ୨୦ରେ ମହାପ୍ରଭୁଙ୍କ ଘୋଷଯାତ୍ରା। ଏଥିଲାଗି ଶ୍ରୀକ୍ଷେତ୍ର ଶ୍ରୀନଅର ନିକଟ ଅସ୍ଥାୟୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଚାଲିଛି। ରଥ ନିର୍ମାଣ ପାଇଁ ଖୋର୍ଦ୍ଧା ବନାଞ୍ଚଳ ଅନ୍ତର୍ଗତ ବାଙ୍କୀ ବୈଦ୍ୟେଶ୍ୱର ଜଙ୍ଗଲରୁ ୧୫ଟି ଫାସିକାଠ ଶ୍ରୀକ୍ଷେତ୍ରକୁ ପଠାଯାଇଛି। ଶନିବାର ପୂର୍ବାହ୍ନରେ ଫାସିକାଠକୁ ଟ୍ରକ୍‌ରେ ଭର୍ତ୍ତି କରାଯାଇଥିଲା। ପୂଜାପାଠ ପରେ ଟ୍ରକ୍‌ଟି ଶ୍ରୀକ୍ଷେତ୍ର ଅଭିମୁଖେ ବାହାରିଥିଲା। ରଥକାଠ ଯିବା ସମୟରେ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ। ନାମ ସଂକୀର୍ତ୍ତନ, ଶ୍ରୀଜଗନ୍ନାଥଙ୍କ ଜୟ ଜୟକାର ଧ୍ୱନିରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା। ଏକ ଶୋଭାଯାତ୍ରାରେ ଲୋକେ ରଥକୁ ବିଦାୟ ଦେଇଥିଲେ।

## ରବୀନ୍ଦ୍ରନାଥ ଟାଗୋର, ଦେଶରାଜଙ୍କୁ ଶ୍ରଦ୍ଧାଞ୍ଜଳି

### ରାଜ୍ୟ ଗ୍ରନ୍ଥାଗାରରେ ପୁସ୍ତକ ପ୍ରଦର୍ଶନୀ, ଆଲୋଚନାଚକ୍ର

ଭୁବନେଶ୍ୱର,୬।୫(ବ୍ୟୁରୋ)

ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ୧୬୨ତମ ଜୟନ୍ତୀ ଓ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରର ପ୍ରଥମ ନିର୍ଦ୍ଦେଶକ ତଥା ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଗ୍ରନ୍ଥାଗାର ସୂଚନା ବିଜ୍ଞାନୀ ଡ. ଦେଶରାଜ କାଲିଆଙ୍କ ୧୯ତମ ଶ୍ରାଦ୍ଧୋତ୍ସବ ଶନିବାର ପାଳିତ ହୋଇଛି । ଏହି ଉପଲକ୍ଷେ ରାଜ୍ୟ ଗ୍ରନ୍ଥାଗାରରେ ଏକ ପୁସ୍ତକ ପ୍ରଦର୍ଶନୀ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାଏ ମୁଖ୍ୟ ଅତିଥିଭାବେ ଯୋଗଦେଇ ସେମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ। ଆଗାମୀ ଦିନରେ ଖ୍ୟାତିସମ୍ପନ୍ନ କବି, ଲେଖକ, ସାହିତ୍ୟିକ, ସ୍ୱାଧୀନତା ସଂଗ୍ରାମୀ, ବରପୁତ୍ରଙ୍କ ଜୟନ୍ତୀ ଓ ଶ୍ରାଦ୍ଧୋତ୍ସବ ପାଳନ ଅବସରରେ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ ଓ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ପ୍ରତିମାସରେ ପୁସ୍ତକ ଚର୍ଚ୍ଚା କାର୍ଯ୍ୟକ୍ରମ ଆୟୋଜନ କରାଯିବା ସହ ବିଦ୍ୟାର୍ଥୀମାନଙ୍କୁ ନିୟମିତ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ମାର୍ଗଦର୍ଶନ ଓ ପାଠାଗାର ଭିତ୍ତିଭୂମି ଉନ୍ନୟନ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଗ୍ରନ୍ଥାଗାରର କର୍ମଚାରୀ ରବୀନ୍ଦ୍ର ଭୋଇଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଭାରପ୍ରାପ୍ତ ଅଧିକାରୀ ଲକ୍ଷ୍ମୀଧର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଗ୍ରନ୍ଥାଗାରିକ ସଂଘମିତ୍ରା ସାହୁ, ରୁଦ୍ରପ୍ରସାଦ ବେହେରା, ସଳିତା ପାତ୍ର, ବିଦ୍ୟାଧର ପଣ୍ଡା, ମଞ୍ଜୁରାଣୀ ମୁଦୁଲିଙ୍କ ସହ କର୍ମଚାରୀ ଓ ପାଠକ ପ୍ରମୁଖ ଯୋଗଦେଇଥିଲେ।

## ମା' ସନ୍ତୋଷୀ ଦେବୀଙ୍କ ବାର୍ଷିକ ଉତ୍ସବ



ଭୁବନେଶ୍ୱର,୬।୫(ବ୍ୟୁରୋ)

ମା' ସନ୍ତୋଷୀ ଦେବୀଙ୍କ ୧୬ତମ ବାର୍ଷିକ ଉତ୍ସବ ଉପଲକ୍ଷେ ବରମୁଣ୍ଡାଠାରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ କଳସ ଯାତ୍ରା ନୀଳକଣ୍ଠେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଦେଇ ବରମୁଣ୍ଡା ଗ୍ରାମ ପରିକ୍ରମା କରିଥିଲା। ଜଳଯାତ୍ରା, ମଙ୍ଗଳାଧିବାସ, ଘଟ ସ୍ଥାପନ ସହ ସୂର୍ଯ୍ୟପୂଜା, ଗୋପୂଜା, ସର୍ବ ଦେବାଦେବୀ ପୂଜା, ଦେବୀଙ୍କର ଷୋଡ଼ଶ ଉପଚାର, ଅଗ୍ନି ସ୍ଥାପନ, ଚଣ୍ଡୀ ପାଠ ଓ ହୋମ କାର୍ଯ୍ୟ ହୋଇଥିଲା। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଭକ୍ତି ସମର୍ପଣ ସନ୍ଧ୍ୟା ଆୟୋଜିତ ହୋଇଥିଲା। ସ୍ଥାନୀୟ କର୍ପୋରେଟର ରାମଚନ୍ଦ୍ର ରଣସିଂହ, ବିଧାନସଭା ସଚିବ ଦାଶରଥି ଶତପଥୀ, ଯୋଜନା ଓ ସଂଯୋଜନା ବିଭାଗର ଯୁଗ୍ମ ଶାସନ ସଚିବ ଅଭୟ କୁମାର ମହାନ୍ତି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପୂର୍ବତନ ଉପସଚିବ ସୁରେନ୍ଦ୍ର କୁମାର ଶତପଥୀ, ସାମ୍ବାଦିକ ସନତ ମିଶ୍ର, ପ୍ରଦ୍ୟୁମ୍ନ ମହାନ୍ତି, ପ୍ରଭାସ ରଞ୍ଜନ ଦାଶପ୍ରମୁଖ ଉପସ୍ଥିତ ଥିଲେ।

## 'ସେଫ୍ ସିଟି ଡ୍ରାଇଭ' ଅଭିଯାନକୁ ନେଇ ଉଠିଲା ପ୍ରଶ୍ନ

ଭୁବନେଶ୍ୱର,୬।୫(ବ୍ୟୁରୋ)



ଅସାମାଜିକ ଯୁବକଙ୍କୁ ବିରୋଧ କରିଥିବା ଲୀଲା ସ୍ୱାଇଁ।

### ଲେଡିଜ୍ ହଷ୍ଟେଲରେ ଭଙ୍ଗାରୁଜା ଘଟଣା, ଜଣେ ଅଟକ

### ଯୁବତୀଙ୍କ ସାହସିକତାକୁ ପ୍ରଶଂସା

ନୟାପଲ୍ଲୀ ଥାନା ଅନ୍ତର୍ଗତ ବେହେରାସାହି ସ୍ଥିତ ଏକ ଲେଡିଜ୍ ହଷ୍ଟେଲରେ ଶୁକ୍ରବାର ରାତିରେ କେତେଜଣ ଅସାମାଜିକ ଯୁବକ ଧସେଇ ପଶିବା ସହ ଜଣେ ଯୁବତୀଙ୍କୁ ଆକ୍ରମଣ କରିବା ସହ ପଥର ମାଡ଼ କରିଥିଲେ। ଏହି ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଉଠାଇ ଆଣି ଅଟକ ରଖି ପଚରାଉଚରା କରୁଛି। ହେଲେ ଏବେବି ଏକାଧିକ ଫେରାର ରହିଛନ୍ତି । ତେବେ ଏହି ଘଟଣା ପରେ ରାଜଧାନୀରେ ରୋଡ ରୋମିଓଙ୍କ ଉତ୍ପାତ ସାମ୍ନାକୁ ଆସିବା ସହ ରାଜଧାନୀରେ ମହିଳାଙ୍କ ସୁରକ୍ଷାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପଟେ ଯୁବକଙ୍କ ଏଭଳିକାଣ୍ଡକୁ ନେଇ ନିନ୍ଦା କରାଯିବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହୋଇଛି। ଅପରପକ୍ଷରେ ଯୁବତୀଙ୍କୁ ଆକ୍ରମଣ କରିବା ସମୟରେ ଏହାକୁ ରୋକିବା ପରିବର୍ତ୍ତେ କେତେଜଣ ଲୋକେ ଘଟଣାକୁ ଦେଖିବା ସହ ମୋବାଇଲରେ ଭିଡିଓ ଉତ୍ତୋଳନ କରିଥିଲେ, ଯାହାକି ସବୁଠୁ ଦୁଃଖର ବିଷୟ। ଯୁବତୀ ଜଣଙ୍କ ଅସାମାଜିକ ଯୁବକଙ୍କ ସହ ଦୀର୍ଘ ୩୦ ମିନିଟ ଧରି ଏକାକୀ ଲଢେଇ କରିଥିଲେ। ଯେତେ ଧମକ ଦେଲେ ମଧ୍ୟ ଯୁବତୀ ଜଣଙ୍କ ଭୟ ନ କରି ତାଙ୍କୁ ସାମ୍ନା କରିଥିଲେ। ତେବେ ଯୁବତୀଙ୍କ ଏଭଳି ସାହସିକତାକୁ ଚାରିଆଡୁ ପ୍ରଶଂସା ମିଳିବା ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସେହିଭଳି ଶୁକ୍ରବାର ରାତିରେ କମିଶନରେଟ ପୋଲିସ ପକ୍ଷରୁ ସହରରେ 'ସେଫ୍ ସିଟି ଡ୍ରାଇଭ' ନେଇ ଗଳିକନ୍ଦିଠାରୁ ଆରମ୍ଭ କରି ମୁଖ୍ୟ ରାସ୍ତାରେ ବାଇକ ଯୋଗେ କଡ଼ାକଡ଼ି ପାଟ୍ରୋଲିଂ ଚାଲିଥିଲେ ମଧ୍ୟ ବହୁ ବିଳମ୍ବରେ ପହଞ୍ଚିବାକୁ ନେଇ ସ୍ଥାନୀୟ ବାସିନ୍ଦା ଅସନ୍ତୋଷ ପ୍ରକାଶ କରିଛନ୍ତି ।

ସୂଚନାନୁସାରେ ଶୁକ୍ରବାର ରାତିରେ ସାଢେ ୯ ଟା ସମୟରେ ବେହେରାସାହିସ୍ଥିତ ଏକ ଲେଡିଜ୍ ହଷ୍ଟେଲ ପାଖରେ ଯୁବତୀ ଲୀଲା ସ୍ୱାଇଁ ଫୋନରେ କଥା ହେଉଥିବା ବେଳେ କିଛି ଦୁର୍ବୃତ୍ତ ସେହି ବାଟ ଦେଇ ଯିବା ସହ କମେଣ୍ଟ ମାରିଥିଲେ। ଏନେଇ ଯୁବତୀ ଜଣଙ୍କ ବିରୋଧ କରିବାରୁ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ହଷ୍ଟେଲ ଭିତରକୁ ଧସେଇ ପଶି ଭଙ୍ଗାରୁଜା କରିଥିଲେ। ଏହାକୁ ନେଇ ହଷ୍ଟେଲର ଅନ୍ତେବାସୀ ଓ ଯୁବକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ହସ୍ତକ୍ଷେପ କରିବାରୁ ହଷ୍ଟେଲର କେତେଜଣ ମହିଳାଙ୍କୁ ଆକ୍ରମଣ ଓ ଅସଦାଚରଣ କରିଥିଲେ। ଏତିକିରେ ମନ ଶାନ୍ତି ନ ହେବାରୁ ହଷ୍ଟେଲକୁ ଟେକା ମାଡ଼ କରିଥିଲେ। ଫଳରେ ଘରର କାଚ ଭାଙ୍ଗିବା ସହ ହଷ୍ଟେଲରେ ଥିବା ଗାଡି ମଧ୍ୟ ଭାଙ୍ଗିଯାଇଛି। ଏହି ଘଟଣା ପରେ ହଷ୍ଟେଲର ମାଲିକାଣୀ ନୟାପଲ୍ଲୀ ଥାନାରେ ଏତଲା ଦେଇଥିଲେ ।

## ସଂକ୍ଷେପରେ

### ୩ ଘରୋଇ ହସ୍ପିଟାଲରେ ଚଢ଼ାଉ

**୨ଟିରୁ ଜରିମାନା ଆଦାୟ, ଆଉ ଗୋଟିଏ ସିଲ୍**

କଟକ ଅଫିସ,୬।୫ : କଟକ ମହାନଗର ନିଗମ(ସିଏମ୍‌ସି) ଏନ୍‌ଫୋର୍ସମେଣ୍ଟ ବିଭାଗ ପକ୍ଷରୁ ୩ଟି ଘରୋଇ ହସ୍ପିଟାଲରେ ଶନିବାର ଚଢ଼ାଉ କରାଯାଇଥିଲା। ପ୍ରଥମ ମହାନଦୀ ବିହାରସ୍ଥିତ ସାବରମତୀ ହସ୍ପିଟାଲରେ ଚଢ଼ାଉ କରାଯାଇଥିଲା। ଯାଞ୍ଚବେଳେ ହସ୍ପିଟାଲ କର୍ତ୍ତୃପକ୍ଷ ୟୁଜର୍ସ ଫି' ଏବଂ ବିଭିନ୍ନ ଲାଇସେନ୍ସ ଫି' ପଇଠ କରି ନ ଥିବା ଜଣାପଡିଥିଲା। ଫଳରେ ଉକ୍ତ ହସ୍ପିଟାଲରୁ ୯ ଲକ୍ଷ ୬୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ସେହିପରି ନୂଆବଜାରସ୍ଥିତ ସାଇ ସଞ୍ଜିବନୀ ହସ୍ପିଟାଲରେ ଚଢାଉ କରାଯାଇ ୧ଲକ୍ଷ ୯୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହାପରେ ରାଣୀହାଟସ୍ଥିତ ଅଗ୍ରୱାଲ କ୍ଲିନିକ୍‌ରେ ଚଢ଼ାଉ କରାଯାଇଥିଲା। ଯାଞ୍ଚବେଳେ କ୍ଲିନିକ୍ କର୍ତ୍ତୃପକ୍ଷ ଟ୍ରେଡ୍ ଲାଇସେନ୍ସ, ପ୍ଲାନିଂ ଡକ୍ୟୁମେଣ୍ଟ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ କାଗଜପତ୍ର ଦେଖାଇପାରି ନ ଥିଲେ। ଫଳରେ ଉକ୍ତ କ୍ଲିନିକକୁ ସିଲ୍ କରାଯାଇଛି। ଆସନ୍ତା ସୋମବାର ସୁଦ୍ଧା କର୍ତ୍ତୃପକ୍ଷ ବିଭିନ୍ନ କାଗଜପତ୍ର ସିଏମ୍‌ସିରେ ଦାଖଲ ନ କଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କ୍ଲିନିକ୍ ବନ୍ଦ କରାଯିବ ବୋଲି ଏନ୍‌ଫୋର୍ସମେଣ୍ଟ ଅଧିକାରୀ ତଥା ସିଏମ୍‌ସି ଡେପୁଟି କମିଶନର ଅଜୟ ମହାନ୍ତି ସୂଚନା ଦେଇଛନ୍ତି।

### ମା' ଆଦ୍ୟାଶକ୍ତି ପୀଠର ବାର୍ଷିକ ଉତ୍ସବ ଉଦ୍‌ଯାପିତ

ଫୁଲନଖରା,୬।୫(ଡି.ଏନ୍.ଏ.) : ଫୁଲନଖରାସ୍ଥିତ ମା' ଆଦ୍ୟାଶକ୍ତି ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଓ ବାର୍ଷିକ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ୭ ଦିନ ବ୍ୟାପୀ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମଙ୍ଗଳ ଆଳତି, ସୂର୍ଯ୍ୟପୂଜା, ଗୋପୂଜା, ମା'ଙ୍କ ସ୍ନାନ, ମାର୍ଜନା ସହ ମହାଯଜ୍ଞ ହୋଇଥିଲା। ଏହି ଅବସରରେ ଶ୍ରୀଜଗନ୍ନାଥ ନାମ ସଙ୍କୀର୍ତ୍ତନ ପରିଷଦ ପକ୍ଷରୁ ନାମ ସଙ୍କୀର୍ତ୍ତନ କରାଯାଇଥିଲା।

### ଯୁବକଙ୍କ ମୃତଦେହ ଜବତ

ଫୁଲନଖରା,୬।୫(ଡି.ଏନ୍.ଏ.) : କଟକ ସଦର ଥାନା ଅନ୍ତର୍ଗତ ଗୁଆଲିସ୍ଥିତ ଏକ ଘରୁ ଜଣେ ଯୁବକଙ୍କ ଗଳିତ ମୃତଦେହକୁ ପୋଲିସ ଝୁଲନ୍ତା ଅବସ୍ଥାରେ ଶୁକ୍ରବାର ରାତିରେ ଜବତ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ବାଲୁଗାଁ ଥାନା ଅଧୀନ ଗାନ୍ଧୀ ନଗର ଅଞ୍ଚଳର ଶୁଭାଶିଷ ପ୍ରଧାନ। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି। ମିଳିଥିବା ସୂଚନା ଅନୁଯାୟୀ, ଶୁଭାଶିଷ ଏକ ଘରୋଇ ପାଥୋଲାବ୍‌ରେ ଫାର୍ମାସିଷ୍ଟ ଭାବେ କାମ କରୁଥିଲେ। ଗତ ୩ ମାସ ହେବ ସେ ଏକ ଭଡାଘରେ ଏକୁଟିଆ ରହୁଥିଲେ। ବୁଧବାରଠାରୁ ପରିବାର ଲୋକେ ତାଙ୍କ ମୋବାଇଲକୁ ଫୋନ୍ କରିଥିଲେ ମଧ୍ୟ ସେ ଉଠାଇ ନ ଥିଲେ। ପରେ ତାଙ୍କର ଜଣେ ସାଙ୍ଗକୁ ଫୋନ୍ କରି ଶୁଭାଶିଷଙ୍କ ବିଷୟରେ ପଚାରିଥିଲେ। ଏହାପରେ ସାଙ୍ଗ ଜଣଙ୍କ ଶୁଭାଶିଷ ରହୁଥିବା ଭଡ଼ାଘରକୁ ଯାଇଥିଲେ। ହେଲେ ଘରର ଗ୍ରୀଲ୍‌ରେ ତାଲା ପଡିଥିବାବେଳେ ଭିତରେ ଶୁଭାଶିଷଙ୍କ ମୃତଦେହ ରଶି ସାହାଯ୍ୟରେ ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେ ତାଙ୍କ ପରିବାର ସଦସ୍ୟ ଓ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ତଦନ୍ତ କରିବା ସହ ଏକ ଅପମୃତ୍ୟୁ ମାମଲା (ନଂ. ୧୮/୨୩) ରୁଜୁ କରିଛି।

# କଟକରେ ନକଲି ମୃଦୁ ପାନୀୟ କାରଖାନା



ନକଲି ମୃଦୁ ପାନୀୟ କାରଖାନାରେ ସିଏମ୍‌ସି ପକ୍ଷରୁ ଚଢାଉ କରାଯାଉଛି।



ଜବତ ଥଣ୍ଡା ପାନୀୟ ବୋତଲ।

- ୮ ଲକ୍ଷର ଯନ୍ତ୍ରାଂଶ, ଥଣ୍ଡା ପାନୀୟ ବୋତଲ ଜବତ
- ୫୦ ହଜାର ଜରିମାନା ଆଦାୟ
- କାରଖାନା ସିଲ୍

କଟକ ଅଫିସ,୬।୫

କଟକ ନକଲି ଓ ଅପମିଶ୍ରିତ କାରବାରର ପେଣ୍ଠସ୍ଥଳ ପାଲଟିଛି। ପୂର୍ବରୁ ବେଆଇନ କାରଖାନାରେ ପୋଲିସ ଚଢ଼ାଉ କରି ନକଲି ସିମେଣ୍ଟ, ଚା, ମସଲା, ଅପମିଶ୍ରିତ ସସ୍ ଆଦି ଜବତ କରିଛି। କେତେକ କ୍ଷେତ୍ରରେ କାରଖାନାକୁ ସିଲ୍ କରାଯିବା ସହ କର୍ମଚାରୀଙ୍କୁ ଗିରଫ କରାଯାଇଛି। ହେଲେ ଏହା ଉପରେ ସମ୍ପୂର୍ଣ୍ଣ ମାତ୍ରାରେ ରୋକ୍ ଲଗାଯାଇପାରୁନାହିଁ। ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଶନିବାର କଟକ ସୂତାହାଟ ଅଞ୍ଚଳର ଦର୍ଜି ସାହିରେ ଥିବା ଜାଭେଦ ଏଣ୍ଟରପ୍ରାଇଜ୍ ନାମକ ନକଲି ମୃଦୁ ପାନୀୟ କାରଖାନାରେ ସିଏମ୍‌ସି ପକ୍ଷରୁ ଚଢ଼ାଉ କରାଯାଇଥିଲା। ସେଠାରୁ ୮ ଲକ୍ଷ ଟଙ୍କାର ଯନ୍ତ୍ରାଂଶ, ମୃଦୁ ପାନୀୟ ବୋତଲ, ଖାଲି ବୋତଲ ଜବତ କରାଯିବା ସହିତ ୫୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ପରେ ଉକ୍ତ କାରଖାନାକୁ ସିଲ୍ କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଅଞ୍ଚଳରେ ଏହି ନକଲି ମୃଦୁ ପାନୀୟ କାରଖାନା ଦୀର୍ଘଦିନ ଧରି ଚାଲୁଥିଲା। କାରଖାନା କର୍ତ୍ତୃପକ୍ଷ କଟକ ସହରରେ ବ୍ୟବସାୟ ନ କରି ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା ଜିଲାରେ ବ୍ୟବସାୟ କରୁଥିଲେ। ବିଶେଷକରି ବିନା ପରୀକ୍ଷାନିରୀକ୍ଷା ଓ ଅସ୍ୱାସ୍ଥ୍ୟକର ପରିବେଶରେ ମୃଦୁ ପାନୀୟ ପ୍ରସ୍ତୁତ କରାଯାଉଥିଲା। ଖବରପାଇ କ୍ୟାଣ୍ଟନମେଣ୍ଟ ପୋଲିସ ସହଯୋଗରେ ସିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ, ଖାଦ୍ୟ ସୁରକ୍ଷା ଅଧିକାରୀ ଓ କର୍ମଚାରୀମାନେ ସେଠାରେ ଚଢ଼ାଉ କରିଥିଲେ। ଯାଞ୍ଚବେଳେ ବେଆଇନ ଭାବେ ନକଲି ମୃଦୁ ପାନୀୟ ପ୍ରସ୍ତୁତ ହେଉଥିବା ଜଣାପଡିଥିଲା। କାରଖାନାର ଫୁଡ୍ ଲାଇସେନ୍ସ ଓ ଟ୍ରେଡ୍ ଲାଇସେନ୍ସ ନ ଥିଲା। ଏପରି କି କାରଖାନା କର୍ତ୍ତୃପକ୍ଷ ଆବଶ୍ୟକ କାଗଜପତ୍ର ଦେଖାଇବାରେ ବିଫଳ ହୋଇଥିଲେ। ସବୁଠାରୁ ଆଶ୍ଚର୍ଯ୍ୟର କଥା ବାହାରେ ଫିଙ୍ଗା ଯାଉଥିବା ଥଣ୍ଡା ପାନୀୟ ବୋତଲକୁ ସଂଗ୍ରହ କରାଯାଉଥିଲା। ତାହାକୁ ସଫା କରାଯିବା ପରେ ସେଥିରେ ଥଣ୍ଡା ପାନୀୟ ଭର୍ତ୍ତି କରି ସିଲ୍ କରାଯାଉଥିଲା। ପରେ ତାହାକୁ ବିକ୍ରି ପାଇଁ ବଜାରକୁ ପଠାଯାଉଥିଲେ। ବିନା ଅନୁମତିରେ ଏହି କାରଖାନା ଚାଲୁଥିବା ଜଣାପଡିଛି। ବାସ୍ତବରେ ଏହି ଥଣ୍ଡା ପାନୀୟ ଲୋକଙ୍କ ଶରୀର ପାଇଁ କେତେ ଉପଯୋଗୀ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଜବତ ଥଣ୍ଡା ପାନୀୟ ବୋତଲ ପରୀକ୍ଷା ପାଇଁ ଲାବୋରେଟୋରିକୁ ପଠାଯିବ ବୋଲି ସିଏମ୍‌ସି ପକ୍ଷରୁ ଜଣାପଡିଛି।




କଟକ ବାଲିଯାତ୍ରା ଉପର ପଡିଆରେ ସା ପରିଚୟ ଫାଉଣ୍ଡେଶନ ପକ୍ଷରୁ ଅନୁଷ୍ଠିତ ଜାତୀୟ ଆଦିବାସୀ ମେଳାର ଶନିବାର ନବମ ସନ୍ଧ୍ୟାରେ କଳାକାରଙ୍କ ଦ୍ୱାରା ପରିବେଷିତ ଆଦିବାସୀ ନୃତ୍ୟ।

# ମେଡିକାଲ ଭିତରେ ନିଶାଦ୍ରବ୍ୟ ମନା

**ଆଉଟ୍‌ସୋର୍ସିଂ ଏଜେନ୍ସି କର୍ମଚାରୀଙ୍କ ପାଇଁ କଟକଣା**

କଟକ ଅଫିସ,୬।୫

ଏସ୍‌ସିବି ମେଡିକାଲ ପରିବେଶକୁ କ୍ରିୟାଶୀଳ କରିବା ନିମନ୍ତେ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ଉପରେ କଡ଼ା କଟକଣା ଲଗାଯାଇଛି। ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟ ପକ୍ଷରୁ ଶନିବାର ଏକ ବିଜ୍ଞପ୍ତି ଜାରି କରାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି, ଏସ୍‌ସିବି ମେଡିକାଲରେ ଆଉଟସୋର୍ସିଂ ଏଜେନ୍ସିର କର୍ମଚାରୀମାନେ ପାନ, ଗୁଟ୍‌ଖା, ଆଲ୍‌କୋହଲ ସମେତ କୌଣସି ତମାଖୁ ବା ନିଶାଦ୍ରବ୍ୟ ମେଡିକାଲ ପରିସରରେ ସେବନ କରିବେ ନାହିଁ। କେହି ସେବନ କରିଥିବା ପ୍ରମାଣ ମିଳିଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମେଡିକାଲରେ କାର୍ଯ୍ୟର ମାନ ବୃଦ୍ଧି ପାଇଁ କୌଣସି କର୍ମଚାରୀ ଓଭର ଡ୍ୟୁଟି ବା ଡବଲ ଡ୍ୟୁଟି କରିବାକୁ ବାରଣ କରାଯାଇଛି। ପ୍ରତ୍ୟେକ କର୍ମଚାରୀଙ୍କୁ ପୋଲିସ ଭେରିଫିକେସନ ସାର୍ଟିଫିକେଟ ପ୍ରଦାନ ପାଇଁ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଆଉଟ୍‌ସୋର୍ସିଂ କର୍ମଚାରୀମାନେ କାର୍ଯ୍ୟ ସମୟରେ ୟୁନିଫର୍ମ ପିନ୍ଧିବା ସହ ବେକରେ ପରିଚୟପତ୍ର ପକାଇବା ବାଧ୍ୟତାମୂଳକ କରାଯାଇଛି। ପ୍ରତ୍ୟେକ କର୍ମଚାରୀ ଠିକ୍ ସମୟରେ ଡ୍ୟୁଟିରେ ଯୋଗଦେବେ ଓ ପରବର୍ତ୍ତି ସିଫ୍ଟ ପାଇଁ କର୍ମଚାରୀ ନ ଆସିବା ଯାଏ ସେ ଡ୍ୟୁଟିସ୍ଥଳ ଛାଡ଼ି ଯିବେନାହିଁ। ଡ୍ୟୁଟି ସମୟରେ କେତେକ କର୍ମଚାରୀ ବାହାରକୁ ଯାଇ ଅନ୍ୟତ୍ର ବିନା କାରଣରେ ବୁଲୁଥିବା ଦେଖାଯାଉଥିବାରୁ ତାହାକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ବ୍ୟତିକ୍ରମ ହେଲେ ସମ୍ପୃକ୍ତ ସଂସ୍ଥା ଉପରେ ଆର୍ଥିକ ଦଣ୍ଡବିଧାନ କରାଯିବ ବୋଲି କୁହାଯାଇଛି। ଏହି ନିର୍ଦ୍ଦେଶକୁ କଡ଼ାକଡ଼ି ପାଳନ ନିମନ୍ତେ ହସ୍ପିଟାଲ ମ୍ୟାନେଜର ଓ ଆଉଟ୍‌ସୋର୍ସିଂ ଏଜେନ୍ସିକୁ ଲିଖିତ ଭାବେ ଅବଗତ କରାଯାଇଥିବା ଜଣାପଡିଛି।

# ପୂର୍ବତନ ବିଧାୟକଙ୍କ ନାମରେ ଏକାଧିକ ଫେକ୍ ଆଇଡି

- ପ୍ରତିବାଦ କରିବାରୁ ଭାଜପା ମହିଳା ମୋର୍ଚ୍ଚା ସଭାପତିଙ୍କୁ ଧମକ
- ଥାନାରେ ଏତଲା

ମଙ୍ଗୁଳି-ଜଗତପୁର,୬।୫(ଡି.ଏନ.ଏ.)

ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରାଙ୍କ ନାଁରେ ଏକାଧିକ ଫେକ୍ ଆଡି ଖୋଲି ଅଶାଳୀନ ମନ୍ତବ୍ୟ ସୋସିଆଲ ମିଡିଆରେ ପୋଷ୍ଟ କରାଯାଉଛି। ଏ ନେଇ ଟାଙ୍ଗୀ-ସାଲେପୁର ମହିଳା ମୋର୍ଚ୍ଚା ସଭାନେତ୍ରୀ ଗୀତାଞ୍ଜଳି ପ୍ରଧାନ ସୋସିଆଲ ମିଡିଆରେ ପ୍ରତିବାଦ କରିବାରୁ ତାଙ୍କୁ ଗାଳିଗୁଲଜ କରାଯିବା ସହ ଜୀବନରୁ ମାରିଦେବା ପାଇଁ ଧମକ ମିଳୁଛି। ଏ ସମ୍ପର୍କରେ ସେ ଜଗତ୍‌ପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୨୧୫/୨୩) ରୁଜୁ କରିଛି। ଅଭିଯୋଗ ଅନୁଯାୟୀ, କିଛିଦିନ ହେବ ଜଣେ ଯୁବକ ଫେସ୍‌ବୁକ୍‌ରେ ଏକାଧିକ ଆକାଉଣ୍ଟ ଖୋଲିବା ସହ ସେଥିରେ ପୂର୍ବତନ ବିଧାୟକ ବେହେରାଙ୍କ ଫଟୋ ଲଗାଇ ଅଶାଳୀନ ମନ୍ତବ୍ୟ ପୋଷ୍ଟ କରୁଛନ୍ତି। ଏହାଦ୍ୱାରା ବେହେରାଙ୍କ ଚରିତ୍ର ସଂହାର ହେଉଛି। ଏ ନେଇ ଗୀତାଞ୍ଜଳି ପ୍ରତିବାଦ କରିବାରୁ ମାରିଦେବା ପାଇଁ ଧମକ ମିଳିଛି। ଏ ସମ୍ପର୍କରେ ଥାନାଧିକାରୀ ରବୀନ୍ଦ୍ର ନାଥ ମେହେର କହିଛନ୍ତି, ଉକ୍ତ ଆଇଡିଗୁଡିକ କିଏ କେଉଁ ଉଦ୍ଦେଶ୍ୟରେ ଖୋଲିଛି ସେନେଇ ଯାଞ୍ଚ କରାଯାଉଛି। ଏଭଳି ବେଆଇନ କାର୍ଯ୍ୟ କରିଥିବା ଯୁବକଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି।

# ଚନ୍ଦନ ମହୋତ୍ସବ ଉଦ୍‌ଯାପିତ

କଟକ ସଦର,୬।୫(ଡି.ଏନ୍.ଏ.)

କଟକ ସଦର ବ୍ଲକ ଅନ୍ତର୍ଗତ ବିରିବାଟୀଠାରେ ସତ୍ୟସେବା ମଣ୍ଡଳ ଆନୁକୂଲ୍ୟରେ ବାବା ବୈକୁଣ୍ଠନାଥଙ୍କ ୨ ଦିନିଆ ଚନ୍ଦନ ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ବାବା ଅମୃତାନନ୍ଦ ଦାସଙ୍କ ପରିଚାଳନାରେ ଭଜନ ଓ ପ୍ରବଚନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେହିପରି ଭାଗବତ ପାରାୟଣ ସହ ଧାର୍ମିକ ପତ୍ରିକା ଜଲୌକା ବାଣୀ ଉନ୍ମୋଚିତ ହୋଇଥିଲା। ପରେ ବାବା ଚେତନାନନ୍ଦ ଦାସ, ବାଳକାନନ୍ଦ ଦାସ, ସତ୍ୟାନନ୍ଦ ଦାସ, ନିମାଇଁ ଦାସ ଓ କୁନି ପ୍ରବଚକ କେଶବାନନ୍ଦ ଦ୍ୱିତୀକୃଷ୍ଣ ପ୍ରବଚନ ଦେଇଥିଲେ। ଗୁରୁବାର ଶୁଭାଧିବାସ ଦିବସରେ ବାବାଙ୍କର ବିଗ୍ରହ ପ୍ରତିଷ୍ଠା ଓ ପୂଜାର୍ଚ୍ଚନା କରାଯାଇଥିଲା।

# ରାଷ୍ଟ୍ରୀୟ କବି ସଙ୍ଗମ ଜିଲା ୟୁନିଟ୍ କାର୍ଯ୍ୟକାରିଣୀ କମିଟିର ନୂତନ କର୍ମକର୍ତ୍ତା

କଟକ ଅଫିସ, ୬।୫

ରାଷ୍ଟ୍ରୀୟ କବି ସଙ୍ଗମ ଓଡ଼ିଶା ରାଜ୍ୟ ୟୁନିଟ୍ ପକ୍ଷରୁ ଜିଲା ୟୁନିଟ୍ ସଦସ୍ୟମାନଙ୍କ ବୈଠକ ଅନ୍‌ଲାଇନ୍ ମାଧ୍ୟମରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ରାଷ୍ଟ୍ରୀୟ କବି ସଙ୍ଗମ ଓଡ଼ିଶା ରାଜ୍ୟ ୟୁନିଟ୍‌ର ୫ଟି ଜିଲା ୟୁନିଟ୍‌ର କାର୍ଯ୍ୟକାରିଣୀ କମିଟି ଗଠନ କରାଯାଇଥିଲା। ପ୍ରାଦେଶିକ ସଭାପତି ନଥମଲ ଚନାନୀ ମନୋନୀତ ହୋଇଥିବା ସଦସ୍ୟମାନଙ୍କ ନାମ ଘୋଷଣା କରିଥିଲେ। ଏଥିରେ ବରଗଡ଼ ଜିଲା କାର୍ଯ୍ୟନିର୍ବାହୀ କମିଟି ସଂଯୋଜକ ଭାବେ ରେଣୁ ଅଗ୍ରୱାଲ, ଅଧ୍ୟକ୍ଷା ଦର୍ଶନା ଅଗ୍ରୱାଲ ଓ ମିଡିଆ ପ୍ରଭାରୀ ସଦାଶିବ କର ମନୋନୀତ ହୋଇଛନ୍ତି। ସେହିପରି ଖୋର୍ଦ୍ଧା ଜିଲା କମିଟିରେ ରତ୍ନୁ ମହିପାଲ ସଂଯୋଜକ, ବିକ୍ରମାଦିତ୍ୟ ସିଂ ଅଧ୍ୟକ୍ଷ, ଆଶିଷ କୁମାର ସାହ ମହାମନ୍ତ୍ରୀ, ବିନୋଦ କୁମାର ମିଡିଆ ପ୍ରଭାରୀ, ଡା. ସୁଧୀର କୁମାର ସାମାଜିକ ଗଣମାଧ୍ୟମ ପ୍ରଭାରୀ ଭାବେ ମନୋନୀତ ହୋଇଥିଲେ। କଟକ ଜିଲା କମିଟିରେ ମୀରା ବେଉରା ସଂଯୋଜକ, ମନୋଜ କୁମାର ଦୁଗ୍ଗଣ୍ଡ ଅଧ୍ୟକ୍ଷ, ରିମ୍‌ଝିମ୍ ଝା ମହାମନ୍ତ୍ରୀ, ଲକ୍ଷ୍ମୀଧର ଚଢା ମିଡିଆ ପ୍ରଭାରୀ ଭାବେ ମନୋନୀତ ହୋଇଛନ୍ତି। କୋରାପୁଟ ଜିଲା କମିଟିର ସଂଯୋଜକ ଭାବେ ସବିତା ଶତପଥୀ, ଅଧ୍ୟକ୍ଷ ବିଜୟା ପାଣିଗ୍ରାହୀ, ମହାମନ୍ତ୍ରୀ କବିତା ସାହୁ, ମିଡିଆ ପ୍ରଭାରୀ ସୌମେନ୍ଦ୍ର ସ୍ୱାଇଁଙ୍କୁ ମନୋନୀତ କରାଯାଇଛି। ନବରଙ୍ଗପୁର ଜିଲା କମିଟିରେ ସଂଯୋଜକ ଭାବେ ନାରାୟଣ ପଣ୍ଡା, ଜେମାମଣି ବିଷୋଇ ଅଧ୍ୟକ୍ଷା, କାଦମ୍ବିନୀ ବେଶ୍ରା ମହାମନ୍ତ୍ରୀ, ଅମ୍ବିକା କଲାର ମିଡିଆ ପ୍ରଭାରୀ ଭାବେ ମନୋନୀତ ହୋଇଛନ୍ତି। ଏଥିରେ ପ୍ରାଦେଶିକ ମହାମନ୍ତ୍ରୀ ପୁଷ୍ପା ସିଂଘୀ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାଦେଶିକ ପୃଷ୍ଠପୋଷକ ଗଜାନନ ଶର୍ମା ଆସନ୍ତା ୨୬ରେ ହେବାକୁ ଥିବା ଦ୍ୱିତୀୟ ପ୍ରାଦେଶିକ ଅଧିବେଶନ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ପ୍ରାନ୍ତ ମିଡିଆ ପ୍ରଭାରୀ ସବ୍ୟସାଚୀ ବିଷୋଇ, ପ୍ରାନ୍ତ ପ୍ରଭାରୀ ଗୋପାଳ ପଣ୍ଡା, ପ୍ରାଦେଶିକ ପରାମର୍ଶଦାତା ପ୍ରକାଶ ବେତାଲା ପ୍ରମୁଖ ଉପସ୍ଥିତ ଥିଲେ।

# ଖାଦ୍ୟର ମାନ ଯାଞ୍ଚ କଲେ ମେୟର



ମେୟର ସୁବାସ ସିଂ ଖାଦ୍ୟର ମାନ ଯାଞ୍ଚ କରୁଛନ୍ତି।

**ମୋ' ୱାର୍ଡ ଅଭିଯାନ**

କଟକ ଅଫିସ,୬।୫

କଟକ ମହାନଗର ନିଗମ (ସିଏମ୍‌ସି) ୪୯ ନଂ. ୱାର୍ଡରେ ମେୟରଙ୍କ ମୋ' ୱାର୍ଡ ଅଭିଯାନର ୨ୟ ଦିବସ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମେୟର ସୁବାସ ସିଂ ସକାଳ ୬ଟାରେ ପରିମଳ ଦାୟିତ୍ୱରେ ଥିବା ସଂସ୍ଥା ସହ ଆଲୋଚନା କରିଥିଲେ। ଏହାପରେ ସେ ଜଗତପୁର ଗୋଲେଇ ଛକସ୍ଥିତ ଆହାର କେନ୍ଦ୍ର ନିକଟ ହାଜିରା ପଏଣ୍ଟ ପାଖରେ ପହଞ୍ଚି ସଫେଇ କର୍ମଚାରୀମାନଙ୍କ ଉପସ୍ଥାନ ନେବା ସହିତ ୱାର୍ଡର ପରିମଳ ବ୍ୟବସ୍ଥା ସମ୍ପର୍କରେ ତଦାରଖ କରିଥିଲେ। ପରେ ମେୟର, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, କମିଶନର ନିଖିଲ ପୱନ କଲ୍ୟାଣ, ଡେପୁଟି ମେୟର ଦମୟନ୍ତୀ ମାଝି, ମୁଖ୍ୟଯନ୍ତ୍ରୀ ଡି. ଆର. ତ୍ରିପାଠୀ, ସହକାରୀ ଯନ୍ତ୍ରୀ ନାଇଁମ ଖାନ୍ ପ୍ରମୁଖ ୱାର୍ଡରେ ଥିବା ସମସ୍ତ ସ୍କୁଲ, ଖେଳପଡିଆ, ଡାକ୍ତରଖାନା, ପାର୍କ, ନୂତନ ଭାବରେ ନିର୍ମାଣ ହେଉଥିବା ଡ୍ରେନ୍ କାର୍ଯ୍ୟ ତଦାରଖ କରିଥିଲେ। ତୁରନ୍ତ କାର୍ଯ୍ୟ ସାରିବା ପାଇଁ ଅଧିକାରୀମାନଙ୍କୁ ମେୟର ଓ କମିଶନର ନିର୍ଦ୍ଦେଶ ଦେଇଥିଲେ। ଦ୍ୱିପ୍ରହରରେ ମେୟର ଜଗତ୍‌ପୁର ଗୋଲେଇ ଛକଠାରେ ଥିବା ଆହାର କେନ୍ଦ୍ର ପରିଦର୍ଶନ କରିବା ସହ ଖାଦ୍ୟର ମାନ ଯାଞ୍ଚ କରିଥିଲେ। ଅପରାହ୍ନରେ ସ୍ଥାନୀୟ ବିରୁପାକ୍ଷେଶ୍ୱର ମନ୍ଦିର ପରିସରରେ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସିଏମ୍‌ସି ଡେପୁଟି କମିଶନର ଶ୍ୱେତପଦ୍ମା ଡି. ଶତପଥୀ, ଅଜୟ କୁମାର ମହାନ୍ତି, ତପତି ଦାସ, ସୁରଜ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସ୍ଥାନୀୟ ଇମାମ ନଗର ସ୍ୱାଧୀନ କ୍ଲବଠାରେ ସ୍ଥାନୀୟ ଯୁବକ, କ୍ଲବ ସଦସ୍ୟ ଓ ଷ୍ଟ୍ରିଟ୍ ଭେଣ୍ଡର୍ସମାନଙ୍କୁ ନେଇ ଏକ ବୈଠକ ହୋଇଥିଲା। ମେୟର ସମସ୍ତ ସମସ୍ୟା ସମ୍ପର୍କରେ ଅବଗତ ହେବା ପରେ ସମାଧାନ ପାଇଁ ଉଦ୍ୟମ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# କଳିଙ୍ଗ ବିଦ୍ୟାପୀଠ ଶ୍ରେଣୀଗୃହ ମରାମତିରେ ଦୁର୍ନୀତି

ମଙ୍ଗୁଳି-ଜଗତପୁର,୬।୫(ଡି.ଏନ୍.ଏ.)

ଚୌଦ୍ୱାର ପୌରପାଳିକା ଅଧୀନ ୧୦ନଂ. ୱାର୍ଡସ୍ଥିତ କଳିଙ୍ଗ ବିଦ୍ୟାପୀଠରେ ୨୦୨୧-୨୨ ମଧ୍ୟରେ ଶ୍ରେଣୀଗୃହ ମରାମତି କାମରେ ଲକ୍ଷାଧିକ ଟଙ୍କାର ଦୁର୍ନୀତି ହୋଇଥିବା ନେଇ ସୂଚନା ଅଧିକାର କର୍ମୀ ମନୋଜ ସାହୁ ଟାଙ୍ଗୀ-ଚୌଦ୍ୱାର ବିଡ଼ିଓ ଆଶୁତୋଷ ମିଶ୍ରଙ୍କ ନିକଟରେ ଅଭିଯୋଗ କରିଥିଲେ। ବିଡିଓଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ପକ୍ଷରୁ ତଦନ୍ତ ଅଧିକାରୀ ମାନସ କରଙ୍କ ସହ ୩ ଜଣିଆ ଟିମ୍ ଶନିବାର ପୂର୍ବାହ୍ନରେ ଉକ୍ତ ବିଦ୍ୟାପୀଠରେ ପହଞ୍ଚି ଶ୍ରେଣୀଗୃହ ମରାମତି କାର୍ଯ୍ୟର ତଦନ୍ତ କରି ଫେରିଯାଇଥିଲେ।

ଉକ୍ତ ବିଦ୍ୟାପୀଠର ଗୋଟିଏ ଶ୍ରେଣୀଗୃହ, ବାରଣ୍ଡା ଏବଂ ଲାଟ୍ରିନ୍, ବାର୍ଥରୁମ ମରାମତି ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ୧୮ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ଏକ ଠିକା ସଂସ୍ଥାକୁ ଏହାର କାର୍ଯ୍ୟାଦେଶ ଦିଆଯାଇଥିବାବେଳେ ତଦାରଖ ପାଇଁ କନିଷ୍ଠଯନ୍ତ୍ରୀ ସସ୍ମିତା ସାହୁଙ୍କୁ ଦାୟିତ୍ୱ ଦିଆଯାଇଥିଲା। କିନ୍ତୁ ସାହୁ ଠିକାଦାରଙ୍କ ସହ ମିଶି ଏଷ୍ଟିମେଟ୍ ଅନୁଯାୟୀ କାର୍ଯ୍ୟ ନ କରି



କଳିଙ୍ଗ ବିଦ୍ୟାପୀଠ ଶ୍ରେଣୀଗୃହରେ ତଦନ୍ତ କରାଯାଉଛି।

**ବ୍ଲକ ପ୍ରଶାସନ ପକ୍ଷରୁ ତଦନ୍ତ**

ଲକ୍ଷାଧିକ ଟଙ୍କା ହଡପ କରିଥିବା ଅଭିଯୋଗ ହୋଇଥିଲା। ବିଦ୍ୟାଳୟ ମରାମତି କାର୍ଯ୍ୟର ମାପଚୁପ ପାଇଁ ତଦନ୍ତକାରୀ ଟିମ୍ ବିନା ଏଷ୍ଟିମେଟ୍ କପିରେ ଆସିଥିଲେ। ତେଣୁ ଏହି ତଦନ୍ତରେ ସନ୍ତୁଷ୍ଟ ନ ହୋଇ ମନୋଜ ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହେବେ ବୋଲି ଗଣମାଧ୍ୟମରେ ପ୍ରକାଶ କରିଛନ୍ତି। ଏ ନେଇ କନିଷ୍ଠଯନ୍ତ୍ରୀ ସାହୁ କହିଛନ୍ତି, ବିଡ଼ିଓ ଆମକୁ ଖାଲି ଉପସ୍ଥିତ ରହିବାକୁ କହିଥିଲେ। ଏଷ୍ଟିମେଟ୍ ଦେବା ବିଡିଓଙ୍କର ଦାୟିତ୍ୱ। ମାପଚୁପ କରି ଏକ ସାଦା କାଗଜ ସ୍ୱାକ୍ଷର କରିଦେଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୌତମ ଆଚାର୍ଯ୍ୟ କହିଛନ୍ତି, ମରାମତି କାମ ସରିବା ପରେ ସ୍କୁଲ ପକ୍ଷରୁ ଚେକ୍ ପ୍ରଦାନ ପାଇଁ ବିଡିଓ କହିଥିଲେ। କାମ ସରିବା ପରେ ପର୍ଯ୍ୟାୟକ୍ରମେ ମୋଟ ୧୮ଲକ୍ଷ ଟଙ୍କାର ଚେକ୍ ବିଡ଼ିଓଙ୍କୁ ଦିଆଯାଇଛି। ଏ ସମ୍ପର୍କରେ ବିଡ଼ିଓ କହିପାରିବେ। ବିଡ଼ିଓଙ୍କୁ ଫୋନ୍‌ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରିନାହିଁ।

# ମୌଲାନା କୈଫି ଖାନ୍ ରିମାଣ୍ଡ ଅବଧି ସରିଲା

**୫ ଏଲ୍‌ଆଇସି ବଣ୍ଡ, ୯୫ ସାହାରା ଇଣ୍ଡିଆ ଜମା ଅଚଳ**

- ଠକେଇ ସମ୍ପତ୍ତି ୧ କୋଟି ୧୩ ଲକ୍ଷ ୯୫ ହଜାର
- ଜବତ ସମ୍ପତ୍ତି ୯୧ ଲକ୍ଷ ୮୨ ହଜାର

କଟକ ଅଫିସ,୬।୫

ଘରୁ ଦୁଷ୍ଟଶକ୍ତି ବାହାର କରିବା ଓ ଗୁପ୍ତଧନ ମିଳିବା ଆଶା ଦେଖାଇ ଲକ୍ଷାଧିକ ଟଙ୍କା ଠକିଥିବା କଟକ କେଶରପୁର ଅଞ୍ଚଳର ମୌଲାନା କୈଫି ଖାନ୍‌ଙ୍କ ୪ ଦିନିଆ ରିମାଣ୍ଡ ଶନିବାର ଶେଷ ହୋଇଛି। କୈଫିଙ୍କ ନାମରେ ଥାନାରେ ୬ଟି ମାମଲା ରୁଜୁ ହୋଇଛି। ସେ ବିଭିନ୍ନ ଜିଲାର ବହୁ ଲୋକଙ୍କଠାରୁ ଠକେଇ କରିଥିବା ମୋଟ ଟଙ୍କାର ପରିମାଣ ୧ କୋଟି ୧୩ ଲକ୍ଷ ୯୫ ହଜାର। ଅପରପକ୍ଷରେ ପୋଲିସ ଜବତ କରିଥିବା ମୋଟ ସମ୍ପତ୍ତିର ମୂଲ୍ୟ ୯୧ ଲକ୍ଷ ୮୨ ହଜାର ଟଙ୍କା ବୋଲି ଆକଳନ କରାଯାଇଛି। ସେଥିମଧ୍ୟରେ ସାହାରା ଇଣ୍ଡିଆର ୯୫ଟି ଏଫ୍‌ଡି, ଆର୍‌ଡି ଆକାଉଣ୍ଟରେ ଥିବା ୨୯ ଲକ୍ଷ ୫୬ ହଜାର ଓ ୫ଟି ଏଲ୍‌ଆଇସି ପଲିସି ବଣ୍ଡରେ ୧୨ ଲକ୍ଷ ଟଙ୍କାକୁ ଅଚଳ କରିଦିଆଯାଇଛି। ମଙ୍ଗଳାବାଗ ପୋଲିସ ସ୍ଥାନୀୟ ଜେଏମ୍‌ଏଫ୍‌ସି କୋର୍ଟରେ କୈଫିଙ୍କୁ ହାଜର କରିଛି।

ପୋଲିସ ସୂଚନା ଅନୁଯାୟୀ, କଟକ ରାଣୀହାଟ ଅଞ୍ଚଳର ଶର୍ମିଳା ସେନ୍ ନାମ୍ନୀ ମହିଳାଙ୍କ ଘରୁ ଦୁଷ୍ଟଶକ୍ତି ବାହାର କରିବା ଓ ଗୁପ୍ତଧନ ମିଳିବା ଆଶା ଦେଖାଇ କୈଫି ୬୨ ଲକ୍ଷ ଟଙ୍କା ଠକି ନେଇଥିଲେ। ଏ ନେଇ ସେ ଗତ ୨୬ ତାରିଖରେ ମଙ୍ଗଳାବାଗ ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା (ନଂ.୧୧୪/୨୩) ରୁଜୁ କରିବା ସହ କୈଫିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ତାଙ୍କୁ ଚୌଦ୍ୱାର ଜେଲ୍ ପଠାଇ ଦିଆଯାଇଥିଲା। ଏହି ଘଟଣା ପ୍ରଚାରିତ ହେବା ପରେ କୈଫିଙ୍କ ଦ୍ୱାରା ଠକେଇର ଶିକାର ହୋଇଥିବା ଅନ୍ୟମାନେ ଥାନାରେ ଏତଲା ଦେଇଥିଲେ। ଏପର୍ଯ୍ୟନ୍ତ କଟକ ସଦର ଥାନାରେ ଗୋଟିଏ ଓ ମଙ୍ଗଳାବାଗ ଥାନାରେ ୫ଟି ମାମଲା ରୁଜୁ ହୋଇଛି।

ତେବେ ଅଭିଯୁକ୍ତଙ୍କଠାରୁ ଅଧିକ ତଥ୍ୟ ହାସଲ କରିବା ନିମନ୍ତେ ପୋଲିସ ଜେଏମ୍‌ଏଫ୍‌ସି କୋର୍ଟରେ ରିମାଣ୍ଡ ପାଇଁ ଆବେଦନ କରିଥିଲା। ଫଳରେ କୋର୍ଟ ୪ଦିନ ପାଇଁ ରିମାଣ୍ଡରେ ନେବାକୁ ଅନୁମତି ଦେଇଥିଲେ। ଏହି ରିମାଣ୍ଡ ସମୟ ମଧ୍ୟରେ ପୋଲିସକୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। ଗୋଟିଏ ମାମଲାରେ ଚାକିରି କରାଇଦେବେ ଅଭିଯୋଗ ଥିବାବେଳେ ଅନ୍ୟ ସମସ୍ତ ମାମଲାରେ ଦୁଷ୍ଟଶକ୍ତି ତଡ଼ିବା ଓ ଗୁପ୍ତଧନ ପାଇବାର ଆଶା ଦେଖାଇ ସେ ଲୋକଙ୍କୁ ମୋହିତ କରୁଥିଲେ। ତେବେ ପୋଲିସ ରିମାଣ୍ଡ ସମୟରେ କୈଫି ଠକେଇ କରିଥିବା ଟଙ୍କା ସମ୍ପର୍କରେ ଖୋଳତାଡ଼ କରିଥିଲା। ଜେରାବେଳେ ସେ ଅର୍ଜନ କରିଥିବା ସବୁ ଠକେଇ ଅର୍ଥ ସମ୍ପର୍କରେ ପୋଲିସ୍‌କୁ ସୂଚନା ଦେଇଥିଲା। ସେଥିରେ ସାହାରା ଇଣ୍ଡିଆର ଫିକ୍ସଡ୍ ଡିପୋଜିଟ୍ ଓ ଆର୍‌ଡି ଆକାଉଣ୍ଟ, ବିଭିନ୍ନ ଜାତୀୟକରଣ ବ୍ୟାଙ୍କରେ ଜମା କରିବା ଅର୍ଥ ସହ ଏଲ୍‌ଆଇସି ବୀମା ପଲିସି, ସେୟାର ମାର୍କେଟ, ଗହଣା, ଦାମୀ କାର୍, ବାଇକ୍ କିଣା ଓ ମୋବାଇଲ ଦୋକାନ ବ୍ୟବସାୟରେ ବିପୁଳ ଅର୍ଥ ଲଗାଇଥିବା ଜଣାପଡ଼ିଥିଲା। ଏପରି କି ବିମାନ ଯାତ୍ରା କରି ଦେଶର ବହୁ ମେଟ୍ରୋ ସହରକୁ ଭ୍ରମଣ କରିବା ଅନ୍ୟତମ ସଉକ ଥିଲା। ପୋଲିସ କୈଫିଙ୍କଠାରୁ ଗୋଟିଏ କାର୍, ଗୋଟିଏ ବାଇକ୍ ଓ ଗୋଟିଏ ସ୍କୁଟି ଜବତ କରିଛି।

## ସଂକ୍ଷେପରେ

### ଡିଏମ୍‌ଡି ପୀଡ଼ିତଙ୍କୁ ୧୦ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଘୋଷଣା

ଭୁବନେଶ୍ୱର, ୬।୫ (ବ୍ୟୁରୋ): ଡୁଚେନ ମସ୍କୁଲାର ଡିଷ୍ଟ୍ରୋଫି (ଡିଏମ୍‌ଡି) ରୋଗରେ ପୀଡିତ ରୋଗୀଙ୍କୁ ସହାୟତାର ହାତ ବଢାଇଛନ୍ତି ରାଜ୍ୟ ସରକାର। ସରକାରଙ୍କ ପକ୍ଷରୁ ଏହି ରୋଗରେ ପୀଡିତଙ୍କୁ ୧୦ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବା ନେଇ ନିଷ୍ପତ୍ତି ହୋଇଛି। ଏନେଇ ଶନିବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସମ୍ପୃକ୍ତ ରୋଗୀଙ୍କୁ ଆର୍ଥିକ ସହାୟତା ସହିତ ଆବଶ୍ୟକସ୍ଥଳେ ଇଲେକ୍ଟ୍ରିକ୍ ହ୍ୱିଲ ଚେୟାର, ଉପଯୁକ୍ତ ଫିଜିଓଥେରାପି, ଜେନେଟିକ୍ ଟେଷ୍ଟ ଏବଂ ସୁପର ସ୍ପେସିଆଲିଟି ହସ୍ପିଟାଲରେ ଚିକିତ୍ସା ଆଦି ବ୍ୟବସ୍ଥା ଯୋଗାଇ ଦିଆଯିବ। ଆର୍ଥିକ ସହାୟତା ପାଇଁ ରୋଗୀଙ୍କ ପରିବାର ସଂପୃକ୍ତ ଜିଲା କଲେକ୍ଟରଙ୍କ ନିକଟରେ ପ୍ରତିନିଧିତ୍ୱ କରିବେ। ମୁଖ୍ୟ ଜିଲା ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ଦ୍ୱାରା ଯାଞ୍ଚ କରାଯିବା ସହ ଧାର୍ଯ୍ୟ ପ୍ରକ୍ରିୟା ପରେ ସିଏମ୍‌ଆର୍‌ଏଫ୍ ଫଣ୍ଡରୁ ଜିଲାପାଳ ସହାୟତା ମଞ୍ଜୁର କରିବେ। ଏହି ଅର୍ଥ ସମ୍ପୃକ୍ତ ରୋଗୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା ହେବ ବୋଲି ସୂଚନା ଦିଆଯାଇଛି।

### ଦୁର୍ବୃତ୍ତଙ୍କ ଏଟିଏମ୍ ଲୁଟ୍ ଉଦ୍ୟମ ବିଫଳ

ନିମାପଡ଼ା,୬।୫(ଡି.ଏନ୍.ଏ.)-ନିମାପଡ଼ା ଜୟଶ୍ରୀ ଛକ ଗଣେଶ ବଜାର ନିକଟରେ ଥିବା ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଏଟିଏମ୍ ଭାଙ୍ଗି ଦୁର୍ବୃତ୍ତଙ୍କ ଲୁଟ୍ ଉଦ୍ୟମ ବିଫଳ ହୋଇଛି। ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଏଟିଏମ୍‌ରେ ପଶି ଏଟିଏମ୍ ମେଶିନ, ୨ଟି ସିସିଟିଭି ଭାଙ୍ଗିଦେଇଥିବାବେଳେ ସାଇରନ୍ ମେଶିନ ଓପାଡ଼ି ଫୋପାଡ଼ି ଦେଇଛନ୍ତି। ଦୁର୍ବୃତ୍ତମାନେ ବ୍ୟାଟେରି ରୁମ୍ ଓ ୟୁକେସି ରୁମ୍ ତାଲା ଭାଙ୍ଗି ଦେଇଥିବାବେଳେ ଆଉ ୪/୫ଟି ସିସିଟିଭି ଉପରେ କଳାରଙ୍ଗ ସ୍ପ୍ରେ କରିଦେଇଥିବା ବ୍ୟାଙ୍କ ସୂତ୍ରରୁ ଜଣାପଡ଼ିଛି। ଏ ସମ୍ପର୍କରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ନିମାପଡ଼ା ଶାଖାର ମ୍ୟାନେଜର ରୀନାରାଣୀ ବେହେରା ଶନିବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଏହି ଲୁଟ୍ ଘଟଣା ନେଇ ବ୍ୟାଙ୍କ କର୍ମଚାରୀମାନେ ଆତଙ୍କିତ ହୋଇପଡ଼ିଛନ୍ତି। ବ୍ୟାଙ୍କ ପକ୍ଷରୁ ଏଟିଏମ୍‌ଗୁଡ଼ିକରେ ସିକ୍ୟୁରିଟି ବ୍ୟବସ୍ଥା ନ ଥିବା ଯୋଗୁ ବିଭିନ୍ନ ବ୍ୟାଙ୍କର ଏଟିଏମ୍‌ରେ ଏଭଳି ଲୁଟ୍ ଉଦ୍ୟମ ହେଉଥିବା ବିଭିନ୍ନ ମହଲରୁ କୁହାଯାଉଛି। ଅନ୍ୟପକ୍ଷେ ନିମାପଡ଼ା ଥାନା ପୋଲିସ ପକ୍ଷରୁ ରାତ୍ରି ପାଟ୍ରୋଲିଂ କଡ଼ାକଡ଼ି କରାଯାଉ ନ ଥିବାରୁ ବିଭିନ୍ନ ସମୟରେ ଛୋଟବଡ଼ ଚୋରି, ଡକାୟତି ଭଳି ଅପରାଧ ଘଟଣା ଘଟିଚାଲିଛି। ପୋଲିସ ପକ୍ଷରୁ ରାତି ପାଟ୍ରୋଲିଂ, ବ୍ୟାଙ୍କଗୁଡ଼ିକ ନିକଟରେ ପୋଲିସ ପହରା କରାଯିବାକୁ ସାଧାରଣରେ ଦାବି ହୋଇଛି।

### ନାବାଳିକାଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରି ଅଭିଯୁକ୍ତ ଗିରଫ

ଡେଲାଙ୍ଗ,୬।୫(ଡି.ଏନ୍.ଏ.): ଡେଲାଙ୍ଗ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ଅଶ୍ଳୀଳ ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିବା ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରି ଶନିବାର ପୁରୀ ପୋକ୍ସୋ କୋର୍ଟକୁ ଚାଲାଣ କରିଛି। ସେ ହେଲେ ପିଢ଼ପାଟଣା ଗ୍ରାମର ଦେବାଶିଷ ଜେନା (୧୯)। ସୂଚନା ମୁତାବକ, ପୂର୍ବରୁ ପ୍ରେମସମ୍ପର୍କ ରଖିଥିବା ନାବାଳିକାଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରିଥିବା ନେଇ ପୀଡ଼ିତା ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ୧୩୬/୨୩ରେ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# କଟକରେ ନକଲି ମୃଦୁ ପାନୀୟ କାରଖାନା


ନକଲି ମୃଦୁ ପାନୀୟ କାରଖାନାରେ ସିଏମ୍‌ସି ପକ୍ଷରୁ ଚଢାଉ କରାଯାଉଛି।


ଜବତ ଥଣ୍ଡା ପାନୀୟ ବୋତଲ।

- ୮ ଲକ୍ଷର ଯନ୍ତ୍ରାଂଶ, ଥଣ୍ଡା ପାନୀୟ ବୋତଲ ଜବତ
- ୫୦ ହଜାର ଜରିମାନା ଆଦାୟ
- କାରଖାନା ସିଲ୍

କଟକ ଅଫିସ,୬।୫

କଟକ ନକଲି ଓ ଅପମିଶ୍ରିତ କାରବାରର ପେଣ୍ଠସ୍ଥଳ ପାଲଟିଛି। ପୂର୍ବରୁ ବେଆଇନ କାରଖାନାରେ ପୋଲିସ ଚଢ଼ାଉ କରି ନକଲି ସିମେଣ୍ଟ, ଚା, ମସଲା, ଅପମିଶ୍ରିତ ସସ୍ ଆଦି ଜବତ କରିଛି। କେତେକ କ୍ଷେତ୍ରରେ କାରଖାନାକୁ ସିଲ୍ କରାଯିବା ସହ କର୍ମଚାରୀଙ୍କୁ ଗିରଫ କରାଯାଇଛି। ହେଲେ ଏହା ଉପରେ ସମ୍ପୂର୍ଣ୍ଣ ମାତ୍ରାରେ ରୋକ୍ ଲଗାଯାଇପାରୁନାହିଁ। ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଶନିବାର କଟକ ସୂତାହାଟ ଅଞ୍ଚଳର ଦର୍ଜି ସାହିରେ ଥିବା ଜାଭେଦ ଏଣ୍ଟରପ୍ରାଇଜ୍ ନାମକ ନକଲି ମୃଦୁ ପାନୀୟ କାରଖାନାରେ ସିଏମ୍‌ସି ପକ୍ଷରୁ ଚଢ଼ାଉ କରାଯାଇଥିଲା। ସେଠାରୁ ୮ ଲକ୍ଷ ଟଙ୍କାର ଯନ୍ତ୍ରାଂଶ, ମୃଦୁ ପାନୀୟ ବୋତଲ, ଖାଲି ବୋତଲ ଜବତ କରାଯିବା ସହିତ ୫୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ପରେ ଉକ୍ତ କାରଖାନାକୁ ସିଲ୍ କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଅଞ୍ଚଳରେ ଏହି ନକଲି ମୃଦୁ ପାନୀୟ କାରଖାନା ଦୀର୍ଘଦିନ ଧରି ଚାଲୁଥିଲା। କାରଖାନା କର୍ତ୍ତୃପକ୍ଷ କଟକ ସହରରେ ବ୍ୟବସାୟ ନ କରି ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା ଜିଲାରେ ବ୍ୟବସାୟ କରୁଥିଲେ। ବିଶେଷକରି ବିନା ପରୀକ୍ଷାନିରୀକ୍ଷା ଓ ଅସ୍ୱାସ୍ଥ୍ୟକର ପରିବେଶରେ ମୃଦୁ ପାନୀୟ ପ୍ରସ୍ତୁତ କରାଯାଉଥିଲା। ଖବରପାଇ କ୍ୟାଣ୍ଟନମେଣ୍ଟ ପୋଲିସ ସହଯୋଗରେ ସିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ, ଖାଦ୍ୟ ସୁରକ୍ଷା ଅଧିକାରୀ ଓ କର୍ମଚାରୀମାନେ ସେଠାରେ ଚଢ଼ାଉ କରିଥିଲେ। ଯାଞ୍ଚବେଳେ ବେଆଇନ ଭାବେ ନକଲି ମୃଦୁ ପାନୀୟ ପ୍ରସ୍ତୁତ ହେଉଥିବା ଜଣାପଡିଥିଲା। କାରଖାନାର ଫୁଡ୍ ଲାଇସେନ୍ସ ଓ ଟ୍ରେଡ୍ ଲାଇସେନ୍ସ ନ ଥିଲା। ଏପରି କି କାରଖାନା କର୍ତ୍ତୃପକ୍ଷ ଆବଶ୍ୟକ କାଗଜପତ୍ର ଦେଖାଇବାରେ ବିଫଳ ହୋଇଥିଲେ। ସବୁଠାରୁ ଆଶ୍ଚର୍ଯ୍ୟର କଥା ବାହାରେ ଫିଙ୍ଗାଯାଉଥିବା ଥଣ୍ଡା ପାନୀୟ ବୋତଲକୁ ସଂଗ୍ରହ କରାଯାଉଥିଲା। ତାହାକୁ ସଫା କରାଯିବା ପରେ ସେଥିରେ ଥଣ୍ଡା ପାନୀୟ ଭର୍ତ୍ତି କରି ସିଲ୍ କରାଯାଉଥିଲା। ପରେ ତାହାକୁ ବିକ୍ରି ପାଇଁ ବଜାରକୁ ପଠାଯାଉଥିଲେ। ବିନା ଅନୁମତିରେ ଏହି କାରଖାନା ଚାଲୁଥିବା ଜଣାପଡିଛି। ବାସ୍ତବରେ ଏହି ଥଣ୍ଡା ପାନୀୟ ଲୋକଙ୍କ ଶରୀର ପାଇଁ କେତେ ଉପଯୋଗୀ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଜବତ ଥଣ୍ଡା ପାନୀୟ ବୋତଲ ପରୀକ୍ଷା ପାଇଁ ଲାବୋରେଟୋରିକୁ ପଠାଯିବ ବୋଲି ସିଏମ୍‌ସି ପକ୍ଷରୁ ଜଣାପଡିଛି।

## ୩ ରଥର ୩ ଚକ ପାଇଁ ପଇପିନ୍ଧା କାର୍ଯ୍ୟ ଶେଷ

**ରଥଖଳାରୁ ...**

ପୁରୀ ଅଫିସ,୬।୫: ରଥ ନିର୍ମାଣର ତ୍ରୟୋଦଶ ଦିବସ ଶନିବାର ତିନିରଥର ମୁଖ୍ୟ ମହାରଣାମାନେ ପଇ ବିନ୍ଧ ଅନୁକୂଳ ପୂଜା ଶେଷ କରିବା ପରେ ମହାରଣାମାନେ ନାହାକା ଚକ ପାଇଁ ତିନିରଥର ତିନୋଟି ଲେଖାଏ ଚକ ପାଇଁ ପଇପିନ୍ଧା କାର୍ଯ୍ୟ ଶେଷ କରିଛନ୍ତି। ଏଥିସହ ତିନିରଥ ପାଇଁ ଆବଶ୍ୟକ କୁଡୁକାର ଚଉପଟ କାର୍ଯ୍ୟ ଶେଷ ହୋଇଛି। ତାଳଧ୍ୱଜ ରଥର ମହାରଣାମାନେ ଦୁଇଟି ନାହାକା ଚକ ସହ ଗୋଟିଏ ପଡିନାହାକା ଚକରେ ପଇପିନ୍ଧା କାର୍ଯ୍ୟ ଶେଷ କରି ସେଥିରେ ପନ୍ଦାରି ଏବଂ ବଳା ଫିଟିଙ୍ଗ ଶେଷ କରିଛନ୍ତି। ତାଳଧ୍ୱଜ ରଥର ଆବଶ୍ୟକ ୧୨ଟି କୁଡୁକା ଚଉପଟ କାର୍ଯ୍ୟ ଶେଷ କରିଛନ୍ତି। ଏହି କୁଡୁକା ରଥର ଦଣ୍ଡା ଗୁଡିକୁ ବାନ୍ଧି ରଖିବା ପାଇଁ ଦଣ୍ଡା ମଧ୍ୟରେ ସଂଯୋଗ କରାଯାଏ। ସେହିପରି ଦର୍ପଦଳନ ରଥର ଦୁଇଟି ନାହାକା ଚକର ପଇପିନ୍ଧା କାର୍ଯ୍ୟ ସାରି ଆଉ ଦୁଇଟି ଚକର ସିଙ୍ଗଡ଼ା ବାଡ଼ିଆ କାର୍ଯ୍ୟ ଯନ୍ତା ଗାଡ଼ରେ ଭୋଇ ସେବକଙ୍କ ଦ୍ୱାରା ସମ୍ପନ୍ନ ହୋଇଛି। ପଇ ପିନ୍ଧା ସରିଥିବା ନାହାକା ଚକ ତୁମ୍ବରେ ପନ୍ଦାରି ଏବଂ ବଳା ଫିଟିଙ୍ଗ ଶେଷ ହୋଇଛି। ଏଥିସହ ଦେବୀ ରଥ ପାଇଁ ଆବଶ୍ୟକ ଆଠଟି କୁଡୁକା ଚଉପଟ କାର୍ଯ୍ୟ ଶେଷ ହୋଇଛି। ମହାପ୍ରଭୁଙ୍କ ନନ୍ଦିଘୋଷ ରଥର ନାହାକା ଚାରି ଚକରେ ପଇ ପିନ୍ଧା କାର୍ଯ୍ୟ ଶେଷ ହୋଇଛି। ଏଥିସହ ପଞ୍ଚମ ଚକର ସିଙ୍ଗଡ଼ା ବାଡ଼ିଆ କାର୍ଯ୍ୟ ଯନ୍ତା ଗାଡ଼ରେ ଭୋଇ ସେବକଙ୍କ ଦ୍ୱାରା ଶେଷ ହୋଇଛି। ନାହାକା ଚକରେ ପନ୍ଦାରି ଏବଂ ବଳା ସଂଯୋଗ ଶେଷ ହୋଇଛି। ଏଥିସହ ନନ୍ଦିଘୋଷ ରଥ ପାଇଁ ଆବଶ୍ୟକ ୧୨ଟି କୁଡୁକା ଚଉପଟ କାର୍ଯ୍ୟ ସରିଛି। ଏହା ରଥର ଫ୍ରେମ ହେତୁ ରଥର ସମସ୍ତ ଭାର ବହନ କରେ। ତିନିରଥର କରତି ସେବକମାନେ ତିନିରଥର ୪୨ ତୁମ୍ବରୁ ୩୬ ଗୋଟି ତୁମ୍ବର ବଳକା ଅଂଶର ଘେର କଟା କାର୍ଯ୍ୟ ସାରିଛନ୍ତି। ଅପରପକ୍ଷେ ଦୋଳବେଦୀସ୍ଥିତ ଅସ୍ଥାୟୀ କମାର ଶାଳରେ ତିନିରଥର କମାର ସେବକମାନେ ତିନି ରଥର ନାହାକା ଚକ ପାଇଁ ଚାରି ଚକର ପନ୍ଦାରି ଏବଂ ବଳା ତିନି ରଥର ମହାରଣାମାନଙ୍କୁ ଯୋଗାଇ ତିନିରଥର ପଡ଼ି ନାହାକା ଚକ ପାଇଁ ପନ୍ଦାରି ଏବଂ ବଳା ନିର୍ମାଣ ଜାରି ରଖିଛନ୍ତି। ରଥ ନିର୍ମାଣର ତ୍ରୟୋଦଶ ଦିନରେ ତିନିରଥର ମହାରଣା ୭୫ ଜଣ, ଭୋଇ ସେବକ ୬୦ଜଣ, କରତି ସେବକ ୪ଜଣ, କମାର ସେବକ ୧୬ଜଣ, ପାହି ମହାରଣା ଜଣେ, ତୁମ୍ବ ବିନ୍ଧ କାରୀଗର ଜଣେ, ରୂପକାର ସେବକ ୧୯ ଜଣ ଏବଂ ରଥଖଳା ସହାୟକ ଜଣେ। ଏହିପରି ମୋଟ ୧୭୭ ଜଣ ସେବକ ଓ କାରିଗର ରଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ରହିଛନ୍ତି।




ଗୋପ ବାଲିପଡିଆରେ ଶନିବାର ଅନୁଷ୍ଠିତ ମା' ଭବାନୀ ସାଂସ୍କୃତିକ ଅନୁଷ୍ଠାନ, ପ୍ରେସ୍ କ୍ଲବର ବାର୍ଷିକ ଉତ୍ସବରେ ଉପସ୍ଥିତ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଅନ୍ୟ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱମାନେ ।

## ଶ୍ରୀମନ୍ଦିରରେ ଚାରିଦ୍ୱାର ଖୋଲିବାକୁ ଦାବି

ପୁରୀ ଅଫିସ,୬।୫

ରଥଯାତ୍ରା ଦ୍ୱିତୀୟ ସମନ୍ୱୟ ବୈଠକରେ ଭକ୍ତ ଏବଂ ସ୍ଥାନୀୟ ପୁରୀ ଲୋକଙ୍କ ପାଇଁ ଚାରିଦ୍ୱାର ଖୋଲିବା ନେଇ ଦାବି ହୋଇଥିଲା। ପୂର୍ବରୁ ଭକ୍ତ ଏବଂ ପୁରୀବାସୀ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରର ଚାରିଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ ଓ ପ୍ରସ୍ଥାନ କରୁଥିଲେ। ମାତ୍ର କୋଭିଡ୍ ସମୟରେ ପ୍ରଶାସନ ପକ୍ଷରୁ କେବଳ ଭକ୍ତଙ୍କୁ ସିଂହଦ୍ୱାର ଦେଇ ପ୍ରବେଶ କରିବା ସହ ଅନ୍ୟ ଦୁଆର ଦେଇ ପ୍ରସ୍ଥାନ କରିବାର ବ୍ୟବସ୍ଥା କରାଯାଉଥିଲା। ତେବେ ବିଭିନ୍ନ ମହଲରୁ ଦାବି ହେବା ପରେ ପୁରୀବାସୀଙ୍କ ପାଇଁ ପଶ୍ଚିମଦ୍ୱାର ଦେଇ ପ୍ରବେଶ ପାଇଁ ଅନୁମତି ମିଳିଥିଲା, କିନ୍ତୁ ପରେ ବନ୍ଦ କରିଦେଇଥିଲେ। ତେଣୁ ପୁରୀବାସୀ ମହାପ୍ରଭୁଙ୍କ ଦର୍ଶନ ପାଇଁ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରିକି ଅବଢା ଆଣିବା ପାଇଁ ଯାଇପାରୁନାହାନ୍ତି। ଫଳରେ କିଛି ଅସାଧୁ ବ୍ୟକ୍ତି ଅବଢା ଯୋଗାଇଦେବା ନାଁରେ ଅଧିକ ଟଙ୍କା ଭକ୍ତଙ୍କଠାରୁ ଶୋଷଣ କରୁଛନ୍ତି। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ଚାରିଦ୍ୱାର ଖୋଲିବା ପାଇଁ ସେବାୟତମାନେ ଦାବି କରିଛନ୍ତି।

## ସ୍ୱାସ୍ଥ୍ୟସେବା ଶିବିର

ସାକ୍ଷୀଗୋପାଳ,୬।୫(ଡି.ଏନ୍.ଏ.)

ସାକ୍ଷୀଗୋପାଳର ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେବା ଓ ଉତ୍ତମ ସ୍ୱାସ୍ଥ୍ୟ ଗଠନର ବାର୍ତ୍ତା ନେଇ ଆୟୋଜିତ ହୋଇଯାଇଛି ମାଗଣା ସ୍ୱାସ୍ଥ୍ୟ ସେବା ଶିବିର। ଏହି ଅବସରରେ ସ୍ଥାନୀୟ ଅହମ୍ମଦପୁରସ୍ଥିତ ରିହା ଭାରତ ଗ୍ୟାସ ଡିପୋ ନିକଟରେ ଲୁବ୍ୟାମ ହେଲଥ୍ କେୟାର ଏବଂ ସୁସୃତ ହସ୍ପିଟାଲର ମିଳିତ ସହଯୋଗରେ ଏହି ଶିବିର ଆୟୋଜିତ ହୋଇଥିଲା।

## ରାଷ୍ଟ୍ରୀୟ କବି ସଙ୍ଗମ ଜିଲା ୟୁନିଟ୍ କାର୍ଯ୍ୟକାରିଣୀ କମିଟିର ନୂତନ କର୍ମକର୍ତ୍ତା

କଟକ ଅଫିସ, ୬।୫

ରାଷ୍ଟ୍ରୀୟ କବି ସଙ୍ଗମ ଓଡ଼ିଶା ରାଜ୍ୟ ୟୁନିଟ୍ ପକ୍ଷରୁ ଜିଲା ୟୁନିଟ୍ ସଦସ୍ୟମାନଙ୍କ ବୈଠକ ଅନ୍‌ଲାଇନ୍ ମାଧ୍ୟମରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ରାଷ୍ଟ୍ରୀୟ କବି ସଙ୍ଗମ ଓଡ଼ିଶା ରାଜ୍ୟ ୟୁନିଟ୍‌ର ୫ଟି ଜିଲା ୟୁନିଟ୍‌ର କାର୍ଯ୍ୟକାରିଣୀ କମିଟି ଗଠନ କରାଯାଇଥିଲା। ପ୍ରାଦେଶିକ ସଭାପତି ନଥମଲ ଚନାନୀ ମନୋନୀତ ହୋଇଥିବା ସଦସ୍ୟମାନଙ୍କ ନାମ ଘୋଷଣା କରିଥିଲେ। ଏଥିରେ ବରଗଡ଼ ଜିଲା କାର୍ଯ୍ୟନିର୍ବାହୀ କମିଟି ସଂଯୋଜକ ଭାବେ ରେଣୁ ଅଗ୍ରୱାଲ, ଅଧ୍ୟକ୍ଷା ଦର୍ଶନା ଅଗ୍ରୱାଲ ଓ ମିଡିଆ ପ୍ରଭାରୀ ସଦାଶିବ କର ମନୋନୀତ ହୋଇଛନ୍ତି। ସେହିପରି ଖୋର୍ଦ୍ଧା ଜିଲା କମିଟିରେ ରତ୍ନ ମହିପାଲ ସଂଯୋଜକ, ବିକ୍ରମାଦିତ୍ୟ ସିଂ ଅଧ୍ୟକ୍ଷ, ଆଶିଷ କୁମାର ସାହ ମହାମନ୍ତ୍ରୀ, ବିନୋଦ କୁମାର ମିଡିଆ ପ୍ରଭାରୀ, ଡା. ସୁଧୀର କୁମାର ସାମାଜିକ ଗଣମାଧ୍ୟମ ପ୍ରଭାରୀ ଭାବେ ମନୋନୀତ ହୋଇଥିଲେ। କଟକ ଜିଲା କମିଟିରେ ମୀରା ବେଉରା ସଂଯୋଜକ, ମନୋଜ କୁମାର ଦୁଗ୍ଗଡ଼ ଅଧ୍ୟକ୍ଷ, ରିମ୍‌ଝିମ୍ ଝା ମହାମନ୍ତ୍ରୀ, ଲକ୍ଷ୍ମୀଧର ଚଢା ମିଡିଆ ପ୍ରଭାରୀ ଭାବେ ମନୋନୀତ ହୋଇଛନ୍ତି। କୋରାପୁଟ ଜିଲା କମିଟିର ସଂଯୋଜକ ଭାବେ ସବିତା ଶତପଥୀ, ଅଧ୍ୟକ୍ଷ ବିଜୟା ପାଣିଗ୍ରାହୀ, ମହାମନ୍ତ୍ରୀ କବିତା ସାହୁ, ମିଡିଆ ପ୍ରଭାରୀ ସୌମେନ୍ଦ୍ର ସ୍ୱାଇଁଙ୍କୁ ମନୋନୀତ କରାଯାଇଛି। ନବରଙ୍ଗପୁର ଜିଲା କମିଟିର ସଂଯୋଜକ ଭାବେ ନାରାୟଣ ପଣ୍ଡା, ଜେମାମଣି ବିଷୋଇ ଅଧ୍ୟକ୍ଷା, କାଦମ୍ବିନୀ ବେଶ୍ରା ମହାମନ୍ତ୍ରୀ, ଅମ୍ବିକା କଲାର ମିଡିଆ ପ୍ରଭାରୀ ଭାବେ ମନୋନୀତ ହୋଇଛନ୍ତି। ଏଥିରେ ପ୍ରାଦେଶିକ ମହାମନ୍ତ୍ରୀ ପୁଷ୍ପା ସିଂଘୀ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାଦେଶିକ ପୃଷ୍ଠପୋଷକ ଗଜାନନ ଶର୍ମା ଆସନ୍ତା ୨୬ରେ ହେବାକୁ ଥିବା ଦ୍ୱିତୀୟ ପ୍ରାଦେଶିକ ଅଧିବେଶନ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ପ୍ରାନ୍ତ ମିଡିଆ ପ୍ରଭାରୀ ସବ୍ୟସାଚୀ ବିଷୋଇ, ପ୍ରାନ୍ତ ପ୍ରଭାରୀ ଗୋପାଳ ପଣ୍ଡା, ପ୍ରାଦେଶିକ ପରାମର୍ଶଦାତା ପ୍ରକାଶ ବେତାଲା ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ତୁତିଗାନ କରି ଆଗକୁ ବଢ଼ନ୍ତି ଧନେଶ୍ୱର

ଖୋର୍ଦ୍ଧା ଅଫିସ,୬।୫



ଖୋର୍ଦ୍ଧା ମୁକୁନ୍ଦପ୍ରସାଦର ଧନେଶ୍ୱର ସାହୁ। ବୟସ ୬୫ ଟପିଲାଣି। ତଥାପି ଏହି ବୟସରେ ସେ ବେଶ୍ ଚଳଚଞ୍ଚଳ। ଦୀର୍ଘ ୩୫ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସେ ଖୋର୍ଦ୍ଧା ସହରରେ ଖବରକାଗଜ ବିତରକଭାବେ କାର୍ଯ୍ୟ କରୁଛନ୍ତି। ଯୁବବସ୍ଥାରେ ଏକ କମ୍ପାନୀରେ କାମ କରୁଥିଲେ। ପରବର୍ତ୍ତୀ ସମୟରେ କମ୍ପାନୀ ବନ୍ଦ ହୋଇଯିବା ପରେ ଖବରକାଗଜ ବିତରଣ କରିବାକୁ ଆରମ୍ଭ କରିଥିଲେ। ୩୦ଖଣ୍ଡରୁ ୩ଶହ ଖବରକାଗଜ ବିକ୍ରି କରୁଥିଲେ। ତେବେ କରୋନା ମହାମାରୀ ଯୋଗୁ ଖବରକାଗଜ ବିକ୍ରି କମିଯାଇଥିଲା। ଏବେ ୨ଶହ ଖଣ୍ଡ ଖବରକାଗଜ ଦେଉଛନ୍ତି। ଧନେଶ୍ୱରଙ୍କ ସହିତ ତାଙ୍କ ପୁଅ ସୁମନ୍ତ ମଧ୍ୟ ଏହି କାମ କରୁଛନ୍ତି। ଦୈନିକ ସାଇକଲରେ ୩୦ କିମି ବୁଲି ଲୋକଙ୍କ ନିକଟରେ ଖବରକାଗଜ ପହଞ୍ଚାଇଥାନ୍ତି ଧନେଶ୍ୱର। ଖୋର୍ଦ୍ଧା ପୁରୁଣା ବସଷ୍ଟାଣ୍ଡଠାରୁ ଆରମ୍ଭ କରି ବିଡିଏ, ଟିଳେସି, ଭାଲିଆବାଡି ପର୍ଯ୍ୟନ୍ତ ବୁଲି ପେପର ଦେଇଥାନ୍ତି। ଧନେଶ୍ୱର କୁହନ୍ତି, ଭୋର ୪ଟାରୁ ଉଠି ନିତ୍ୟକର୍ମ ସାରି ୫ଟା ସୁଦ୍ଧା ପେପର ପଏଣ୍ଟରେ ପହଞ୍ଚିଥାଏ। ସେଠାରୁ ପେପର ସଂଗ୍ରହ ପରେ ଗନ୍ତବ୍ୟ ସ୍ଥଳରେ ବାହାରିପଡିଥାଏ। ଲୋକଙ୍କ ନିକଟରେ ପେପର ପହଞ୍ଚାଇବା ଦୈନନ୍ଦିନ ଜୀବନଶୈଳୀ। ଖବରକାଗଜ ବିତରଣ ଲୋକଙ୍କ ସହିତ ସମ୍ପର୍କ ଯୋଡିବା ସହ ଆନନ୍ଦ ଦେଇଛି। ପୂର୍ବରୁ ଖବରକାଗଜର ବିଶେଷ ଚାହିଦା ରହିଥିଲା। ଏବେ ସମୟ ବଦଳିଛି। ଇଣ୍ଟରନେଟ ଯୁଗରେ ମୋବାଇଲ ଖବରକାଗଜର ସ୍ଥାନ ନେଇଛି। ଲୋକେ ଆଗଭଳି ଅଟକାଇ ପେପର ମାଗୁନାହାନ୍ତି। ଏବେ ବଳକା ରହିଯାଉଛି। ତଥାପି ଏବେ ବି ପୁରୁଣା ଗ୍ରାହକ ଅଛନ୍ତି, ଯେଉଁ ମାନେ ଆସିବା ବାଟକୁ ଚାହିଁ ରହିଥାନ୍ତି। ସର୍ବଦା ଭଗବାନଙ୍କ ସ୍ତୁତିଗାନ କରି ଆଗକୁ ବଢି ଚାଲିଥାଏ ଧନେଶ୍ୱରଙ୍କ ସାଇକଲ। ବାଟରେ କେହି ଦେଖା ହେଲେ କିଛି ସମୟ ଅଟକି ପୁଣି ଚାଲିଥାନ୍ତି। ଦୈନିକ ସାଇକଲ ଚଲାଇବା ଯୋଗୁ ଶାରୀରିକ ବ୍ୟାୟମ ହେବା ସହ ଶରୀର ସୁସ୍ଥ ରହିଥାଏ ବୋଲି ଧନେଶ୍ୱର କହିଛନ୍ତି।

## ବୈଦ୍ୟେଶ୍ୱରରୁ ଶ୍ରୀକ୍ଷେତ୍ର ଗଲା ଫାସିକାଠ

ଖୋର୍ଦ୍ଧା ଅଫିସ,୬।୫

ଜୁନ୍ ୨୦ରେ ମହାପ୍ରଭୁଙ୍କ ଘୋଷଯାତ୍ରା। ଏଥିଲାଗି ଶ୍ରୀକ୍ଷେତ୍ର ଶ୍ରୀନଅର ନିକଟ ଅସ୍ଥାୟୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଚାଲିଛି। ରଥ ନିର୍ମାଣ ପାଇଁ ଖୋର୍ଦ୍ଧା ବନାଞ୍ଚଳ ଅନ୍ତର୍ଗତ ବାଙ୍କୀ ବୈଦ୍ୟେଶ୍ୱର ଜଙ୍ଗଲରୁ ୧୫ଟି ଫାସିକାଠ ଶ୍ରୀକ୍ଷେତ୍ରକୁ ପଠାଯାଇଛି। ଶନିବାର ପୂର୍ବାହ୍ନରେ ଫାସିକାଠକୁ ଟ୍ରକ୍‌ରେ ଭର୍ତ୍ତି କରାଯାଇଥିଲା। ପୂଜାପାଠ ପରେ ଟ୍ରକ୍‌ଟି ଶ୍ରୀକ୍ଷେତ୍ର ଅଭିମୁଖେ ବାହାରିଥିଲା। ରଥକାଠ ଯିବା ସମୟରେ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ। ନାମ ସଂକୀର୍ତ୍ତନ, ଶ୍ରୀଜଗନ୍ନାଥଙ୍କ ଜୟ ଜୟକାର ଧ୍ୱନିରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା। ଏକ ଶୋଭାଯାତ୍ରାରେ ଲୋକେ ରଥକୁ ବିଦାୟ ଦେଇଥିଲେ।



ଟ୍ରକରେ ଆସିଥିବା ଫାସି କାଠକୁ ବ୍ରାହ୍ମଣମାନେ ପୂଜା କରୁଛନ୍ତି ।

## 'ରଥଯାତ୍ରା ପାଇଁ ଡେପୁଟେଶନରେ ଡାକ୍ତରଙ୍କୁ ଅଣାଯିବ'

ପୁରୀ ଅଫିସ ୬।୫

ରଥଯାତ୍ରା ପାଇଁ ଶନିବାର ପୌରସଦନରେ ଦ୍ୱିତୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଅଧ୍ୟକ୍ଷତା କରି କହିଥିଲେ ବିଭିନ୍ନ ବିଭାଗର ମନ୍ତ୍ରୀ, ପ୍ରଶାସନିକ ଅଧିକାରୀ, ସେବାୟତ, ବୃଦ୍ଧିଜୀବୀଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଆଉ ମାସେ ପରେ ରଥଯାତ୍ରା ଅନୁଷ୍ଠିତ ହେବାକୁ ଥିବାରୁ ଯେପରି ଶୃଙ୍ଖଳିତ ଭାବରେ ଯାତ୍ରା ଅନୁଷ୍ଠିତ ହେବ ସେନେଇ ବିଭିନ୍ନ ବିଭାଗ ସହ ଆଲୋଚନା କରାଯାଇଥିଲା। ବୈଠକରେ ଯେଉଁ ସମସ୍ୟା ଉପରେ ସେବାୟତ ଓ ଖବରଦାତାମାନେ ମତ ରଖିଥିଲେ, ସେଗୁଡିକ ଯେପରି ସମାଧାନ ହୋଇପାରିବ ସେନେଇ ଜିଲା ପ୍ରଶାସନ ସହ ଆଲୋଚନା କରି ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱାସ୍ଥ୍ୟ ସେବା ନେଇ ମନ୍ତ୍ରୀ ସାରକା କହିଥିଲେ, ଯେଉଁ ଡାକ୍ତର ପଦବୀ ଖାଲି ରହିଛି, ଡେପୁଟେଶନରେ ବାହାରୁ ଡାକ୍ତରମାନଙ୍କୁ ଅଣାଯାଇ ଭକ୍ତଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦିଆଯିବ। ରଥଯାତ୍ରା ଯେପରି ସୁରୁଖୁରୁରେ ହେବ ସେନେଇ ସମସ୍ତଙ୍କ ସହଯୋଗ କାମନା କରାଯାଇଛି।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ ଦାଶ କହିଥିଲେ, ବୈଠକରେ ରଥକାଠ ସହ ବିଭିନ୍ନ ପ୍ରସଙ୍ଗରେ ଗୁରୁତ୍ୱପୂର୍ଣ୍ଣ ମତ ଉପସ୍ଥାପନା କରାଯିବା ସହ ଆଲୋଚନା କରାଯାଇଥିଲା। ତୃତୀୟ ସମନ୍ୱୟ ବୈଠକ ପୂର୍ବରୁ ଜିଲାପାଳଙ୍କ ସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରି ସମୀକ୍ଷା କରାଯିବ। ତେବେ ଅନେକ ପ୍ରସ୍ତାବ ଆସିଛି, ସେଗୁଡିକ ମଧ୍ୟରୁ ଯେଉଁଗୁଡିକ କାର୍ଯ୍ୟକାରୀ କରିହେବ, ସେଗୁଡିକୁ ଅଗ୍ରାଧିକାର ଭିତ୍ତିକରେ କରାଯିବ। ସେହିଭଳି ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ରଥଯାତ୍ରା ପୂର୍ବରୁ ନିର୍ଦ୍ଧାରିତ ସମୟରେ ଶେଷ ହେବା ନେଇ ପଦକ୍ଷେପ ନିଆଯାଇଛି। ଯେଉଁଗୁଡିକରେ ଜଟିଳତା ରହିଛି, ସେଗୁଡିକୁ ପ୍ରଥମେ କରାଯାଉଛି। ସମସ୍ତଙ୍କ ମିଳିତ ସମନ୍ୱୟ ଓ ସହଯୋଗରେ ରଥଯାତ୍ରା ଶୃଙ୍ଖଳିତ ଭାବେ ହେବ ବୋଲି ଦାଶ କହିଛନ୍ତି। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ରାଧାକୃଷ୍ଣ ଶର୍ମା ବୈଠକ ସମ୍ପର୍କରେ କହିଛନ୍ତି, ଦୁଇବର୍ଷ କୋଭିଡ୍ କଟକଣା ପରେ ଗତ ବର୍ଷ ଭକ୍ତଙ୍କ ଗହଣରେ ରଥଯାତ୍ରା ସୁରୁଖୁରୁରେ ହୋଇଥିଲା। ଚଳିତଥର ପାଇଁ ମଧ୍ୟ ପୋଲିସ ବିଭାଗ ତତ୍ପର ରହିଛି। ଦେବସ୍ନାନ ପୂର୍ଣ୍ଣିମାଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ଯାହା କାର୍ଯ୍ୟକ୍ରମ ରହିଛି, ସେଗୁଡିକ ଯେପରି ବ୍ୟବସ୍ଥାଭିତ୍ତିକ ହେବ ସେନେଇ ପୋଲିସ ପକ୍ଷରୁ ପଦକ୍ଷେପ ନିଆଯାଇଛି। ମୁଖ୍ୟତଃ ଆଇନଶୃଙ୍ଖଳା ରକ୍ଷା, ଟ୍ରାଫିକ, ଭକ୍ତଙ୍କ ସୁରକ୍ଷା ରହିବ ସେନେଇ ବ୍ୟବସ୍ଥା କରାଯିବ। କଣ୍ଟ୍ରୋଲ ରୁମ କରାଯିବ। ସହରରେ ସିସିଟିଭି ଲଗାଯିବ। ଭକ୍ତଙ୍କ ଦର୍ଶନ ପାଇଁ ଯେପରି ଅସୁବିଧା ନ ହୁଏ ପୋଲିସ ପକ୍ଷରୁ ସେନେଇ ବ୍ୟବସ୍ଥା କରାଯିବ।

**ପ୍ରକଳ୍ପର ଜରୁରୀ କାର୍ଯ୍ୟକୁ ପ୍ରଥମେ କରାଯିବ**

## ସଂକ୍ଷେପରେ

### ଆରାଧ୍ୟା ଦେବୀ ମା' ଗେହ୍ଲାବାଈଙ୍କ ମନ୍ଦିର ପ୍ରତିଷ୍ଠା

ନିମାପଡ଼ା,୬।୫(ଡି.ଏନ୍.ଏ.)- ନିମାପଡ଼ା ବ୍ଲକ ଅନ୍ତର୍ଗତ ଅରିଷଣ୍ଡ ପଞ୍ଚାୟତ ବାମଝାଟିପାଟଣା ଗ୍ରାମର ଆରାଧ୍ୟା ଦେବୀ ମା' ଗେହ୍ଲାବାଈଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଶନିବାର ଅନୁଷ୍ଠିତ ହୋଇଯାଇଛି। ଜ୍ୟେଷ୍ଠ କୃଷ୍ଣପକ୍ଷ ପ୍ରତିପଦା ପବିତ୍ର ତିଥିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମା' ଗେହ୍ଲାବାଈ ଏ ଅଞ୍ଚଳର ଆରାଧ୍ୟା ଦେବୀ, ପ୍ରସିଦ୍ଧ ଠାକୁରାଣୀ ଭାବେ କେଉଁ ଆବହମାନ କାଳରୁ ପୂଜା ପାଇ ଆସୁଛନ୍ତି। କୁଶଭଦ୍ରା ନଦୀପଠାରେ ମା'ଙ୍କର ନୂତନ ମନ୍ଦିର ଓ ମନ୍ଦିରରେ ନୂତନ ବିଗ୍ରହ ପ୍ରତିଷ୍ଠା ହେଉଛି। ଏହି ଅବସରରେ ଗ୍ରାମର ଶତାଧିକ ମହିଳାଙ୍କ ଜଳଯାତ୍ରା, କଳସ ଯାତ୍ରା, ଅଙ୍କୁରାଧିବାସ, ଆଜ୍ଞାମାଳ, ଆନୟନ, ଧାନ୍ୟାଧିବାସ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମା'ଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ, ହୋମଯଜ୍ଞ କରାଯାଇଥିଲା। ସମାରୋହରେ ମା'ଙ୍କ ପୀଠରେ ଶନିବାର ବହୁ ଭକ୍ତ, ପଣ୍ଡିତ, ମହିଳା ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଆସନ୍ତା ୧୦ ତାରିଖରେ ମା'ଙ୍କ ପୀଠରେ ସୂର୍ଯ୍ୟପୂଜା, ସର୍ବଦେବଦେବୀ ପୂଜା, ଷୋଡ଼ଶ ଉପଚାର ପୂଜା, ଦିବ୍ୟଦର୍ଶନ, ଚଣ୍ଡୀ ଆହୁତି, ପୂର୍ଣ୍ଣାହୁତି ଆଦି କାର୍ଯ୍ୟକ୍ରମ ହେବ ବୋଲି ଗ୍ରାମବାସୀଙ୍କଠାରୁ ଜଣାପଡ଼ିଛି। ଛଣିଜଙ୍ଗ ପଞ୍ଚାୟତ କନ୍ତିଆ ଗ୍ରାମସ୍ଥିତ ପ୍ରସିଦ୍ଧ ସିଦ୍ଧମହାବୀରଙ୍କ ସେବକ ଅରୁଣ ସାହୁ ଓ ବାମଝାଟିପାଟଣା ଗ୍ରାମବାସୀଙ୍କ ଉଦ୍ୟମ ଏବଂ ସହଯୋଗରେ ଏହି ଆଧାତ୍ମିକ କାର୍ଯ୍ୟ ସମାପନ ହୋଇଛି। ଶ୍ରଦ୍ଧାଳୁଙ୍କ ହରିବୋଲ, ହୁଳହୁଳି, ଘଣ୍ଟ, ଘଣ୍ଟା, ବାଦ୍ୟଧ୍ୱନିରେ ଶନିବାର ମା'ଙ୍କ ପୀଠ ଓ ଗ୍ରାମ ପ୍ରକମ୍ପିତ ହୋଇ ଉଠିଥିଲା।

### ଯମୁନା ଗାଁ ରାସ୍ତା ପାଲଟିଛି ମରଣଯନ୍ତା

କୃଷ୍ଣପ୍ରସାଦ,୬।୫(ଡି.ଏନ୍.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ମୋରଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାରୁ ଯମୁନା ଗ୍ରାମକୁ ସଂଯୋଗ କରୁଥିବା ପ୍ରଧାନ ମନ୍ତ୍ରୀ ଗ୍ରାମ ସଡ଼କ ଏବେ ମରଣଯନ୍ତା ପାଲଟିଛି। ପାଞ୍ଚବର୍ଷ ପୂର୍ବେ ନିର୍ମାଣ ହୋଇଥିବା ଏହି ରାସ୍ତା ରକ୍ଷଣାବେକ୍ଷଣ ଅଭାବରୁ ଶୋଚନୀୟ ହୋଇପଡ଼ିଛି। ଫଳରେ ଲୋକେ ଯାତାୟାତ ବେଳେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାର ଦୁରବସ୍ଥା ଯୋଗୁ ଆମ୍ବୁଲାନ୍ସ ଓ ଅଗ୍ନିଶମ ଗାଡ଼ି ଆସିବାରେ ଅସୁବିଧା ହେଉଛି। ଗ୍ରାମ୍ୟ ଉନ୍ନୟନ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ରାସ୍ତାର ଦୁରବସ୍ଥା ସମ୍ପର୍କରେ ଅବଗତ ଥାଇ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯେ, ନୀଳାମ୍ବୁ ଚିଲିକା ମଧ୍ୟସ୍ଥ ଏକ ଟାପୁରେ ଏହି ଗାଁ ରହିଛି। ଏଠାରେ ଏକ ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ଦୈନିକ ଯାତାୟାତ ନିମନ୍ତେ ଉକ୍ତ ରାସ୍ତା ଉପରେ ଗ୍ରାମବାସୀ ନିର୍ଭର କରିଥାନ୍ତି। ଏବେ ରାସ୍ତାର ଦୁରବସ୍ଥାକୁ ନେଇ ଗ୍ରାମବାସୀ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ଜଣାପଡ଼ିଛି। ତୁରନ୍ତ ଉକ୍ତ ରାସ୍ତା ମରାମତି ନିମନ୍ତେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସ୍ଥାନୀୟ ସରପଞ୍ଚ ବିଷ୍ଣୁପ୍ରିୟା ବିଶ୍ୱାଳ, ସମିତିସଭ୍ୟା ମାନସୀ ସାହୁ, ଯମୁନା ଗ୍ରାମ୍ୟ କମିଟି ସଭାପତି ଭିକାରି ସାହୁ, ସମ୍ପାଦକ ଦୁର୍ଯ୍ୟୋଧନ ସାହୁ, ପ୍ରଭାସିନୀ ପ୍ରଧାନ, କାଳିଆ ସାହୁ, ସରପଞ୍ଚଙ୍କ ପ୍ରତିନିଧି ଦିଲୀପ କୁମାର ଦଳେଇ, ଗାଁ ମୁଖିଆ ଭ୍ରମର ପ୍ରଧାନ, କୈଳାସ ଚନ୍ଦ୍ର ସାହୁ, କପିଳ ସାହୁ ପ୍ରମୁଖ କହିଛନ୍ତି। ଏଥିପ୍ରତି ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ, ମୁଖ୍ୟ ଯନ୍ତ୍ରୀ, ବିଧାୟକ ଓ ଜିଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି।

# କଟକରେ ନକଲି ମୃଦୁ ପାନୀୟ କାରଖାନା



ନକଲି ମୃଦୁ ପାନୀୟ କାରଖାନାରେ ସିଏମ୍‌ସି ପକ୍ଷରୁ ଚଢ଼ାଉ କରାଯାଉଛି।



ଜବତ ଥଣ୍ଡା ପାନୀୟ ବୋତଲ।

**କଟକ ଅଫିସ,୬।୫**

- ୮ ଲକ୍ଷର ଯନ୍ତ୍ରାଂଶ, ଥଣ୍ଡା ପାନୀୟ ବୋତଲ ଜବତ
- ୫୦ ହଜାର ଜରିମାନା ଆଦାୟ
- କାରଖାନା ସିଲ୍

କଟକ ନକଲି ଓ ଅପମିଶ୍ରିତ କାରବାରର ପେଣ୍ଠସ୍ଥଳ ପାଲଟିଛି। ପୂର୍ବରୁ ବେଆଇନ କାରଖାନାରେ ପୋଲିସ ଚଢ଼ାଉ କରି ନକଲି ସିମେଣ୍ଟ, ଚା, ମସଲା, ଅପମିଶ୍ରିତ ସସ୍ ଆଦି ଜବତ କରିଛି। କେତେକ କ୍ଷେତ୍ରରେ କାରଖାନାକୁ ସିଲ୍ କରାଯିବା ସହ କର୍ମଚାରୀଙ୍କୁ ଗିରଫ କରାଯାଇଛି। ହେଲେ ଏହା ଉପରେ ସମ୍ପୂର୍ଣ୍ଣ ମାତ୍ରାରେ ରୋକ୍ ଲଗାଯାଇପାରୁନାହିଁ। ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଶନିବାର କଟକ ସୂତାହାଟ ଅଞ୍ଚଳର ଦର୍ଜି ସାହିରେ ଥିବା ଜାଭେଦ ଏଣ୍ଟରପ୍ରାଇଜ୍ ନାମକ ନକଲି ମୃଦୁ ପାନୀୟ କାରଖାନାରେ ସିଏମ୍‌ସି ପକ୍ଷରୁ ଚଢ଼ାଉ କରାଯାଇଥିଲା। ସେଠାରୁ ୮ ଲକ୍ଷ ଟଙ୍କାର ଯନ୍ତ୍ରାଂଶ, ମୃଦୁ ପାନୀୟ ବୋତଲ, ଖାଲି ବୋତଲ ଜବତ କରାଯିବା ସହିତ ୫୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ପରେ ଉକ୍ତ କାରଖାନାକୁ ସିଲ୍ କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଅଞ୍ଚଳରେ ଏହି ନକଲି ମୃଦୁ ପାନୀୟ କାରଖାନା ଦୀର୍ଘଦିନ ଧରି ଚାଲୁଥିଲା। କାରଖାନା କର୍ତ୍ତୃପକ୍ଷ କଟକ ସହରରେ ବ୍ୟବସାୟ ନ କରି ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା ଜିଲାରେ ବ୍ୟବସାୟ କରୁଥିଲେ। ବିଶେଷକରି ବିନା ପରୀକ୍ଷାନିରୀକ୍ଷା ଓ ଅସ୍ୱାସ୍ଥ୍ୟକର ପରିବେଶରେ ମୃଦୁ ପାନୀୟ ପ୍ରସ୍ତୁତ କରାଯାଉଥିଲା। ଖବରପାଇ କ୍ୟାଣ୍ଟନମେଣ୍ଟ ପୋଲିସ ସହଯୋଗରେ ସିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ, ଖାଦ୍ୟ ସୁରକ୍ଷା ଅଧିକାରୀ ଓ କର୍ମଚାରୀମାନେ ସେଠାରେ ଚଢ଼ାଉ କରିଥିଲେ। ଯାଞ୍ଚବେଳେ ବେଆଇନ ଭାବେ ନକଲି ମୃଦୁ ପାନୀୟ ପ୍ରସ୍ତୁତ ହେଉଥିବା ଜଣାପଡିଥିଲା। କାରଖାନାର ଫୁଡ୍ ଲାଇସେନ୍ସ ଓ ଟ୍ରେଡ୍ ଲାଇସେନ୍ସ ନ ଥିଲା। ଏପରି କି କାରଖାନା କର୍ତ୍ତୃପକ୍ଷ ଆବଶ୍ୟକ କାଗଜପତ୍ର ଦେଖାଇବାରେ ବିଫଳ ହୋଇଥିଲେ। ସବୁଠାରୁ ଆଶ୍ଚର୍ଯ୍ୟର କଥା ବାହାରେ ଫିଙ୍ଗା ଯାଉଥିବା ଥଣ୍ଡା ପାନୀୟ ବୋତଲକୁ ସଂଗ୍ରହ କରାଯାଉଥିଲା। ତାହାକୁ ସଫା କରାଯିବା ପରେ ସେଥିରେ ଥଣ୍ଡା ପାନୀୟ ଭର୍ତ୍ତି କରି ସିଲ୍ କରାଯାଉଥିଲା। ପରେ ତାହାକୁ ବିକ୍ରି ପାଇଁ ବଜାରକୁ ପଠାଯାଉଥିଲେ। ବିନା ଅନୁମତିରେ ଏହି କାରଖାନା ଚାଲୁଥିବା ଜଣାପଡିଛି। ବାସ୍ତବରେ ଏହି ଥଣ୍ଡା ପାନୀୟ ଲୋକଙ୍କ ଶରୀର ପାଇଁ କେତେ ଉପଯୋଗୀ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଜବତ ଥଣ୍ଡା ପାନୀୟ ବୋତଲ ପରୀକ୍ଷା ପାଇଁ ଲାବୋରେଟୋରିକୁ ପଠାଯିବ ବୋଲି ସିଏମ୍‌ସି ପକ୍ଷରୁ ଜଣାପଡିଛି।

# ଡିଏମ୍‌ଡି ପୀଡିତଙ୍କୁ ୧୦ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଘୋଷଣା

**ଭୁବନେଶ୍ୱର, ୬।୫ (ବ୍ୟୁରୋ)**

ଡୁଚେନ ମସ୍କ୍ୟୁଲାର ଡିଷ୍ଟ୍ରୋଫି (ଡିଏମ୍‌ଡି) ରୋଗରେ ପୀଡିତ ରୋଗୀଙ୍କୁ ସହାୟତାର ହାତ ବଢାଇଛନ୍ତି ରାଜ୍ୟ ସରକାର। ସରକାରଙ୍କ ପକ୍ଷରୁ ଏହି ରୋଗରେ ପୀଡିତଙ୍କୁ ୧୦ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବା ନେଇ ନିଷ୍ପତ୍ତି ହୋଇଛି। ଏନେଇ ଶନିବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସମ୍ପୃକ୍ତ ରୋଗୀଙ୍କୁ ଆର୍ଥିକ ସହାୟତା ସହିତ ଆବଶ୍ୟକସ୍ଥଳେ ଇଲେକ୍ଟ୍ରିକ ହ୍ୱିଲ ଚେୟାର, ଉପଯୁକ୍ତ ଫିଜିଓଥେରାପି, ଜେନେଟିକ୍ ଟେଷ୍ଟ ଏବଂ ସୁପର ସ୍ପେସିଆଲିଟି ହସ୍ପିଟାଲରେ ଚିକିତ୍ସା ଆଦି ବ୍ୟବସ୍ଥା ଯୋଗାଇ ଦିଆଯିବ। ଆର୍ଥିକ ସହାୟତା ପାଇଁ ରୋଗୀଙ୍କ ପରିବାର ସଂପୃକ୍ତ ଜିଲା କଲେକ୍ଟରଙ୍କ ନିକଟରେ ପ୍ରତିନିଧିତ୍ୱ କରିବେ। ମୁଖ୍ୟ ଜିଲା ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ଦ୍ୱାରା ଯାଞ୍ଚ କରାଯିବା ସହ ଧାର୍ଯ୍ୟ ପ୍ରକ୍ରିୟା ପରେ ସିଏମ୍‌ଆର୍‌ଏଫ୍ ଫଣ୍ଡରୁ ଜିଲାପାଳ ସହାୟତା ମଞ୍ଜୁର କରିବେ। ଏହି ଅର୍ଥ ସମ୍ପୃକ୍ତ ରୋଗୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା ହେବ ବୋଲି ସୂଚନା ଦିଆଯାଇଛି।

# ମାନସିକ ବିକାରଗ୍ରସ୍ତ ଯୁବକଙ୍କୁ ବୃଦ୍ଧାଶ୍ରମରେ ଛାଡ଼ିଲେ ଥାନା ଅଧିକାରୀ

**ଗୋପ,୬।୫(ଡି.ଏନ୍.ଏ.)**



ମାନସିକ ବିକାରଗ୍ରସ୍ତ ଯୁବକଙ୍କୁ ଥାନାଧିକାରୀ ଖାଦ୍ୟ ଦେଉଛନ୍ତି।

ଗୋପ ଥାନା ଅଧିକାରୀ ସୁନୀଲ ପ୍ରଧାନ ବିଭିନ୍ନ ସମୟରେ ରାସ୍ତା ଦୁର୍ଘଟଣା ହେଉ କି ରାଜରାସ୍ତା କଡ଼ରେ ପଡ଼ିଥିବା ବ୍ୟକ୍ତି ହେଉ କିମ୍ବା ବିଭିନ୍ନ ସାମାଜିକ କାର୍ଯ୍ୟରେ ରହି ଚର୍ଚ୍ଚାକୁ ଆସନ୍ତି। ଗୋପ ଥାନା ଅଞ୍ଚଳ ନାଗପୁର ନିକଟରେ ଶନିବାର ବୁଲୁଥିବା ଜଣେ ଅଣଓଡ଼ିଆ ମାନସିକ ବିକାରଗ୍ରସ୍ତ ଯୁବକଙ୍କୁ ପ୍ରଧାନ ଉଦ୍ଧାର କରିଥିବା ଜଣାପଡ଼ିଛି। ପ୍ରକାଶ ଯେ, ଥାନା ଅଧିକାରୀ ପ୍ରଧାନଙ୍କୁ ଶନିବାର ପୂର୍ବାହ୍ନରେ ଜଣେ ଅଣଓଡ଼ିଆ ମାନସିକ ବିକାରଗ୍ରସ୍ତ ଯୁବକ ବୁଲୁଥିବା ସନ୍ଦେହରେ କେହି ଖବର ଦେଇଥିଲେ। ଖବର ପାଇ ସଙ୍ଗେସଙ୍ଗେ ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଯୁବକ ଜଣଙ୍କ ମାନସିକ ବିକାରଗ୍ରସ୍ତ ବୋଲି ଜାଣିଥିଲେ। ପରେ ଥାନା ଅଧିକାରୀ ଏହି ଯୁବକଙ୍କୁ ଗାଡ଼ିରେ ଆଣି ନିକଟସ୍ଥ ମା' ଅଡ଼ଙ୍ଗେଇ ନିକଟ କୁଶଭଦ୍ରା ନଦୀରେ ସ୍ନାନ କରାଇ ତାଙ୍କୁ ନୂଆବସ୍ତ୍ର ପିନ୍ଧାଇ ମା'ଙ୍କୁ ମୁଣ୍ଡିଆ ମରାଇଥିଲେ। ଯୁବକଙ୍କୁ ଗୋପ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରାଇବା ପରେ ଥାନାକୁ ଆଣି ଖାଇବାକୁ ଦେଇଥିଲେ। ପରେ ତାଙ୍କୁ କିଛି ଘଣ୍ଟା ଲାଗି ଗାଡ଼ିରେ ବସାଇ ବୁଲାଇଥିଲେ। ଯୁବକ ଜଣଙ୍କୁ ଜଳଖିଆ ଦେବା ପରେ ଗୋପ ବ୍ଲକ ଅଧୀନ କୁନ୍ଦୁରାଠାରେ ଥିବା ନିଳାମ୍ବ ନିଳୟ ବୃଦ୍ଧାଶ୍ରମରେ ନେଇ ଛାଡିଥିବା ଜଣାପଡ଼ିଛି। ମାନସିକ ବିକାରଗ୍ରସ୍ତ ଯୁବକ ଜଣଙ୍କର ଘର କେଉଁଠି ତାହା ସେ କହିପାରୁ ନ ଥିବାବେଳେ ଓଡ଼ିଆ ମଧ୍ୟ ବୁଝିପାରୁ ନ ଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ଥାନା ଅଧିକାରୀ ପ୍ରଧାନଙ୍କୁ ପଚାରିବାରେ, ସେ ଜଣେ ମଣିଷ, ମଣିଷଙ୍କୁ ଭଲପାଇବା ତାଙ୍କର କର୍ତ୍ତବ୍ୟ। ଜଣେ ପୋଲିସ ଅଫିସର ହେଲେ ମଧ୍ୟ ସେ ତାଙ୍କ ମଣିଷପଣିଆ ଦେଖାଇଛନ୍ତି। ଆଉ ମଧ୍ୟ ତାଙ୍କ ବାପାଙ୍କ ସାମାଜିକ କାର୍ଯ୍ୟ ଓ ପ୍ରେରଣାରେ ଏପରି କାମସବୁ କରିଥିବା କହିଥିଲେ।

# ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଅନନ୍ତ ସମର୍ପିତ



ଶ୍ରୀରାମଚନ୍ଦ୍ରପୁର ଗ୍ରାମରେ ପ୍ରଚାରକ ଅନନ୍ତ ମିଶ୍ରଙ୍କ ଶ୍ରାଦ୍ଧ ଉତ୍ସବରେ ଉପସ୍ଥିତ ଅତିଥିମାନେ ଭାଷା ସମ୍ମିଳନୀ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ସାକ୍ଷୀଗୋପାଳ,୬।୫(ଡି.ଏନ୍.ଏ/ସ୍ୱ.ପ୍ର.)**

**ପ୍ରଚାରକ ଅନନ୍ତ ମିଶ୍ରଙ୍କ ଶ୍ରାଦ୍ଧ ଉତ୍ସବ**

ପ୍ରଚାରକ ଅନନ୍ତ ମିଶ୍ର ସ୍ମୃତି ପରିଷଦ ଓଡିଶା, ଆଚାର୍ଯ୍ୟ ଯୁବ ପରିଷଦ ଶ୍ରୀରାମଚନ୍ଦ୍ରପୁର ଓ କୈଳାସ ଗୋଟିପୁଅ ଓଡ଼ିଶୀ ନୃତ୍ୟ ପରିଷଦ ମିଳିତ ଆନୁକୂଲ୍ୟରେ ପ୍ରଚାରକ ଅନନ୍ତ ମିଶ୍ରଙ୍କ ଜନ୍ମପୀଠ ଶ୍ରୀରାମଚନ୍ଦ୍ରପୁର ଗ୍ରାମରେ ଶନିବାର ପ୍ରଚାରକ ଅନନ୍ତ ମିଶ୍ରଙ୍କ ୮୭ତମ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ଶ୍ରଦ୍ଧାଞ୍ଜଳି ସଭାରେ ପରିଷଦ ସଭାପତି ରବୀନ୍ଦ୍ର ନାଥ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାର କବି ପ୍ରସନ୍ନ କୁମାର ପାଟଶାଣି ଉଦ୍‌ଘାଟକ ରୂପେ ଯୋଗଦେଇ ପ୍ରଚାରକ ଅନନ୍ତଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଯୋଗଦେଇ ପ୍ରଚାରକ ଅନନ୍ତ ଓଡ଼ିଆ ଭାଷାକୁ ବଞ୍ଚାଇ ରଖିବା ପାଇଁ ଜୀବନବ୍ୟାପି ନିରବଚ୍ଛିନ୍ନ ଉଦ୍ୟମ ଚଳାଇଥିଲେ ବୋଲି କହି ସହ ଅପହଞ୍ଚ ଅଞ୍ଚଳରେ ଓଡ଼ିଆ ଲୋକେ କିପରି ଓଡ଼ିଆ ଭାଷାରେ ପଢିବେ ଏଂ ଓଡ଼ିଆ ଭାଷାର ପ୍ରଚାର ପ୍ରସାର କ୍ଷେତ୍ରରେ ନିଜକୁ ସମର୍ପି କରିଥିଲେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଡ. ପ୍ରତିଭା ମହାରଥୀ, ସମ୍ମାନିତ ଅତିଥି କବି ଶଙ୍କର ପରିଡା ଓ ପ୍ରଧାନ ଶିକ୍ଷକ ସତ୍ୟବାଦୀ ଦାସ ପ୍ରମୁଖ ଯୋଗଦେଇ ଓଡିଶାର ଉପାନ୍ତ ଅଞ୍ଚଳରେ ଓଡିଆ ଭାଷାର ପ୍ରଚାର ଓ ପ୍ରସାର ନିମନ୍ତେ କାର୍ଯ୍ୟ କରିଥିବା ପ୍ରଚାରକ ଅନନ୍ତଙ୍କ ପ୍ରତିମୂର୍ତ୍ତି, ପାଠାଗାର, କୀର୍ତ୍ତି ସ୍ଥାପନ ଓ ସତ୍ୟବାଦୀର ଏକ ରାସ୍ତାକୁ ପ୍ରଚାରକ ଅନନ୍ତଙ୍କ ନାମରେ ନାମିତ କରିବାକୁ ମତବ୍ୟକ୍ତ କରିଥିଲେ। ଭାଷା ସମ୍ମିଳନୀ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ସମ୍ପାଦକ ବିଜୟ କୁମାର ଛାଟୋଇ ସମ୍ପାଦକୀୟ ବିବରଣୀ ପାଠ ଓ ପ୍ରତିମା ରାଣୀ ମିଶ୍ର ବେଦପାଠ କରିଥିଲେ। ପ୍ରଚାରକ ଅନନ୍ତ ଓ ପଞ୍ଚଶଖାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ କବିତା ପାଠୋତ୍ସବ ଓ ସମର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଆଚାର୍ଯ୍ୟ ଯୁବ ପରିଷଦର ସଭ୍ୟ ପ୍ରମୋଦ କୁମାର ନନ୍ଦ ଧନ୍ୟବାଦ ଦେଇଥିଲେ।

# ଧରାପଡିଲେ ୬ ପେସାଦାର ଲୁଟେରା

**ଭୁବନେଶ୍ୱର,୬।୫(ବ୍ୟୁରୋ)**

ରାଜଧାନୀରେ ଆତଙ୍କ ଖେଳାଉଥିବା ଲୁଟେରା ଗ୍ୟାଙ୍ଗର ୬ ପେସାଦାର ଅଭିଯୁକ୍ତଙ୍କୁ କମିଶନରେଟ ପୋଲିସ ଗିରଫ କରିଛି। ସେମାନେ ହେଲେ ଶାନ୍ତିପଲ୍ଲୀ ବସ୍ତିରେ ରହୁଥିବା ଭୁପତି ଭୋଇ, ପୁରୀର ଦୀପକ ପ୍ରଧାନ, କନ୍ଧମାଳର ସୁଜିତ ସିଂ, ଗଞ୍ଜାମର ଡି ଦୀପ୍ତି ରଞ୍ଜନ ଓ ସନ୍ତୋଷ ପ୍ରଧାନ ଏବଂ ନୟାଗଡର ବିନାୟକ କୁମାର ମହାପାତ୍ର। ଏମାନଙ୍କଠାରୁ ବିଭିନ୍ନ କମ୍ପାନୀର ୨୦ଟି ଚୋରା ମୋବାଇଲ ଫୋନ୍ ଓ ଗୋଟିଏ ବାଇକ୍ ଜବତ କରିଛି ପୋଲିସ।

# ଭାଜପାର ଜନ ଆଶୀର୍ବାଦ ଯାତ୍ରା

**ନିମାପଡ଼ା,୬।୫(ଡି.ଏନ୍.ଏ.)**



ଜନ ଆଶୀର୍ବାଦ ଯାତ୍ରାରେ କର୍ମୀଙ୍କ ଗହଣରେ ଭାଜପା ନେତୃବୃନ୍ଦ।

ଭାରତୀୟ ଜନତା ପାର୍ଟି(ଭାଜପା) ପକ୍ଷରୁ ଏକ ଜନ ଆଶୀର୍ବାଦ ଯାତ୍ରା ନିମାପଡ଼ାଠାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଏକ ସୁସଜ୍ଜିତ ଖୋଲାଗାଡ଼ିରେ ଭାଜପା ରାଜ୍ୟ ଉପସଭାପତି ପ୍ରଭାତୀ ପରିଡ଼ା, ବରିଷ୍ଠ ନେତା ଦିଲୀପ ନାୟକ,୧୧ନଂ. ଜିଲା ପରିଷଦ ଜୋନ୍‌ର ନବନିର୍ବାଚିତ ଜିଲା ପରିଷଦ ସଭ୍ୟ ପ୍ରମୋଦ ରାୟ, ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ ପ୍ରମୁଖ ଏହି ଜନ ଆଶୀର୍ବାଦରେ ସାମିଲ ହୋଇଥିଲେ। ନାରାବାଜି ଓ ବାଣ ଫୁଟାଇ ନିମାପଡ଼ା ନୂଆ ବସ୍‌ଷ୍ଟାଣ୍ଡରୁ ଶୋଭାଯାତ୍ରାରେ ବାହାରି ନିମାପଡ଼ା ସହର ବଜାର ପରିକ୍ରମା କରି ଗୋପ ବ୍ଲକର ୧୧ନଂ. ଜିଲା ପରିଷଦ ଜୋନ୍‌ର ବିଭିନ୍ନ ପଞ୍ଚାୟତକୁ ଯାତ୍ରା କରିଥିଲେ। ୧୧ନଂ. ଜିଲା ପରିଷଦ ଜୋନ୍ ନିର୍ବାଚନରେ ଭୋଟରମାନେ ଭାଜପା ପ୍ରାର୍ଥୀଙ୍କୁ ଆଶୀର୍ବାଦ ପ୍ରଦାନ କରି ବିଜୟ କରାଇବାକୁ ସଚେତନ ଭୋଟରଙ୍କୁ କହିଥିଲେ। ଭୋଟରଙ୍କ ଆଶୀର୍ବାଦ ଆମ ପାଇଁ ଈଶ୍ୱରଙ୍କ ବରଦାନ ସଦୃଶ ବୋଲି ଉପସଭାପତି ପରିଡ଼ା କହିଥିଲେ। ଏହି ଶୋଭାଯାତ୍ରାରେ ପ୍ରାୟ ୫ଶହ ଦଳୀୟ କର୍ମୀ ସାମିଲ ହୋଇଥିଲେ।

# ପୁରୀ ରଗ୍‌ବୀ ସିନିୟର ଦଳର କିଟ୍ ଯାତ୍ରା

**ପୁରୀ ଅଫିସ,୬।୫**

ପୁରୀ ସିନିୟର ରଗ୍‌ବୀ ଦଳ ଶନିବାର କିଟ୍ ଯାତ୍ରା କରିଛି। ରବିବାରଠାରୁ ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ସିନିୟର ରଗ୍‌ବୀ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ରାଜ୍ୟରୁ ବିଭିନ୍ନ ଜିଲାର ପ୍ରତିଯୋଗୀମାନେ ଭାଗ ନେଇଛନ୍ତି। ପ୍ରତିଯୋଗିତାରେ ପୁରୀ ଜିଲାର ଖେଳାଳିମାନେ ମଧ୍ୟ ଅଂଶଗ୍ରହଣ କରିବେ। ଏଥିପାଇଁ ଖେଳାଳିମାନେ ଶନିବାର ଟ୍ରେନ୍ ଯୋଗେ କିଟ୍ ଅଭିମୁଖେ ଯାତ୍ରା କରିଛନ୍ତି। ତେବେ ପ୍ରତିଯୋଗିତା ପାଇଁ ପୂର୍ବରୁ ଝାଡେଶ୍ୱରୀ କ୍ଲବ ପରିସରରେ ରଗ୍‌ବୀ ଚୟନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ଝାଡେଶ୍ୱରୀ କ୍ଲବର ସମ୍ପାଦକ ପ୍ରାର୍ଥସାରଥୀ ମହାପାତ୍ର ଉପସ୍ଥିତ ଥିଲେ। ଏହି ଚାମ୍ପିୟନଶିପ୍‌ରେ ପୁରୀ ଜିଲାର ପ୍ରାୟ ୩୦ଜଣ ଖେଳାଳି ଭାଗ ନେଇଥିଲେ। ସେଥିମଧ୍ୟରୁ ୧୧ ଜଣ ଦକ୍ଷ ଖେଳାଳି କିଟ୍‌ଠାରେ ଅନୁଷ୍ଠିତ ହେବାକୁ ଥିବା ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନୀତ ହୋଇଥିଲେ। ପ୍ରଶାନ୍ତ ନାୟକ(ଅଧିନାୟକ), ନିହାର ରଞ୍ଜନ ମହାନ୍ତି (ଉପଅଧିନାୟକ), ବିଶାଲ ରଞ୍ଜନ ଜେନା, ଅଜୟ କୁମାର ମାଝି, ରାଜ୍ ନାରାୟଣ ସାହୁ, ରଞ୍ଜନ ନାଏକ, ପ୍ରକାଶ ଦାସ, ଚନ୍ଦନ ଜେନା, ବିଶ୍ୱରଞ୍ଜନ ପାତ୍ର, ଅବିନାଶ ଜେନା, ସଞ୍ଜୟ ସେଠୀ, ରାଜେନ୍ଦ୍ର ସିଂ ପ୍ରମୁଖ ପ୍ରତିଯୋଗୀ ଭାବେ ଚୟନ ହୋଇଛନ୍ତି। କୋଚ୍ ଭାବେ ଏସ୍.ଜଗା ରେଡ୍ଡି, ମ୍ୟାନେଜର ମଳୟ କୁମାର ନାୟକ ଏବଂ ପୁରୀ ଜିଲା ରଗ୍‌ବୀ ସମ୍ପାଦକ ଜିତେନ୍ଦ୍ର ନାଥ ଦାସ ପ୍ରମୁଖ ଖେଳାଳିମାନଙ୍କ ସହ କିଟ୍ ଅଭିମୁଖେ ଯାତ୍ରା କରିଛନ୍ତି।




ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟକୁ ବାହାରିଥିବା ପୁରୀ ରଗ୍‌ବୀ ଦଳ।

# ଶହୀଦ ଦେବାଶିଷଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ପ୍ରସ୍ତାବ

**ସାକ୍ଷୀଗୋପାଳ,୬।୫(ଡି.ଏନ୍.ଏ.)**



ଶହୀଦ ଦେବାଶିଷ ବିଶ୍ୱାଳଙ୍କ ଶ୍ରଦ୍ଧାଞ୍ଜଳି ଉତ୍ସବରେ ଉପସ୍ଥିତ ଅତିଥିମାନେ ତାଙ୍କ ପରିବାର ବର୍ଗଙ୍କୁ ମାନପତ୍ର ପ୍ରଦାନ କରୁଛନ୍ତି।

ଗତ ଏପ୍ରିଲ ୨୦ରେ ଜମ୍ମୁକଶ୍ମୀର ପୁଞ୍ଚଠାରେ ଅଳଗୁମ ଖଣ୍ଡାୟତ ସାହିର ବୀର ଓଡ଼ିଆ ପୁଅ ଦେବାଶିଷ ବିଶ୍ୱାଳଙ୍କ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିଲେ। ତେବେ ଗାଁ ସନ୍ନିକଟ ଦଳେଇ ବାଙ୍କଠାରେ ଦୋବଶିଷଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସାକ୍ଷୀଗୋପାଳ ଅଞ୍ଚଳରେ ଆୟୋଜିତ ଦେବାଶିଷଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଯୋଗଦେଇ ପ୍ରସ୍ତାବ ଦେଇଛନ୍ତି। ମେଧାବୀ ଛାତ୍ରୀଛାତ୍ରଙ୍କୁ ଦେବାଶିଷ ସମ୍ମାନରେ ସମ୍ମାନିତ କରି ତାଙ୍କ ସ୍ମୃତି ବଜାୟ ଲକ୍ଷ୍ୟରେ ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟକୁ ୫୦୦୦ଟଙ୍କା ଓ ଉଚ୍ଚ ବିଦ୍ୟାଳୟକୁ ୧୦,୦୦୦ଟଙ୍କା ଦେବେ ବୋଲି ପ୍ରସାଦ ହରିଚନ୍ଦନ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ଦେଶାତ୍ମବୋଧକ ସଙ୍ଗୀତ ଓ ନୃତ୍ୟର କୃତି ଛାତ୍ରୀଛାତ୍ରଙ୍କୁ ପ୍ରତିବର୍ଷ ଦେବାଶିଷ ପୁରସ୍କାର ପ୍ରଦାନ କଲେ ତାଙ୍କ ସ୍ମୃତି ବଜାୟ ରହିପାରିବ ବୋଲି କହିଥିଲେ। ସତ୍ୟବାଦୀର ପୂର୍ବତନ ବିଧାୟକ ରମାରଞ୍ଜନ ବଳିୟାର ସିଂ ଏହି ସଭାରେ ଯୋଗଦେଇ ସତ୍ୟବାଦୀରୁ ଅଳଗୁମ ରାସ୍ତାକୁ ଦେବାଶିଷ ମାର୍ଗ ଦେବାପାଇଁ ପ୍ରସ୍ତାବ ଦେଇଛନ୍ତି। ଅଳଗୁମ ପୂଜ୍ୟ ପୂଜା ପରିଷଦ ତରଫରୁ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ସଭାପତି କୁଳମଣି ବିଶ୍ୱାଳ ସଭାପତିତ୍ୱ କରିଥିଲେ। ଏଥିରେ ରାଷ୍ଟ୍ରୀୟ ପ୍ରବକ୍ତା ଡ. ସମ୍ବିତ ପାତ୍ର, ଓମ ପ୍ରକାଶ ମିଶ୍ର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗବେଷକ ଭୀମସେନ ମହାପାତ୍ର, ଶିକ୍ଷକ ପାଣ୍ଡବ ମହାରଣା, ବୁଦ୍ଧିଜୀବୀ ପଞ୍ଚାନନ ବିଶ୍ୱାଳ, ରାଜକିଶୋର ସାହୁ, ବଳଭଦ୍ର ମହାପାତ୍ର, ସବିତା ବିଶ୍ୱାଳ, ଡ. ଯୋଗେନ୍ଦ୍ର ନାୟକ, କବି କୃପାନିଧି ପ୍ରଧାନ, ଡେଲାଙ୍ଗ ବ୍ଲକର ଶିକ୍ଷକ ଅଭୟ ଚରଣ ସାହୁ, କବିନ୍ଦର ଯେନା ପ୍ରମୁଖ ଯୋଗଦେଇ ଯବାନ ଦେବାଶିଷ ଅଳଗୁମର ଟେକ ଓ ଭାରତମାତାର ସନ୍ତାନ ଏବଂ ଦେଶ ପାଇଁ ତାଙ୍କ ବଳିଦାନ କେବେ ବ୍ୟର୍ଥ ଯିବ ନାହିଁ ବୋଲି ପ୍ରକାଶ କରିଥିଲେ। ଅଳଗୁମ ପୂଜ୍ୟ ପୂଜା ପରିଷଦ ତରଫରୁ ପରିବାରଙ୍କୁ ଏକ ମାନପତ୍ର ପ୍ରଦାନ କରାଯାଇଥିଲା। ସମସ୍ତେ ଶହୀଦ ଦେବାଶିଷଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ପରିବାରବର୍ଗଙ୍କୁ ଭେଟି ଗଭୀର ସମବେଦନା ଜଣାଇଥିଲେ। ଶେଷରେ ସ୍ୱର୍ଗତ ଦେବାଶିଷଙ୍କ ପିତା ପ୍ରତାପ ବିଶ୍ୱାଳ ଓ କନିଷ୍ଠ ଭ୍ରାତା

## ସଂକ୍ଷେପରେ

### ମହାନଦୀରୁ ଅଚିହ୍ନା ମୃତଦେହ ଜବତ

ମର୍ଶୁଳି-ଜଗତପୁର,୬।୫(ଡି.ଏନ.ଏ.): ମହାନଦୀର ଯୋବ୍ରା-ଆନିକଟ୍‌ରୁ ଜଣେ ଅଚିହ୍ନା ଯୁବକଙ୍କ ମୃତଦେହକୁ ଶନିବାର ଜଗତ୍‌ପୁର ପୋଲିସ ଜବତ କରିଛି। ସେ ଏକ ସବୁଜ ରଙ୍ଗର ଗଞ୍ଜି ଓ ନୀଳରଙ୍ଗର ପ୍ୟାଣ୍ଟ ପିନ୍ଧିଥିବାବେଳେ ତାଙ୍କ ବୟସ ପ୍ରାୟ ୩୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ସକାଳ ପ୍ରାୟ ୮ଟାରେ କେତେଜଣ ଯୁବକ ମହାନଦୀକୁ ମାଛ ଧରିବାକୁ ଯାଇଥିବାବେଳେ ଯୋବ୍ରା-ଆନିକଟ୍‌ର ୭୮ନଂ. ଗେଟ୍‌ରେ ମୃତଦେହ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଓଡ୍ରାଫ୍ ଟିମ୍ ସହାୟତାରେ ମୃତଦେହକୁ ପାଣିରୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଯୁବକଙ୍କ ପାଟି ଓ କାନରୁ ରକ୍ତ ବାହାରୁଥିବାବେଳେ ପାଖରେ ଏକ ହେଲମେଟ୍ ଭାସୁଥିବା ଦେଖିବାକୁ ମିଳିଥିଲା। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ଦୁର୍ଘଟଣା ଘଟି ଯୁବକ ଜଣଙ୍କ ମହାନଦୀରେ ପଡିଯାଇଥିବା ଅନୁମାନ କରାଯାଉଛି।

### ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ସାଲେପୁର,୬।୫(ଡି.ଏନ୍.ଏ.)- ସାଲେପୁର ସ୍ୱୟଂଶାସିତ କଲେଜ ପକ୍ଷରୁ ଇଂଲିଶ୍ ସମ୍ମାନ ଶେଷବର୍ଷ ଛାତ୍ରୀଛାତ୍ରଙ୍କୁ ଶନିବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବାଲିସାହି ପଞ୍ଚାୟତ କଲ୍ୟାଣମଣ୍ଡପଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଅଧାପକ ସେକ୍ ଅବ୍ରାର ଅହେମ୍ମଦଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧାପକ ମନ କୁମାର ବେହେରା, ଅଧାପିକା ସ୍ୱାତି ତନୟା ଆଚାରୀ, ପ୍ରଭାସିନୀ ଲେଙ୍କା ପ୍ରମୁଖ ଯୋଗଦେଇ ବିଦାୟୀ ଛାତ୍ରୀଛାତ୍ରଙ୍କୁ ଭବିଷ୍ୟତରେ ଆଗକୁ ବଢ଼ିବା ନିମନ୍ତେ ଉଦ୍ୟମ କରିବାକୁ କହିଥିଲେ। କାର୍ଯ୍ୟକ୍ରମରେ ଯୁକ୍ତ ୩ ଶେଷ ବର୍ଷର ବହୁ ଛାତ୍ରୀଛାତ୍ର ଭାଗନେଇ ସେମାନଙ୍କ ୩ ବର୍ଷର ଅଭୁଲା ସ୍ମୃତି ବଖାଣିଥିଲେ। ଯୁକ୍ତ ତିନି ଦ୍ୱିତୀୟ ବର୍ଷ ଛାତ୍ରୀ ଅରୁନ୍ଧତୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ଅଷ୍ଟପ୍ରହର ନାମଯଜ୍ଞ

ସାଲେପୁର,୬।୫(ଡି.ଏନ୍.ଏ.): ସାଲେପୁର ବ୍ଲକର ମିର୍ଜାପୁରଠାରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କାଳୁଆ ମହାପୁରୁଷଙ୍କ ପୀଠରେ ୧୦ ସଂକୀର୍ତ୍ତନ ମଣ୍ଡଳୀ ଉପସ୍ଥିତ ରହି ନାମଯଜ୍ଞ କରିଥିଲେ। ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ପୂଜକ ଯଦୁନାଥ ପଣ୍ଡା, ଶ୍ରୀମନ୍ତ ଭୂୟାଁ, ଅମିୟ ଭୂୟାଁ, ପ୍ରଲୋଭନ ଭୂୟାଁ, କିଶୋର ଭୂୟାଁ, ଭାସ୍କର ଲେଙ୍କାଙ୍କ ସମେତ ସାମାଜିକ କର୍ମୀ ଶିବଚରଣ ଜେନା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ସମବାୟ ବିଭାଗ ମଣ୍ଡଳ ଉପନିବନ୍ଧକ, ନିରୀକ୍ଷକଙ୍କ ତଦନ୍ତ

**ବନ୍ଧକାଟିଆ ସେବା ସମବାୟ ସମିତିରେ ଧାନ କିଣାରେ ଦୁର୍ନୀତି ଅଭିଯୋଗ**

- ପ୍ରମାଣ ମିଳିଲେ କାର୍ଯ୍ୟାନୁଷ୍ଠାନ ହେବ
- ଖରିଫ ଋତୁ ପାଇଁ ଧାନକିଣା ଯିବ ନାହିଁ



ମଣ୍ଡଳ ଉପସହକାରୀ ନିବନ୍ଧକ ସୁଶାନ୍ତ ମିଶ୍ର ଓ ସମବାୟ ନିରୀକ୍ଷକ ଲୋପାମୁଦ୍ରା ଜେନା ବନ୍ଧକାଟିଆ ସମବାୟ ସମିତିରେ ତଦନ୍ତ କରୁଛନ୍ତି।

ନିଶ୍ଚିନ୍ତକୋଇଲି,୬।୫(ସ୍ୱ.ପ୍ର.)

କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ନିଶ୍ଚିନ୍ତକୋଇଲି ଶାଖା ଅଧୀନରେ ଥିବା ବନ୍ଧକାଟିଆ ସେବା ସମବାୟ ସମିତିରେ ଧାନ କିଣାରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏହାକୁ ଭିତ୍ତି କରି ଶନିବାର ସମବାୟ ବିଭାଗର କଟକ ମଣ୍ଡଳ ଉପସହକାରୀ ନିବନ୍ଧକ ସୁଶାନ୍ତ କୁମାର ମିଶ୍ର ଓ ସମବାୟ ନିରୀକ୍ଷକ ଲୋପାମୁଦ୍ରା ଜେନା ବନ୍ଧକାଟିଆ ସମବାୟ ସମିତିରେ ପହଞ୍ଚି ଚାଷୀ ତଥା ଅଭିଯୋଗକାରୀମାନଙ୍କ ବୟାନ ରେକର୍ଡ କରିବା ସହ ସମବାୟ ସମିତିର କାଗଜପତ୍ର ଯାଞ୍ଚ କରିଛନ୍ତି। ଅଭିଯୋଗର ପ୍ରମାଣ ମିଳିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମିଶ୍ର ପ୍ରକାଶ କରିଛନ୍ତି। ଅପରପକ୍ଷେ ଆଉ ଖରିଫ ଋତୁ ପାଇଁ ଧାନକିଣା ଯିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି।

ସୂଚନା ଅନୁଯାୟୀ, ସ୍ଥାନୀୟ ଅଞ୍ଚଳର ଯୁବ ସାମାଜିକ କର୍ମୀ ତଥା ସେବା ସମବାୟ ସମିତିର ନିର୍ଦ୍ଦେଶକ ଉତ୍କଳ ରଞ୍ଜନ ବରାଳ, କରୁଣାକର ଜେନା, ଶରତଚନ୍ଦ୍ର ସେଠୀ, ବିଭୁଦତ୍ତ ସ୍ୱାଇଁ ପ୍ରମୁଖ ଚାଷୀ ରାଜ୍ୟ ୫-ଟି ସଚିବ, ରାଜ୍ୟ ସେବା ସମବାୟ ସମିତି ନିବନ୍ଧକ, କଟକ ଜିଲା ଡିଆର୍‌ସିଏସ୍ ଓ ଏଆର୍‌ସିଏସଙ୍କ ନିକଟରେ ଧାନ କିଣା ଅଭିଯୋଗ ସମ୍ପର୍କରେ ଲିଖିତ ଅଭିଯୋଗ କରି ତଦନ୍ତ ଦାବି କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ବନ୍ଧକାଟିଆ ସେବା ସମବାୟ ସମିତି ଅଧୀନରେ ଥିବା କେତେଜଣ ଚାଷୀଙ୍କର ନାମ ସେମାନଙ୍କ ଅଗୋଚରରେ କାଟି ଦିଆଯାଇଛି। ସମ୍ପୃକ୍ତ ଚାଷୀମାନେ ନାମ ପଞ୍ଜୀକୃତ ହୋଇଥିଲେ ମଧ୍ୟ ସେମାନଙ୍କ ମୋବାଇଲକୁ କୌଣସି ବାର୍ତ୍ତା ଆସୁନାହିଁ। ଆଉ କେତେଜଣ ଚାଷୀଙ୍କ ଧାନ ବିକ୍ରି ପାଇଁ ବାର୍ତ୍ତା ଆସିଥିଲେ ମଧ୍ୟ ସେବା ସମବାୟ ସମିତି ତରଫରୁ ଟୋକନ ଦିଆଯାଇ ନାହିଁ। ଏନେଇ ମାର୍ଚ୍ଚରେ ଟୋକନ ଦିଆଯିବ ବୋଲି ଚାଷୀଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ଏପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇନାହିଁ। କେତେଜଣ ଚାଷୀଙ୍କ ଧାନ କ୍ରୟ ପାଇଁ ଧାନର ଧାର୍ଯ୍ୟ ପରିମାଣ ଠାରୁ ସର୍ବନିମ୍ନ ଧାନ ସଂଗ୍ରହ କରାଯାଇଛି। ପ୍ରକୃତ ଚାଷୀଙ୍କଠାରୁ ଧାନ କ୍ରୟ କରା ନ ଯାଇ ଏକ ଟ୍ରଷ୍ଟ ମାଧ୍ୟମରେ କେତେଜଣ ଭାଗ ଚାଷୀ, ସମ୍ପାଦକଙ୍କ ପରିବାର ଏବଂ ସମ୍ପର୍କୀୟମାନଙ୍କ ନାମ ପଞ୍ଜୀକରଣ କରାଯାଇଛି। ଏଥିସହ ବାହାର ଚାଷୀଙ୍କଠାରୁ ଧାନ ସଂଗ୍ରହ କରାଯାଇ ମିଲରଙ୍କ ଧାର୍ଯ୍ୟ ପରିମାଣ ପୂରଣ କରାଯାଉଛି। ସାର ଓ ବିହନ ଯୋଗାଣରେ ଚାଷୀମାନଙ୍କୁ ଶୋଷଣ କରାଯାଇ ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ନିଆଯାଉଛି। ଏ ସମ୍ପର୍କରେ ସମ୍ପାଦକଙ୍କୁ ଚାଷୀମାନେ ପଚାରିବାରୁ ସେ ଚାଷୀମାନଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିବାସହ ଧମକ ଦେଉଥିବା ନେଇ ଅଭିଯୋଗରେ ଦର୍ଶାଯାଇଥିଲା। ଏନେଇ କେଉଁ ମାସ ଓ କେତେ ତାରିଖରେ ମଣ୍ଡିରେ ଧାନ ଦେବା ପାଇଁ କେତେଜଣ ଚାଷୀ ଯୋଗ୍ୟ ବିବେଚିତ ହୋଇଛନ୍ତି ସେ ସବୁର ଟୋକନ ନମ୍ବର ସହ ଧାନର ଧାର୍ଯ୍ୟ ପରିମାଣ ଓ ସେମାନଙ୍କ ନାମ ଠିକଣା ତଦନ୍ତ କରାଯିବାକୁ ଦାବି କରାଯାଇଥିଲା। ବନ୍ଧକାଟିଆ ସେବା ସମବାୟ ସମିତିରୁ ଗତ ୨୦୨୧-୨୨ ଓ ୨୦୨୨-୨୩ ଆର୍ଥିକ ବର୍ଷ ମଧ୍ୟରେ କେଉଁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ କେତେ ପରିମାଣର ଋଣ ନେଇଛନ୍ତି ତାହାର ତଦନ୍ତ କରାଯିବାକୁ ମଧ୍ୟ ଦାବି ହୋଇଛି। ଏହି ସମିତିରୁ ଗତ ଜାନୁଆରୀ ୬ଠାରୁ କେଉଁ ମିଲର କେତେ ଧାନ ଉଠାଇଛନ୍ତି ତାହା ତଦନ୍ତ କରାଯିବା ନିମନ୍ତେ ଚାଷୀ ମହଲରେ ଦାବି ହୋଇଛି। ଏହାର ତଦନ୍ତ ଆରମ୍ଭ ହୋଇଛି।

# ଡିଏମ୍‌ଡି ପୀଡ଼ିତଙ୍କୁ ୧୦ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଘୋଷଣା

ଭୁବନେଶ୍ୱର, ୬।୫ (ବ୍ୟୁରୋ)

ଡୁଚେନ ମସ୍କ୍ୟୁଲାର ଡିଷ୍ଟ୍ରୋଫି (ଡିଏମ୍‌ଡି) ରୋଗରେ ପୀଡିତ ରୋଗୀଙ୍କୁ ସହାୟତାର ହାତ ବଢାଇଛନ୍ତି ରାଜ୍ୟ ସରକାର। ସରକାରଙ୍କ ପକ୍ଷରୁ ଏହି ରୋଗରେ ପୀଡିତଙ୍କୁ ୧୦ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବା ନେଇ ନିଷ୍ପତ୍ତି ହୋଇଛି। ଏନେଇ ଶନିବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସମ୍ପୃକ୍ତ ରୋଗୀଙ୍କୁ ଆର୍ଥିକ ସହାୟତା ସହିତ ଆବଶ୍ୟକସ୍ଥଳେ ଇଲେକ୍ଟ୍ରି ହ୍ୱିଲ ଚେୟାର, ଉପଯୁକ୍ତ ଫିଜିଓଥେରାପି, ଜେନେଟିକ୍ ଟେଷ୍ଟ ଏବଂ ସୁପର ସ୍ପେସିଆଲିଟି ହସ୍ପିଟାଲରେ ଚିକିତ୍ସା ଆଦି ବ୍ୟବସ୍ଥା ଯୋଗାଇ ଦିଆଯିବ। ଆର୍ଥିକ ସହାୟତା ପାଇଁ ରୋଗୀଙ୍କ ପରିବାର ସଂପୃକ୍ତ ଜିଲା କଲେକ୍ଟରଙ୍କ ନିକଟରେ ପ୍ରତିନିଧିତ୍ୱ କରିବେ। ମୁଖ୍ୟ ଜିଲା ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ଦ୍ୱାରା ଯାଞ୍ଚ କରାଯିବା ସହ ଧାର୍ଯ୍ୟ ପ୍ରକ୍ରିୟା ପରେ ସିଏମ୍‌ଆର୍‌ଏଫ୍ ଫଣ୍ଡ୍‌ରୁ ଜିଲାପାଳ ସହାୟତା ମଞ୍ଜୁର କରିବେ। ଏହି ଅର୍ଥ ସମ୍ପୃକ୍ତ ରୋଗୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା ହେବ ବୋଲି ସୂଚନା ଦିଆଯାଇଛି।

# ଯୌତୁକ ପାଇଁ ସ୍ତ୍ରୀଙ୍କୁ ନିର୍ଯାତନା: ଜେଲଗଲେ ସ୍ୱାମୀ

ନିଶ୍ଚିନ୍ତକୋଇଲି,୬।୫(ସ୍ୱ.ପ୍ର.):

ପ୍ରେମ ବିବାହ ପରେ ଗର୍ଭବତୀ ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା ଦେଉଥିବା ସ୍ୱାମୀଙ୍କୁ ପୋଲିସ ଗିରଫ କରି ଶନିବାର ଜେଲ ହାଜତକୁ ପଠାଇଛି। ସେ ହେଲେ ନିଶ୍ଚିନ୍ତକୋଇଲି ଥାନା ଅଧୀନ ସୁକରପଡ଼ା ଗ୍ରାମର ଜୟରାମ ମଳିକ(୩୩)। ଜୟରାମଙ୍କୁ ଗିରଫ ପରେ ସାଲେପୁର କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଶିଶୁଆ ଜେଲକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ଚିନ୍ମୟୀ ସାହୁ ପ୍ରକାଶ କରିଛନ୍ତି। ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ସଦର ଥାନା ଅଧୀନ ବିରସତି ଗ୍ରାମର ହଗୁରି ମଳିକଙ୍କ ଝିଅ ସସ୍ମିତା ମଳିକ ୨୩।୩।୨୦୧୫ରେ ଜୟରାମଙ୍କୁ କେନ୍ଦ୍ରାପଡ଼ା ବଳଦେବ ଜୀଉ ମନ୍ଦିରରେ ପ୍ରେମ ବିବାହ କରିଥିଲେ। ବିବାହର କିଛି ଦିନ ପରେ ଜୟରାମ ଯୌତୁକ ପାଇଁ ସସ୍ମିତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିଲେ। ଏନେଇ ୨୦୨୦ରେ ସସ୍ମିତା ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରମୁହୂର୍ତ୍ତରେ ଉଭୟଙ୍କ ମଧ୍ୟରେ ଆପୋସ ସମାଧାନ ହୋଇଥିଲା। ମାତ୍ର ୨୭।୪।୨୦୨୩ରେ ସସ୍ମିତା ୭ମାସର ଗର୍ଭବତୀ ଥିବା ସମୟରେ ତାଙ୍କୁ ଜୟରାମ ନିର୍ଯାତନା ଦେବା ସହ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ। ଜୀବନ ବିକଳରେ ସସ୍ମିତା ନିଶ୍ଚିନ୍ତକୋଇଲି ଥାନାକୁ ଆସି ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୮୬/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ଆଠଗଡ଼ର ୫୭ ଗ୍ରାମ ସିଡିଏରେ ସାମିଲକୁ ବିରୋଧ



୩ନଂ ଜୋନ ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ ଓ ବ୍ଲକ ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର ମଲ୍ଲିକଙ୍କ ନେତୃତ୍ୱରେ ସରପଞ୍ଚମାନେ ଉପଜିଲାପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରୁଛନ୍ତି।

ଆଠଗଡ,୬।୫(ସ୍ୱ.ପ୍ର.)

ଆଠଗଡ଼ ବ୍ଲକର ୫୭ ଗ୍ରାମକୁ ସିଡିଏରେ ଅନ୍ତର୍ଭୁକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାପରେ ଆଠଗଡ଼ରେ ରାଜନୀତି ସରଗରମ ହୋଇଛି। ଶନିବାର ମଧ୍ୟାହ୍ନରେ ଆଠଗଡ ବ୍ଲକ ୩ ନଂ.ଜୋନ ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ ଓ ଆଠଗଡ଼ ବ୍ଲକ ସୁବାସ ମଲ୍ଲିକଙ୍କ ନେତୃତ୍ୱରେ ଜୋନର ବିଭିନ୍ନ ପଞ୍ଚାୟତର ସରପଞ୍ଚମାନେ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏହାକୁ ରଦ୍ଦ କରିବା ପାଇଁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେହିପରି ଆଠଗଡ ସୁରକ୍ଷା ମଞ୍ଚ ତରଫରୁ ସମ୍ପୃକ୍ତ ଗ୍ରାମରେ ପୁନଃ ଜନଶୁଣାଣି କରିବା ଦାବିରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହାଛଡ଼ା ଆଠଗଡ଼ ଓକିଲ ସଂଘ ସଭାପତି ଜଗଦାନନ୍ଦ ତ୍ରିପାଠୀଙ୍କ ନେତୃତ୍ୱରେ ଆଇନଜୀବୀ ଶଙ୍କର୍ଷଣ ମହାନ୍ତି, ପ୍ରକାଶ କୁମାର ସେଠୀ, ଶ୍ରୀନିବାସ ଦାସ, ପ୍ରଦୀପ କୁମାର ମହାପାତ୍ର, ଦେବରାଜ ସାଇଁ ଓ ଗୁଲୁ ସାହୁ ପ୍ରମୁଖ ଉପଜିଲାପାଳଙ୍କୁ ଏନେଇ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି।

ଅପରାହ୍ନରେ ଆଠଗଡ ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ଏହାକୁ ଜନସ୍ୱାର୍ଥ ବିରୋଧୀ ଦର୍ଶାଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏ ପ୍ରସଙ୍ଗରେ ସ୍ଥାନୀୟ ବିଧାୟକ ତଥା କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସ୍ପଷ୍ଟୀକରଣ ଦେବା ପାଇଁ ଦଳ ପକ୍ଷରୁ ଦାବି କରାଯାଇଛି। ତୁରନ୍ତ ଏହାକୁ ପ୍ରତ୍ୟାହାର ନ କଲେ ଆନ୍ଦୋଳନ କରାଯିବ ବୋଲି ଏକ ପ୍ରେସ ଇସ୍ତାହାରରେ ଭାଜପାର ବିଧାୟକ ପ୍ରାର୍ଥୀ ବଜେନ୍ଦ୍ର ରାଏ, ଜିଲା ଉପସଭାପତି ବିଚିତ୍ରାନନ୍ଦ ଜେନା, ଜିଲା ସାଧାରଣ ସମ୍ପାଦକ ରାମନାରାୟଣ ମହାନ୍ତି, ଜିଲା ଭାଜପା ସମ୍ପାଦିକା ହେମ ମଞ୍ଜରୀ ଭଞ୍ଜ, ଆଠଗଡ ନଗର ମଣ୍ଡଳ ସଭାପତି ହେମନ୍ତ କୁମାର ମହାନ୍ତି, ଆଠଗଡ଼ ବ୍ଲକ ବିଭିନ୍ନ ମଣ୍ଡଳର ଗ୍ରାମୀଣ ସଭାପତି ତପନ ଲେଙ୍କା,ଉମେଶ ସାମଲ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ଶୈଳବାଳାରେ ଜାତୀୟ ଶିକ୍ଷାନୀତି ସମ୍ପର୍କିତ କର୍ମଶାଳା

କଟକ ଅଫିସ,୬।୫

କଟକସ୍ଥିତ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ମହାବିଦ୍ୟାଳୟ ଆଇକ୍ୟୁଏସି ତରଫରୁ ଅଧ୍ୟାପକମାନଙ୍କ ଦକ୍ଷତା ଅଭିବୃଦ୍ଧି ନିମନ୍ତେ ଜାତୀୟ ଶିକ୍ଷାନୀତି-୨୦୨୦ ପ୍ରୟୋଗ ଓ ପ୍ରକରଣକୁ ନେଇ ଏକ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷା ଡ. ଗାୟତ୍ରୀ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲା ବେଳେ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ବରିଷ୍ଠ କାର୍ଯ୍ୟନିର୍ବାହୀ ସଦସ୍ୟ ପ୍ରଫେସର ଡ. ଅତନୁ କୁମାର ପତି ଯୋଗଦେଇ ଉଚ୍ଚଶିକ୍ଷା ବ୍ୟବସ୍ଥାରେ ଜାତୀୟ ଶିକ୍ଷାନୀତିର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ପ୍ରଫେସର ସୁସ୍ମିତ ପ୍ରସାଦ ପାଣି ଯୋଗଦେଇ ଓଡ଼ିଶାରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଜାତୀୟ ଶିକ୍ଷାନୀତି-୨୦୨୦ ଅନୁସରଣରେ ଯେଉଁ ପାଠ୍ୟକ୍ରମଜନିତ ପରିବର୍ତ୍ତନ ଘଟିବ ତାହାର ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ। ଆଇକ୍ୟୁଏସିର ସଂଯୋଜକ ଡ. ସ୍ୱପ୍ନ ଶଙ୍କର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଡ. ଦୀପ୍ତି ପଣ୍ଡା ଉଦ୍‌ଘାଟନୀ ଅଧିବେଶନ ପରିଚାଳନା କରିଥିଲେ।

# 'ସଡ଼କ ଦୁର୍ଘଟଣା ମହାମାରୀ ରୂପ ନେଇଛି'




କାର୍ଯ୍ୟକ୍ରମରେ ଜିଲା ଆଞ୍ଚଳିକ ସଡ଼କ ପରିବହନ ଅଧିକାରୀ ସଂଜୟ ବେହେରା ଓ ଅନ୍ୟମାନେ।

ସାଲେପୁର,୬।୫(ଡି.ଏନ୍.ଏ.)

ଆମ ରାଜ୍ୟରେ ପ୍ରତିଦିନ ସଡ଼କ ଦୁର୍ଘଟଣାରେ ୧୭ ଜଣଙ୍କ ମୃତ୍ୟୁ ଘଟୁଥିବାବେଳେ ଦେଶରେ ଗତବର୍ଷ ୧ଲକ୍ଷ ୫୫ ହଜାର ଲୋକଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ଏହି ଦୁର୍ଘଟଣା ଏକ ମହାମାରୀ ରୂପ ନେଇଛି। ଏହାକୁ ରୋକିବାକୁ ହେଲେ ଆମ ସମସ୍ତଙ୍କର ମିଳିତ ଦାୟିତ୍ୱ ରହିଛି ବୋଲି ପିକୋଲଠାରେ ଗୋପୀନାଥ ଓ ଜଗନ୍ନାଥ ଟ୍ରଷ୍ଟ ପରିସରରେ ଅନୁଷ୍ଠିତ ସଡ଼କ ସୁରକ୍ଷା ଓ ରକ୍ଷକ ସଚେତନତା କାର୍ଯ୍ୟକ୍ରମରେ ଜିଲା ଆଞ୍ଚଳିକ ସଡ଼କ ପରିବହନ ଅଧିକାରୀ ଇଂ. ସଂଜୟ କୁମାର ବେହେରା ପ୍ରକାଶ କରିଛନ୍ତି। ସେହିପରି ରକ୍ଷକ ଯୋଜନା ମାଧ୍ୟମରେ ଦୁର୍ଘଟଣା ଘଟୁଥିବା ବ୍ୟକ୍ତିଙ୍କୁ ମେଡ଼ିକାଲରେ ପହଞ୍ଚାଇବାପାଇଁ ଆବଶ୍ୟକ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ଏନେଇ ଲୋକେ ତୁରନ୍ତ ଦୁର୍ଘଟଣାସ୍ଥଳରେ ଆହତଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ପହଞ୍ଚାଇବାକୁ ସେ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ପିକୋଲ ପଞ୍ଚାୟତ ସରପଞ୍ଚ ମାଣିକ ବେହେରା, ସମିତି ସଭ୍ୟା ସୁଲୋଚନା ସାହୁ, ସଡ଼କ ପରିବହନ ବିଭାଗର ପୂର୍ବତନ ଅଧିକାରୀ ଅଭୟ ଦାଶ, ଖବରଦାତା ଅକ୍ଷୟ କୁମାର ଦାଶ, ସହକାରୀ ଏମ୍‌ଭିଆଇ ପ୍ରଶାନ୍ତ କୁମାର ଦାଶ, ବିଶ୍ୱବନ୍ଧୁ ମହାରଣା, ମାଷ୍ଟର ଟ୍ରେନର ଜ୍ୟୋତିରଞ୍ଜନ ମହାପାତ୍ର, ପୂର୍ବତନ ପ୍ରଶାସନିକ ଅଧିକାରୀ ଶ୍ରୀକାନ୍ତ କୁମାର ମହାନ୍ତି, ସୁଶାନ୍ତ ମହାନ୍ତି, ପୂର୍ବତନ ପ୍ରଧାନ ଶିକ୍ଷକ ବିପିନ ବିହାରୀ କର, ପୂର୍ବତନ ଅଧକ୍ଷା ଡ. ମଞ୍ଜୁଶ୍ରୀ ପତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ପକ୍ଷରୁ ପ୍ରୋଜେକ୍ଟର ଜରିଆରେ ମହିଳାମାନଙ୍କୁ ସଡ଼କ ସୁରକ୍ଷା ଓ ସତର୍କତା ସମ୍ପର୍କରେ ସଚେତନ କରାଯାଇଥିଲା। ଗ୍ରାମବାସୀଙ୍କ ପକ୍ଷରୁ ସାଗର କୁମାର ବାରିକ, ଅରକ୍ଷିତ ବାରିକ, ପୁରୁଷୋତ୍ତମ ବେହେରା, ହିମାଂଶୁ ତ୍ରିପାଠୀ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ବୁଦ୍ଧଙ୍କ ଅହିଂସା ନୀତିକୁ ଆପଣାଅ

**ମାହାଙ୍ଗା ବିକାଶ ପରିଷଦର ବୁଦ୍ଧ ଜୟନ୍ତୀ**

ମାହାଙ୍ଗା,୬।୫(ସ୍ୱ.ପ୍ର.)



ବୁଦ୍ଧ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ମାହାଙ୍ଗା ବ୍ଲକ ଲଳିତଗିରି ପଞ୍ଚାୟତସ୍ଥିତ ପ୍ରତ୍ନତତ୍ତ୍ୱ ବିଭାଗ କାର୍ଯ୍ୟାଳୟ ସମ୍ମୁଖ ଫାଟକ ପରିସରରେ ମାହାଙ୍ଗା ବିକାଶ ପରିଷଦ ପକ୍ଷରୁ ଭଗବାନ ବୁଦ୍ଧଙ୍କ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ମାହାଙ୍ଗା ବିକାଶ ପରିଷଦ ଅଧ୍ୟକ୍ଷ ସାରଦା ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ଅଧୀକ୍ଷକ ଡ. ଦିବିଷକ ବ୍ରଜସୁନ୍ଦର ଗଡ଼ନାୟକ ଯୋଗଦେଇ ବୁଦ୍ଧଙ୍କ ଅହିଂସା ନୀତିକୁ ପାଥେୟ କରି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ। ଲଳିତଗିରି ହେଉଛି ଏକ ପବିତ୍ର ସ୍ଥାନ, ଯେଉଁଥିପାଇଁ ସାରା ବିଶ୍ୱରେ ମାହାଙ୍ଗା ପରିଚିତ ବୋଲି କହିବା ସହ ବିଭାଗ ପକ୍ଷରୁ ଏହାକୁ ଆହୁରି ଉନ୍ନତି କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଖବରଦାତା ରାଜାରାମ ଶତପଥୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉଚ୍ଚ ନ୍ୟାୟାଳୟ ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ, ଅଭ୍ୟର୍ଥନା କମିଟି ସଭାପତି ଜିତେନ୍ଦ୍ର ଶତପଥୀ, ସମ୍ମାନିତ ବକ୍ତା ଭାବେ ବୁଦ୍ଧ ଗବେଷକ ହରିଶ ଚନ୍ଦ୍ର ପୃଷ୍ଟି ଯୋଗଦେଇ ଭଗବାନ ବୁଦ୍ଧଙ୍କ ଆଦର୍ଶ ଜୀବନ ଉପରେ ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ନାରୀନେତ୍ରୀ ଯାଜ୍ଞସେନୀ ଜେନା, ମନୋରଞ୍ଜନ ନାୟକ, କମଳା ବସ୍ତିଆ, ଭକ୍ତବତ୍ସଳ ବସ୍ତିଆ, ବିଶ୍ୱନାଥ ଜେନା, ଅଶୋକ ବିଶ୍ୱାଳ, ଭକ୍ତ ଚରଣ ସ୍ୱାଇଁ, ନିର୍ମଳ ରାଉତଙ୍କ ସମେତ ବିକାଶ ପରିଷଦର ବହୁ କର୍ମକର୍ତ୍ତା ଉପସ୍ଥିତ ରହି ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଲଳିତଗିରି ସମିତିସଭ୍ୟ ଧ୍ରୁବଚରଣ ସାମଲ ଧନ୍ୟବାଦ ଦେଇଥିଲେ। ସମାଜରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଅନୁଷ୍ଠାନ ପକ୍ଷରୁ ହରିଶଚନ୍ଦ୍ର ପୃଷ୍ଟି ଓ ଦିପ୍ତୀରଞ୍ଜନ ରଣାଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ମାଣିଆବନ୍ଧର ବୌଦ୍ଧ ସଂସ୍କୃତି, ବସ୍ତ୍ରବୟନ ପରମ୍ପରା ବିଶ୍ୱସ୍ତରୀୟ

**ମାଣିଆବନ୍ଧ ଏକାଦଶ ବୁଦ୍ଧ ମହୋତ୍ସବର ତୃତୀୟ ସନ୍ଧ୍ୟା**

ବଡ଼ମ୍ବା,୬।୫(ଡି.ଏନ୍.ଏ.)




ମାଣିଆବନ୍ଧ ଏକାଦଶ ବୁଦ୍ଧ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥିମାନେ।

ରାଜ୍ୟ ସଂସ୍କୃତି ବିଭାଗ, ଜିଲା ପ୍ରଶାସନ ଓ ମାଣିଆବନ୍ଧ ବୌଦ୍ଧ ସଂଘର ମିଳିତ ଆନୁକୂଲ୍ୟରେ ଚାଲିଥିବା ଏକାଦଶ ବୁଦ୍ଧ ମହୋତ୍ସବ-୨୦୨୩ ଶନିବାର ତୃତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମାଣିଆବନ୍ଧସ୍ଥିତ ବୁଦ୍ଧ ପର୍ଯ୍ୟଟନ କେନ୍ଦ୍ର ପରିସରରେ ମହୋତ୍ସବ ଚାଲିଥିବାବେଳେ ମାଣିଆବନ୍ଧ ବୌଦ୍ଧ ସଂଘ ସଭାପତି ଚକ୍ରଧର ଦଳେଇ ସଭାପତିତ୍ୱ କରିଥିଲେ। ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ବୟନିକା ଓଡ଼ିଶା ସଭାପତି ପ୍ରକାଶ ମେହେର ଯୋଗଦେଇ ମାଣିଆବନ୍ଧର ବୌଦ୍ଧ ସଂସ୍କୃତି, ବସନ୍ତ୍ରବୟନ ପରମ୍ପରା ବିଶ୍ୱସ୍ତରୀୟ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଖବରଦାତା ବିଦ୍ୟାଧର ପଣ୍ଡା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ବିଡିଓ ରମେଶ ଜେନା, ତହସିଲଦାର ନୀଳକଣ୍ଠ ବେହେରା, ମାଣିଆବନ୍ଧ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ ପରିଡ଼ା, ସାମାଜିକ କର୍ମୀ ସୁଶାନ୍ତ ଜେନା ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ସଂଯୋଜକ ଭାବେ ରବୀନ୍ଦ୍ର ସାହୁ ଯୋଗ ଦେଇଥିଲେ। ମହୋତ୍ସବରେ ଖୋର୍ଦ୍ଧା ଓ ବ୍ରହ୍ମପୁର କଳାକାରଙ୍କ ନୃତ୍ୟ ପରିବେଷଣ ସହିତ ସ୍ଥାନୀୟ କଳାକାରଙ୍କ ନୃତ୍ୟ ଓ ସଙ୍ଗୀତ ପରିବେଷଣ ଚିତ୍ତାକର୍ଷକ ହୋଇଥିଲା। ମାଣିଆବନ୍ଧ ବୌଦ୍ଧ ସଂଘ କାର୍ଯ୍ୟକାରୀ ସଭାପତି ଅରକ୍ଷିତ ଦେବତା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସମ୍ପାଦକ ଅଜିତ୍ ପ୍ରସାଦ ଚୌଧୁରୀ ସଂଯୋଜନା କରିଥିଲେ। ଅନ୍ୟପକ୍ଷେ ମହୋତ୍ସବ ପଡ଼ିଆରେ ବିଭିନ୍ନ ଷ୍ଟଲ୍ ଯଥା ସ୍ୱାସ୍ଥ୍ୟ, ବୟନ ଓ ହସ୍ତତନ୍ତ, ତନ୍ତୁବାୟ ସମେତ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଷ୍ଟଲ୍‌ଗୁଡ଼ିକ ମହୋତ୍ସବକୁ ବେଶ ଆକର୍ଷଣୀୟ କରୁଛି। ମାଣିଆବନ୍ଧ ଗ୍ରାମର ବିଭିନ୍ନ ସାହି ବସ୍ତିଗୁଡ଼ିକରେ ଥିବା ବୁଦ୍ଧମନ୍ଦିର ଗୁଡ଼ିକ ରଙ୍ଗ ବେରଙ୍ଗ ଆଲୋକ ମାଳାରେ ସଜା ଯାଇ ସକାଳ ସନ୍ଧ୍ୟାରେ ପୂଜାର୍ଚ୍ଚନା ଓ ସମବେତ ପ୍ରାର୍ଥନା ଚାଲିଛି।

## ସଂକ୍ଷେପରେ

### ଯୁବତୀଙ୍କୁ ବ୍ଲାକମେଲିଂ, ଥାନାରେ ଅଭିଯୋଗ

ଭୁବନେଶ୍ୱର,୬।୫(ବ୍ୟୁରୋ): ବିବାହର ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କୁ ପ୍ରଥମେ ପ୍ରେମ ପରେ ଶାରିରୀକ ସମ୍ପର୍କ ରଖିଲେ । ହେଲେ କୌଣସି କାରଣରୁ ଯୁବତୀ ଜଣଙ୍କ ଦୂରେଇ ରହିବାକୁ ଚାହିଁବାରୁ ଯୁବକଙ୍କ ଆରମ୍ଭ ହୋଇଗଲା ବ୍ଲାକମେଲିଂ । ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ କରି ବ୍ଲାକ ମେଲିଂ କଲେ ଯୁବକ। ଏନେଇ ଶହୀଦନଗର ଥାନାରେ ସମ୍ପୃକ୍ତ ଯୁବକଙ୍କ ନାଁରେ ଅଭିଯୋଗ ଆଣିଛନ୍ତି ଯୁବତୀ। ଯୁବକ ଜଣଙ୍କ ନୟାଗଡ ଜିଲାର ହେଇଥିବା ବେଳେ ମଧୁସୂଦନ ନଗରରେ ରହୁଥିଲେ । ଯୁବତୀଙ୍କ ଅଭିଯୋଗଅନୁସାରେ, ଯୁବକ ଜଣଙ୍କ ସହ ତାଙ୍କର ୩ ବର୍ଷ ହେବ ସମ୍ପର୍କ ରହିଥିଲା। ଯୁବତୀଜଣକ ଯେତେବେଳେ ବାହାଘର ପାଇଁ କହିଥିଲେ ସେତେବେଳେ ଯୁବକ ମନା କରିଦେଇଥିଲେ । ଏନେଇ ଯୁବତୀ ଦୁରେଇ ରହିବାକୁ କହିବାରୁ ଯୁବକ ଜଣଙ୍କ ତାଙ୍କ ଅଜଣାତରେ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓ ରଖି ଟଙ୍କା ମାଗିଥିଲେ। ପରେ ଯୁବତୀ ଜଣଙ୍କ ୩୦ ହାଜର ଟଙ୍କା ଦେଇ ସରିବା ପରେ ବି ଯୁବକ ଜଣଙ୍କ ଅଧିକ ଟଙ୍କା ମାଗୁଛନ୍ତି । ଏପରିକି ବାରମ୍ବାର ଶାରିରିକ ସମ୍ପର୍କ ରଖିବାକୁ ବାଧ କରିବା ସହ ବାଧ କରୁଛନ୍ତି। ଏନେଇ ଯୁବତୀଜଣକ ଶହୀଦନଗର ଥାନାରେ ଅଭିଯୋଗ କରିଛନ୍ତି ।

### କାଶୀପୁରରେ ଶ୍ରୀରାମଲୀଳା

ନିରାକାରପୁର,୬।୫(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ କାଶୀପୁର ଗ୍ରାମରେ ଅକ୍ଷୟ ତୃତୀୟାରୁ ସୀତାରାମ ନାଟ୍ୟସଂସଦ ଆନୁକୂଲ୍ୟରେ ପାରମ୍ପରିକ ଶ୍ରୀରାମଲୀଳା କାର୍ଯ୍ୟକ୍ରମ ଚାଲୁରହିଛି। ଏହି ପରିପ୍ରେକ୍ଷୀରେ ଶନିବାର ନାଗଫାଶ ବନ୍ଧନ ନାଟକ ହୋଇଥିଲା। ଶ୍ରୀରାମ-ଲକ୍ଷ୍ମଣଙ୍କ ସହ ଲଙ୍କାର ରାଜା ରାବଣଙ୍କ ଜ୍ୟେଷ୍ଠପୁତ୍ର ଇନ୍ଦ୍ରଜିତଙ୍କ ସହିତ ମହାସମର ହୋଇଥିଲା। ରାମ-ଲକ୍ଷ୍ମଣଙ୍କ ବାଣରେ ଅସହାୟ ହୋଇ ଶେଷରେ ଇନ୍ଦ୍ରଜିତ ନାଗଫାଶ ବାଣ ପେଷଣ କରିଥିଲେ। ଫଳରେ ରାମ-ଲକ୍ଷ୍ମଣ ନାଗଫାଶ ବନ୍ଧନରେ ବାନ୍ଧି ହୋଇଯାଇଥିଲେ। ପରେ ଶ୍ରୀରାମ ଭକ୍ତ ହନୁମାନ, ଗରୁଡ଼ଙ୍କୁ ସ୍ମରଣ କରିଥିଲେ। ଗରୁଡ଼ ଆସିବା ପରେ ଶ୍ରୀରାମ-ଲକ୍ଷ୍ମଣଙ୍କୁ ନାଗଫାଶ ବନ୍ଧନରୁ ମୁକ୍ତି କରିଥିଲେ। ଅନଙ୍ଗ ନରେନ୍ଦ୍ରଙ୍କ ରଚିତ ଏହି ନାଗଫାଶ ନାଟକ ଦେଖିବା ପାଇଁ ଶତାଧିକ ଗ୍ରାମବାସୀଙ୍କ ଭିଡ଼ ଜମିଥିଲା। ଗ୍ରାମର କଳାକାରମାନେ ଏହି ନାଟକଟିକୁ ପରିବେଷଣ କରିଥିଲେ।

### ଶିକ୍ଷାବିତ୍‌ଙ୍କ ସ୍ମୃତିଚାରଣ ସଭା




ନିରାକାରପୁର,୬।୫(ଡି.ଏନ୍.ଏ.): ନିରାକାରପୁରସ୍ଥିତ ସଖାସଂଘ କ୍ରୀଡ଼ା ସଂସଦର ପୂର୍ବତନ ସାଧାରଣ ସମ୍ପାଦକ ଶିକ୍ଷାବିତ୍ ଶରତ ଚନ୍ଦ୍ର ପ୍ରଧାନଙ୍କ ଦଶାହ ଓ ଏକାଦଶାହ ଉପଲକ୍ଷେ ବାସଭବନଠାରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ବିପିନ କୁମାର ଜୟସିଂହ ପୌରୋହିତ୍ୟ କରିଥିବା ବେଳେ ରାଜ୍ୟ ବିଜେଡି ମହିଳା ଉପସଭାପତି ବାସନ୍ତି ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ଦାଶ, ଜିଲା ପରିଷଦ ସଭ୍ୟ ବିଜୟ କୁମାର ପାଲ୍‌ଟାସିଂହ, ରମାକାନ୍ତ ପୁରୋହିତ, ବିରଞ୍ଚି ନାରାୟଣ ତ୍ରିପାଠୀ, ଅପର୍ତ୍ତି ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ସମ୍ପାଦକ ଭାଗୀରଥି ପ୍ରଧାନ, ମନୋଜ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବର୍ଷା ହେଲେ ବଢୁଛି ଅଣ୍ଡରପାସ୍ ସମସ୍ୟା

ଖୋର୍ଦ୍ଧା ଅଫିସ,୬।୫


ଅଣ୍ଡରପାସ୍ ରାସ୍ତାରେ ବର୍ଷାପାଣି ଜମି ରହିଛି।


ଜମିଥିବା ବର୍ଷାପାଣିରେ ମୋ ବସ୍ ଫସି ରହିଛି। (ଫାଇଲ ଫଟୋ)

- ସଂରକ୍ଷଣ କଲେନି, ପୋତି ହୋଇଗଲା ଭୂତଳ ଡ୍ରେନ୍
- ପାଣି ଜମିଲେ ମୋଟର ପମ୍ପ୍ ଭରସା
- ସ୍ଥାୟୀ ପ୍ରତିକାର ନାହିଁ, ଲୋକେ ହଇରାଣ
- ମନ୍ଥର ଗତିରେ ଚାଲିଛି ଓଭରବ୍ରିଜ୍ କାମ

ବହୁ ପ୍ରତୀକ୍ଷିତ ଜଟଣୀ ଓଭରବ୍ରିଜ୍ ନିର୍ମାଣ କାମ ସରୁ ନ ଥିବା ବେଳେ ସୀତାରାମ ଛକସ୍ଥିତ ରେଲୱେ ଅଣ୍ଡରପାସ୍‌ରେ ବର୍ଷାପାଣି ଜମିରହୁଛି। ଏହି ଅଣ୍ଡରପାସ୍ ଖୋର୍ଦ୍ଧା ଓ ପିପିଲିକୁ ମୁଖ୍ୟରାସ୍ତା ହୋଇଥିବାରୁ ଯାତାୟାତ ବାଧାପ୍ରାପ୍ତ ହେବା ସହ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘବର୍ଷ ହେବ ଏଭଳି ସମସ୍ୟା ଉପୁଜୁଥିଲେ ମଧ୍ୟ ଏହାର ସ୍ଥାୟୀ ସମାଧାନ କରାଯାଉନାହିଁ, ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ପୂର୍ବତଟ ରେଲୱେ ପକ୍ଷରୁ ବହୁ ବର୍ଷ ପୂର୍ବେ ଏହି ଅଣ୍ଡରପାସ୍ ନିର୍ମାଣ କରାଯାଇଥିଲା। ଅଣ୍ଡରପାସ୍‌ର ଉଭୟପଟୁ ଖାଲୁଆ ରହିଥିବାରୁ ବର୍ଷାପାଣି ଜମିବା ସମ୍ଭାବନାକୁ ଏଡ଼ାଇବା ଲାଗି ସେହି ସମୟରେ ବିଭାଗୀୟ ଯନ୍ତ୍ରୀ ଭୂତଳ ଜଳ ନିଷ୍କାସନ ବ୍ୟବସ୍ଥା କରିଥିଲେ। ପ୍ରାୟ ୩ ଶହ ମିଟରରୁ ଊର୍ଦ୍ଧ୍ୱ ଲମ୍ବ ଓ ୧୫ ଫୁଟ ଗଭୀର ଡ୍ରେନ୍ କରାଯାଇଥିଲା। ଏହି ଡ୍ରେନ୍ ଲୋକୋ(ରେଲ୍‌ୱେ) କଲୋନୀ, ଆରପିଏଫ୍ ପଛପଟ ଦେଇ କୁଦିଆରୀ ଯୋର ପର୍ଯ୍ୟନ୍ତ ଯାଇଥିଲା। ଡ୍ରେନ୍‌ର ବିଭିନ୍ନ ସ୍ଥାନରେ ଚାମ୍ବରର ବ୍ୟବସ୍ଥା ରହିଥିଲା। ଫଳରେ କୌଣସି ସ୍ଥାନରେ ସମସ୍ୟା ଉପୁଜିଲେ, ଚାମ୍ବର ଭିତରେ ପଶି ଏହାର ସମାଧାନ କରାଯାଇପାରିବ। ଯେତେ ବର୍ଷା ହେଲେ ବି ପାଣି ଡ୍ରେନ୍ ଦେଇ ନିଷ୍କାସନ ହୋଇଯାଉଥିଲା। ପରବର୍ତ୍ତୀ ସମୟରେ ଉପଯୁକ୍ତ ସଂରକ୍ଷଣ ଏବଂ ପୁନରୁଦ୍ଧାର ଅଭାବରୁ ଡ୍ରେନ୍ ପୋତିହୋଇଗଲା। ତେବେ ପାଣି ଜମିଲେ, ରେଲୱେ ବିଭାଗ ପାଣି ପମ୍ପ୍ ଲଗାଇ ନିଷ୍କାସନ କରି ନିଜ ଦାୟିତ୍ୱ ଖସାଇ ନେଉଛି। ଏହାର ସ୍ଥାୟୀ ସମାଧାନ କରାଯାଉନାହିଁ। ଫଳରେ ବର୍ଷାଦିନ ଆସିଲେ ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି। ଶୁକ୍ରବାର କାଳବୈଶାଖୀ ପ୍ରଭାବରେ ବର୍ଷା ହେବାରୁ ଏହି ଅଣ୍ଡରପାସ୍‌ରେ ଦୀର୍ଘ ସମୟ ଧରି ପାଣି ଜମି ରହିଥିଲା। ଉଭୟପଟୁ ଏକ କିଲୋମିଟର ବ୍ୟାପୀ ଯାନବାହନ ଅଟକି ରହିଥିଲା। ସେହିପରି ବିଭିନ୍ନ ସମୟରେ ଏଠାରେ ଦୁର୍ଘଟଣା ଘଟିବାର ମଧ୍ୟ ନଜିର ରହିଛି। ୨୦୨୨ ମସିହାରେ ପିପିଲି ପଟୁ ଯାତ୍ରୀ ଧରି ଆସୁଥିବା ମୋ ବସ୍ ଏଠାରେ ଫସିଯାଇଥିଲା। ଜଳ ନିଷ୍କାସନ ପରେ ବସ୍‌ଟି ଉଦ୍ଧାର ହୋଇଥିଲା। ଅନ୍ୟପଟେ ଓଭରବ୍ରିଜ ନିର୍ମାଣ ସରିଲେ ଏହି ସମସ୍ୟାର ସମାଧାନ ହୋଇପାରିବ। ୨୦୧୫ରୁ ଏହି ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ମନ୍ଥର ଗତି ଯୋଗୁ ଏହି କାର୍ଯ୍ୟ କେବେ ସରିବ ସେନେଇ ଅନିଶ୍ଚିତତା ଲାଗି ରହିଛି। ପ୍ରଥମେ ୨୦୨୨ ଏପ୍ରିଲ ପହିଲା ଏବଂ ପରେ ସେପ୍ଟେମ୍ବର ସୁଦ୍ଧା କାମ ସରିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ହେଲେ କାମ ସରିଲା ନାହିଁ। ସ୍ଥାନୀୟ ବିଧାୟକ ସୁରେଶ କୁମାର ରାଉତରାୟ ମେ' ୨୫ ସୁଦ୍ଧା ସରିବ ବୋଲି କହିଥିଲେ। ତେବେ ଏହି କାମ ସରିବ କି ନାହିଁ ଆଶଙ୍କା ଦେଖାଦେଇଛି।

ପୌର ନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି କୁହନ୍ତି, ଜଟଣୀ-ପିପିଲି ରାସ୍ତା ଆର୍ ଆଣ୍ଡ ବି ଅଧୀନରେ ରହିଛି। ଅଣ୍ଡରପାସ୍‌ରେ ଜଳ ନିଷ୍କାସନ ଦାୟିତ୍ୱ ରେଲୱେର। ବର୍ଷା ହେଲେ ରେଲୱେ ପକ୍ଷରୁ ପମ୍ପ୍ ଲଗାଯାଇ ଜଳ ନିଷ୍କାସନ କରାଯାଉଛି। ବର୍ଷାଦିନ ଆସିଲେ ଅଣ୍ଡରପାସ୍‌ର ଉଭୟପଟୁ ଯାନବାହନ ଚଳାଚଳ ଉପରେ କଟକଣା ଜାରି କରାଯାଉଛି। ଫ୍ଲାଏ ଓଭରବ୍ରିଜ୍ ନିର୍ମାଣ ହୋଇଗଲେ ଏହି ସମସ୍ୟା ସମାଧାନ ହୋଇଯିବ ବୋଲି ସେ କହିଛନ୍ତି।

### ବିଶ୍ୱମୋହନ ସଭାପତି, ବୈଦ୍ୟନାଥ ସମ୍ପାଦକ

ବୋଲଗଡ଼,୬।୫(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବୋଲଗଡ଼ ପରମାନନ୍ଦ ମହାବିଦ୍ୟାଳୟ କର୍ମଚାରୀ ସଂଘର କର୍ମକର୍ତ୍ତା ନିର୍ବାଚନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କଲେଜ ସଭାଗୃହରେ ପୂର୍ବତନ ସଭାପତି ତଥା ବରିଷ୍ଠ କିରାଣି ସତ୍ୟବ୍ରତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ୩ୟ ଓ ୪ର୍ଥ ଶ୍ରେଣୀ କର୍ମଚାରୀ ଏବଂ ଡେମୋନ୍‌ଷ୍ଟ୍ରେଟରମାନଙ୍କ ଏକ ବୈଠକ ଆୟୋଜିତ ହୋଇଥିଲା। ଏହି ଅବସରରେ ଉପସ୍ଥିତ ସଦସ୍ୟାସଦସ୍ୟଙ୍କ ସର୍ବସମ୍ମତିକ୍ରମେ ସଂଘର ସଭାପତି ଭାବେ ବିଶ୍ୱମୋହନ ନରେନ୍ଦ୍ରଙ୍କୁ ଚୟନ କରାଯାଇଥିଲା। ସେହିପରି ଉପସଭାପତି ସତ୍ୟାନନ୍ଦ ବୈରୀଗଞ୍ଜନ, ସମ୍ପାଦକ ବୈଦ୍ୟନାଥ ହୋତା, ସହସମ୍ପାଦକ ରମାକାନ୍ତ ରାଉଳ ଏବଂ କୋଷାଧ୍ୟକ୍ଷ ଭାବେ ସନାତନ ସାହୁଙ୍କୁ ମନୋନୀତ କରାଯାଇ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସଭାପତି ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ସମ୍ୟକ୍ ସୂଚନା ଦେବା ସହିତ କଲେଜ କର୍ମଚାରୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ।


ନିରାକାରପୁର: କାଶୀପୁର ଗ୍ରାମରେ ସୀତାରାମ ନାଟ୍ୟସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଶ୍ରୀରାମଲୀଳା ନାଟକ ନାଗଫାଶ ବନ୍ଧନର ଏକ ଦୃଶ୍ୟ।

## ଧରାପଡ଼ିଲେ ୬ ପେସାଦାର ଲୁଟେରା

### ୨୦ ମୋବାଇଲ, ଗୋଟିଏ ବାଇକ୍ ଜବତ

ଭୁବନେଶ୍ୱର,୬।୫(ବ୍ୟୁରୋ)

ରାଜଧାନୀରେ ଆତଙ୍କ ଖେଳାଉଥିବା ଲୁଟେରା ଗ୍ୟାଙ୍ଗ୍‌ର ୬ ପେସାଦାର ଅଭିଯୁକ୍ତଙ୍କୁ କମିଶନରେଟ ପୋଲିସ ଗିରଫ କରିଛି। ସେମାନେ ହେଲେ ଶାନ୍ତିପଲ୍ଲୀ ବସ୍ତିରେ ରହୁଥିବା ଭୁପତି ଭୋଇ, ପୁରୀର ଦୀପକ ପ୍ରଧାନ, କନ୍ଧମାଳର ସୁଜିତ ସିଂ, ଗଞ୍ଜାମର ଡି ଦୀପ୍ତି ରଞ୍ଜନ ଓ ସନ୍ତୋଷ ପ୍ରଧାନ ଏବଂ ନୟାଗଡର ବିନାୟକ କୁମାର ମହାପାତ୍ର। ଏମାନଙ୍କଠାରୁ ବିଭିନ୍ନ କମ୍ପାନୀର ୨୦ଟି ଚୋରା ମୋବାଇଲ ଫୋନ୍ ଓ ଗୋଟିଏ ବାଇକ୍ ଜବତ କରିଛି ପୋଲିସ। ନୟାପଲ୍ଲୀ ଓ ତମାଣ୍ଡୋ ଥାନା ପୋଲିସ ଜଣେ ଲେଖାଏ ଅଭିଯୁକ୍ତଙ୍କୁ ଧରିଥିବାବେଳେ ଖଣ୍ଡଗିରି ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେହିପରି ଜଣେ ମହିଳାଙ୍କୁ ମାଡ ମାରି ମୋବାଇଲ ଲୁଟିନେବା ଅଭିଯୋଗରେ ୨ଜଣଙ୍କୁ ଗିରଫ କରିଛି ଶହୀଦନଗର ଥାନା ପୋଲିସ। ଏନେଇ ପୃଥକ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ସମସ୍ତଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ବିନାୟକ ବିଭିନ୍ନ ଅପରାଧରେ ସମ୍ପୃକ୍ତ ଥିବାରୁ ତାଙ୍କ ବିରୋଧରେ ସିଆରପିସି-୧୧୦ ଧାରା ଅନୁଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବା ଲାଗି ପଦକ୍ଷେପ ନିଆଯାଉଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ଶାନ୍ତି, ଭାଇଚାରାର ପ୍ରତୀକ ଭାଗବତ ଟୁଙ୍ଗି

ବେଗୁନିଆ,୬।୫(ଡି.ଏନ୍.ଏ.)

ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ କୋଲୁହାପାଟଣା ଗ୍ରାମସ୍ଥିତ ଶ୍ରୀ ଭାଗବତ ଦେବଙ୍କ ପୀଠ ପରିସରରେ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଭଳି ବୁଦ୍ଧ ପୂର୍ଣ୍ଣିମା ଅବସରରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଭାଗବତ ପଠନ ଓ ଚର୍ଚ୍ଚା ଶନିବାର ଉଦ୍‌ଯାପିତ ହୋଇଯାଇଛି। ପଣ୍ଡିତ ଡ. ଅଖିଳେଶ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅଷ୍ଟାଦଶ ମହାପୁରାଣରୁ ବର୍ଣ୍ଣିତ ଅଷ୍ଟମ ସ୍କନ୍ଧର ଅଷ୍ଟାଦଶୋଧ୍ୟାୟର ବାମନଙ୍କ ଜନ୍ମ ଓ ମହାରାଜା ବଳୀଙ୍କ ଯଜ୍ଞଶାଳାକୁ ବାମନଙ୍କ ଗମନ ବିଷୟରେ ଚର୍ଚ୍ଚା ହୋଇଥିଲା। ସେହିପରି ଉଦ୍‌ଯାପନୀ ଉତ୍ସବରେ ଶିକ୍ଷାବିତ୍ ଲୋକନାଥ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶ୍ରୀମଦ୍ ଭାଗବତ ମହାପୁରାଣରୁ ବର୍ଣ୍ଣିତ ଊନବିଂଶ ଅଧ୍ୟାୟର ବାମନଙ୍କ ବଳୀଙ୍କୁ ୩ ପାଦେ ଭୂମି ଯାଚନ ଓ ଭୂମିଦାନ କରିବାକୁ ବଳୀଙ୍କର ସତ୍ୟ ପ୍ରତିଜ୍ଞା ପରେ ଗୁରୁ ଶୁକ୍ରାଚାର୍ଯ୍ୟଙ୍କର ବାରଣ ଉପାଖ୍ୟାନ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଡ. ଅଖିଳେଶ ପ୍ରସାଦ ପଣ୍ଡା, ତପନ କୁମାର ପଣ୍ଡା, ରଞ୍ଜନ କୁମାର ଦାଶ, କୃଷ୍ଣଚନ୍ଦ୍ର ପଣ୍ଡା ଓ ପବିତ୍ର ପୃଷ୍ଟି ପ୍ରମୁଖ ଆଲୋଚନା କରିଥିଲେ। ସେହିପରି ପଣ୍ଡିତ ଗୌରହରି ପଣ୍ଡା, ଅଜୟ କୁମାର ପଣ୍ଡା, ଶ୍ୱେତ କୁମାର ମହାପାତ୍ର, ଶ୍ରୀକାନ୍ତ ଦାଶ, ଗୋକୁଳ ଚନ୍ଦ୍ର ତ୍ରିପାଠୀ, ଧନେଶ୍ୱର ପଣ୍ଡା, ଯୋଜନୀବାଳା ପଣ୍ଡା, ଗୋପୀନାଥ ପଣ୍ଡା ପ୍ରମୁଖ ଶ୍ଳୋକ ପାଠ କରିଥିଲେ। ଭାଗବତ ପଠନ ଓ ଶ୍ରବଣ କରି ଚାଷୀମାନେ କ୍ଳାନ୍ତି ଦୂର କରୁଥିଲେ। ତେବେ ଗ୍ରାମରେ ଥିବା ଭାଗବତ ଟୁଙ୍ଗି ଶାନ୍ତି, ମୈତ୍ରୀ ଓ ଭାଇଚାରାର ବାର୍ତ୍ତା ଦିଏ ବୋଲି ଉପସ୍ଥିତ ପଣ୍ଡିତମାନେ ଉଦ୍‌ବୋଧନ ଦେଇଥିଲେ। ବନବିହାରୀ ପଣ୍ଡା ଧନ୍ୟବାଦ ଦେଇଥିଲେ।


ଭାଗବତ ପଠନ ଓ ଚର୍ଚ୍ଚା କାର୍ଯ୍ୟକ୍ରମରେ ଉପସ୍ଥିତ ଗ୍ରାମବାସୀ ଏବଂ ଅନ୍ୟମାନେ।

### ଗୋଷ୍ଠୀ ସଂଘର୍ଷ: ୨ ଗିରଫ

ଭୁବନେଶ୍ୱର,୬।୫(ବ୍ୟୁରୋ)

ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ ହେବା ଘଟଣାରେ ଧଉଳି ଥାନା ପୋଲିସ ଉଭୟ ପକ୍ଷର ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ଅଞ୍ଚଳର ଅକ୍ଷୟ ଭୋଇ ଓ ସରତ ଭୋଇ । ଏମାନଙ୍କଠାରୁ ଗୋଟିଏ ମୋଟରସାଇକେଲ, ରୁପାଚେନ, ମନିପର୍ସ ଏବଂ ଗୋଟିଏ ବାଉଁଶ ବାଡି ଜବତ କରାଯାଇଛି। ସୂଚନାନୁସାରେ ଶୁକ୍ରବାର ସକାଳେ କୌଣସି ଏକ କାରଣକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ପ୍ରଥମେ ଯୁକ୍ତିତର୍କ ଆରମ୍ଭ ହୋଇ ପରେ ଏହା ଉଗ୍ର ରୂପ ନେଇଥିଲା। ଉଭୟ ପକ୍ଷ ପରସ୍ପରକୁ ଆକ୍ରମଣ କରିବା ଦ୍ୱାରା କେତେଜଣ ଆହତ ହୋଇଥିଲେ। ଏହି ଗଣ୍ଡଗୋଳରେ ଏକ ବାଇକ୍ ଭାଙ୍ଗି ଯାଇଥିବା ବେଳେ ପରସ୍ପର ପ୍ରତି ଚୋରୀ ଅଭିଯୋଗ ମଧ୍ୟ ଆଣିଥିଲେ। ଉଭୟ ପକ୍ଷର ଅଭିଯୋଗ ଆଧାରରେ ଧଉଳି ଥାନା ପୋଲିସ ଦୁଇଟି ମାମଲା ରୁଜୁ କରି ତଦନ୍ତ ଚଳାଇବା ସହିତ ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ତେବେ ଘଟଣାରେ ସମ୍ପୃକ୍ତି ଥିବା ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି।

## ଭଗବତ ଦେବ ବିଦ୍ୟାପୀଠ ହେଲା ସ୍ମାର୍ଟ ସ୍କୁଲ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ନିରାକାରପୁର,୬।୫(ଡି.ଏନ୍.ଏ.)

ଶନିବାର ଖୋର୍ଦ୍ଧା ଜିଲାର ୬୨ ରୂପାନ୍ତରିତ ହାଇସ୍କୁଲକୁ ଲୋକାର୍ପିତ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ଜଙ୍କିଆ ପଞ୍ଚାୟତ ଭଗବତ ଦେବ ବିଦ୍ୟାପୀଠ ଲୋକାର୍ପିତ ହୋଇଥିବା ବେଳେ ଛାତ୍ରୀଛାତ୍ରମାନେ ସିଧା ପ୍ରସାରଣ ଦେଖିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଅତିଥିଭାବେ ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ କୁମାର ସାମନ୍ତରାୟ, ସ୍କୁଲ କମିଟି ସଭାପତି ନରେନ୍ଦ୍ର କୁମାର ରାଉତରାୟ, ମୋ ସ୍କୁଲ ସଭାପତି ବିଶ୍ୱଭୂଷଣ ଛୋଟରାୟ, ସରପଞ୍ଚ ପଙ୍କଜିନି ବଳବନ୍ତରାୟ, ସମିତିସଭ୍ୟ ଈଶ୍ୱର ଚନ୍ଦ୍ର ମାର୍ଥା, ଶିକ୍ଷାବିତ୍ କେଳୁ ଚରଣ ମହାରଣା, ସୁରେନ୍ଦ୍ରନାଥ ଜେନା, ପୂର୍ବତନ ପ୍ରଧାନ ଶିକ୍ଷକ ବସନ୍ତ କୁମାର ସ୍ୱାଇଁ, ପୂର୍ବତନ ସମିତି ସଭ୍ୟ କୃଷ୍ଣ ଚନ୍ଦ୍ର ନରେନ୍ଦ୍ର, ଦାଶରଥି ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ। କମଳେଶ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶିକ୍ଷକ ମନ୍ମଥ ନାୟକ, ଶିକ୍ଷୟିତ୍ରୀ ସଞ୍ଜୁକ୍ତା ଚମ୍ପତିରାୟ, ଜ୍ୟୋତ୍ସ୍ନାରାଣୀ ମିଶ୍ର, ଉମାରଣୀ ପଣ୍ଡା, ଶର୍ମିଳା ବିଶ୍ୱାଳ, ସୁମିତ୍ରା ରାଉତରାୟ, ସୁଲୋଚନା ଦାସ, ଶ୍ରଦ୍ଧାଞ୍ଜଳି ବଳବନ୍ତରାୟ, ନିରୁପମା ପାଲଟାସିଂହ, ସ୍ୱାଗତିକା ସାହୁ, ଶୁଭଲକ୍ଷ୍ମୀ ରାଉତରାୟ ପ୍ରମୁଖ ସହଯୋଗ କରିଥିଲେ।

## ଯମୁନା ଗାଁ ରାସ୍ତା ପାଲଟିଛି ମରଣଯନ୍ତା



କୃଷ୍ଣପ୍ରସାଦ,୬।୫(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ମୋରଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାରୁ ଯମୁନା ଗ୍ରାମକୁ ସଂଯୋଗ କରୁଥିବା ପ୍ରଧାନ ମନ୍ତ୍ରୀ ଗ୍ରାମ ସଡ଼କ ଏବେ ମରଣଯନ୍ତା ପାଲଟିଛି। ପାଞ୍ଚବର୍ଷ ପୂର୍ବେ ନିର୍ମାଣ ହୋଇଥିବା ଏହି ରାସ୍ତା ରକ୍ଷଣାବେକ୍ଷଣ ଅଭାବରୁ ଶୋଚନୀୟ ହୋଇପଡ଼ିଛି। ଫଳରେ ଲୋକେ ଯାତାୟାତ ବେଳେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାର ଦୁରବସ୍ଥା ଯୋଗୁ ଆମ୍ବୁଲାନ୍ସ ଓ ଅଗ୍ନିଶମ ଗାଡ଼ି ଆସିବାରେ ଅସୁବିଧା ହେଉଛି। ଗ୍ରାମ୍ୟ ଉନ୍ନୟନ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ରାସ୍ତାର ଦୁରବସ୍ଥା ସମ୍ପର୍କରେ ଅବଗତ ଥାଇ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯେ, ନୀଳାମ୍ବୁ ଚିଲିକା ମଧ୍ୟସ୍ଥ ଏକ ଟାପୁରେ ଏହି ଗାଁ ରହିଛି। ଏଠାରେ ଏକ ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ଦୈନିକ ଯାତାୟାତ ନିମନ୍ତେ ଉକ୍ତ ରାସ୍ତା ଉପରେ ଗ୍ରାମବାସୀ ନିର୍ଭର କରିଥାନ୍ତି। ଏବେ ରାସ୍ତାର ଦୁରବସ୍ଥାକୁ ନେଇ ଗ୍ରାମବାସୀ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ଜଣାପଡ଼ିଛି। ତୁରନ୍ତ ଉକ୍ତ ରାସ୍ତା ମରାମତି ନିମନ୍ତେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସ୍ଥାନୀୟ ସରପଞ୍ଚ ବିଷ୍ଣୁପ୍ରିୟା ବିଶ୍ୱାଳ, ସମିତିସଭ୍ୟା ମାନସୀ ସାହୁ, ଯମୁନା ଗ୍ରାମ୍ୟ କମିଟି ସଭାପତି ଭିକାରି ସାହୁ, ସମ୍ପାଦକ ଦୁର୍ଯ୍ୟୋଧନ ସାହୁ, ପ୍ରଭାସିନୀ ପ୍ରଧାନ, କାଳିଆ ସାହୁ, ସରପଞ୍ଚଙ୍କ ପ୍ରତିନିଧି ଦିଲୀପ କୁମାର ଦଳେଇ, ଗାଁ ମୁଖିଆ ଭ୍ରମର ପ୍ରଧାନ, କୈଳାସ ଚନ୍ଦ୍ର ସାହୁ, କପିଳ ସାହୁ ପ୍ରମୁଖ କହିଛନ୍ତି। ଏଥିପ୍ରତି ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ, ମୁଖ୍ୟ ଯନ୍ତ୍ରୀ, ବିଧାୟକ ଓ ଜିଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି।

## 'ଶୃଙ୍ଖଳିତ ଶିକ୍ଷା ଭଲ ମଣିଷ ହେବାକୁ ବାଟ ଦେଖାଏ'

ବେଗୁନିଆ,୬।୫(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ସଦର ମହକୁମାରେ ଅବସ୍ଥାପିତ ନାଳନ୍ଦା ପବ୍ଲିକ ସ୍କୁଲ୍‌ର ନବମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ଅଜୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ବେଗୁନିଆ ବ୍ଲକ ଶିକ୍ଷାଧିକାରୀ ଲଛମନ ପରିଡ଼ା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷାବିତ୍ ରାଜକିଶୋର ପାଣିଗ୍ରାହୀ ମୁଖ୍ୟ ବକ୍ତା, କବୟିତ୍ରୀ ସେବତୀ ପରିଡ଼ା, ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ସାମନ୍ତରାୟ, ସାମାଜିକ କର୍ମୀ ସ୍ୱର୍ଣ୍ଣଲତା ସାହୁ, ବ୍ୟଙ୍ଗକବି ବ୍ରଜବିହାରୀ ସୁବୁଦ୍ଧି ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ମଣିଷ ଜୀବନରେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଦୈନିକ କିଛିନା କିଛି ଶିଖିବାର ରହିଛି। ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଯଦି କଡ଼ାକଡ଼ି କରାଯିବ ତେବେ ଭବିଷ୍ୟତରେ ସଫଳତା ନିଶ୍ଚୟ ମିଳିବ। ବିଦ୍ୟାଳୟର ଆବଦ୍ଧ କାନ୍ଥ ଭିତରେ ପିଲାମାନେ ଶୃଙ୍ଖଳିତ ଭାବେ ପାଠପଢ଼ା। ତାହା ଦିନେନା ଦିନେ ଭଲ ମଣିଷ ପାଇଁ ବାଟ ଖୋଲିଦିଏ ବୋଲି ଅତିଥି ପରିଡ଼ା କହିଥିଲେ। ସଭା ପ୍ରାରମ୍ଭରେ ବିଦ୍ୟାଳୟ ଅଧ୍ୟକ୍ଷ ରାଜେଶ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ସୁଧାକର ସେଠୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ଅଖିଳେଶ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ ସହ ସମ୍ବର୍ଦ୍ଧିତ କରାଯାଇଥିଲା।



ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ମଞ୍ଚାସୀନ ଅତିଥି।

# ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୬।୫।୨୦୨୩

| | |
|---|---|
| ୬,୬୨,୮୮୯ ଟଙ୍କା | |
| ସୁନା | ୧୪ ଗ୍ରାମ୍ |
| ରୁପା | ୧.୫୦୦ ଗ୍ରାମ୍ |

## ସଂକ୍ଷେପରେ

### ଦୁର୍ବୃତ୍ତଙ୍କ ଏଟିଏମ୍ ଲୁଟ୍ ଉଦ୍ୟମ ବିଫଳ

ନିମାପଡ଼ା,୬।୫(ଡି.ଏନ୍.ଏ.)-ନିମାପଡ଼ା ଜୟଶ୍ରୀ ଛକ ଗଣେଶ ବଜାର ନିକଟରେ ଥିବା ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଏଟିଏମ୍ ଭାଙ୍ଗି ଦୁର୍ବୃତ୍ତଙ୍କ ଲୁଟ୍ ଉଦ୍ୟମ ବିଫଳ ହୋଇଛି। ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଏଟିଏମ୍‌ରେ ପଶି ଏଟିଏମ୍ ମେଶିନ, ୨ଟି ସିସିଟିଭି ଭାଙ୍ଗିଦେଇଥିବାବେଳେ ସାଇରନ୍ ମେଶିନ ଓପାଡ଼ି ଫୋପାଡ଼ି ଦେଇଛନ୍ତି। ଦୁର୍ବୃତ୍ତମାନେ ବ୍ୟାଟେରି ରୁମ୍ ଓ ୟୁକେସି ରୁମ୍ ତାଲା ଭାଙ୍ଗି ଦେଇଥିବାବେଳେ ଆଉ ୪/୫ଟି ସିସିଟିଭି ଉପରେ କଳାରଙ୍ଗ ସ୍ପ୍ରେ କରିଦେଇଥିବା ବ୍ୟାଙ୍କ ସୂତ୍ରରୁ ଜଣାପଡ଼ିଛି। ଏ ସମ୍ପର୍କରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ନିମାପଡ଼ା ଶାଖାର ମ୍ୟାନେଜର ରୀନାରାଣୀ ବେହେରା ଶନିବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଏହି ଲୁଟ୍ ଘଟଣା ନେଇ ବ୍ୟାଙ୍କ କର୍ମଚାରୀମାନେ ଆତଙ୍କିତ ହୋଇପଡ଼ିଛନ୍ତି। ବ୍ୟାଙ୍କ ପକ୍ଷରୁ ଏଟିଏମ୍‌ଗୁଡ଼ିକରେ ସିକ୍ୟୁରିଟି ବ୍ୟବସ୍ଥା ନ ଥିବା ଯୋଗୁ ବିଭିନ୍ନ ବ୍ୟାଙ୍କର ଏଟିଏମ୍‌ରେ ଏଭଳି ଲୁଟ୍ ଉଦ୍ୟମ ହେଉଥିବା ବିଭିନ୍ନ ମହଲରୁ କୁହାଯାଉଛି। ଅନ୍ୟପକ୍ଷେ ନିମାପଡ଼ା ଥାନା ପୋଲିସ ପକ୍ଷରୁ ରାତ୍ରି ପାଟ୍ରୋଲିଂ କଡ଼ାକଡ଼ି କରାଯାଉ ନ ଥିବାରୁ ବିଭିନ୍ନ ସମୟରେ ଛୋଟବଡ଼ ଚୋରି, ଡକାୟତି ଭଳି ଅପରାଧ ଘଟଣା ଘଟିଚାଲିଛି। ପୋଲିସ ପକ୍ଷରୁ ରାତି ପାଟ୍ରୋଲିଂ, ବ୍ୟାଙ୍କଗୁଡ଼ିକ ନିକଟରେ ପୋଲିସ ପହରା କରାଯିବାକୁ ସାଧାରଣରେ ଦାବି ହୋଇଛି।

### ନାବାଳିକାଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରି ଅଭିଯୁକ୍ତ ଗିରଫ

ଡେଲାଙ୍ଗ,୬।୫(ଡି.ଏନ୍.ଏ.)- ଡେଲାଙ୍ଗ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ଅଶ୍ଳୀଳ ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିବା ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରି ଶନିବାର ପୁରୀ ପୋକ୍ସୋ କୋର୍ଟକୁ ଚାଲାଣ କରିଛି। ସେ ହେଲେ ପିଢ଼ପାଟଣା ଗ୍ରାମର ଦେବାଶିଷ ଜେନା (୧୯)। ସୂଚନା ମୁତାବକ, ପୂର୍ବରୁ ପ୍ରେମସମ୍ପର୍କ ରଖିଥିବା ନାବାଳିକାଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରିଥିବା ନେଇ ପୀଡ଼ିତା ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ୧୩୬/୨୩ରେ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# 'ରଥଯାତ୍ରା ପାଇଁ ଡେପୁଟେଶନରେ ଡାକ୍ତରଙ୍କୁ ଅଣାଯିବ'

ପୁରୀ ଅଫିସ ୬।୫

ରଥଯାତ୍ରା ପାଇଁ ଶନିବାର ପୌରସଦନରେ ଦ୍ୱିତୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଅଧ୍ୟକ୍ଷତା କରି କହିଥିଲେ ବିଭିନ୍ନ ବିଭାଗର ମନ୍ତ୍ରୀ, ପ୍ରଶାସନିକ ଅଧିକାରୀ, ସେବାୟତ, ବୁଦ୍ଧିଜୀବୀଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଆଉ ମାସେ ପରେ ରଥଯାତ୍ରା ଅନୁଷ୍ଠିତ ହେବାକୁ ଥିବାରୁ ଯେପରି ଶୃଙ୍ଖଳିତ ଭାବରେ ଯାତ୍ରା ଅନୁଷ୍ଠିତ ହେବ ସେନେଇ ବିଭିନ୍ନ ବିଭାଗ ସହ ଆଲୋଚନା କରାଯାଇଥିଲା। ବୈଠକରେ ଯେଉଁ ସମସ୍ୟା ଉପରେ ସେବାୟତ ଓ ଖବରଦାତାମାନେ ମତ ରଖିଥିଲେ, ସେଗୁଡିକ ଯେପରି ସମାଧାନ ହୋଇପାରିବ ସେନେଇ ଜିଲା ପ୍ରଶାସନ ସହ ଆଲୋଚନା କରି ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱାସ୍ଥ୍ୟ ସେବା ନେଇ ମନ୍ତ୍ରୀ ସାରକା କହିଥିଲେ, ଯେଉଁ ଡାକ୍ତର ପଦବୀ ଖାଲି ରହିଛି, ଡେପୁଟେଶନରେ ବାହାରୁ ଡାକ୍ତରମାନଙ୍କୁ ଅଣାଯାଇ ଭକ୍ତଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦିଆଯିବ। ରଥଯାତ୍ରା ଯେପରି ସୁରୁଖୁରୁରେ ହେବ ସେନେଇ ସମସ୍ତଙ୍କ ସହଯୋଗ କାମନା କରାଯାଇଛି।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ ଦାଶ କହିଥିଲେ, ବୈଠକରେ ରଥକାଠ ସହ ବିଭିନ୍ନ ପ୍ରସଙ୍ଗରେ ଗୁରୁତ୍ୱପୂର୍ଣ୍ଣ ମତ ଉପସ୍ଥାପନା କରାଯିବା ସହ ଆଲୋଚନା କରାଯାଇଥିଲା। ତୃତୀୟ ସମନ୍ୱୟ ବୈଠକ ପୂର୍ବରୁ ଜିଲାପାଳଙ୍କ ସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରି

### ପ୍ରକଳ୍ପର ଜରୁରୀ କାର୍ଯ୍ୟକୁ ପ୍ରଥମେ କରାଯିବ

ସମୀକ୍ଷା କରାଯିବ। ତେବେ ଅନେକ ପ୍ରସ୍ତାବ ଆସିଛି, ସେଗୁଡିକ ମଧ୍ୟରୁ ଯେଉଁଗୁଡିକ କାର୍ଯ୍ୟକାରୀ କରିହେବ, ସେଗୁଡିକୁ ଅଗ୍ରାଧିକାର ଭିତ୍ତିକରେ କରାଯିବ। ସେହିଭଳି ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ରଥଯାତ୍ରା ପୂର୍ବରୁ ନିର୍ଦ୍ଧାରିତ ସମୟରେ ଶେଷ ହେବା ନେଇ ପଦକ୍ଷେପ ନିଆଯାଇଛି। ଯେଉଁଗୁଡିକରେ ଜଟିଳତା ରହିଛି, ସେଗୁଡିକୁ ପ୍ରଥମେ କରାଯାଉଛି। ସମସ୍ତଙ୍କ ମିଳିତ ସମନ୍ୱୟ ଓ ସହଯୋଗରେ ରଥଯାତ୍ରା ଶୃଙ୍ଖଳିତ ଭାବେ ହେବ ବୋଲି ଦାଶ କହିଛନ୍ତି। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ରାଧାକୃଷ୍ଣ ଶର୍ମା ବୈଠକ ସମ୍ପର୍କରେ କହିଛନ୍ତି, ଦୁଇବର୍ଷ କୋଭିଡ୍ କଟକଣା ପରେ ଗତ ବର୍ଷ ଭକ୍ତଙ୍କ ଗହଣରେ ରଥଯାତ୍ରା ସୁରୁଖୁରୁରେ ହୋଇଥିଲା। ଚଳିତଥର ପାଇଁ ମଧ୍ୟ ପୋଲିସ ବିଭାଗ ତତ୍ପର ରହିଛି। ଦେବସ୍ନାନ ପୂର୍ଣ୍ଣିମାଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ଯାହା କାର୍ଯ୍ୟକ୍ରମ ରହିଛି, ସେଗୁଡିକ ଯେପରି ବ୍ୟବସ୍ଥାଭିତ୍ତିକ ହେବ ସେନେଇ ପୋଲିସ ପକ୍ଷରୁ ପଦକ୍ଷେପ ନିଆଯାଇଛି। ମୁଖ୍ୟତଃ ଆଇନଶୃଙ୍ଖଳା ରକ୍ଷା, ଟ୍ରାଫିକ, ଭକ୍ତଙ୍କ ସୁରକ୍ଷା ରହିବ ସେନେଇ ବ୍ୟବସ୍ଥା କରାଯିବ। କଣ୍ଟ୍ରୋଲ ରୁମ କରାଯିବ। ସହରରେ ସିସିଟିଭି ଲଗାଯିବ। ଭକ୍ତଙ୍କ ଦର୍ଶନ ପାଇଁ ଯେପରି ଅସୁବିଧା ନ ହୁଏ ପୋଲିସ ପକ୍ଷରୁ ସେନେଇ ବ୍ୟବସ୍ଥା କରାଯିବ।



ଗୋପ ବାଲିପଡିଆରେ ଶନିବାର ଅନୁଷ୍ଠିତ ମା' ଭବାନୀ ସାଂସ୍କୃତିକ ଅନୁଷ୍ଠାନ, ପ୍ରେସ୍ କ୍ଲବର ବାର୍ଷିକ ଉତ୍ସବରେ ଉପସ୍ଥିତ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଅନ୍ୟ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱମାନେ ।

# ଖବରଦାତାଙ୍କ ଗୁରୁତ୍ୱ ସବୁ ସମୟରେ ଆବଶ୍ୟକ

ଗୋପ,୬।୫(ଡି.ଏନ୍.ଏ.)

### ମା' ଭବାନୀ ସାଂସ୍କୃତିକ ଅନୁଷ୍ଠାନ, ପ୍ରେସ୍ କ୍ଲବର ବାର୍ଷିକ ଉତ୍ସବ

ଖବରଦାତା ହେଉଛନ୍ତି ସମାଜ ଲାଗି ଦର୍ପଣ ସଦୃଶ। ସେମାନଙ୍କ ଗୁରୁତ୍ୱ ସବୁ ସମୟରେ ଏବଂ ସବୁକ୍ଷେତ୍ରରେ ଆବଶ୍ୟକ ହୋଇଥାଏ। ଗୋପ ବାଲିପଡ଼ିଆଠାରେ ମା' ଭବାନୀ ସାଂସ୍କୃତିକ ଅନୁଷ୍ଠାନ ଓ ଗୋପ ପ୍ରେସ୍ କ୍ଲବର ୫ମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଏହି ସୂଚନା ଦେଇଥିଲେ। ଗୋପ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରକାଶ ଚନ୍ଦ୍ର ଖଟୋଇ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ବକ୍ତା ଭାବେ କାକଟପୁର ନିର୍ବାଚନମଣ୍ଡଳୀ ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ, ସମ୍ମାନିତ ଅତିଥି ଭାବେ ରାଜ୍ୟ ଯୁବ ବିଜେଡି ଉପସଭାପତି ଶୁଭାଶିଷ ଖୁଣ୍ଟିଆ, ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ସାମାଜିକ କର୍ମୀ କସ୍ତୁରୀବାଳା ସ୍ୱାଇଁ, ବରିଷ୍ଠ ଆଇନଜୀବୀ ରଞ୍ଜିତ୍ ସାହୁ, ସାହିତ୍ୟିକ ଓ କବି ପୂନେଶ ସେନାପତି, ବିଭୂତି ଭୂଷଣ ପଟ୍ଟନାୟକ ଯୋଗଦେଇଥିଲେ। ସଂସ୍କୃତି, ପରମ୍ପରା, ଭାଇଚାରା ହେଉଛି ସଙ୍ଗୀତର ଏକ ମାଧ୍ୟମ ବୋଲି ଅତିଥିମାନେ କହିଥିଲେ। ସନ୍ଧ୍ୟାରେ ଭୁବନେଶ୍ୱରର ସୁର୍ ଝଙ୍କାର ପକ୍ଷରୁ ମେଲୋଡି କାର୍ଯ୍ୟକ୍ରମରେ ବିଶିଷ୍ଟ ଗାୟକ ସତ୍ୟଜିତ୍ ପ୍ରଧାନ ଓ ଅର୍ପିତା ଚୌଧୁରୀଙ୍କ ଟିମ୍ ସଙ୍ଗୀତ ପରିବେଷଣ କରିଥିଲା। କାର୍ଯ୍ୟକ୍ରମରେ ବିଡିଓ ଦୀପ୍ତିରାଣୀ ଦାସ, ଅତିରିକ୍ତ ତହସିଲଦାର ଶରତ ପରିଡ଼ା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ଜସ୍ମିନ୍ ଆଫ୍ରୋଜ, ବ୍ଲକ ଆସିଷ୍ଟାଣ୍ଟ ଇଞ୍ଜିନିୟର ଅଶୋକ ପୃଷ୍ଟି, ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରିୟମ୍ୱଦା ପଣ୍ଡା ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବ୍ରଜକିଶୋର ସାହୁ, ସୁବାସ ରଞ୍ଜନ ସେନାପତି, ଜ୍ୟୋତିରାଜ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

# ମାଗଣା ସ୍ୱାସ୍ଥ୍ୟ ସ୍ୱାସ୍ଥ୍ୟସେବା ଶିବିର

ସାକ୍ଷୀଗୋପାଳ,୬।୫(ଡି.ଏନ୍.ଏ.)

ସାକ୍ଷୀଗୋପାଳର ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେବା ଓ ଉତ୍ତମ ସ୍ୱାସ୍ଥ୍ୟ ଗଠନର ବାର୍ତ୍ତା ନେଇ ଆୟୋଜିତ ହୋଇଯାଇଛି ମାଗଣା ସୱାସ୍ଥ୍ୟ ସେବା ଶିବିର। ଏହି ଅବସରରେ ସ୍ଥାନୀୟ ଅହମ୍ମଦପୁରସ୍ଥିତ ରିହା ଭାରତ ଗ୍ୟାସ ଡିପୋ ନିକଟରେ ଲୁବ୍ୟାମ ହେଲଥ୍ କେୟାର ଏବଂ ସୁସୃତ ହସ୍ପିଟାଲର ମିଳିତ ସହଯୋଗରେ ଏହି ଶିବିର ଆୟୋଜିତ ହୋଇଥିଲା। ଶିବିରରେ ସାସ୍ଥ୍ୟ ବିଶେଷଜ୍ଞ ଡା. ମାନସ ରଞ୍ଜନ ମିଶ୍ର, ଡା କୁମାର ଅଭିନନ୍ଦନ ଯୋଗଦେଇ ନାମ ପଞ୍ଜିକରଣ କରିଥିବା ୨୦୦ରୁ ଊର୍ଦ୍ଧ୍ୱ ପୁରୁଷ, ମହିଳା ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଲୁବ୍ୟାମ ହେଲଥ କେୟାର ଏମ୍‌ଡି ସେକ ଅବଦୁଲ ସମିମ ଉଦ୍‌ଘାଟନ କରି ରୋଗୀମାନଙ୍କର ସାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଦସ୍ୟା ଝୁନା ଶତପଥୀ ଏବଂ ମିର ଅବଦୁଲ ରେହେମାନ ପରିଚାଳନା କରିଥିଲେ।

# ଆଜି କଣାସ ଉଚ୍ଚ ବିଦ୍ୟାଳୟର ୭୫ବର୍ଷ ପୂର୍ତ୍ତି ସମାରୋହ

କଣାସ,୬।୫(ସ୍ୱ.ପ୍ର):

ପୁରୀ ଜିଲା କଣାସ ବ୍ଲକର ସର୍ବପୁରାତନ କଣାସ ସରକାରୀ ଉଚ୍ଚ ବିଦ୍ୟାଳୟର ୭୫ବର୍ଷ ପୂର୍ତ୍ତି ସମାରୋହ ରବିବାରଠାରୁ ମଙ୍ଗଳବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁଯାଉଛି। ୭ ତାରିଖ ପ୍ରଭାତରୁ କଣାସ ଅଞ୍ଚଳର ଆରାଧ୍ୟ ଠାକୁରାଣୀ ମା' କୁଞ୍ଜେଶ୍ୱରୀ ପୀଠରେ ପୂଜାର୍ଚ୍ଚନା କରାଯିବ। ଦ୍ୱିତୀୟ ଦିବସ ସୋମବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ ୭୫ବର୍ଷ ପୂର୍ତ୍ତିସ୍ମାରକୀର ଅନାବରଣ ଓ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ତୃତୀୟ ଦିବସ ମଙ୍ଗଳବାର ଉଦ୍‌ଯାପନ ଉତ୍ସବରେ ଜିଲାପାଳ ସମର୍ଥ ବର୍ମା ଏବଂ ବରିଷ୍ଠ ସରକାରୀ ଅଧିକାରୀମାନେ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ବେଳେ ବିଧାୟକ ଉମାକାନ୍ତ ସାମନ୍ତରାୟ ଯୋଗଦେବେ। ବିଦ୍ୟାଳୟ ଓ ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ୩ଦିନ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହେବା ନେଇ ପ୍ରସ୍ତୁତି ସରିଛି। ବିଦ୍ୟାଳୟରେ ଅଧ୍ୟୟନ କରି ଓଡ଼ିଶାର କୋଣଅନୁକୋଣରେ ଥିବା ବିଭିନ୍ନ ଛାତ୍ରୀଛାତ୍ରମାନେ ଏହି ସମାରୋହରେ ଯୋଗଦେବାକୁ କଣାସ ସରକାରୀ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ଟ୍ରଷ୍ଟ ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ପକ୍ଷରୁ ଅନୁରୋଧ କରାଯାଇଛି।

# ୩ ରଥର ୩ ଚକ ପାଇଁ ପଇପିନ୍ଧା କାର୍ଯ୍ୟ ଶେଷ



ପୁରୀ ଅଫିସ,୬।୫

## ରଥଖଳାରୁ ...

ରଥ ନିର୍ମାଣର ତ୍ରୟୋଦଶ ଦିବସ ଶନିବାର ତିନିରଥର ମୁଖ୍ୟ ମହାରଣାମାନେ ପଇ ବିନ୍ଧ ଅନୁକୂଳ ପୂଜା ଶେଷ କରିବା ପରେ ମହାରଣାମାନେ ନାହାକା ଚକ ପାଇଁ ତିନିରଥର ତିନୋଟି ଲେଖାଏ ଚକ ପାଇଁ ପଇପିନ୍ଧା କାର୍ଯ୍ୟ ଶେଷ କରିଛନ୍ତି। ଏଥିସହ ତିନିରଥ ପାଇଁ ଆବଶ୍ୟକ କୁଡୁକାର ଚଉପଟ କାର୍ଯ୍ୟ ଶେଷ ହୋଇଛି। ତାଳଧ୍ୱଜ ରଥର ମହାରଣାମାନେ ଦୁଇଟି ନାହାକା ଚକ ସହ ଗୋଟିଏ ପଡିନାହାକା ଚକରେ ପଇପିନ୍ଧା କାର୍ଯ୍ୟ ଶେଷ କରି ସେଥିରେ ପନ୍ଦାରି ଏବଂ ବଳା ଫିଟିଂ ଶେଷ କରିଛନ୍ତି। ତାଳଧ୍ୱଜ ରଥର ଆବଶ୍ୟକ ୧୨ଟି କୁଡୁକା ଚଉପଟ କାର୍ଯ୍ୟ ଶେଷ କରିଛନ୍ତି। ଏହି କୁଡୁକା ରଥର ଦଣ୍ଡା ଗୁଡିକୁ ବାନ୍ଧି ରଖିବା ପାଇଁ ଦଣ୍ଡା ମଧ୍ୟରେ ସଂଯୋଗ କରାଯାଏ। ସେହିପରି ଦର୍ପଦଳନ ରଥର ଦୁଇଟି ନାହାକା ଚକର ପଇପିନ୍ଧା କାର୍ଯ୍ୟ ସାରି ଆଉ ଦୁଇଟି ଚକର ସିଙ୍ଗଡ଼ା ବାଡ଼ିଆ କାର୍ଯ୍ୟ ଯନ୍ତା ଗାଡ଼ରେ ଭୋଇ ସେବକଙ୍କ ଦ୍ୱାରା ସମ୍ପନ୍ନ ହୋଇଛି। ପଇ ପିନ୍ଧା ସରିଥିବା ନାହାକା ଚକ ତୁମ୍ବରେ ପନ୍ଦାରି ଏବଂ ବଳା ଫିଟିଂ ଶେଷ ହୋଇଛି। ଏଥିସହ ଦେବୀ ରଥ ପାଇଁ ଆବଶ୍ୟକ ଆଠଟି କୁଡୁକା ଚଉପଟ କାର୍ଯ୍ୟ ଶେଷ ହୋଇଛି। ମହାପ୍ରଭୁଙ୍କ ନନ୍ଦିଘୋଷ ରଥର ନାହାକା ଚାରି ଚକରେ ପଇ ପିନ୍ଧା କାର୍ଯ୍ୟ ଶେଷ ହୋଇଛି। ଏଥିସହ ପଞ୍ଚମ ଚକର ସିଙ୍ଗଡ଼ା ବାଡ଼ିଆ କାର୍ଯ୍ୟ ଯନ୍ତା ଗାଡ଼ରେ ଭୋଇ ସେବକଙ୍କ ଦ୍ୱାରା ଶେଷ ହୋଇଛି। ନାହାକା ଚକରେ ପନ୍ଦାରି ଏବଂ ବଳା ସଂଯୋଗ ଶେଷ ହୋଇଛି। ଏଥିସହ ନନ୍ଦିଘୋଷ ରଥ ପାଇଁ ଆବଶ୍ୟକ ୧୨ଟି କୁଡୁକା ଚଉପଟ କାର୍ଯ୍ୟ ସରିଛି। ଏହା ରଥର ଫ୍ରେମ ହେତୁ ରଥର ସମସ୍ତ ଭାର ବହନ କରେ। ତିନିରଥର କରତି ସେବକମାନେ ତିନିରଥର ୪୨ ତୁମ୍ବରୁ ୩୬ ଗୋଟି ତୁମ୍ବର ବଳକା ଅଂଶର ଘେର କଟା କାର୍ଯ୍ୟ ସାରିଛନ୍ତି। ଅପରପକ୍ଷେ ଦୋଳବେଦୀସ୍ଥିତ ଅସ୍ଥାୟୀ କମାର ଶାଳରେ ତିନିରଥର କମାର ସେବକମାନେ ତିନି ରଥର ନାହାକା ଚକ ପାଇଁ ଚାରି ଚକର ପନ୍ଦାରି ଏବଂ ବଳା ତିନି ରଥର ମହାରଣାମାନଙ୍କୁ ଯୋଗାଇ ତିନିରଥର ପଡ଼ି ନାହାକା ଚକ ପାଇଁ ପନ୍ଦାରି ଏବଂ ବଳା ନିର୍ମାଣ ଜାରି ରଖିଛନ୍ତି। ରଥ ନିର୍ମାଣର ତ୍ରୟୋଦଶ ଦିନରେ ତିନିରଥର ମହାରଣା ୭୫ ଜଣ, ଭୋଇ ସେବକ ୬୦ଜଣ, କରତି ସେବକ ୪ଜଣ, କମାର ସେବକ ୧୬ଜଣ, ପାହି ମହାରଣା ଜଣେ, ତୁମ୍ବ ବିନ୍ଧ କାରୀଗର ଜଣେ, ରୂପକାର ସେବକ ୧୯ ଜଣ ଏବଂ ରଥଖଳା ସହାୟକ ଜଣେ। ଏହିପରି ମୋଟ ୧୭୭ ଜଣ ସେବକ ଓ କାରିଗର ରଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ରହିଛନ୍ତି।

# 'ଦେବର୍ଷି ନାରଦଙ୍କ କାର୍ଯ୍ୟ ସର୍ବଜନ ବିଦିତ ଥିଲା'

ପୁରୀ ଅଫିସ,୬।୫

ସ୍ଥାନୀୟ ପଥୁରିଆ ସାହି ସଂସ୍କୃତିଭବନରେ ବିଶ୍ୱର ଆଦ୍ୟ ସାମ୍ବାଦିକ ଦେବର୍ଷି ନାରଦଙ୍କ ଜୟନ୍ତୀ ଉତ୍ସବ ପ୍ରଚାର ବିଭାଗ ପୁରୀ ପକ୍ଷରୁ ଶନିବାର ପାଳନ କରାଯାଇଛି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଜିଲା କାର୍ଯ୍ୟବାହ ବାମଦେବ ନାୟକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ବକ୍ତା ଭାବେ ଶ୍ରୀ ହରିସତସଙ୍ଗ୍ ସମିତିର କେନ୍ଦ୍ର ପ୍ରମୁଖ ପୀତବାସ ମହାକୁଡ ଏବଂ ଜିଲା ପ୍ରଚାର ପ୍ରମୁଖ ପ୍ରଶାନ୍ତ କୁମାର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଦେବର୍ଷି ନାରଦ ବିଶ୍ୱ କଲ୍ୟାଣ ନିମନ୍ତେ ନିଜ ଦାୟିତ୍ୱ କିଭଳି ସୂଚାର ରୂପେ ପାଳନ କରୁଥିଲେ ତାହା ସର୍ବଜନ ବିଦିତ ବୋଲି କିଛି ଉଦାହରଣ ସହ ଜିଲା ପ୍ରଚାର ପ୍ରମୁଖ ପଣ୍ଡା କହିଥିଲେ। ଦେବତା, ମାନବ ଓ ଦାନବ ହୁଅନ୍ତୁ ସେ ସମସ୍ତଙ୍କ ନିକଟରେ ପ୍ରଶଂସାର ପାତ୍ର ଥିଲେ। ଅନେକ କ୍ଷେତ୍ରରେ ସେ ସତ୍ ମାର୍ଗ ପ୍ରଦର୍ଶନକାରୀ ସାଜୁଥିଲେ ଗୋଟିଏ ସ୍ଥାନରୁ ସମ୍ବାଦ ଅନ୍ୟ ସ୍ଥାନରେ ପହଞ୍ଚାଇ ଜଗତ କଲ୍ୟାଣ ନିମନ୍ତେ ପଥସଙ୍ଗମ କରୁଥିଲେ। ଆଜିର ଅତ୍ୟାଧୁନିକ ସମୟରେ ରାଷ୍ଟ୍ରସ୍ୱାର୍ଥ ନିମିତ୍ତ ସାମ୍ବାଦିକତା ହେବା ଉଚିତ ତାହା ନାରଦଙ୍କଠାରୁ ପ୍ରେରଣା ମିଳେ, ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ମହାବୀର ରୁଦ୍ରନାରାୟଣ ସାହୁ, ପ୍ରସନ୍ନ ନାୟକ, ଶ୍ୟାମ ସୁନ୍ଦର ହାଲଦାର, ବ୍ରଜବନ୍ଧୁ ଦାସ, ପ୍ରଶାନ୍ତ ପୃଷ୍ଟି, କୃଷ୍ଣଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଜୟନ୍ତୀ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ।

# ବୈଦ୍ୟେଶ୍ୱରରୁ ଶ୍ରୀକ୍ଷେତ୍ର ଗଲା ଫାସିକାଠ

ଖୋର୍ଦ୍ଧା ଅଫିସ,୬।୫:

ଜୁନ୍ ୨୦ରେ ମହାପ୍ରଭୁଙ୍କ ଘୋଷଯାତ୍ରା। ଏଥିଲାଗି ଶ୍ରୀକ୍ଷେତ୍ର ଶ୍ରୀନଅର ନିକଟ ଅସ୍ଥାୟୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଚାଲିଛି। ରଥ ନିର୍ମାଣ ପାଇଁ ଖୋର୍ଦ୍ଧା ବନାଞ୍ଚଳ ଅନ୍ତର୍ଗତ ବାଙ୍କୀ ବୈଦ୍ୟେଶ୍ୱର ଜଙ୍ଗଲରୁ ୧୫ଟି ଫାସିକାଠ ଶ୍ରୀକ୍ଷେତ୍ରକୁ ପଠାଯାଇଛି। ଶନିବାର ପୂର୍ବାହ୍ନରେ ଫାସିକାଠକୁ ଟ୍ରକ୍‌ରେ ଭର୍ତ୍ତି କରାଯାଇଥିଲା। ପୂଜାପାଠ ପରେ ଟ୍ରକ୍‌ଟି ଶ୍ରୀକ୍ଷେତ୍ର ଅଭିମୁଖେ ବାହାରିଥିଲା। ରଥକାଠ ଯିବା ସମୟରେ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ। ନାମ ସଂକୀର୍ତ୍ତନ, ଶ୍ରୀଜଗନ୍ନାଥଙ୍କ ଜୟ ଜୟକାର ଧ୍ୱନିରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା। ଏକ ଶୋଭାଯାତ୍ରାରେ ଲୋକେ ରଥକୁ ବିଦାୟ ଦେଇଥିଲେ।




ଟ୍ରକରେ ଆସିଥିବା ଫାସି କାଠକୁ ବ୍ରାହ୍ମଣମାନେ ପୂଜା କରୁଛନ୍ତି ।

# ଶ୍ରୀମନ୍ଦିରରେ ଚାରିଦ୍ୱାର ଖୋଲିବାକୁ ଦାବି

ପୁରୀ ଅଫିସ,୬।୫

ରଥଯାତ୍ରା ଦ୍ୱିତୀୟ ସମନ୍ୱୟ ବୈଠକରେ ଭକ୍ତ ଏବଂ ସ୍ଥାନୀୟ ପୁରୀ ଲୋକଙ୍କ ପାଇଁ ଚାରିଦ୍ୱାର ଖୋଲିବା ନେଇ ଦାବି ହୋଇଥିଲା। ପୂର୍ବରୁ ଭକ୍ତ ଏବଂ ପୁରୀବାସୀ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରର ଚାରିଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ ଓ ପ୍ରସ୍ଥାନ କରୁଥିଲେ। ମାତ୍ର କୋଭିଡ୍ ସମୟରେ ପ୍ରଶାସନ ପକ୍ଷରୁ କେବଳ ଭକ୍ତଙ୍କୁ ସିଂହଦ୍ୱାର ଦେଇ ପ୍ରବେଶ କରିବା ସହ ଅନ୍ୟ ଦୁଆର ଦେଇ ପ୍ରସ୍ଥାନ କରିବାର ବ୍ୟବସ୍ଥା କରାଯାଉଥିଲା। ତେବେ ବିଭିନ୍ନ ମହଲରୁ ଦାବି ହେବା ପରେ ପୁରୀବାସୀଙ୍କ ପାଇଁ ପଶ୍ଚିମଦ୍ୱାର ଦେଇ ପ୍ରବେଶ ପାଇଁ ଅନୁମତି ମିଳିଥିଲା, କିନ୍ତୁ ପରେ ବନ୍ଦ କରିଦେଇଥିଲେ। ତେଣୁ ପୁରୀବାସୀ ମହାପ୍ରଭୁଙ୍କ ଦର୍ଶନ ପାଇଁ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରିକି ଅବଢ଼ା ଆଣିବା ପାଇଁ ଯାଇପାରୁନାହାନ୍ତି। ଫଳରେ କିଛି ଅସାଧୁ ବ୍ୟକ୍ତି ଅବଢ଼ା ଯୋଗାଇଦେବା ନାଁରେ ଅଧିକ ଟଙ୍କା ଭକ୍ତଙ୍କଠାରୁ ଶୋଷଣ କରୁଛନ୍ତି। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ଚାରିଦ୍ୱାର ଖୋଲିବା ପାଇଁ ସେବାୟତମାନେ ଦାବି କରିଛନ୍ତି।

### ମହାପ୍ରସାଦ ପାଇଁ କାଠ ଯୋଗାଇ ଦିଆଯାଉ

ମହାପ୍ରଭୁଙ୍କ ମହାପ୍ରସାଦ ପ୍ରତିଦିନ ରନ୍ଧା ହୁଏ। ସୁଆର ମହାସୁଆର ସେବକମାନେ ମହାପ୍ରସାଦ ପ୍ରସ୍ତୁତ କରନ୍ତି। ମହାପ୍ରସାଦ ଚୁଲି ଓ କାଠ ମାଧ୍ୟମରେ ପ୍ରସ୍ତୁତ କରାଯାଇଥାଏ। କାଠର ସମସ୍ୟା ଦେଖାଦେଉଥିବାରୁ ସେବକମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ମହାପ୍ରସାଦ ପାଇଁ ଆବଶ୍ୟକ କାଠ ପାଇଁ ଶ୍ରୀମନ୍ଦିର ନିକଟରେ ଏକ ଡିପୋ କରିବାକୁ ଦାବି କରିଥିଲେ। ସେହିପରି କିଛି ରିହାତି ମୂଲ୍ୟରେ କାଠ ଯୋଗାଇବାକୁ ଦାବି କରିଥିଲେ। ଯଦି ପ୍ରଶାସନ କାଠ ନ ଯୋଗାଇବ ଓ ଗ୍ୟାସ ବ୍ଯବସ୍ଥା କରିବ ତେବେ ମହାପ୍ରସାଦ ପ୍ରସ୍ତୁତ କରିବେ ନାହିଁ ବୋଲି ସେବକ ଦାବି କରିଥିଲେ।

### ତାଳବଣିଆରେ ହେବ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ

ରଥଯାତ୍ରା ପାଇଁ ସଡ଼କ ପରିବହନ ବିଭାଗ ପକ୍ଷରୁ ଅସ୍ଥାୟୀ ବସଷ୍ଟାଣ୍ଡ ନିର୍ମାଣ କରାଯିବ ବୋଲି ପରିବହନ ଅଧିକାରୀ କହିଥିଲେ। ରଥଯାତ୍ରା, ବାହୁଡ଼ା ଓ ସୁନାବେଶ ଦିନ ତାଳବଣିଆରେ ଅସ୍ଥାୟୀ ବସଷ୍ଟାଣ୍ଡ କରାଯିବ । ଟିକଟ କାଉଣ୍ଟର ଖୋଲାଯିବ। ମାଳତିପାଟପୁର ବସଷ୍ଟାଣ୍ଡରେ ଟୁରିଷ୍ଟ ଗାଡି ରହିବ। ସେହିପରି ସମସ୍ତ ଯାତ୍ରୀବାହୀ ଗାଡିରେ ରେଟ୍ ଚାର୍ଟ ଲଗାଯିବ। ୪ଜଣ ଏମ୍‌ଭିଆଇ ନିଯୁକ୍ତି ରହିବେ। ଫ୍ଲାଇଙ୍ଗ ସ୍କାଡ୍ ରହିବେ। କିନ୍ତୁ ଅନେକ ଯାତ୍ରୀବାହୀ ଗାଡି ଯାତ୍ରୀଙ୍କଠାରୁ ମନଇଚ୍ଛା ଟଙ୍କା ନେଉଥିବା ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏ ନେଇ ପଦକ୍ଷେପ ନିଆଯିବ ବୋଲି ଅଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି।

### ବୈଠକକୁ ଆସିଲେନି ଜିଲା ସ୍ୱାସ୍ଥ୍ୟ ଅଧିକାରୀ

ରଥଯାତ୍ରା ଦ୍ୱିତୀୟ ସମନ୍ୱୟ ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ(ସିଡିଏମ୍‌ଓ) ଅନୁପସ୍ଥିତ ଥିଲେ। ତାଙ୍କ ବଦଳରେ ସ୍ୱାସ୍ଥ୍ୟ ବିଭାଗ ସମ୍ପର୍କରେ ସୂଚନା ଦେଇଥିଲେ ଡା. ବିରଜା ଶଙ୍କର ରଥ। ସିଡିଏମଓଙ୍କ ଦେହ ଅସୁସ୍ଥ କାରଣରୁ ସେ ବୈଠକକୁ ଆସି ନ ଥିବା ଡା.ରଥ କହିଥିଲେ। ସୂଚନାଯୋଗ୍ୟ, ଗତ ବୈଠକରେ ପୁରୀ ମେଡିକାଲର କାର୍ଯ୍ୟକୁ ନେଇ ବିଭିନ୍ନ ମହଲରୁ ସିଡିଏମଓ ସମାଲୋଚନାର ଶିକାର ହୋଇଥିଲେ। ତେଣୁ ପୁଣି ସମାଲୋଚନା ଭୟରେ ଅସୁସ୍ଥ ଥିବା ନେଇ ସୂଚନା ଦେଇଥାଇପାରନ୍ତି ବୋଲି ବୈଠକରେ ଚର୍ଚ୍ଚା ହୋଇଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୭ ମେ ୨୦୨୩



## ସଂକ୍ଷେପରେ

### ମୌଲାନା କୈଫି ଖାନ୍ ରିମାଣ୍ଡ ଅବଧି ସରିଲା

**୫ ଏଲ୍ଆଇସି ବଣ୍ଡ, ୯୫ ସାହାରା ଇଣ୍ଡିଆ ଜମା ଅଚଳ**

- ଠକେଇ ସମ୍ପତ୍ତି ୧ କୋଟି ୧୩ ଲକ୍ଷ ୯୫ ହଜାର
- ଜବତ ସମ୍ପତ୍ତି ୯୧ ଲକ୍ଷ ୮୨ ହଜାର

**କଟକ ଅଫିସ,୬।୫:** ଘରୁ ଦୁଷ୍ଟଶକ୍ତି ବାହାର କରିବା ଓ ଗୁପ୍ତଧନ ମିଳିବା ଆଶା ଦେଖାଇ ଲକ୍ଷାଧିକ ଟଙ୍କା ଠକିଥିବା କଟକ କେଶରପୁର ଅଞ୍ଚଳର ମୌଲାନା କୈଫି ଖାନ୍‌ଙ୍କ ୪ ଦିନିଆ ରିମାଣ୍ଡ ଶନିବାର ଶେଷ ହୋଇଛି। କୈଫିଙ୍କ ନାମରେ ଥାନାରେ ୬ଟି ମାମଲା ରୁଜୁ ହୋଇଛି। ସେ ବିଭିନ୍ନ ଜିଲାର ବହୁ ଲୋକଙ୍କଠାରୁ ଠକେଇ କରିଥିବା ମୋଟ ଟଙ୍କାର ପରିମାଣ ୧ କୋଟି ୧୩ ଲକ୍ଷ ୯୫ ହଜାର। ଅପରପକ୍ଷରେ ପୋଲିସ ଜବତ କରିଥିବା ମୋଟ ସମ୍ପତ୍ତିର ମୂଲ୍ୟ ୯୧ ଲକ୍ଷ ୮୨ ହଜାର ଟଙ୍କା ବୋଲି ଆକଳନ କରାଯାଇଛି। ସେଥିମଧ୍ୟରେ ସାହାରା ଇଣ୍ଡିଆର ୯୫ଟି ଏଫ୍‌ଡି, ଆର୍‌ଡି ଆକାଉଣ୍ଟରେ ଥିବା ୨୯ ଲକ୍ଷ ୫୬ ହଜାର ଓ ୫ଟି ଏଲ୍ଆଇସି ପଲିସି ବଣ୍ଡରେ ୧୨ ଲକ୍ଷ ଟଙ୍କାକୁ ଅଚଳ କରିଦିଆଯାଇଛି। ମଙ୍ଗଳାବାଗ ପୋଲିସ ସ୍ଥାନୀୟ ଜେଏମ୍ଏଫ୍‌ସି କୋର୍ଟରେ କୈଫିଙ୍କୁ ହାଜର କରିଛି।

### ୩ ଘରୋଇ ହସ୍ପିଟାଲରେ ଚଢ଼ାଉ

**କଟକ ଅଫିସ,୬।୫ :** କଟକ ମହାନଗର ନିଗମ(ସିଏମ୍‌ସି) ଏନ୍‌ଫୋର୍ସମେଣ୍ଟ ବିଭାଗ ପକ୍ଷରୁ ୩ଟି ଘରୋଇ ହସ୍ପିଟାଲରେ ଶନିବାର ଚଢ଼ାଉ କରାଯାଇଥିଲା। ପ୍ରଥମ ମହାନଦୀ ବିହାରସ୍ଥିତ ସାବରମତୀ ହସ୍ପିଟାଲରେ ଚଢ଼ାଉ କରାଯାଇଥିଲା। ଯାଞ୍ଚବେଳେ ହସ୍ପିଟାଲ କର୍ତ୍ତୃପକ୍ଷ ୟୁଜର୍ସ ଫି' ଏବଂ ବିଭିନ୍ନ ଲାଇସେନ୍ସ ଫି' ପଇଠ କରି ନ ଥିବା ଜଣାପଡ଼ିଥିଲା। ଫଳରେ ଉକ୍ତ ହସ୍ପିଟାଲରୁ ୯ ଲକ୍ଷ ୬୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ସେହିପରି ନୂଆବଜାରସ୍ଥିତ ସାଇ ସଞ୍ଜିବନୀ ହସ୍ପିଟାଲରେ ଚଢ଼ାଉ କରାଯାଇ ୧ଲକ୍ଷ ୯୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହାପରେ ରାଣୀହାଟସ୍ଥିତ ଅଗ୍ରୱାଲ କ୍ଲିନିକ୍‌ରେ ଚଢ଼ାଉ କରାଯାଇଥିଲା। ଯାଞ୍ଚବେଳେ କ୍ଲିନିକ୍ କର୍ତ୍ତୃପକ୍ଷ ଟ୍ରେଡ୍ ଲାଇସେନ୍ସ, ପ୍ଲାନିଂ ଡକ୍ୟୁମେଣ୍ଟ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ କାଗଜପତ୍ର ଦେଖାଇପାରି ନ ଥିଲେ। ଫଳରେ ଉକ୍ତ କ୍ଲିନିକକୁ ସିଲ୍ କରାଯାଇଛି। ଆସନ୍ତା ସୋମବାର ସୁଦ୍ଧା କର୍ତ୍ତୃପକ୍ଷ ବିଭିନ୍ନ କାଗଜପତ୍ର ସିଏମ୍‌ସିରେ ଦାଖଲ ନ କଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କ୍ଲିନିକ୍ ବନ୍ଦ କରାଯିବ ବୋଲି ଏନ୍‌ଫୋର୍ସମେଣ୍ଟ ଅଧିକାରୀ ତଥା ସିଏମ୍‌ସି ଡେପୁଟି କମିଶନର ଅଜୟ ମହାନ୍ତି ସୂଚନା ଦେଇଛନ୍ତି।

### ଯୁବକଙ୍କ ମୃତଦେହ ଜବତ

**ଫୁଲନଖରା,୬।୫(ଡି.ଏନ୍.ଏ.) :** କଟକ ସଦର ଥାନା ଅନ୍ତର୍ଗତ ଗୁଆଲିସ୍ଥିତ ଏକ ଘରୁ ଜଣେ ଯୁବକଙ୍କ ଗଳିତ ମୃତଦେହକୁ ପୋଲିସ ଝୁଲନ୍ତା ଅବସ୍ଥାରେ ଶୁକ୍ରବାର ରାତିରେ ଜବତ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ବାଲୁଗାଁ ଥାନା ଅଧୀନ ଗାନ୍ଧୀ ନଗର ଅଞ୍ଚଳର ଶୁଭାଶିଷ ପ୍ରଧାନ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି। ସୂଚନା ଅନୁଯାୟୀ, ଶୁଭାଶିଷ ଏକ ଘରୋଇ ପାଥୋଲାବ୍‌ରେ ଫାର୍ମାସିଷ୍ଟ ଭାବେ କାମ କରୁଥିଲେ। ଗତ ୩ ମାସ ହେବ ସେ ଏକ ଭଡାଘରେ ଏକୁଟିଆ ରହୁଥିଲେ। ବୁଧବାରଠାରୁ ପରିବାର ଲୋକେ ତାଙ୍କ ମୋବାଇଲକୁ ଫୋନ୍ କରିଥିଲେ ମଧ ସେ ଉଠାଇ ନ ଥିଲେ।

# ସ୍ମାର୍ଟସିଟି ପ୍ରକଳ୍ପ ଅବଧି ବର୍ଷେ ବଢ଼ିଲା

- ନିର୍ଦ୍ଦେଶ ଦେଲା ନଗର ଉନ୍ନୟନ ମନ୍ତ୍ରଣାଳୟ
- ନିର୍ଦ୍ଧାରିତ ସମୟରେ କାମ ନ ସରିବାରୁ ନିଷ୍ପତ୍ତି

**ଭୁବନେଶ୍ୱର, ୬।୫ (ବ୍ୟୁରୋ)**




୨୦୧୫ରେ '୧୦୦ ସ୍ମାର୍ଟସିଟି ମିଶନ' କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ଏହି ମିଶନରେ ଓଡ଼ିଶାର ଦୁଇଟି ପ୍ରମୁଖ ସହର ଯଥା ଭୁବନେଶ୍ୱର ଏବଂ ରାଉରକେଲାକୁ ସାମିଲ କରାଯାଇ ବ୍ୟାପକ ଉନ୍ନତି କରାଯିବା ସହ ସ୍ମାର୍ଟସିଟିରେ ପରିଣତ କରିବା ପାଇଁ ବିଭିନ୍ନ ପ୍ରକଳ୍ପ, ଯୋଜନା କାର୍ଯ୍ୟକାରୀ କରାଯାଉଛି। ତେବେ ଚଳିତବର୍ଷ ମାର୍ଚ୍ଚ ସୁଦ୍ଧା ସ୍ମାର୍ଟସିଟି ପ୍ରକଳ୍ପ ଶେଷ ହେବା ନେଇ ପୂର୍ବରୁ ଧାର୍ଯ୍ୟ ହୋଇଥିବାବେଳେ ଏବେ ଏହାକୁ ଆଉ ୧ ବର୍ଷ ଅର୍ଥାତ୍ ୨୦୨୪ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏନେଇ ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ମେ' ୧ରେ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଚିଫ୍ ସେକ୍ରେଟାରି, ପ୍ରିନ୍ସିପାଲ ସେକ୍ରେଟାରି (ଅର୍ବାନ ଡେଭଲପ୍‌ମେଣ୍ଟ) ଏବଂ ୧୦୦ଟି ସ୍ମାର୍ଟସିଟିର ସିଇଓଙ୍କୁ ଚିଠି କରାଯାଇଛି। ଏଥିସହ ଚିଠିରେ ଉଲ୍ଲେଖ ରହିଛି ଯେ, ଏହି ୧ବର୍ଷ ମଧ୍ୟରେ କୌଣସି ଅତିରିକ୍ତ ମୂଲ୍ୟ ବିନା ପୂର୍ବରୁ ଅନୁମୋଦିତ ଆର୍ଥିକ ଆବଣ୍ଟନ ମଧ୍ୟରେ କାର୍ଯ୍ୟ କରାଯିବ। ଯେଉଁସବୁ ପ୍ରକଳ୍ପ ଗୁଡିକ ଚାଲୁ ରହିଛି ବା ହେବାକୁ ବାକି ଅଛି ଆସନ୍ତା ୧ ବର୍ଷ ମଧ ସେ ସବୁକୁ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସ୍ମାର୍ଟସିଟି ମିଶନକୁ ବର୍ଦ୍ଧିତ କରିବା ନେଇ ମିଶନର ନିର୍ଦ୍ଦେଶକ କୁନାଲ କୁମାର କହିଛନ୍ତି, କେତେକ ସହରରେ ନିର୍ଦ୍ଧାରିତ ସମୟରେ କାମ ବା ପ୍ରକଳ୍ପ ସରି ନ ଥିବାରୁ ଏପରି ପଦକ୍ଷେପ ନିଆଯାଇଛି। ସେହିପରି ବର୍ଦ୍ଧିତ ସମୟ ମଧ୍ୟରେ 'ମିଶନ୍ ଟୁ ମୁଭ୍‌ମେଣ୍ଟ' ଜରିଆରେ ସ୍ମାର୍ଟ ସହରଗୁଡିକର ସଫଳତାକୁ ନେଇ ଦେଶର ଅନ୍ୟ ସହରଗୁଡିକରେ ଉପଯୋଗ କରାଯିବା ନେଇ ଚେଷ୍ଟା କରାଯିବ। ଇଣ୍ଟିଗ୍ରେଟେଡ୍ କମାଣ୍ଡ ଆଣ୍ଡ୍ କଣ୍ଟ୍ରୋଲ ସେଣ୍ଟର (ଆଇସିସିସି) ପରି କ୍ଷେତ୍ରରେ ଆମର ଆଭ୍ୟନ୍ତରୀଣ ପାରଦର୍ଶିତାକୁ ଆହୁରି ସୁଦୃଢ କରିବାକୁ ଏକ ସୁଯୋଗ ପ୍ରଦାନ କରିବ। ସମସ୍ତ ସ୍ମାର୍ଟସିଟିରେ ସିଟି ଡାଟା ପଲିସି, ଷ୍ଟ୍ରିଟ୍ ଡିଜାଇନ୍ ଗାଇଡ୍‌ଲାଇନ୍ସ, ସାଇବର ସୁରକ୍ଷା ଢାଞ୍ଚା ଆଦି ଅନେକ ନୀତି ସୃଷ୍ଟି ହୋଇନାହିଁ କିମ୍ବା ସୃଷ୍ଟି ହୋଇଥିଲେ ଅନେକ ସହରରେ କାର୍ଯ୍ୟକ୍ଷମ ହୋଇନାହିଁ। ତେଣୁ ଏହି ସମୟ ବୃଦ୍ଧି ସ୍ମାର୍ଟସିଟିର ଅଧିକାରୀଙ୍କୁ ନିଜର କାର୍ଯ୍ୟଦକ୍ଷତା ବୃଦ୍ଧି ସହ ବାକି ଥିବା କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାକୁ ସୁଯୋଗ ପ୍ରଦାନ କରିବ ବୋଲି ମିଶନର ନିର୍ଦ୍ଦେଶକ କହିଛନ୍ତି। ତେବେ ସ୍ମାର୍ଟସିଟି ଗଠନ ପୂର୍ବରୁ ବିଏମ୍‌ସି ପକ୍ଷରୁ ୮୧ଟି ପ୍ରକଳ୍ପର ତାଲିକା ପ୍ରଦାନ କରାଯାଇଥିଲା। ସେଥିରୁ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ମାତ୍ର ୨୮ଟି ପ୍ରକଳ୍ପ କରିବାକୁ ଯୋଜନା କରିଥିଲା। ସେଥିମଧ୍ୟରେ ସ୍ମାର୍ଟ ଜନପଥ, ବିଏମ୍‌ସି ଆଇସିଓଏମ୍‌ସି ଟାୱାର, ବହୁତଳ କାର ପାର୍କିଂ, ସ୍ମାର୍ଟ କିଓସ୍କ, ପ୍ରୋଜେକ୍ଟ କୁଟୁମ୍ବ ଭଳି ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଥିବାବେଳେ ଅନେକ ବାକି ରହିଛି। ତେଣୁ ଆସନ୍ତା ୧ବର୍ଷ ମଧ୍ୟରେ ବାକି ପଡିଥିବା ସମସ୍ତ ଯୋଜନା କାର୍ଯ୍ୟକାରୀ କରିବାକୁ ବିଏସ୍‌ସିଏଲ୍ ଜୋର୍‌ଦାର ଉଦ୍ୟମ କରୁଥିବା ସୂଚନା ଦିଆଯାଇଛି।

## ବିଜୁ ପଟ୍ଟନାୟକ ବିମାନବନ୍ଦରରେ ୪ ମେଗାୱାଟ୍ ସୋଲାର ପାୱାରପ୍ଲାଣ୍ଟ ଉଦ୍‌ଘାଟିତ



ଉଦ୍‌ଘାଟନ ପରେ ସୋଲାର ପାୱାରପ୍ଲାଣ୍ଟକୁ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ବୁଲି ଦେଖୁଛନ୍ତି।

**ଭୁବନେଶ୍ୱର,୬।୫(ବ୍ୟୁରୋ)**

ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ୪ ମେଗାୱାଟ୍ ସୋଲାର ପାୱାରପ୍ଲାଣ୍ଟ ସ୍ଥାପନ କରାଯାଇଛି। ଶନିବାର ଏହାକୁ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଉଦ୍‌ଘାଟନ କରିଛନ୍ତି। ଏହାଦ୍ୱାରା ବିଜୁ ପଟ୍ଟନାୟକ ବିମାନବନ୍ଦର ଭାରତର ଅନ୍ୟତମ ଶତ ପ୍ରତିଶତ ସଷ୍ଟେନେବ୍‌ଲ ବିମାନବନ୍ଦର ଭାବେ ପରିଗଣିତ ହୋଇପାରିଛି। ବିମାନବନ୍ଦର ଅପରେଶନାଲ୍ ଅଞ୍ଚଳର ୧୩.୨୮ ଏକରରେ ୧୮.୭୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଗ୍ରାଉଣ୍ଡ୍ ମାଉଣ୍ଟେଡ୍ ସୋଲାର ପାୱାର ପ୍ଲାଣ୍ଟରେ ୩୮୦ ୱାଟ୍‌ର ୧୦୫୩୦ ପିଭି ମଡ୍ୟୁଲ୍ ଅନ୍ତର୍ଭୁକ୍ତ ରହିଛି। ବିମାନବନ୍ଦରର ପ୍ରାୟ ୬୦ ପ୍ରତିଶତ ବିଦ୍ୟୁତ୍ ଆବଶ୍ୟକତା ତାହାର ସୌର ଉତ୍ପାଦନ ମାଧ୍ୟମରେ ପୂରଣ କରୁଥିବାବେଳେ ୪୦ ପ୍ରତିଶତ ଆବଶ୍ୟକତାକୁ ହାଇଡ୍ରୋ ଶକ୍ତି ପରି ଅନ୍ୟ ସବୁଜ ଉତ୍ସରୁ ଉତ୍ପାଦନ କରିଥାଏ। ଏହି ବିମାନବନ୍ଦର ପ୍ରାକୃତିକ ଶକ୍ତି ଉତ୍ପାଦନ ବା ସୌରଶକ୍ତି ଉତ୍ପାଦନରେ ୨୦୨୨ ଡିସେମ୍ବରରୁ ଏପ୍ରିଲ ୨୦୨୩ ପର୍ଯ୍ୟନ୍ତ ୯୩୫୯୬୩ କିଲୋୱାଟ୍ ଆୱାର (ସୌରଶକ୍ତି ଉତ୍ପାଦନ) ବୃଦ୍ଧି ଘଟିଛି। ସେହିପରି ଗ୍ରୀଡ୍‌ରୁ ଆମଦାନୀ ହୋଇଥିବା ମୋଟ୍ ୟୁନିଟ୍ ହେଉଛି ୨୭୧୯୦୪୭kwh। ୨୦୨୩ ଏପ୍ରିଲରେ ବିମାନବନ୍ଦର ଅକ୍ଷୟ ଶକ୍ତି ଉତ୍ସର ଶତପ୍ରତିଶତ ଉପଯୋଗ ହାସଲ କରିବାରେ ସଫଳ ହୋଇଛି। ଏଥିସହ ବିଭିନ୍ନ ପଦକ୍ଷେପ ମାଧ୍ୟମରେ ଶକ୍ତି ବ୍ୟବହାର ଏବଂ କାର୍ବନ ଫୁଟ୍ ପ୍ରିଣ୍ଟରେ କ୍ରମାଗତ ହ୍ରାସ ପାଇଁ ବିମାନବନ୍ଦର ସର୍ବଦା ପ୍ରତିବଦ୍ଧ। ବିମାନ ଚଳାଚଳ ପାଇଁ ବିମାନବନ୍ଦର ପକ୍ଷରୁ ନିଆଯାଇଥିବା ଏହି ସ୍ଥାୟୀ ପଦକ୍ଷେପ ଦ୍ୱାରା କାର୍ବନ ଫୁଟ୍‌ପ୍ରିଣ୍ଟ ହ୍ରାସ ପାଇବ। ୨୦୨୦ ଜାନୁୟାରୀ ୭ରେ ଏହି ବିମାନବନ୍ଦର ଲେଭ୍‌ଲ-୨ କାର୍ବନ ରିଡକ୍ସନ ପାଇଁ ସାର୍ଟିଫିକେଟ୍ ପାଇଥିବାବେଳେ କାର୍ବନ-୩ ରିଡକ୍ସନ ପାଇଁ ସାର୍ଟିଫିକେଟ ପାଇବାକୁ ମନୋନୀତ ହୋଇଥିବା ସୂଚନା ଦିଆଯାଇଛି।



ଉତ୍କଳ ମଣ୍ଡପରେ ୨ଦିନିଆ ଲୋକ ମହୋତ୍ସବର ଶନିବାର ଉଦ୍‌ଘାଟନ ଅବସରରେ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଓ ଅନ୍ୟ ଅତିଥିମାନେ।

## ସମ୍ବଲପୁରୀ ନୃତ୍ୟରେ ରାମ୍ପ, ଆଦିବାସୀ ଅଳଙ୍କାରରେ ଫ୍ୟାଶନ ଶୋ'

**୨ଦିନିଆ ଲୋକ ମହୋତ୍ସବ ଆରମ୍ଭ**

**ଭୁବନେଶ୍ୱର,୬।୫(ବ୍ୟୁରୋ)**

କଳାଞ୍ଜଳି ଆଟିଷ୍ଟ୍ରି ଟ୍ରଷ୍ଟ ଆନୁକୂଲ୍ୟରେ ରାଜ୍ୟ ସରକାର ଓ ଇଭୋସ ବିଲ୍ଡକନ୍ ସହଯୋଗରେ ୨ଦିନିଆ ଲୋକ ମହୋତ୍ସବ ଉତ୍କଳ ମଣ୍ଡପରେ ଆରମ୍ଭ ହୋଇଛି। ସମୃଦ୍ଧ କଳାରେ ପରିପୂର୍ଣ୍ଣ ଉତ୍କଳ ଭୂମିରେ ଲୋକକଳାର ବିକାଶ ନିମନ୍ତେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଶୁକ୍ରବାର ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ମୁଖ୍ୟବକ୍ତା ଭାବେ ରାଜ୍ୟସଭା ସଦସ୍ୟ ତଥା ଅଭିନେତା ପ୍ରଶାନ୍ତ ନନ୍ଦ, ସମ୍ମାନିତ ଅତିଥି ଅଭିନେତା ଶ୍ରୀତମ ଦାସ, ହରିହର ମହାପାତ୍ର, ଇଭୋସର ପ୍ରତିଷ୍ଠାତା କଳିଙ୍ଗ କେଶରୀ ରଥ, କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢୀ, ଉଦ୍ୟୋଗୀ ସୁକୀର୍ତ୍ତି ପଟ୍ଟନାୟକ ଓ ଶୁଶ୍ରୁତ ହସ୍ପିଟାଲର ସିଇଓ ଚିଦାତ୍ମିକା ଖଟୁଆ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଆ ପାରମ୍ପରିକ ଲୋକନୃତ୍ୟ, ଗୋଟିପୁଅ ଓ ରଣପା ନୃତ୍ୟ ପରିବେଷିତ ହୋଇଥିଲା। ସେହିପରି ରାମ୍ପ ଶୋ'ରେ ସମ୍ବଲପୁରୀ ନୃତ୍ୟ ସହ ଆଦିବାସୀଙ୍କ ଅଳଙ୍କାରକୁ ନେଇ ଫ୍ୟାଶନ ଶୋ' ମନମୁଗ୍ଧକର ଥିଲା।

'ଓଡ଼ିଆ ଚଳଚ୍ଚିତ୍ରରେ ଲୋକନୃତ୍ୟ' ଉପରେ ଦ୍ୱିତୀୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ମୁଖ୍ୟବକ୍ତା ବ୍ରହ୍ମପୁର ମେୟର ସଂଘମିତ୍ରା ଦଳାଇ ଓ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ଡେପୁଟି ମେୟର ମଞ୍ଜୁଲତା କହଁର, ବ୍ରହ୍ମପୁର ଡେପୁଟି ମେୟର ଇଂ. ବିବେକ ରେଡ୍ଡୀ, ଅଭିନେତା ହରିହର ଦାଶ, ହରିହର ରଥ, ନୃତ୍ୟଶିଳ୍ପୀ ଶାଶ୍ୱତ ଯୋଶୀ, ମହାନ୍ ସଂଘର ପ୍ରତିଷ୍ଠାତା ସୁଶାନ୍ତ ସାବତ, ସାଂସ୍କୃତିକ କାର୍ଯ୍ୟକର୍ତ୍ତା ଗୁରୁପଦ ବଳିଆରସିଂହ, ଗୁରୁ ଡ. ସଂଗୀତା ଗୋସାଇଁ ଯୋଗଦେଇ ଭାରତୀୟ ଲୋକକଳା ଉପରେ ଆଲୋଚନା କରିଥିଲେ। ଟ୍ରଷ୍ଟର ପ୍ରତିଷ୍ଠାତା ରାମେଶ୍ୱରୀ ନନ୍ଦ ପରିଚାଳନା କରିବା ସହ ଲୋପ ପାଉଥିବା ଲୋକକଳାର ବିକାଶ ନିମନ୍ତେ ଟ୍ରଷ୍ଟ ପକ୍ଷରୁ ପ୍ରୟାସ ଜାରି ରହିବ ବୋଲି ମତ ପ୍ରକାଶ କରିଥିଲେ। ଟ୍ରଷ୍ଟ କୋଷାଧ୍ୟକ୍ଷ ଅର୍ଦ୍ଧେନ୍ଦୁ ଶେଖର ପାଣିଗ୍ରାହୀଙ୍କ ସହ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

## ବିଏମ୍‌ସିରେ ନିଯୁକ୍ତ ହେବେ ନୂତନ ସ୍ୱଚ୍ଛସାଥୀ

**ଭୁବନେଶ୍ୱର, ୬।୫ (ବ୍ୟୁରୋ)**

ସହରରେ ପରିମଳ ବ୍ୟବସ୍ଥାକୁ ବିଏମ୍‌ସି ପକ୍ଷରୁ ସର୍ବଦା ଗୁରୁତ୍ୱ ଦିଆଯାଉଛି। ବିଶେଷକରି ଘରୁ ନିର୍ଗତ ହେଉଥିବା ଆବର୍ଜନା ବା ବର୍ଜ୍ୟକୁ କିଭଳି ସୁବ୍ୟବସ୍ଥିତ ଢଙ୍ଗରେ ପ୍ରଦାନ କରାଯିବ ସେ ନେଇ ପ୍ରୟାସ କରାଯାଉଛି। ତେବେ ଏ କ୍ଷେତ୍ରରେ ଲୋକଙ୍କୁ ଅଧିକ ସଚେତନ କରିବା ସହ ସହରକୁ ସ୍ୱଚ୍ଛ ରଖିବା ପାଇଁ ବିଏମ୍‌ସିରେ ଅଧିକ ସଂଖ୍ୟାରେ ସ୍ୱଚ୍ଛସାଥୀ ନିୟୋଜିତ ହେବେ। ଏସ୍‌ଏଚ୍‌ଜି ମହିଳାଙ୍କୁ ସ୍ୱଚ୍ଛସାଥୀ ଭାବେ ନିୟୋଜିତ କରାଯିବା ନେଇ ବିଏମ୍‌ସି ପକ୍ଷରୁ ସୂଚନା ମିଳିଛି। ଏନେଇ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି। ଏବେ ପ୍ରତି ୱାର୍ଡରେ ୪ଜଣ ଲେଖାଏ ସ୍ୱଚ୍ଛ ସାଥୀ ଥିବାବେଳେ ଖୁବ୍‌ଶୀଘ୍ର ଆଉ ୪ଜଣ ଲେଖାଏ ସ୍ୱଚ୍ଛସାଥୀ ନିୟୋଜିତ ହେବେ। ଏମାନେ ବର୍ଜ୍ୟ ପୃଥକୀକରଣ, ପରିମଳ ବ୍ୟବସ୍ଥା ଓ ସ୍ୱଚ୍ଛତା ଉପରେ ତଦାରଖ କରିବା ସହ ୱାର୍ଡବାସିନ୍ଦାଙ୍କୁ ସଚେତନ କରିବେ। ଯେଉଁ ୱାର୍ଡରେ ଏମ୍‌ସିସି କେନ୍ଦ୍ର ନୂଆକରି ଆରମ୍ଭ ହୋଇଛି ସେଠାରେ ଅଧିକ ସଂଖ୍ୟାରେ ସ୍ୱତନ୍ତ୍ରଭାବେ ଏମାନଙ୍କ ସଂଖ୍ୟା ବୃଦ୍ଧି କରାଯିବ। ସେହିପରି ପଳାଶୁଣି ଓ ପୋଖରିପୁଟରେ ନୂଆ କରି ଏମ୍‌ସିସି କେନ୍ଦ୍ର ଖୋଲିଥିବାବେଳେ ଏହି କେନ୍ଦ୍ର ପାଇଁ ମଧ କର୍ମୀ ନିୟୋଜିତ ରହିଛନ୍ତି। ଏନେଇ ଅତିରିକ୍ତ ଆୟୁକ୍ତ ଶୁଭେନ୍ଦୁ ସାହୁ କହିଛନ୍ତି, ସହରର ପରିମଳ ବ୍ୟବସ୍ଥାକୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି। ଯେଉଁସବୁ ସ୍ଥାନରେ ଆବଶ୍ୟକତା ରହିଛି ସେଠାରେ ଅଧିକ ସଂଖ୍ୟକ କର୍ମଚାରୀଙ୍କୁ ନିଯୁକ୍ତ ଦିଆଯାଉଛି।

## ନୃତ୍ୟଶାଳାର ବାର୍ଷିକ ଉତ୍ସବ



**ଭୁବନେଶ୍ୱର,୬।୫(ବ୍ୟୁରୋ)**

ଓଡ଼ିଶୀ ନୃତ୍ୟାନୁଷ୍ଠାନ 'ନୃତ୍ୟଶାଳାର' ୨୦ତମ ବାର୍ଷିକ ଉତ୍ସବ ଶନିବାର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ରୂପେ ଛଉନୃତ୍ୟ ଗୁରୁ ସଦାଶିବ ପ୍ରଧାନ, ମଞ୍ଚନାଟ୍ୟ ବିଶାରଦ ପ୍ରଦୀପ କୁମାର ମିଶ୍ର, ଓଡ଼ିଶୀ ନୃତ୍ୟଗୁରୁ ଗଜେନ୍ଦ୍ର କୁମାର ପଣ୍ଡା, ଜ୍ୟୋତି ରାଉତ, ନୃତ୍ୟଶାଳା ନିର୍ଦ୍ଦେଶକ ଗୁରୁ ଅଶୋକ କୁମାର ଘୋଷାଲ ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶୀ ନୃତ୍ୟର ପ୍ରଚାର ପ୍ରସାର ସହିତ ନୃତ୍ୟ ପ୍ରତି ଯୁବ ପିଢ଼ିଙ୍କ ଆଗ୍ରହ ବଢ଼ାଇବା ଓ ନୃତ୍ୟ ଉପରେ ଗବେଷଣା କରିବା ପାଇଁ ଅନୁଷ୍ଠାନ ସର୍ବଦା ଚେଷ୍ଟା ଜାରି ରଖିଥିବା ସେମାନେ ମତବ୍ୟକ୍ତ କରିଥିଲେ। ପରେ ଓଡ଼ିଶୀ ନୃତ୍ୟ ମଙ୍ଗଳାଚରଣର ଶ୍ଲୋକରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଦୀପଂ ଜ୍ୟୋତି ପରଂ ବ୍ରହ୍ମ ଶ୍ଲୋକରେ ଶିଳ୍ପୀମାନେ ମଙ୍ଗଳ ପୂର୍ବକ ସ୍ତୁତିଗାନ କରିଥିଲେ। ଯାହାକୁ ନୃତ୍ୟରେ ଗୁରୁ ବନ୍ଦିତା ଘୋଷାଲ ସଜାଇଥିଲେ। ପରେ ଏକକ ନୃତ୍ୟାଭିନୟ ଶ୍ରୀତ କାମକୁଚ ମଣ୍ଡଳ ଉପସ୍ଥାପିତ ହୋଇଥିଲା। ଜୟଦେବଙ୍କ ରଚିତ ଶ୍ରୀଗୀତଗୋବିନ୍ଦର ଅଷ୍ଟପଦୀରୁ ଆନୀତ ଦଶବତାର ନୃତ୍ୟକୁ ଶିଳ୍ପୀ ବନ୍ଦିତା ଘୋଷାଲ ନୃତ୍ୟରେ ପ୍ରଦର୍ଶନ କରିଥିଲେ। ଏହା ପରେ ନୃତ୍ୟାଭିନୟରେ 'ଆହେ ନୀଳଶୈଳ...' ଦେଖିବାକୁ ମିଳିଥିଲା। ଭଗବାନ ବିଷ୍ଣୁଙ୍କ ବିଭିନ୍ନ ଲୀଳାକୁ ନୃତ୍ୟରେ ପରଷିଥିବାବେଳେ 'ଜୟ ଭଗବତୀ ସୁରଭାରତୀ...' ଶ୍ଲୋକରେ ମାତା ସ୍ୱରସ୍ୱତୀଙ୍କୁ ବନ୍ଦନା କରିଥିଲେ। ପରେ କୁନି ନୃତ୍ୟଶିଳ୍ପୀଙ୍କ ଦ୍ୱାରା ଭକ୍ତିପୂତ ନୃତ୍ୟ 'ହାଏ କୃଷ୍ଣ ହାଏ କୃଷ୍ଣ....' ଭକ୍ତି ସଂଗୀତ ଦର୍ଶକଙ୍କୁ ଆନମନା କରିଥିଲା। ଶେଷରେ ସମ୍ବଲପୁରୀ ଲୋକନୃତ୍ୟ 'ରସରକେଳି ବୋ ...' ମଞ୍ଚରେ ଭିନ୍ନ ଏକ ପରିବେଶ ସୃଷ୍ଟି କରିଥିଲା। ପ୍ରଦୀପ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଡିଏମ୍‌ଡି ପୀଡ଼ିତଙ୍କୁ ୧୦ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଘୋଷଣା

**ଭୁବନେଶ୍ୱର, ୬।୫ (ବ୍ୟୁରୋ):** ଡୁଚେନ ମସ୍କୁଲାର ଡିଷ୍ଟ୍ରୋଫି (ଡିଏମ୍‌ଡି) ରୋଗରେ ପୀଡିତ ରୋଗୀଙ୍କୁ ରାଜ୍ୟ ସରକାର ୧୦ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏନେଇ ଶନିବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସମ୍ପୃକ୍ତ ରୋଗୀଙ୍କୁ ଆର୍ଥିକ ସହାୟତା ସହିତ ଆବଶ୍ୟକସ୍ଥଳେ ଇଲେକ୍ଟ୍ରିକ୍ ହ୍ୱିଲ ଚେୟାର, ଉପଯୁକ୍ତ ଫିଜିଓଥେରାପି, ଜେନେଟିକ୍ ଟେଷ୍ଟ ଏବଂ ସୁପର ସ୍ପେସିଆଲିଟି ହସ୍ପିଟାଲରେ ଚିକିତ୍ସା ଆଦି ବ୍ୟବସ୍ଥା ଯୋଗାଇ ଦିଆଯିବ। ଆର୍ଥିକ ସହାୟତା ପାଇଁ ରୋଗୀଙ୍କ ପରିବାର ସଂପୃକ୍ତ ଜିଲା କଲେକ୍ଟରଙ୍କ ନିକଟରେ ପ୍ରତିନିଧିତ୍ୱ କରିବେ। ମୁଖ୍ୟ ଜିଲା ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ଦ୍ୱାରା ଯାଞ୍ଚ କରାଯିବା ସହ ଧାର୍ଯ୍ୟ ପ୍ରକ୍ରିୟା ପରେ ସିଏମ୍‌ଆର୍‌ଏଫ୍ ଫଣ୍ଡରୁ ଜିଲାପାଳ ସହାୟତା ମଞ୍ଜୁର କରିବେ। ଏହି ଅର୍ଥ ରୋଗୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା ହେବ।

## ରମାକାନ୍ତଙ୍କୁ ଆର୍ଥିକ ସହାୟତା

**ଭୁବନେଶ୍ୱର, ୬।୫ (ବ୍ୟୁରୋ)**

ଭଞ୍ଜକଳା ମଣ୍ଡପରେ ବିଦ୍ୟୁତ୍ ଆଘାତର ଶିକାର ହୋଇଥିବା ଇଲେକ୍ଟ୍ରିସିଆନ ରମାକାନ୍ତ ମହାନ୍ତିଙ୍କୁ ସାହାଯ୍ୟର ହାତ ବଢାଇଛି ଖଣ୍ଡଗିରି ସାମାଜିକ ଯୁବ ସଂଗଠନ। ସଙ୍ଗଠନ ପକ୍ଷରୁ ସମାଜ ମଙ୍ଗଳ ହୁଣ୍ଡିରୁ ଆଦାୟ ୫ହଜାର ୬ଶହ ଟଙ୍କା ଅର୍ଥରାଶିକୁ ରମାକାନ୍ତଙ୍କୁ ପ୍ରଦାନ କରାଯାଇଛି। ଶନିବାର ସମାଜ ମଙ୍ଗଳ ହୁଣ୍ଡିର ପ୍ରତଷ୍ଠାତା ବାପୁ ଓଝାଙ୍କ ସଭାପତିତ୍ୱରେ ସୂଚନା ଭବନ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଅତିଥି ଭାବେ କଳ୍ପନା ସଂଘ ସଭାପତି ଧୀରେନ ରାଉତରାୟ, ଫଟୋ ସାମ୍ବାଦିକ ମନୋରଞ୍ଜନ ମିଶ୍ର, ଲକ୍ଷ୍ମୀକାନ୍ତ ଦାସ, ଖବରଦାତା ଅତୁଲ୍ୟ କୁମାର ରାଉତ, ସତ୍ୟ ସେଣ, ସତ୍ୟଜିତ ମହାପାତ୍ର, ବିକାଶ ବେହେରା, ଅଭିନେତା ହରିହର ଦେଓ, ବଂଶୀ ବାଦକ ପ୍ରମୋଦ କୁମାର ପତି, ରକ୍ତଦାତା ତନ୍ମୟ ସାମନ୍ତରାୟ, ସଞ୍ଜୟ ବେହେରା ପ୍ରମୁଖ ଯୋଗଦେଇଥିଲେ। ନିର୍ଲିପ୍ତା ରାଉତ ଏହି ହୁଣ୍ଡି ନିଜ ଘରେ ରଖି ସେଥିରୁ ଟଙ୍କା ପକାଇ ହୁଣ୍ଡି ପୂର୍ଣ୍ଣ କରିଥିଲେ। ହୁଣ୍ଡିରୁ ଆଦାୟ ଅର୍ଥ ରମାକାନ୍ତଙ୍କୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଗଠନ ସଭାପତି ଆୟୋଜନ କରିଥିବାବେଳେ ସୁରଜ ଆଚାର୍ଯ୍ୟ, ପ୍ରଭାତ ସ୍ୱାଇଁ, ଭୁବନାନନ୍ଦ ସାମନ୍ତ, ସିପୁ ବଳିଆ ସହଯୋଗ କରିଥିଲେ।




ଖଣ୍ଡଗିରି ସାମାଜିକ ଯୁବ ସଂଗଠନ ପକ୍ଷରୁ ବିଦ୍ୟୁତ୍ ଆଘାତର ଶିକାର ହୋଇଥିବା ଇଲେକ୍ଟ୍ରିସିଆନ ରମାକାନ୍ତ ମହାନ୍ତିଙ୍କୁ ସହାୟତା ଦିଆଯାଉଛି।

## କାର୍ଯ୍ୟକ୍ଷେତ୍ରରେ ଅନ୍ତର୍ଭୁକ୍ତୀକରଣ ଉପରେ ଗୁରୁତ୍ୱ

**ଏଚ୍‌ଆର୍ କନ୍‌କ୍ଲେଭ୍ 'ଆଇକେଏଆଇ'**

**ଭୁବନେଶ୍ୱର,୬।୫(ବ୍ୟୁରୋ)**

ପରିବର୍ତ୍ତିତ ଦୁନିଆରେ ବ୍ୟବସାୟଗୁଡ଼ିକୁ ପ୍ରାସଙ୍ଗିକ ରହିବା ପାଇଁ ନୂତନ ମାନବସମ୍ବଳ ଧାରା ସହ ଜଡିତ ହେବାକୁ ପଡିବ। ଏହି ଉଦ୍ଦେଶ୍ୟକୁ ହାସଲ କରିବା ପାଇଁ ବିଭିନ୍ନ କ୍ଷେତ୍ରର ସଂଗଠନଗୁଡିକ କାର୍ଯ୍ୟକ୍ଷେତ୍ରରେ ଅନ୍ତର୍ଭୁକ୍ତୀକରଣ ଉପରେ ଗୁରୁତ୍ୱ ଦେବା ଉଚିତ। ଡାଇଭର୍ସିଅସ୍ ଓ ପିଏନ୍‌ଭି ଫାଉଣ୍ଡେଶନ ପକ୍ଷରୁ ଶନିବାର ସ୍ଥାନୀୟ ଏକ ହୋଟେଲରେ ଏଚ୍‌ଆର୍ କନକ୍ଲେଭ 'ଆଇକେଏଆଇ'ରେ ଯୋଗ ଦେଇଥିବା ବିଶେଷଜ୍ଞ ଓ ବକ୍ତାମାନେ ଏହା କହିଛନ୍ତି। ଏଥିସହ କର୍ପୋରେଟ୍ ଦୁନିଆକୁ ଅଧିକ ଅନ୍ତର୍ଭୁକ୍ତୀକରଣ କରିବା ପାଇଁ କାର୍ଯ୍ୟକ୍ଷେତ୍ରରେ ବିବିଧତାର ଆହ୍ୱାନ ଦେଇଛନ୍ତି। ଡାଇଭର୍ସିଅସ୍‌ର ପ୍ରତିଷ୍ଠାତା ଅର୍ଚ୍ଚନା ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଆକ୍ସିସ ଟ୍ରଷ୍ଟି ସର୍ଭିସେସ୍‌ର ଏମଡି ଦୀପା ରଥ, ସମ୍ମାନିତ ଅତିଥି ସମିଟ୍ ଡିଜିଟାଲର ସିଏଚ୍‌ଆର୍‌ଓ ରେଣୁକା ଗୌଡ, ପ୍ରିଲ୍ୟୁଡ୍ ନୋବେଲ ଭେଞ୍ଚର୍ସର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ସତ୍ୟବ୍ରତ ସାନୁ ରଥ ପ୍ରମୁଖ ଯୋଗ ଦେଇଥିଲେ। ଏହି କନ୍‌କ୍ଲେଭରେ ୧୦୦ରୁ ଅଧିକ ଏଚ୍‌ଆର୍‌ଙ୍କ ପାଇଁ ଏକତ୍ରିତ ହେବା ଓ ପରସ୍ପରଠାରୁ ଶିଖିବା ଏବଂ ସାଂଗଠନିକ ଲକ୍ଷ୍ୟକୁ ଆଗକୁ ବଢାଇବା ପାଇଁ ନୂଆ ବିଚାରଧାରା, ରଣନୀତିଗୁଡିକ ସହ ଫେରିବା ପାଇଁ ଏକ ଅତୁଳନୀୟ ସୁଯୋଗ ସୃଷ୍ଟି କରିଥିଲା।




ଏଚ୍‌ଆର୍ କନ୍‌କ୍ଲେଭ୍ 'ଆଇକେଏଆଇ'ରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।



ଶ୍ୟାମ୍ ଷ୍ଟିଲ୍ ପକ୍ଷରୁ ନିକଟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଏ ମିଟ୍ ଆଣ୍ଡ ଗ୍ରୀଟ୍ ସେସନ'ର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଟାଟା ଆଇପିଏଲ୍ ୨୩ର ଅନ୍ୟତମ ପ୍ରମୁଖ ଦଳ ଲକ୍ଷ୍ନୌ ସୁପରଜାଏଣ୍ଟସ ରବି ବିଷ୍ଣୋଇ, କାଏଲ ମେୟର୍ସ, କୃନାଲ ପାଣ୍ଡ୍ୟା ଏବଂ ଆଭେଶ ଖାନ୍ ପ୍ରମୁଖ ଯୋଗଦେଇ ଉଭୟ ଶ୍ୟାମ୍ ଷ୍ଟିଲ୍ ଓ କମ୍ପାନୀ ଚ୍ୟାନେଲ ପାର୍ଟନରମାନଙ୍କ ସହ ଭାବ ବିନିମୟ କରୁଛନ୍ତି।

# ନାଏକାର ପିଙ୍କ୍ ସମର ସେଲ୍

ନୂଆଦିଲ୍ଲୀ,୬।୫

ଦେଶର ପ୍ରମୁଖ ଅନ୍‌ଲାଇନ ମଲ୍ଟି ବ୍ରାଣ୍ଡ ନାଏକା ଫ୍ୟାଶନ ପକ୍ଷରୁ ପ୍ରଥମ ଥର ପାଇଁ ଏକ ଅଭିନବ ସେଲ୍ 'ପିଙ୍କ୍ ସମର ସେଲ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଏହି ସେଲ୍ ଜରିଆରେ ଗ୍ରାହକମାନେ ୫ ଲକ୍ଷରୁ ଅଧିକ ଷ୍ଟାଇଲ୍ ଓ ୨୫୦୦ରୁ ଅଧିକ ଷ୍ଟାଇଲିଶ ବ୍ରାଣ୍ଡ ମଧ୍ୟରୁ ପସନ୍ଦର ଜିନିଷ ଚୟନ କରିବା ସହ ୮୦% ପର୍ଯ୍ୟନ୍ତ ରିହାତି ମଧ୍ୟ ପାଇପାରିବେ। ଏପରିକି ପ୍ରଥମ ଥର ଶପିଙ୍ଗ୍ କରୁଥିବା ଗ୍ରାହକମାନଙ୍କୁ ୨୦୦ ଟଙ୍କାର ରିହାତି ମିଳିବ। ସେହିଭଳି ଗ୍ରାହକମାନଙ୍କ ଲାଗି ସକାଳ ୯ ଟାରେ ମେଗା ମର୍ଣ୍ଣିଂ ଅଫର, ଅପରାହ୍ନ ୧ଟାରେ ମିଡ୍-ଡେ ପ୍ରାଇସ୍ ଡ୍ରପ୍ ଏବଂ ସନ୍ଧ୍ୟା ୬ଟାରେ ଲାଇଟ୍‌ନିଂ ପ୍ଲସ୍ ଡିଲ୍ ଓ ରାତି ୧୦ଟାରେ ମିଡ୍‌ନାଇଟ୍ ବୋନାଞ୍ଜା ଅଫରର ସୁବିଧା ଦିଆଯାଉଛି। ଏହି ସେଲ୍‌ରେ ପୋଷାକ, ଫୁଟ୍‌ଓ୍ୱାର, ଆସେସୋରିଜ, ଲ୍ୟୁକ୍ସ, ପ୍ରଯୁକ୍ତି ଆଦିରେ ପ୍ରମୁଖ ବ୍ରାଣ୍ଡ ଅନ୍ତର୍ଭୁକ୍ତ ରହିଛି। ସେହିପରି ବ୍ରାଣ୍ଡର ଗ୍ଲୋବାଲ ଷ୍ଟୋରରୁ ମହିଳା, ପୁରୁଷ ଓ ଶିଶୁଙ୍କ ପାଇଁ ବ୍ୟାପକ ଜିନିଷ କିଣିହେବ।

# ଲରେନ୍ସ ଆଣ୍ଡ ମାୟୋ ପକ୍ଷରୁ ସନ୍‌ଗ୍ଲାସ୍ ମେଳା

ଭୁବନେଶ୍ୱର,୬।୫

ଦେଶର ପ୍ରମୁଖ ଅପ୍ଟିକାଲ ବ୍ରାଣ୍ଡ 'ଲରେନ୍ସ ଆଣ୍ଡ ମାୟୋ' ପକ୍ଷରୁ ସନ୍‌ଗ୍ଲାସ୍ ମେଳାର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ମେଳା ୨୦୨୩ ମେ ୩୧ ପର୍ଯ୍ୟନ୍ତ ଜାରି ରହିବ ବୋଲି ବ୍ରାଣ୍ଡ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଲରେନ୍ସ ଆଣ୍ଡ ମାୟୋର ସମସ୍ତ ଷ୍ଟୋରରେ ଏହି ମେଳା ଜାରି ରହିଛି। ବିଶେଷକରି 'ଲରେନ୍ସ ଆଣ୍ଡ ମାୟୋ'ର ଏକ୍ସକ୍ଲୁସିଭ ଷ୍ଟୋରଗୁଡ଼ିକରେ ଏହି ମେଳାର ଆୟୋଜନ କରାଯାଇଛି। ସେହିଭଳି ବ୍ରାଣ୍ଡର ଭୁବନେଶ୍ୱର ଷ୍ଟୋର ଉଭୟ ବାଣୀବିହାର ଛକ ନିକଟସ୍ଥ ମେଟ୍ରୋ ହାଉସ ଏବଂ ଆମ୍ରି ହସ୍ପିଟାଲଠାରେ ଥିବା ଷ୍ଟୋରରେ ମଧ୍ୟ ସନ୍‌ଗ୍ଲାସ୍ ମେଳା ଜାରି ରହିଛି। ଏ ସମ୍ପର୍କରେ ବ୍ରାଣ୍ଡର ନିର୍ଦ୍ଦେଶକ ଅମିତାଭ ମେଣ୍ଡୋଜା କହିଥିଲେ, ଚଳିତ ବର୍ଷର ଗ୍ରୀଷ୍ମଋତୁ ଓ ଯୁବବର୍ଗଙ୍କ ଚାହିଦା ମୁତାବକ ବିଭିନ୍ନ ବ୍ରାଣ୍ଡର ସନ୍‌ଗ୍ଲାସ୍ ଓ ସ୍ମାର୍ଟ ଏବଂ ଡିଜାଇନ ଗ୍ଲାସ୍ ଆଦି ଉକ୍ତ ମେଳା ଜରିଆରେ ଉପଲବ୍ଧ କରାଉଛୁ। ସେହିଭଳି ବ୍ରାଣ୍ଡର ରିଟେଲ ହେଡ୍ ଇଣ୍ଡିଆ ଶୁବ୍ରମଣ୍ୟମ ହେଗେଡ୍ କହିଛନ୍ତି,




ବର୍ତ୍ତମାନ ସମୟର ଚାହିଦା ଓ ଗ୍ରାହକଙ୍କ ଆବଶ୍ୟକତାକୁ ନଜରରେ ରଖି ଏଭଳି ଏକ ମେଳାର ଆୟୋଜନ କରାଯାଇଛି। ସେହିଭଳି ବ୍ରାଣ୍ଡର ଭୁବନେଶ୍ୱର ଷ୍ଟୋର ଦ୍ୱୟରେ କାରେରା, ରେବେନ୍, ଟମି ହିଲ୍‌ଫିଗର, ସିଲୁଏଟ୍, ଭୋଗ୍, ଏମ୍ପୋରିଓ ଅରମାନି, ଓକଲି, ଏଲେ, ବୁର୍ବେରି, ମଣ୍ଟ ବ୍ଲାନ୍କ ଭଳି ୫୦ରୁ ଅଧିକ ବ୍ରାଣ୍ଡର ଡିଜାଇନ ଚଷମା ଉପଲବ୍ଧ। ଉଲ୍ଲେଖଯୋଗ୍ୟ, ବ୍ରାଣ୍ଡର ୨ୟ ଏକ୍ସକ୍ଲୁସିଭ ଷ୍ଟୋର ନିକଟରେ ବାଣୀବିହାର ଛକ ନିକଟସ୍ଥ ମେଟ୍ରୋ ହାଉସଠାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି।

# ଗୋଲ୍ଡ କଏନ ଜିତିଲେ ଘଡ଼ି ଗ୍ରାହକ

ନୂଆଦିଲ୍ଲୀ,୬।୫

ଦେଶର ପ୍ରମୁଖ ଘରୋଇ ଡିଟରଜେଣ୍ଟ ଉତ୍ପାଦକ ଘଡ଼ି ପକ୍ଷରୁ ଆକର୍ଷଣୀୟ ଅଫର ' ଘଡ଼ି ମେ ସୁନା' ସମ୍ପର୍କରେ ଘୋଷଣା କରାଯାଇଛି। ଉକ୍ତ ଅଫର ଜରିଆରେ ଏକ ଗୋଲ୍ଡ କଏନ ଘଡ଼ି ଗ୍ରାହକ ଜିତିଛନ୍ତି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ମକନପୁର ନିବାସୀ ଆଲୋକ ଗୁପ୍ତା କମ୍ପାନୀର ଉକ୍ତ ଅଫର ଜରିଆରେ ବିଜେତା ହେବାର ସୌଭାଗ୍ୟ ଲାଭ କରିଛନ୍ତି । ସେହିଭଳି ଉକ୍ତ ଅଫର ଜରିଆରେ ମଧ୍ୟ ଘଡ଼ି କେକ୍ ଓ ପେଟି ମଧ୍ୟରେ ଦିଆଯାଇଥିବା କୁପନ ସ୍କାନ୍ କରି ୨୦ ରୁ ୫୦୦ ଟଙ୍କା ଯାଏ ନଗଦ ରାଶି ଜିତିହେବ। ଏପରିକି ଗୁପ୍ତାଙ୍କ ଭଳି ସୁନା କଏନ ମଧ୍ୟ ଗ୍ରାହକ ଜିତିବାର ସୌଭାଗ୍ୟ ପାଇବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଗୁପ୍ତା ବିତରକଙ୍କୁ ସ୍କାନ୍ ହୋଇଥିବା



କୁପନ ଦେଖାଇ ଏହି କଏନ ନେଇଛନ୍ତି। ଏହି କୁପନ ଦେଖି ପ୍ରେମ ନାରାୟଣ କହିଛନ୍ତି, ଷ୍ଟୋରରେ ଘଡ଼ି ଭଳି କେବଳ ସର୍ବୋତ୍ତମ ଉତ୍ପାଦ ପ୍ରଦାନ ଉପରେ ବିଶ୍ୱାସ ରଖିଛୁ । ଷ୍ଟୋର ମାଲିକ ହେବା ସହ ଘଡ଼ିର ଉପଭୋକ୍ତା ହିସାବରେ ମଧ୍ୟ ପାୱାର କ୍ଲିନିଂ ଫର୍ମୁଲାର ଲାଭ ସମ୍ପର୍କରେ ମଧ୍ୟ ସେ ଗୁରୁତ୍ୱାରୋପ କରିଛନ୍ତି।

# 'ଦିବ୍ୟ ୱେଟ୍-ଗୋ'ରୁ ମୋଟାପଣ ମୁକ୍ତି ସମ୍ଭବ

ନୂଆଦିଲ୍ଲୀ,୬।୫

ବର୍ତ୍ତମାନ ସମୟରେ ମୋଟାପଣ ଏକ ବଡ଼ ସମସ୍ୟା ଭାବେ ସମାଜରେ ଉଭା ହୋଇଛି। ଉଲ୍ଲେଖଯୋଗ୍ୟ, ମୋଟା ହେବା ସହଜ କିନ୍ତୁ ତାହାକୁ କମାଇବା ଅତ୍ୟନ୍ତ କଠିନ ବ୍ୟାପାର। ଏପରିକି ମୋଟାପଣରୁ ମୁକ୍ତି ପାଇଁ ଆଚାର୍ଯ୍ୟ ବାଲକ୍ରିଷ୍ଣାଙ୍କ ନେତୃତ୍ୱରେ ପତଞ୍ଜଳି ଅନୁସନ୍ଧାନ ସଂସ୍ଥାନର ବୈଜ୍ଞାନିକମାନେ କଠିନ ପରିଶ୍ରମକରି ଏକ ମୂଲ୍ୟବାନ୍ ଆୟୁର୍ବେଦ ଔଷଧ 'ଦିବ୍ୟ ୱେଟ୍-ଗୋ' ନାମକ ଔଷଧ ପ୍ରସ୍ତୁତ କରିଛନ୍ତି। ଏହି ଔଷଧ ସମ୍ପୂର୍ଣ୍ଣ ଭାବେ ବୈଜ୍ଞାନିକ ମାନଦଣ୍ଡ ଅନୁଯାୟୀ ପ୍ରସ୍ତୁତି ହୋଇଥିବା ବେଳେ ନାନା ପରୀକ୍ଷା ନିରୀକ୍ଷା ମଧ୍ୟ କରାଯାଇଛି। ସେହିଭଳି ପତଞ୍ଜଳିର ଏହି ଗବେଷଣାଭିତ୍ତିକ ଔଷଧ ବିଶେଷକରି ମେଦବହୁଳତା ସମସ୍ୟାର ସାମ୍ନା କରୁଥିବା ଲୋକଙ୍କ ପାଇଁ ବରଦାନ ସଦୃଶ ବୋଲି ପତଞ୍ଜଳି

PATANJALI®
Prakriti ka Aashirwad

ଅନୁସନ୍ଧାନ ସଂସ୍ଥାନ ପକ୍ଷରୁ କୁହାଯାଇଛି।

ଏ ସମ୍ପର୍କରେ ପତଞ୍ଜଳି ଅନୁସନ୍ଧାନ ସଂସ୍ଥାନର ପ୍ରମୁଖ ଆଚାର୍ଯ୍ୟ ବାଲକ୍ରିଷ୍ଣା କହିଛନ୍ତି, ପ୍ରତିଦିନ ବ୍ୟାୟାମ ସହିତ 'ଦିବ୍ୟ ୱେଟ୍-ଗୋ'କୁ ସେବନକଲେ ବ୍ୟକ୍ତିଙ୍କର ମୋଟାପଣ ଅତିଶୀଘ୍ର କମିଥାଏ। ଶରୀର ଉପରେ ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟ ପଡ଼ି ନ ଥାଏ। ସେହିଭଳି ଜଣେ ବ୍ୟକ୍ତି ବିନା ବ୍ୟାୟାମରେ ମଧ୍ୟ 'ଦିବ୍ୟ ୱେଟ୍-ଗୋ' ନେଇପାରିବେ। ସେଥିରେ ମଧ୍ୟ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ଉକ୍ତ ଔଷଧର ସେବନ ଠିକ୍ ଭାବେ କଲେ ବ୍ୟକ୍ତିର ଓଜନ କମିଥାଏ। ଅପରପକ୍ଷରେ ଉକ୍ତ ଔଷଧ ସେବନ ଫଳରେ ଓଜନ କମ୍ ହେବା ସହ କୋଲେଷ୍ଟରଲ, ଗ୍ଲୁକୋଜ, ସେନ୍‌ସିଟିଭିଟି ମଧ୍ୟ କମ୍ ହୋଇ ଇନ୍‌ସୁଲିନ୍ ରେଜିଷ୍ଟାନ୍ସ ବି ଠିକ୍ ହୋଇଯାଇଥାଏ। ଏହି ଅନୁସନ୍ଧାନ ଆମେରିକାର ବିଶ୍ୱ ପ୍ରସିଦ୍ଧ ରିସର୍ଚ୍ଚ ଜର୍ନାଲ 'ବାୟୋମେଡିସିନ୍ ଆଣ୍ଡ ଫାର୍ମାକୋଥେରାପି'ରେ ମଧ୍ୟ ପ୍ରକାଶିତ ହୋଇଥିବା ବାଲକ୍ରିଷ୍ଣା ମତପ୍ରକାଶ କରିଛନ୍ତି।

# ଅନ୍‌ଏକାଡେମିରେ ଯୋଗଦେଲେ ଅଭେଦ

ନୂଆଦିଲ୍ଲୀ,୬।୫

ଦେଶର ସର୍ବବୃହତ୍ ଲର୍ନି ପ୍ଲାଟ୍‌ଫର୍ମ ଅନ୍‌ଏକାଡେମିରେ ବରିଷ୍ଠ ଏବଂ ଅଭିଜ୍ଞ ୟୁପିଏସ୍‌ସି ଶିକ୍ଷାବିତ୍ ଅଭାଦ୍ ଓଝା ନିକଟରେ ଉପସଭାପତି ୟୁପିଏସ୍‌ସି ପରୀକ୍ଷା ଭାବେ ପ୍ଲାଟ୍‌ଫର୍ମରେ ଯୋଗଦେଇଛନ୍ତି। ଏପରିକି ନୂଆଦିଲ୍ଲୀର ଅନ୍‌ଏକାଡେମି ସେଣ୍ଟରଠାରେ ଅଭାଦ୍ ୟୁପିଏସ୍‌ସି ପାଇଁ ଶିକ୍ଷାଦାନ କରିବେ। ବିଶେଷକରି ଅନ୍‌ଲାଇନ କ୍ଲାସ୍‌ରେ ତାଙ୍କର କ୍ଲାସ୍ ମଧ୍ୟ ଲାଇଭ୍ ହେବ ବୋଲି ପ୍ଲାଟ୍‌ଫର୍ମ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ସେ ଅନ୍‌ଏକାଡେମି କେନ୍ଦ୍ର ଏବଂ ଅନ୍‌ଲାଇନ ଅନ୍‌ଏକାଡେମି ପ୍ଲାଟ୍‌ଫର୍ମରେ ୟୁପିଏସ୍‌ସି ଶିକ୍ଷାର୍ଥୀମାନଙ୍କୁ ଇତିହାସ ବିଷୟରେ ଶିକ୍ଷାଦାନ କରିବେ।

ଏ ସମ୍ପର୍କରେ ଅନ୍‌ଏକାଡେମିର ସିଓଓ ବିବେକ ସିହ୍ନା କହିଛନ୍ତି, ପ୍ରାୟ ୨ ଦଶନ୍ଧି ଧରି ଚାଲିଥିବା ଏକ ଏକାଡେମିକ୍ ଅଭିଜ୍ଞତା ସହ ଅଭାଦ୍ ୟୁପିଏସ୍‌ସି ଶିକ୍ଷାର୍ଥୀମାନଙ୍କୁ ତାଙ୍କର ଅଭିଜ୍ଞତା ଓ ପ୍ରତିଷ୍ଠିତ ପଦ୍ଧତି ଦ୍ୱାରା ଶିକ୍ଷା ପ୍ରଦାନ କରିବେ। ସେହିଭଳି ଅଭାଦ୍ କହିଥିଲେ, ଯେତେବେଳେ ପ୍ରତିଯୋଗିତା ଏହାର ସାମର୍ଥ୍ୟକୁ ପରୀକ୍ଷା କରିବା ପାଇଁ ଚେଷ୍ଟା କରିଥାଏ ସେତେବେଳେ ଶିକ୍ଷା ମନକୁ ମନ ଜାଗ୍ରତ ହୋଇଥାଏ। ମୁଁ ଆଶାକରେ ଉଭୟ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ସେହି ଆଶା ବୃଦ୍ଧି କରିବାକୁ ମୁଁ ସମର୍ଥ ହେବି। ସୂଚନାଯୋଗ୍ୟ, ଅଭାଦ୍ ଓଝା ୫,୦୦,୦୦୦ ରୁ ଅଧିକ ୟୁପିଏସ୍‌ସି ଆଶାୟୀଙ୍କୁ ପରାମର୍ଶ ଦେଇଛନ୍ତି ଏବଂ ଶହ ଶହ ଆଶାୟୀଙ୍କୁ ୟୁପିଏସ୍‌ସି ପରୀକ୍ଷା ପାଇଁ ପ୍ରସ୍ତୁତ କରିଛନ୍ତି। ଇତିହାସ ପ୍ରତି ତାଙ୍କର ଗଭୀର ଆଗ୍ରହ ତାଙ୍କୁ ସମସ୍ତ ସ୍ତରର ଶିକ୍ଷାର୍ଥୀମାନଙ୍କ ସହିତ ନିଜର ଜ୍ଞାନ ବାଣ୍ଟିବାକୁ ଉତ୍ସାହିତ କରିଛି। ଉଲ୍ଲେଖଯୋଗ୍ୟ, ଅଭାଦ୍‌ଙ୍କ ଦ୍ୱାରା ପରିଚାଳିତ ବ୍ୟାଚ୍ ମେ' ୧୫ରୁ ଅନ୍‌ଏକାଡେମି କେନ୍ଦ୍ରେ ଏବଂ ଅନ୍‌ଲାଇନ ପ୍ଲାଟ୍‌ଫର୍ମ (ଅନ୍‌ଏକାଡେମି ଆପ୍ ଏବଂ ୱେବ୍‌ସାଇଟ୍) ରେ ଆରମ୍ଭ ହେବ।

## ଫୁରସତ୍

# ୨୫୪ ଦେଶର ପତାକା ଚିହ୍ନି ୱାର୍ଲ୍ଡ ରେକର୍ଡ

କୁଆଲାଲମ୍ପୁର

କୌଣସି ଦେଶ ପାଇଁ ତା' ରାଷ୍ଟ୍ରୀୟ ପତାକା ସବୁଠୁ ମୂଲ୍ୟବାନ ହୋଇଥାଏ, ଯାହା ଦ୍ୱାରା ସେ ପୂରା ବିଶ୍ୱରେ ପରିଚିତ ହୋଇଥାଏ। ଲୋକେ ସବୁ ସ୍ଥାନରେ ନିଜ ଦେଶର ପତାକାକୁ ଆଗରେ ଦେଖିବାକୁ ପସନ୍ଦ କରିବା ସହ ତାକୁ ସହଜରେ ଚିହ୍ନି ଦିଅନ୍ତି। ଏହାଛଡ଼ା କିଛି ଦେଶ ରହିଛି, ଯାହାର ପତାକା ଲୋକଙ୍କୁ ଜଣାଥିବ। ହେଲେ ମାଲେସିଆର ପେନାଙ୍ଗର ଜଣେ ୮ ବର୍ଷର ଝିଅ, ଯିଏକି ନିଜ ମୁଖରେ ପୂରା ବିଶ୍ୱରେ ଥିବା ସମସ୍ତ ଦେଶର ପତାକା ବାବଦରେ ସବିଶେଷ ଜ୍ଞାନ ରହିଛି। ସେ ନିକଟରେ ୨୫୦ରୁ ଅଧିକ ଦେଶର ପତାକାକୁ ଚିହ୍ନି ୱାର୍ଲ୍ଡ ରେକର୍ଡ




କରିଛନ୍ତି। ତାହା ପୁଣି ବହୁତ କମ୍ ସମୟରେ। ଅମ୍ରିଥା ମତିୱାନାନ୍ ୨୫୪ ଦେଶର ପତାକାକୁ ୪ ମିନିଟ୍ ୨୧ ସେକେଣ୍ଡରେ ଚିହ୍ନଟ କରି ୱାର୍ଲ୍ଡ ରେକର୍ଡ କରିଛନ୍ତି। ଏହି ରେକର୍ଡକୁ କଲାମ ୱାର୍ଲ୍ଡ ରେକର୍ଡରେ ସାମିଲ କରାଯାଇଛି। ଏହାଛଡ଼ା କାନାଡାର କିଡ୍‌ସ ୱାର୍ଲ୍ଡ ରେକର୍ଡ୍ସ, ଇଣ୍ଟରନ୍ୟାଶନାଲ ବୁକ୍‌ସ ଅଫ୍ ରେକର୍ଡ୍ସ, ଜ୍ୟାକି ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ୍ସ ଆଦି ୩ ଅର୍ଗାନାଇଜେଶନରୁ ମଧ୍ୟ ତାଙ୍କୁ ସାର୍ଟିଫିକେଟ୍ ମିଳିଛି। ତାଙ୍କ ମା' କହିଛନ୍ତି, ଅମ୍ରିଥାଙ୍କୁ ଆଗରୁ ପତାକା ବିଷୟରେ ସେପରି କିଛି ଆଗ୍ରହ ନ ଥିଲା। ମାର୍ଚ୍ଚ ମାସରେ ସ୍କୁଲ ଛୁଟି ସମୟରେ ତାଙ୍କର ପତାକା ପ୍ରତି ଆଗ୍ରହ ବଢ଼ିଥିଲା। ସେ ସମସ୍ତ ଦେଶର ପତାକା ବିଷୟରେ ଜାଣିବାକୁ ଆରମ୍ଭ କଲେ ଏବଂ ଏପ୍ରିଲ ଶେଷ ଆଡ଼କୁ ୱାର୍ଲ୍ଡ ରେକର୍ଡ କଲେ। ଏବେ ଅମ୍ରିଥାଙ୍କୁ ଆହୁରି ଅନେକ ରେକର୍ଡ କରିବାକୁ ବାକି ଅଛି ବୋଲି ତାଙ୍କ ମା' କହିଛନ୍ତି।

# ସାମନ୍ଥାଙ୍କୁ ପ୍ରଶଂସା କଲେ ନାଗା

ମୁମ୍ବାଇ

ଅଭିନେତ୍ରୀ ସାମନ୍ଥା ରୁଥ ପ୍ରଭୁ ଏବଂ ନାଗା ଚୈତନ୍ୟ ସାଉଥ୍ ଫିଲ୍ମ ଇଣ୍ଡଷ୍ଟ୍ରିରେ ପପୁଲାର କପଲ୍ ଭାବେ ପରିଚିତ। ହେଲେ ଦୁହେଁ ଅଲଗା ହେବା ପରେ ଏବେ ଉଭୟ ସେମାନଙ୍କ କ୍ୟାରିୟରକୁ ନେଇ ବ୍ୟସ୍ତ ରହୁଛନ୍ତି। ତେବେ ନିକଟରେ ନାଗା ଏକ ସାକ୍ଷାତକାରରେ ସାମନ୍ଥାଙ୍କ ପ୍ରଶଂସା କରିଥିବା ଦେଖିବାକୁ ମିଳିଛି। ସେ କହିଛନ୍ତି, ସାମନ୍ଥା ଜଣେ ଭଲ ଏବଂ ସୁନ୍ଦର ମଣିଷ। ସେ ସମସ୍ତ ଖୁସି ପାଇବାକୁ ହକଦାର। ତେବେ ଦୁହିଁଙ୍କ ପ୍ରେମ ୨୦୧୦ରେ ଗୌତମ ବାସୁଦେବ ମେନନଙ୍କ ଫିଲ୍ମ 'ମାୟା ଚେସାବେ' ସମୟରୁ ଆରମ୍ଭ ହୋଇଥିଲା। ପରେ ସମ୍ପର୍କରେ ଫାଟ ସୃଷ୍ଟି ହୋଇ ୨୦୨୧ରେ ସେମାନେ ଅଲଗା ହୋଇଯାଇଥିଲେ। ନାଗା ଏବେ ତାଙ୍କ ସାଉଥ୍ ଫିଲ୍ମକୁ ନେଇ ବ୍ୟସ୍ତ ଥିବାବେଳେ ସାମନ୍ଥା ବଲିଉଡ୍ ଏବଂ ଓଟିଟି ସ୍ପେସ୍‌ରେ ବ୍ୟସ୍ତ ରହିଛନ୍ତି।



ନାଗା ଚୈତନ୍ୟ

# ବିବାହ ନ କରି ଏକାଠି ୩୫ ବର୍ଷ



**ଲଣ୍ଡନ:** ସୋସିଆଲ ମିଡିଆରେ ବର୍ତ୍ତମାନ ୨ ବୟସାଧିକ କପଲଙ୍କ କାହାଣୀ ଚର୍ଚ୍ଚାରେ ରହିଛି। ଦୀର୍ଘ ୩୫ ବର୍ଷ ପରେ ସେମାନେ ଏବେ ବିବାହ କରିବାକୁ ଯାଉଛନ୍ତି। ପରିଣତ ବୟସରେ ବି ଦୁହିଁଙ୍କର ଭଲ ପାଇବା କେବେ କମିନି, ତାକୁ ଦର୍ଶାଇବାକୁ ଦୁହେଁ ବିବାହ କରିବେ। ନିକଟରେ ବ୍ରିଟେନର ୫୮ ବର୍ଷୀୟା ଗ୍ରାହମ ମାର୍ଟିନ ୬୦ ବର୍ଷୀୟ ଆଣ୍ଡ୍ରିଆ ମୁରେଙ୍କୁ ପ୍ରପୋଜ କରିଛନ୍ତି। ଦୁହେଁ ସ୍କଟଲାଣ୍ଡର ସମୁଦ୍ରକୂଳରେ ଚାଲୁଥିଲେ। ସେତେବେଳେ ଆଣ୍ଡ୍ରିଆଙ୍କ ସମ୍ମୁଖରେ ମାର୍ଟିନ ଆଣ୍ଠୁମାଡ଼ି ବସି ବିବାହ ପାଇଁ ପ୍ରପୋଜ କରିଥିଲେ। ତାଙ୍କ କଥାରେ ଆଣ୍ଡ୍ରିଆ ହଁ ଭରିବା ସହ ଭାବବିହ୍ୱଳ ହୋଇପଡିଥିଲେ। ପ୍ରକୃତରେ ଆଣ୍ଡ୍ରିଆଙ୍କୁ ମାର୍ଟିନ ଭଲ ପାଇବା ପରେ ମାର୍ଟିନ ବିବାହ ନ କରିବାକୁ ନିଷ୍ପତ୍ତି ନେଇଥିଲେ। ଦୁହେଁ ଦୁହିଁଙ୍କ ସହ ଏକାଠି ରହିବା ହିଁ ସେମାନଙ୍କ ପାଇଁ ଯଥେଷ୍ଟ ଭଲପାଇବା ବୋଲି ମାନିଥିଲେ। ହେଲେ ଉଭୟଙ୍କ ଏନ୍‌ଗେଜମେଣ୍ଟ ସରିଥିଲା। ବର୍ତ୍ତମାନ ସମୟରେ ତାଙ୍କ ପିଲାଙ୍କର ବି ପିଲା ହୋଇସାରିଲେଣି। କିନ୍ତୁ ଏବେ ମାର୍ଟିନ ତାଙ୍କ ମନ ବଦଳାଇଛନ୍ତି। ନାତି-ନାତୁଣୀ ଥିବା ମାର୍ଟିନ ଏବେ ଆଣ୍ଡ୍ରିଆଙ୍କୁ ବିବାହ କରିବାକୁ ରାଜି ହୋଇଛନ୍ତି। ତେବେ ୧୯୮୮ରେ ଦୁହିଁଙ୍କ ସମ୍ପର୍କ ଆରମ୍ଭ ହୋଇଥିଲା। ହେଲେ ୩୫ ବର୍ଷ ପରେ ମାର୍ଟିନଙ୍କ ମନରେ ପରିବର୍ତ୍ତନ ଦେଖି ଆଣ୍ଡ୍ରିଆଙ୍କୁ ଖୁବ୍ ଆଶ୍ଚର୍ଯ୍ୟ ଲାଗିଥିଲା। ମାର୍ଟିନଙ୍କ ଭିତରେ ଏବେ ବି ରୋମାନ୍ସ ଥିବା ଦେଖି ସେ ବହୁତ ଖୁସି ହୋଇଥିଲେ। ଆଣ୍ଡ୍ରିଆଙ୍କ ୮୮ ବର୍ଷୀୟା ବାପାଙ୍କ ମତାମତ ନେଇ ମାର୍ଟିନ ତାଙ୍କୁ ପ୍ରପୋଜ କରିଥିବା ସେ କହିଛନ୍ତି।

# ବାଥ୍‌ରୁମ୍ ଯିବାକୁ ଦେଖାଇବାକୁ ପଡ଼ିଲା ଆଇଡି କାର୍ଡ

ୱାଶିଂଟନ

ବାହାରକୁ ଯାଇଥିବାବେଳେ ଆମେ ସେଠାରେ ଥିବା ବାଥ୍‌ରୁମ୍‌କୁ ବ୍ୟବହାର କରୁ। ସେଥିରେ ଆମକୁ କାହାର ଅନୁମତି ନେବାକୁ ମଧ୍ୟ ପଡ଼ି ନ ଥାଏ। ହେଲେ ନିକଟରେ ଜଣେ ମହିଳାଙ୍କୁ ବାଥ୍‌ରୁମ୍ ଯିବାକୁ ତାଙ୍କ ଆଇଡି କାର୍ଡ ଦେଖାଇବାକୁ ପଡିଛି। ଏହା ଆଶ୍ଚର୍ଯ୍ୟକର କଥା ହୋଇଥିଲେ ବି ସତ। ରିପୋର୍ଟ ମୁତାବକ, ୱାଶିଂଟନର ୨୨ ବର୍ଷୀୟା ତାଙ୍କ ବୟଫ୍ରେଣ୍ଡଙ୍କ ସହିତ କୌଣସି ସ୍ଥାନକୁ ଯାଉଥିଲେ। ହେଲେ ବାଟରେ ସେ ବାଥ୍‌ରୁମ୍ ଯିବାକୁ ସୁପର ମାର୍କେଟ୍‌ରେ ଅଟକି ଥିଲେ। ମହିଳା ଦୋକାନର ଷ୍ଟାଫ୍‌ଙ୍କୁ ବାଥ୍‌ରୁମ୍‌ର କୋଡ୍ ପଚାରିବାରୁ ତାଙ୍କୁ ଆଇଡି କାର୍ଡ ମାଗିଥିଲେ। ଫଳରେ ବାଥ୍‌ରୁମ୍ ଯିବା ପାଇଁ ତାଙ୍କର ବୟସ ହୋଇଛି କି ନାହିଁ ତାହା ଜଣାପଡ଼ିବ। ପ୍ରକୃତରେ ସେହି ଷ୍ଟୋର ନିୟମ ଅନୁସାରେ, ଏକାଥରେ କେବଳ ୨୫ ଜଣଙ୍କୁ ହିଁ ସେଠାକୁ ଯିବାକୁ ଅନୁମତି ଥିଲା। ଯେଉଁଥିରେ କି ସେମାନଙ୍କ ଏଣ୍ଟ୍ରି ପାଇଁ ବୟସ ପଚରା ଯାଉଥିଲା। ପରେ ମହିଳା ଜଣକ ତାଙ୍କ ଆଇଡି କାର୍ଡ ଦେଖାଇବାରୁ ତାଙ୍କୁ ବାଥ୍‌ରୁମ୍ ଯିବାକୁ ଅନୁମତି ମିଳିଥିଲା। ଏହାକୁ ନେଇ ମହିଳା ଜଣକ ସୋସିଆଲ ମିଡିଆରେ ଏକ ପୋଷ୍ଟ କରିଥିଲେ। ସେଥିରେ ଲେଖିଥିଲେ, ତାଙ୍କୁ ବର୍ତ୍ତମାନ ୨୨ ବର୍ଷ, ହେଲେ ବି ତାଙ୍କୁ ଆଇଡି କାର୍ଡ ଦେଖାଇବାକୁ ପଡିଲା। ଏହା ସେଠାକାର ନିୟମ ହେଲେ ମଧ୍ୟ ତାକୁ ଏତେ କଡ଼ା ଭାବେ ପାଳନ କରିବା ଉଚିତ ନୁହେଁ।

# ନବଜାତ ଶିଶୁକୁ ନୋଟ୍‌ରେ ସ୍ୱାଗତ

ଲଣ୍ଡନ: ସାଧାରଣତଃ ପରିବାରରେ ଶିଶୁ ଜନ୍ମ ହେଲେ ଖୁସିର ମାହୋଲ ଖେଳିଯାଏ। ଘରେ ଭୋଜିଭାତ ଆୟୋଜନ କରାଯିବା ସହ ମହୋତ୍ସବ ପାଳନ କରାଯାଏ। ନିକଟରେ ଜଣେ ଦମ୍ପତି ତାଙ୍କ ଛୁଆ ଜନ୍ମରେ ତାକୁ ଭିନ୍ନ ଧରଣରେ ସ୍ୱାଗତ କରିଛନ୍ତି, ଯାହା ବେଶ୍ ଭାଇରାଲ ହେବାରେ ଲାଗିଛି। ହେଲେ ଲୋକେ ଏଥିରେ ସେ ଦମ୍ପତିଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବ୍ରିଟେନର ଦମ୍ପତି ତାଙ୍କ ପିଲା ଜନ୍ମ ହେବା ପରେ ସେମାନେ ପିଲା ଉପରେ ୧୦୦ ଡଲାର ନୋଟ୍ ଗଦା କରିଦେଇଛନ୍ତି। ଯେଉଁଥିରେ କେବଳ ପିଲା ମୁହଁ ଦେଖାଯାଉଛି। ଏଥିରେ ଅନେକ ୟୁଜର୍ସ ପିଲା ପ୍ରତି ମା'-ବାପା ସତର୍କତା ଅବଲମ୍ବନ କରି ନ ଥିବା କହିଛନ୍ତି, ଯାହା ନବଜାତ ଶିଶୁ ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇପାରେ।

# ରଥ ନିର୍ମାଣ ପାଇଁ ତଦାରଖ କମିଟି

## ରଥଯାତ୍ରା ଦ୍ୱିତୀୟ ସମନ୍ୱୟ ବୈଠକ

ପୁରୀ ଅଫିସ,୬।୫

ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରଥ ନିର୍ମାଣ ସହ ଅନ୍ୟାନ୍ୟ ପ୍ରସ୍ତୁତି ଜୋରସୋରରେ ଆଗେଇ ଚାଲିଛି। ଚଳିତବର୍ଷ ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ସରକାରଙ୍କ ପକ୍ଷରୁ ଦ୍ୱିତୀୟ ସମନ୍ୱୟ ବୈଠକ ଶନିବାର ଆଇନ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ଅଧ୍ୟକ୍ଷତାରେ ପୌରସଦନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶୃଙ୍ଖଳିତ ନୀତି, ଜନଗହଳି ନିୟନ୍ତ୍ରଣ, ବିଭିନ୍ନ ବିଭାଗର ସେବା ନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯିବା ସହ ରଥ ନିର୍ମାଣ ପାଇଁ ତଦାରଖ କମିଟି ଗଠନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ମହାପ୍ରଭୁଙ୍କ ନୀତି ସମ୍ପାଦନ, ଶ୍ରୀଜଗନ୍ନାଥ ବନ ପ୍ରକଳ୍ପ, ରଥକାଠ, ମହାପ୍ରସାଦ ପ୍ରସ୍ତୁତି ପାଇଁ କାଠ, ରାସ୍ତା, ସ୍ୱାସ୍ଥ୍ୟ, ପାନୀୟ ଓ ବିଦ୍ୟୁତ୍ ଯୋଗାଣ ସମେତ ୨୧ଟି ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସହ ଚାଲିଥିବା ଅନ୍ୟାନ୍ୟ ପ୍ରକଳ୍ପ କାର୍ଯ୍ୟ ରଥଯାତ୍ରା ପୂର୍ବରୁ ଶେଷ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଛି।

ରଥ ନିର୍ମାଣ ପାଇଁ ଆବଶ୍ୟକ କାଠ ସମ୍ପର୍କରେ ଆଲୋଚନା କରି ବିଭାଗୀୟ ଅଧିକାରୀ କହିଥିଲେ, ରଥଯାତ୍ରା ନିର୍ମାଣ ପାଇଁ ମୋଟ ୮୬୫ ଖଣ୍ଡ କାଠର ଆବଶ୍ୟକ ଥିବାବେଳେ ବର୍ତ୍ତମାନ ରଥଖଳାକୁ ୩୪୧ ଖଣ୍ଡ ଓ ଖପୁରିଆ କରତକଳକୁ ୩୩୨ ଖଣ୍ଡ କାଠ ଆସିଛି। ସେହିପରି ଶ୍ରୀଜଗନ୍ନାଥ ବନ ପ୍ରକଳ୍ପ ସ୍ଥିତି ନେଇ ଡାଟାବେସ ପ୍ରସ୍ତୁତ କରାଯାଇଛି। ସେହିପରି ସ'ମିଲକୁ କାଠଗୁଡିକୁ ନେବା ଆଣିବାରେ ସମୟ ନଷ୍ଟ ହେଉଥିବାରୁ ପୁରୀରେ ୨ମାସ ପାଇଁ ଅସ୍ଥାୟୀ ସ'ମିଲ କରିବା ପାଇଁ ସେବାୟତମାନେ ପ୍ରସ୍ତାବ ଦେଇଥିଲେ। ପରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ରଥ ନିର୍ମାଣ, ରଥକନା, ନୀତି ସମ୍ପାଦନା, ରଥ ଟଣା ସମ୍ପର୍କରେ ସୂଚନା ଦେଇଥିଲେ। ଗୁଜରାଟର ଅହମଦାବାଦରୁ ୩୦୦୦ ମିଟର ରଥକନା ଆସିଛି। ୨୦୦ କେ.ଜି ଝୁଣା ମହଜୁଦ୍ ଅଛି। ସେହିପରି ତାମିଲନାଡୁରୁ ୩୦୦ କେ.ଜି ଚନ୍ଦନ କାଠ ଆସିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି। ସେହିପରି ଶ୍ରୀମନ୍ଦିର ମଧ୍ୟକୁ ଚାରିଦ୍ୱାର ଦେଇ ଭକ୍ତଙ୍କ ପ୍ରବେଶ ଅନୁମତି ଦେବା ପାଇଁ ସେବାୟତ, ବୁଦ୍ଧିଜୀବୀମାନେ ଦାବି କରିଥିଲେ। ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ଚାରିଦ୍ୱାରରେ ପ୍ରବେଶ ନେଇ ପ୍ରଶାସନ ସହ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ଆଇନ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ରଥ ନିର୍ମାଣ ପାଇଁ ତଦାରଖ କମିଟି ଗଠନ କରାଯାଉଛି। ରଥଯାତ୍ରା ସମୟରେ କୌଣସି ଦୁର୍ଘଟଣା ହେଲେ ୩୦ଜଣ ଭକ୍ତଙ୍କ ପାଇଁ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ଘୋଷଣା କରାଯାଇଛି। ସେହିପରି ପହଣ୍ଡି ଓ ଗୁଣ୍ଡିଚା ମନ୍ଦିରରେ ୯ଦିନ ମହାପ୍ରଭୁ ରହିବା ସମୟରେ ସେବାୟତଙ୍କ ପାଇଁ ବୀମା କରାଯିବ। ଅନ୍ୟପଟେ ସ୍ୱାସ୍ଥ୍ୟ ସେବା, ଔଷଧ ଯୋଗାଣ ଓ ଡାକ୍ତର ଅଭାବକୁ ନେଇ ବୈଠକରେ ଅଧିକାଂଶ ସଭ୍ୟ ଉଦ୍‌ବେଗ ପ୍ରକାଶ କରିଥିଲେ। ପୌରସଂସ୍ଥା ପକ୍ଷରୁ ଜୁନ୍ ସୁଦ୍ଧା ବଡ଼ଦାଣ୍ଡକୁ ସଂଯୋଗ କରୁଥିବା ସାହି, ଗଳିକନ୍ଦି ନାଳ ସଫେଇ ଶେଷ କରାଯିବ। ନାଳ ସଫେଇକୁ ପୌରସଂସ୍ଥା ପକ୍ଷରୁ ଦୁଇଟି ଭାଗରେ ବିଭକ୍ତ କରାଯାଇଛି, ଯଥା ବଡ଼ଦାଣ୍ଡର ଦୁଇପାର୍ଶ୍ୱରେ ଥିବା ନାଳ ଓ ପୁରୀ ସହରରେ ଥିବା ନାଳ। ବଡଦାଣ୍ଡରେ ଥିବା ନାଳ ମେଡିକାଲ ପର୍ଯ୍ୟନ୍ତ ସଫେଇ କରାଯାଇଛି। ସେହିପରି ସହରରେ ଥିବା ୩୫୪ଟି ନାଳରୁ ୨୫୦ଟି ନାଳର ସଫେଇ ଶେଷ ହୋଇଛି। ବାକି ନାଳ ଖୁବ୍‌ଶୀଘ୍ର ଶେଷ ହେବ। ରଥଯାତ୍ରା ସମୟରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ ଦିଆଯାଇଥିବା ନେଇ ବିଭାଗ ପକ୍ଷରୁ କୁହାଯାଇଛି। ସେହିଭଳି ସହରକୁ ୩ଟି ଗ୍ରୀଡ୍ ଓ ୭ଟି ସବଗ୍ରୀଡ ମାଧ୍ୟମରେ ବିଦ୍ୟୁତ ଯୋଗାଣ ହେଉଛି। ଭୁବନେଶ୍ୱରଠାରୁ ପୁରୀ ଜାତୀୟ ରାଜପଥର ରାସ୍ତା ଶୋଚନୀୟ ଅବସ୍ଥା ଥିବାରୁ ଜିଲାପାଳ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରି ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ରଥଯାତ୍ରା ସମୟରେ ସ୍ୱତନ୍ତ୍ର ବସ୍ ଚଳାଚଳ ବେଳେ ନିର୍ଦ୍ଧାରିତ ରେଟ ଚାର୍ଟ, ଦୁର୍ଘଟଣା ରୋକିବା ପାଇଁ ଇଣ୍ଟରସେପ୍ଟର କ୍ରେନ୍ ନିୟୋଜିତ ହେବ। ପୂର୍ବତଟ ରେଳବାଇ ପକ୍ଷରୁ ରଥଯାତ୍ରା ସମୟରେ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିବ। ଟ୍ରେନ୍ ସୂଚନା ପ୍ରଦାନ ପାଇଁ ଭିଡିଓ ୱାଲ୍ ସହ ୩୫ଟି ଟିକେଟ ବୁକିଙ୍ଗ କାଉଣ୍ଟର ସହ ୬ଟି ଅଟୋମେଟିକ୍ ଟିକେଟ ଭେଣ୍ଡିଙ୍ଗ ମେଶିନ୍ ଲଗାଯିବ। ସେହିଭଳି ରଥଯାତ୍ରା ସମୟରେ ୨୯ଟି ଆଶୁ ଚିକିତ୍ସା କେନ୍ଦ୍ର, ୫ଜଣ ଖାଦ୍ୟ ନିରାପତ୍ତା ଅଧିକାରୀ, ୨ଟି ଖାଦ୍ୟ ନିରୀକ୍ଷକ ଦଳ ରହିବେ। ରଥଯାତ୍ରା ସମୟରେ ଶ୍ରୀମନ୍ଦିର ଭିତରେ ଓ ବାହାରେ, ରଥ କର୍ଡନ, ଭିଡ ନିୟନ୍ତ୍ରଣ, ଟ୍ରାଫିକ ସୁପରିଚାଳନା, ଭିଭିଆଇପିଙ୍କ ସୁରକ୍ଷା ସହ ସମନ୍ୱିତ ପୋଲିସ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରିବ ବୋଲି ଅତିରିକ୍ତ ଡିଜି ଏସ୍ କେ ଶର୍ମା କହିଥିଲେ। ସେହିପରି ସିସିଟିଭି କ୍ୟାମେରା ସହ ତଟ ସୁରକ୍ଷା ଉପରେ ମଧ୍ୟ ପୋଲିସ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି ବୋଲି ବୈଠକରେ ଆଲୋଚନା କରାଯାଇଥିଲା। ବୈଠକରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡାମନ୍ତ୍ରୀ ତୁଷାରକାନ୍ତି ବେହେରା, ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇ, ମନ୍ତ୍ରୀ ଉଷା ଦେବୀ, ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ ଦାଶ, କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ, ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କେ. ବିଶାଳ ସିଂଙ୍କ ସମେତ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ, ସେବାୟତ ପ୍ରମୁଖ ଉପସ୍ଥିତ ଥିଲେ।



ଦ୍ୱିତୀୟ ରଥ ସମନ୍ୱୟ ବୈଠକରେ ମନ୍ତ୍ରୀ, ବିଧାୟକ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, କେନ୍ଦ୍ରାଞ୍ଚଳ ଆଇଜି, ଜିଲାପାଳ,ଏସ୍‌ପି ଓ ଅନ୍ୟମାନେ।


ପୁରୀ: ରଥଖଳାରେ ରଥ ଚକାରେ ପଇ ସଂଯୋଗ କରାଯାଉଛି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ୧୬୨ତମ ଜୟନ୍ତୀ, ରବୀନ୍ଦ୍ର ମଣ୍ଡପସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀ, ସକାଳ ୭ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପଣ୍ଡିତ ଭୁବନେଶ୍ୱର ମିଶ୍ରଙ୍କ ୯୬ତମ ଜୟନ୍ତୀ ଗୁରୁ କେଲୁ ଚରଣ ଓଡିଶୀ ଗବେଷଣା କେନ୍ଦ୍ରସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀ, ସକାଳ ୮ଟା।
- ଭୁବନେଶ୍ୱର ଆର୍ଟ୍ ୭୫ର ଲୋକାର୍ପଣ, ସୂଚନା ଭବନ, ପୂର୍ବାହ୍ନ ୧୦ଟା ୩୦।
- ବିଶ୍ୱ କାର୍ଟୁନିଷ୍ଟ ଦିବସ ଉପଲକ୍ଷେ ଦ୍ୱିତୀୟ ରାଜ୍ୟସ୍ତରୀୟ କାର୍ଟୁନ ପ୍ରଦର୍ଶନୀ, ବୁଦ୍ଧ ଆର୍ଟ ଗ୍ୟାଲେରି, ପୂର୍ବାହ୍ନ ୧୦ଟା ୩୦।
- କଳାଞ୍ଜଳି ଆର୍ଟିଷ୍ଟ୍ସ ଟ୍ରଷ୍ଟ ପକ୍ଷରୁ ଲୋକ ନୃତ୍ୟ ଉତ୍ସବ, ଉତ୍କଳ ମଣ୍ଡପ, ଅପରାହ୍ନ ୫ଟା ୩୦।
- ସାମାଜିକ ସଂଗଠନ ସାଧନାର ୧୦ମ ପ୍ରତିଷ୍ଠା ଦିବସ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଭଦ୍ରକ ସମ୍ମିଳନୀ, ଭୁବନେଶ୍ୱରର ୧୯ତମ ବାର୍ଷିକୋତ୍ସବ, ଇନ୍‌ଷ୍ଟିଚ୍ୟୁଶନ୍ ଅଫ୍ ଇଞ୍ଜିନିୟର୍ସର ସମ୍ମିଳନୀ କକ୍ଷ, ରେଡକ୍ରସ ଭବନ ସମ୍ମୁଖ, ସନ୍ଧ୍ୟା ୬ଟା।

**ବାଲିଅନ୍ତା**

- ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ମହୋତ୍ସବ ଉପଲକ୍ଷେ ମାଗଣା ଅପେରା ପାର୍ଟି ଦ୍ୱାରା ନାଟକ ପରିବେଷଣ, ଗଡ଼ନହରକଣ୍ଠାର ରୁଦ୍ରେଶ୍ୱର ମହାଦେବ ମନ୍ଦିର ନିକଟ, ରାତି ୧୧ଟା

**କଟକ**

- ଓଡ଼ିଶା ହାଇକୋର୍ଟର ୭୫ତମ ପ୍ରତିଷ୍ଠା ଦିବସ ଅବସରରେ ଜାତୀୟ ସମ୍ମିଳନୀର ଉଦ୍‌ଯାପନୀ, ଓଡ଼ିଶା ଜୁଡିସିଆଲ ଏକାଡେମୀ, ଅପରାହ୍ନ ୨ଟା ୫୦।
- କାଠଯୋଡି ସାହିତ୍ୟ ସଂସଦର ବାର୍ଷିକ ସାରସ୍ୱତ ସମାରୋହ, ପଞ୍ଚମୁଖୀ ହନୁମାନ ମନ୍ଦିର, ଖାନନଗର, ପୂର୍ବାହ୍ନ ୯ଟା।
- ଓଡ଼ିଶା ପ୍ରତିଭା ପୂଜା ସଂସଦର ୨୩ତମ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ, ଶତାବ୍ଦୀ ଭବନ, ଟାଉନ ହଲ୍ ରୋଡ୍, ପୂର୍ବାହ୍ନ ୧୧ଟା।
- ଉତ୍କଳ ସାହିତ୍ୟ ସମାଜର ୧୨୧ତମ ପ୍ରତିଷ୍ଠା ଦିବସ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା ୩୦।

## ଲାଣ୍ଡୁପଡ଼ାରେ ବୋମାମାଡ଼

ସାକ୍ଷୀଗୋପାଳ,୬।୫(ସ୍ୱ.ପ୍ର./ଡି.ଏନ୍.ଏ.)

ସତ୍ୟବାଦୀ ଥାନା ଅନ୍ତର୍ଗତ ବିଶ୍ୱନାଥପୁର ପଞ୍ଚାୟତର ଲାଣ୍ଡୁପଡା ଗ୍ରାମରେ ଶନିବାର ରାତି ପ୍ରାୟ ୧୧ଟା ସମୟରେ ଜଣଙ୍କ ଘର ଉପରକୁ ଜଣେ ଦୁର୍ବୃତ୍ତ ଆସି ବୋମାମାଡ଼ କରିଛି। ଖବରପାଇ ସତ୍ୟବାଦୀ ଆଇଆଇସି ବିଜୟକେତନ ବେହେରା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଉକ୍ତ ବ୍ୟକ୍ତିଙ୍କ ଘର ଉପରେ ମୋଟ ୪ଟି ବୋମା ମାଡ଼ ହୋଇଥିବାବେଳେ ପରିବାର ଲୋକ ଭୟଭୀତ ଅବସ୍ଥାରେ ଥିବା ଜଣାପଡ଼ିଛି। ତେବେ ଏକ ବ୍ୟବସାୟକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ସୂଚନା ମିଳିଛି। ତଦନ୍ତ ପରେ ସବିଶେଷ ସୂଚନା ପ୍ରଦାନ କରାଯିବ ବୋଲି ଆଇଆଇସି ବେହେରା ପ୍ରକାଶ କରିଛନ୍ତି।

# 'ନିଯୁକ୍ତିଦାତାମାନେ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱ ଦିଅନ୍ତୁ'

## ଫିକି ମହିଳା ୱିଙ୍ଗ୍ ଫ୍ଲୋ ପକ୍ଷରୁ କର୍ମଶାଳା

ଭୁବନେଶ୍ୱର, ୬।୫(ବ୍ୟୁରୋ)

କର୍ମକ୍ଷେତ୍ରରେ ସ୍ୱାସ୍ଥ୍ୟଗତ ବିପଦ ଅତି ସାଧାରଣ। ମାତ୍ର ଏହା ବିଷୟରେ ଅଧିକ ଆଲୋଚନା କରାଯାଏ ନାହିଁ। ପ୍ରତ୍ୟେକ ନିଯୁକ୍ତିଦାତା କର୍ମଚାରୀଙ୍କୁ କର୍ମକ୍ଷେତ୍ରରେ ବିଭିନ୍ନ ସ୍ୱାସ୍ଥ୍ୟ ବିପଦ ବିଷୟରେ ସଚେତନ କରାଇବା ଆବଶ୍ୟକ। ଏଥିସହ ସେମାନଙ୍କ ସ୍ୱାସ୍ଥ୍ୟଗତ ଦିଗକୁ ଦୃଷ୍ଟିରେ ରଖି ଆବଶ୍ୟକ ବ୍ୟବସ୍ଥା କରିବା ଜରୁରୀ। ଏହାଦ୍ୱାରା ସେମାନଙ୍କ କାର୍ଯ୍ୟକ୍ଷମତା ବୃଦ୍ଧି ପାଇବ। ସେହିପରି ଗର୍ଭବତୀଙ୍କ ପାଇଁ ୪ ମାସର ଛୁଟି ଯଥେଷ୍ଟ ନୁହେଁ। ସେମାନଙ୍କର ମାନସିକ ଏବଂ ଶାରୀରିକ ସୁସ୍ଥତା ପ୍ରଭାବିତ ନ ହେବା ପାଇଁ ସେମାନଙ୍କୁ ଅଧିକ ପ୍ରୋତ୍ସାହନ ଦିଆଯିବା ଉଚିତ ବୋଲି ଅଭିନେତା, ନିର୍ଦ୍ଦେଶକ ତଥା ରାଜ୍ୟସଭା ସଦସ୍ୟ ପ୍ରଶାନ୍ତ ନନ୍ଦ କହିଛନ୍ତି। ଫିକିର ମହିଳା ୱିଙ୍ଗ୍ ଫ୍ଲୋ ପକ୍ଷରୁ ଶନିବାର ସ୍ଥାନୀୟ ଏକ ହୋଟେଲରେ 'କର୍ମକ୍ଷେତ୍ରରେ ବୃତ୍ତିଗତ ସ୍ୱାସ୍ଥ୍ୟ ବିପଦ ଏବଂ ରୋଗ ପ୍ରତିରୋଧ' ସମ୍ପର୍କିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହା ପ୍ରକାଶ କରିଛନ୍ତି।

ଫିକି ଫ୍ଲୋର ଚେୟାରମ୍ୟାନ୍ ପୁନମ୍ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରି କହିଲେ, ନିରାପତ୍ତା ଏବଂ ସ୍ୱାସ୍ଥ୍ୟ ନିୟମର ଉତ୍ତମ କାର୍ଯ୍ୟକାରିତା ପାଇଁ କର୍ମକ୍ଷେତ୍ରରେ ସ୍ୱାସ୍ଥ୍ୟ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ତେବେ ଏ କ୍ଷେତ୍ରରେ ଅନେକ କାର୍ଯ୍ୟ କରିବାକୁ ବାକି ଥିବାବେଳେ ସମସ୍ତେ ମିଳିତ ଭାବେ ଏକ ନିରାପଦ ତଥା ସୁସ୍ଥ ଭାରତ ଗଠନ ଜାରି ରଖିବାକୁ ପ୍ରତିଶ୍ରୁତି ନେବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏଚ୍‌ଓ ତଥା ଏମ୍‌ଏସ୍‌ଏମ୍‌ଇର ଯୁଗ୍ମ ନିର୍ଦ୍ଦେଶକ ପି.କେ. ଗୁପ୍ତା ଯୋଗଦେଇ କର୍ମକ୍ଷେତ୍ରରେ ନିରାପତ୍ତା ପାଇଁ ଉଭୟ ନିଯୁକ୍ତିଦାତା ଓ କର୍ମଚାରୀ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଥିଲେ। ନାଲ୍‌କୋ ଜିଏମ୍ (ପିଆର୍ ଆଣ୍ଡ୍ କର୍ପୋରେଟ୍ କମ୍ୟୁନିକେଶନ) ଆଶୁତୋଷ ରଥ, କାର୍ସିନୋଭା ହସ୍ପିଟାଲ ମୁଖ୍ୟ କ୍ଲିନିକାଲ୍ ମେଡିକାଲ୍ ଫିଜିକ୍ ଡା. ଶୁଭେନ୍ଦୁ କୁମାର ସାହୁ, ଉତ୍କଳ ପଲିକ୍ଲିନିକର ଡା. ବିଏନ୍ ମହାପାତ୍ର ଏବଂ କୋଲେନର୍ସ ସ୍ୱାସ୍ଥ୍ୟ ଭୂମିର ସହ ପ୍ରତିଷ୍ଠାତା ତଥା ସିଇଓ ସୁବ୍ରତ ବିଶ୍ୱାସ ଆୟୋଜିତ ପ୍ୟାନେଲ ଆଲୋଚନାରେ ଅତିଥି ଭାବେ ଯୋଗଦେଇ ମତ ଉପସ୍ଥାପନ କରିଥିଲେ। ନିଯୁକ୍ତିଦାତାମାନେ କର୍ମକ୍ଷେତ୍ରରେ ସୁରକ୍ଷା ବ୍ୟବସ୍ଥା କରିବା ସହ ଏକ ନିରାପଦ କାର୍ଯ୍ୟ ପରିବେଶ ନିଶ୍ଚିତ କରିବାକୁ କର୍ମଚାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା। ପ୍ୟାନେଲ୍‌ର ଆଲୋଚନାକୁ ପୂର୍ବତନ ଚେୟାରମ୍ୟାନ୍ ନମ୍ରତା ଚହଲ ପରିଚାଳନା କରିଥିଲେ।



କର୍ମଶାଳାରେ ରାଜ୍ୟସଭା ସଦସ୍ୟ ପ୍ରଶାନ୍ତ ନନ୍ଦ ଓ ଅନ୍ୟ ଅତିଥିମାନେ।


ଭୁବନେଶ୍ୱର ଜୟଦେବ ବିହାରସ୍ଥିତ ପ୍ଲଟ୍ ନଂ.୫୬୮ରେ ବେଆଇନ ଭାବେ ଗଢ଼ି ଉଠିଥିବା ଘରକୁ ବିଡିଏ ପକ୍ଷରୁ ଶନିବାର ଉଚ୍ଛେଦ କରାଯାଉଛି।


ଭୁବନେଶ୍ୱର ସୂଚନାଭବନରେ ଶନିବାର ଅନୁଷ୍ଠିତ ୨୫ ତମ ଶିଶୁ ମହୋତ୍ସବ 'କଳିଙ୍ଗ'ରେ ଜଣେ ଶିଶୁ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ରଶ୍ମିତା


@ ସରୋଜ


@ ଆଦେଶ


@ ରଞ୍ଜିତ


@ ସତୀଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଟ୍ରେନ୍ ଡଷ୍ଟବିନ୍‌ରୁ ନବଜାତ ଶିଶୁପୁତ୍ର ଉଦ୍ଧାର

ଜଟଣୀ,୬।୫(ଡି.ଏନ୍.ଏ.)

ଖୋର୍ଦ୍ଧାରୋଡ୍ ରେଳ ସୁରକ୍ଷା କର୍ମଚାରୀ ଶନିବାର ସତ୍ୟସାଇ ପ୍ରଶାନ୍ତି ନିଳୟମ୍ ଏକ୍ସପ୍ରେସ ଟ୍ରେନ୍‌ର ଜେନେରାଲ ବଗି ଡଷ୍ଟବିନ୍‌ରୁ ଏକ ନବଜାତ ଶିଶୁପୁତ୍ରକୁ ଉଦ୍ଧାର କରିଛନ୍ତି। ଚିକିତ୍ସା ପାଇଁ ଶିଶୁପୁତ୍ରକୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଏହି ଟ୍ରେନ୍ ହାଓଡା ଅଭିମୁଖେ ଯାଉଥିବା ବେଳେ ଜେନେରାଲ ବଗିର ଡଷ୍ଟବିନରେ ଏକ ଶିଶୁପୁତ୍ର ପଡ଼ିଥିବା କେତେଜଣ ଯାତ୍ରୀ ଦେଖିବାକୁ ପାଇଥିଲେ। ଏନେଇ କେହି ଜଣେ ଯାତ୍ରୀ ଆରପିଏଫ୍ କଣ୍ଟ୍ରୋଲ ରୁମ୍‌କୁ ଜଣାଇଥିଲେ। ଶନିବାର ସକାଳ ୬ଟା ୪୦ରେ ଖୋର୍ଦ୍ଧାରୋଡ୍ ଷ୍ଟେଶନର ୧ ନମ୍ବର ପ୍ଲାଟଫର୍ମରେ ଟ୍ରେନ ପହଞ୍ଚିବା ପରେ ରେଳ ସୁରକ୍ଷା କର୍ମଚାରୀ ଶିଶୁଟିକୁ ଉଦ୍ଧାର କରିଥିଲେ ବୋଲି ଥାନା ଅଧିକାରୀ ମୁନୁ କୁମାର ଶର୍ମା କହିଛନ୍ତି। ପରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସୋଚ'କୁ ଖବର ଦେଇଥିଲେ। ଅନୁଷ୍ଠାନର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଶିଶୁପୁତ୍ରକୁ ଖୋର୍ଦ୍ଧାରୋଡ ରେଲୱେ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଜନ୍ମ ହେବାପରେ ଶିଶୁମାନଙ୍କୁ ଦିଆଯାଉଥିବା ପ୍ରତିଶେଧମୂଳକ ଟିକାକରଣ ପାଇଁ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଟିକାକରଣ ପରେ ଅନୁଷ୍ଠାନର କର୍ମକର୍ତ୍ତାମାନେ ରେଳ ସୁରକ୍ଷା କର୍ମୀଙ୍କ ଉପସ୍ଥିତିରେ ଖୋର୍ଦ୍ଧା ସିଡବ୍ଲୁସିକୁ ଶିଶୁଟିକୁ ହସ୍ତାନ୍ତର କରିଥିଲେ। ସିଡବ୍ଲୁସି ଶିଶୁଟିର ଅଧିକ ଯତ୍ନ ଓ ଚିକିତ୍ସା ପାଇଁ ପାତ୍ରପଡାସ୍ଥିତ 'ଆମ ଘର' ସଙ୍ଗଠନକୁ ପଠାଇଥିଲେ। ତେବେ ଶିଶୁଟିର ଅଧିକ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ସୋଚ ଅନୁଷ୍ଠାନର ରିଲି ପରିଡା ଓ ସୁରେଶ କୁମାର ମୁଦୁଲି ସୂଚନା ଦେଇଛନ୍ତି।

**ଇଂଲଣ୍ଡ ପୌର ନିର୍ବାଚନରେ କଞ୍ଜରଭେଟିଭ୍ ପାର୍ଟିର ପରାଜୟ**

ଇଂଲଣ୍ଡରେ ଅନୁଷ୍ଠିତ ପୌର ନିର୍ବାଚନରେ ପ୍ରଧାନମନ୍ତ୍ରୀ ଋଷି ସୁନକଙ୍କ କଞ୍ଜରଭେଟିଭ୍ ପାର୍ଟି ୪୮ କାଉନସିଲରେ ପରାଜିତ ହେବା ସହ ୧,୦୦୦ରୁ ଊର୍ଦ୍ଧ୍ୱ କାଉନସିଲରଙ୍କୁ ହରାଇଛି। ପ୍ରଧାନମନ୍ତ୍ରୀ ସୁନକଙ୍କୁ ଦେଶବାସୀ ପ୍ରତ୍ୟାଖ୍ୟାନ କରିଥିବା ଏଥିରୁ ସ୍ପଷ୍ଟ ହେଉଛି ବୋଲି ବିରୋଧୀ ଲେବର ପାର୍ଟି ଅଭିଯୋଗ କରିଛି। ଗୁରୁବାର ଇଂଲଣ୍ଡର ୨୩୦ କାଉନସିଲ ପାଇଁ ଭୋଟଗ୍ରହଣ ହୋଇଥିଲା। ସୁନକ କ୍ଷମତାକୁ ଆସିବା ପରେ ଏହା ତାଙ୍କ ପାଇଁ ଥିଲା ପ୍ରଥମ ନିର୍ବାଚନୀ ପରୀକ୍ଷା।




**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................

ବୟସ: ..................................

ଜନ୍ମ ତାରିଖ: ..................................



ସାଇସୌମ୍ୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମହିଳା ବିମାନଯାତ୍ରୀଙ୍କୁ ବିଛା କାମୁଡ଼ିଲା

**ନୂଆଦିଲ୍ଲୀ, ୬।୫:** ନାଗପୁରରୁ ମୁମ୍ବାଇ ଯାଉଥିବା ଏୟାର ଇଣ୍ଡିଆର ଏକ ବିମାନରେ ଜଣେ ମହିଳା ଯାତ୍ରୀଙ୍କୁ କଙ୍କଡ଼ା ବିଛା କାମୁଡ଼ିଥିଲା। ଗତ ମାସ ୨୩ ତାରିଖରେ ଏହି ବିରଳ ତଥା ଦୁର୍ଭାଗ୍ୟଜନକ ଘଟଣା ଘଟିଛି। ବିମାନବନ୍ଦରରେ ବିମାନଟି ଅବତରଣ କରିବା ପରେ ଡାକ୍ତର ଉକ୍ତ ଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ହସ୍ପିଟାଲରେ ତାଙ୍କୁ ଚିକିତ୍ସା କରାଯାଇଥିଲା ବୋଲି ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି। ପ୍ରୋଟୋକଲ ଅନୁଯାୟୀ ଏଆଇ ୬୩୦କୁ ସମ୍ପୂର୍ଣ୍ଣ ଯାଞ୍ଚ କରାଯାଇ କଙ୍କଡ଼ାବିଛାକୁ ବାହାର କରାଯାଇଥିଲା। ଏହା ପରେ ବିମାନରେ ଫୁମିଗେଶନ ପ୍ରକ୍ରିୟା କରାଯାଇଥିଲା। ସୂଚନାଯୋଗ୍ୟ, ଗତବର୍ଷ ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ର ଏକ କାର୍ଗୋ ବିମାନରୁ ସାପ ବାହାରିଥିଲା।

# କର୍ଣ୍ଣାଟକ ନିର୍ବାଚନ: କଂଗ୍ରେସ ଆଗରେ

## ସର୍ଭେ ରିପୋର୍ଟ

**ନୂଆଦିଲ୍ଲୀ, ୬।୫(ଆଇଏଏନ୍ଏସ୍)**



କର୍ଣ୍ଣାଟକ ବିଧାନସଭା ନିର୍ବାଚନକୁ ନେଇ ସି-ଭୋଟର ପକ୍ଷରୁ କରାଯାଇଥିବା ଚୂଡ଼ାନ୍ତ ଜନମତ ସର୍ଭେ ଅନୁଯାୟୀ ଏବେ ବି କଂଗ୍ରେସ ଜିତିବା ସ୍ଥିତିରେ ରହିଛି। ତେବେ ଜୋର୍‌ଦାର ପ୍ରଚାର ଯୋଗୁ ପୂର୍ବରୁ ଭାଜପା ଓ କଂଗ୍ରେସ ମଧ୍ୟରେ ଥିବା ବ୍ୟବଧାନ ହ୍ରାସ ପାଇଛି। ମେ' ୧୦ରେ ହେବାକୁ ଥିବା ୨୨୪ ଆସନ ବିଶିଷ୍ଟ କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ କଂଗ୍ରେସକୁ ୧୧୦ରୁ ୧୨୨ ଆସନ ମିଳିବ ବୋଲି ସି-ଭୋଟର ଜନମତ ସର୍ଭେରେ କୁହାଯାଇଛି। ସେଠାରେ ସରକାର ଗଢ଼ିବା ପାଇଁ ୧୧୩ ବିଧାୟକଙ୍କ ସମର୍ଥନ ଆବଶ୍ୟକ। କଂଗ୍ରେସ ୪୦.୨ ପ୍ରତିଶତ ଭୋଟ ପାଇବ, ଯାହା କି ଗତଥର ଭୋଟ ଭାଗ ଅପେକ୍ଷା ୨.୨ ପ୍ରତିଶତ ଅଧିକ। ଅନ୍ୟପକ୍ଷରେ କ୍ଷମତାରେ ଥିବା ଭାଜପା ଏଥର ନିର୍ବାଚନରେ ୭୩ରୁ ୮୫ ଆସନ ମଧ୍ୟରେ ସୀମିତ ରହିବ ବୋଲି ସର୍ଭେ ରିପୋର୍ଟରେ କୁହାଯାଇଛି। ୨୦୧୮ ନିର୍ବାଚନରେ ଭାଜପା ୧୦୪ ଆସନ ଜିତିଥିଲା। ତେବେ ଏହାର ଭୋଟ ଭାଗ ପୂର୍ବଭଳି ୩୬ ପ୍ରତିଶତ ରହିବ। ଜେଡିଏସ୍ ଏଥର ୨୧ ଆସନ ଜିତିବ ବୋଲି କୁହାଯାଇଛି। ୨୦୧୮ରେ ଏହି ଦଳକୁ ୩୭ ଆସନ ମିଳିଥିଲା।

# ଖଲିସ୍ତାନୀ କମାଣ୍ଡୋ ମୁଖ୍ୟ ପରମଜିତ୍‌ଙ୍କୁ ହତ୍ୟା

**ଲାହୋର, ୬।୫**



ପରମଜିତ୍ ସିଂ ପଞ୍ଜୱାର

ଖଲିସ୍ତାନୀ କମାଣ୍ଡୋ ଫୋର୍ସ (କେସିଏଫ୍) ମୁଖ୍ୟ ପରମଜିତ୍ ସିଂ ପଞ୍ଜୱାର ଓରଫ୍ ମଲିକ ସର୍ଦ୍ଦାର ସିଂଙ୍କୁ ଶନିବାର ସକାଳେ ପାକିସ୍ତାନର ଲାହୋରରେ ଗୁଳିକରି ହତ୍ୟା କରାଯାଇଛି। ସେ ଜୋହାର ସହରରେ ଥିବା ତାଙ୍କ ଘର ନିକଟରେ ଚାଲୁଥିବାବେଳେ ଦୁଇଜଣ ଦୁର୍ବୃତ୍ତ ମୋଟରସାଇକେଲରେ ଆସି ଗୁଳି ଚଳାଇଥିଲେ। ତାଙ୍କ ତାଙ୍କ ଅଙ୍ଗରକ୍ଷୀ ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ପାକିସ୍ତାନର ବାରଣ ସତ୍ତ୍ୱେ ପରମଜିତ୍ ଲାହୋରରେ ରହୁଥିବାବେଳେ ତାଙ୍କ ସ୍ତ୍ରୀ ଓ ପିଲାମାନଙ୍କୁ ଜର୍ମାନୀ ପଠାଇଦେଇଥିଲେ। ଭାରତର ପଞ୍ଜାବ ପ୍ରଦେଶରେ ଜନ୍ମିତ ପରମଜିତ୍ ୧୯୮୬ରେ କେସିଏଫ୍‌ରେ ଯୋଗଦେଇଥିଲେ। ସେ ଡ୍ରୋନ୍ ସହାୟତାରେ ପଞ୍ଜାବକୁ ନିଶାଦ୍ରବ୍ୟ ଓ ଅସ୍ତ୍ରଶସ୍ତ୍ର ଚୋରା ଚାଲାଣ କରୁଥିଲେ। ୯୦ ଦଶକରେ ପରମଜିତ୍ କେସିଏଫ୍‌ର ନେତୃତ୍ୱ ନେଇଥିଲେ।

# ବାଇଡେନ୍‌ଙ୍କ ନୀତି ଉପଦେଷ୍ଟା ନୀରା ଟଣ୍ଡେନ

**ୱାଶିଂଟନ, ୬।୫**



ଭାରତୀୟ ବଂଶୋଦ୍ଭବ ନୀରା ଟଣ୍ଡେନ୍ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ପ୍ରଶାସନର ଘରୋଇ ନୀତି ଉପଦେଷ୍ଟା ଭାବେ ନିଯୁକ୍ତ ହୋଇଛନ୍ତି। ଭାରତୀୟ-ଆମେରିକୀୟ ପବ୍ଲିକ୍ ପଲିସି ବିଶେଷଜ୍ଞ ୫୨ ବର୍ଷୀୟା ଟଣ୍ଡେନ୍ ସୁସାନ ରାଇସ୍‌ଙ୍କ ସ୍ଥାନ ନେଇଛନ୍ତି। ହ୍ୱାଇଟ୍ ହାଉସ୍‌ର ୩ ମୁଖ୍ୟ ନୀତି ପରିଷଦ ମଧ୍ୟରୁ କୌଣସିର ନେତୃତ୍ୱ ନେବାରେ ସେ ପ୍ରଥମ ଏସୀୟ-ଆମେରିକୀୟ। ୨୦୨୧ରେ ଟଣ୍ଡେନ୍ ଆମେରିକା ପ୍ରଶାସନରେ ଜଣେ ବରିଷ୍ଠ ଉପଦେଷ୍ଟା ଭାବେ ଯୋଗ ଦେଇଥିଲେ। ତାଙ୍କର ପବ୍ଲିକ୍ ପଲିସି ଉପରେ ୨୫ ବର୍ଷର ଅଭିଜ୍ଞତା ରହିଛି। ସେ ୩ ଜଣ ରାଷ୍ଟ୍ରପତିଙ୍କ ସହ କାର୍ଯ୍ୟ କରିଥିବାବେଳେ ପାଖାପାଖି ୧୦ ବର୍ଷ ହେଲା ଅନ୍ୟତମ ବୃହତ୍ ଥିଙ୍କ୍ ଟ୍ୟାଙ୍କ୍‌ର ନେତୃତ୍ୱ ନେଇଆସୁଥିଲେ।


**CLASSIFIED DISPLAY**

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 8985384630

**OFFTC ENTERPRISE BHUBANESWAR**
ପର୍ସନାଲ୍ ଲୋନ୍
ହୋମ୍ ଲୋନ୍
ପ୍ରପର୍ଟି ଲୋନ୍
ବିଜ୍‌ନେସ୍ ଲୋନ୍
କୃଷି, ଏଜୁକେଶନ
ସ୍ୱରୋଜଗାର
ଗୋଲ୍ଡଲୋନ୍
Time : 10 AM to 6 PM
Ph: (0674) 2916695, 2916696

**ଜନ୍ମଦିନ ଶୁଭେଚ୍ଛା**



ସତ୍ୟକାମ (ଗୁଲୁ), ସମାପିକା(ଟିକୁ)
ଆଜି ତୁମର ଜନ୍ମତିଥିର ଶୁଭ ଅବସରରେ ତୁମ ଦୁହିଁଙ୍କର ଦୀର୍ଘାୟୁ, ଉଜ୍ଜ୍ୱଳ ଭବିଷ୍ୟତ, ପାରିବାରିକ ସୁଖଶାନ୍ତି ପାଇଁ ଜଗନ୍ନାଥଙ୍କ ପାଦ ପଙ୍କଜରେ ପ୍ରାର୍ଥନା କରୁଛୁ।
ବୋଉ, ବାପା, ଭଉଣୀ, ଭିଣୋଇମାନଙ୍କର ଆଶୀର୍ବାଦ ସହ
ଧ-୦୨୭୩

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ବକ୍ସାଇଟ୍ ଉତ୍ତୋଳନରେ ଓଡ଼ିଶାର ଅବଦାନ ୭୩%

**ନୂଆଦିଲ୍ଲୀ, ୬।୫**

୨୦୨୧-୨୨ ଆର୍ଥିକ ବର୍ଷରେ ଭାରତରେ ବକ୍ସାଇଟ୍ ଉତ୍ପାଦନ ୧୦.୩୭ ପ୍ରତିଶତ ବୃଦ୍ଧି ପାଇ ୨୨.୪୯ ନିୟୁତ ଟନ୍‌ରେ ପହଞ୍ଚିଛି। ସେଥିରେ ଓଡ଼ିଶାର ଅବଦାନ ୭୩.୧୩ ପ୍ରତିଶତ ବୋଲି ଖଣି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ନାଲ୍‌କୋ ୩୩.୧୨ ପ୍ରତିଶତ ବକ୍ସାଇଟ ଉତ୍ପାଦନ କରିଥିବାବେଳେ ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ଲିଃ ୨୬.୬୭ ପ୍ରତିଶତ, ଓଡ଼ିଶା ମାଇନିଂ କର୍ପୋରେଶନ ୧୩.୩୪ ପ୍ରତିଶତ ଏବଂ ହିଣ୍ଡାଲ୍‌କୋ ୯.୬୪ ପତିଶତ ବକ୍ସାଇଟ୍ ଉତ୍ତୋଳନ କରିଛି। ସେହିପରି ଦେଶରେ ମୋଟ ଲୁହା ଉତ୍ପାଦନର ୫୩ ପ୍ରତିଶତ ଓଡ଼ିଶାରୁ ହୋଇଛି। ୨୦୨୧-୨୨ରେ ମୋଟ ଖଣିଜ ଉତ୍ପାଦନରୁ ଓଡ଼ିଶାର ଭାଗ ୪୪.୧୧ ପ୍ରତିଶତ ରହିଥିବାବେଳେ ଛତିଶଗଡ଼ ଭାଗ ୧୭.୩୪%, ରାଜସ୍ଥାନ ୧୪.୧୦%, କର୍ଣ୍ଣାଟକ ୧୩.୨୪%, ଝାଡ଼ଖଣ୍ଡ ୪.୩୬%, ମଧ୍ୟପ୍ରଦେଶ ୨.୪୪% ଏବଂ ମହାରାଷ୍ଟ୍ର ଭାଗ ୧.୪୫ ପ୍ରତିଶତ ରହିଛି। ଅବଶିଷ୍ଟ ୧୨ ରାଜ୍ୟରୁ ଖଣିଜ ଉତ୍ପାଦନ ଅବଦାନ ୩ ପ୍ରତିଶତରୁ କମ୍।

# ମଧ୍ୟପ୍ରଦେଶରେ 'ଦି କେରଲା ଷ୍ଟୋରି' ଟିକସମୁକ୍ତ

**ଭୋପାଳ, ୬।୫**

କେରଳର ଜଣେ ହିନ୍ଦୁ ମହିଳାଙ୍କ ଉପରେ ନିର୍ମିତ ବିବାଦୀୟ 'ଦି କେରଲା ଷ୍ଟୋରି'କୁ ମଧ୍ୟପ୍ରଦେଶ ସରକାର ଟିକସମୁକ୍ତ କରିଛନ୍ତି। ବିବାଦ ମଧ୍ୟରେ ସୁଦୀପ୍ତୋ ସେନ୍‌ଙ୍କ ଏହି ଫିଲ୍ମ ଶୁକ୍ରବାର ବିଭିନ୍ନ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଛି। ଉକ୍ତ ଚଳଚ୍ଚିତ୍ର ସମ୍ପର୍କରେ ଘୋଷଣା ପରଠାରୁ ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ଏହା ଗଣମାଧ୍ୟମ ଶିରୋନାମା ମଣ୍ଡନ କରିଆସିଛି। ଚଳଚ୍ଚିତ୍ରକୁ ଟିକସମୁକ୍ତ କରିବା ପାଇଁ ଭାଜପା ଏବଂ ହିନ୍ଦୁ ସଂଗଠନଗୁଡ଼ିକ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ ନିକଟରେ ଦାବି କରିଥିଲେ। ମୁକ୍ତିଲାଭ କରିବା ପରେ ଏହି ଫିଲ୍ମକୁ ନେଇ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କେତେକେ ଏହାକୁ ପ୍ରଚାରଧର୍ମୀ ଫିଲ୍ମ କହିଥିବାବେଳେ ଅନ୍ୟମାନେ ଏହାକୁ ଉଚ୍ଚକୋଟୀର ବୋଲି ମତ ଦେଇଛନ୍ତି।

# ରୁଷିଆ କ୍ଷେପଣାସ୍ତ୍ରକୁ ଖସାଇଲା ୟୁକ୍ରେନ୍

**କିଭ୍, ୬।୫**

ରୁଷିଆର ହାଇପରସୋନିକ୍ ମିଶାଇଲକୁ ୟୁକ୍ରେନ୍ ବାୟୁସେନା ଖସାଇଦେଇଥିବା ଶନିବାର ଦାବି କରିଛି। ଆମେରିକାର ପାଟ୍ରିଅଟ୍ ଡିଫେନ୍ସ ସିଷ୍ଟମ ସହାୟତାରେ ୟୁକ୍ରେନ୍ ପ୍ରଥମ ଥର ପାଇଁ ମସ୍କୋର ଅତ୍ୟାଧୁନିକ କ୍ଷେପଣାସ୍ତ୍ରକୁ ପ୍ରତିହତ କରିବାକୁ ସମର୍ଥ ହୋଇଛି। ୟୁକ୍ରେନ୍ ରାଜଧାନୀରେ ରୁଷିଆ ଗୁରୁବାର ରାତିଅଧିଆ କ୍ଷେପଣାସ୍ତ୍ର ଆକ୍ରମଣ କରିବାକୁ ଉଦ୍ୟମ ଚଳାଇଥିବାବେଳେ ଏହାର କିନ୍‌ଝାଲ-ଟାଇପ୍ ବାଲିଷ୍ଟିକ୍ ମିଶାଇଲ୍‌କୁ ପ୍ରତିହତ କରାଯାଇଥିବା ୟୁକ୍ରେନ୍ ବାୟୁସେନା କମାଣ୍ଡର ମିକୋଲା ଓଲେଶୁକ୍ କହିଛନ୍ତି। ୟୁକ୍ରେନ୍ ପ୍ରଥମ ଥର ପାଇଁ ପାଟ୍ରିଅଟ୍ ଡିଫେନ୍ସ ସିଷ୍ଟମ ବ୍ୟବହାର କରିଛି। କିନ୍‌ଝାଲ ବାଲିଷ୍ଟିକ୍ ମିଶାଇଲର ଲକ୍ଷ୍ୟଭେଦ କ୍ଷମତା ୨,୦୦୦ କିଲୋମିଟର। ବାୟୁବେଗର ୧୦ ଗୁଣ ଅଧିକ ବେଗରେ ଏହା ଗତି କରିଥାଏ। ଅଣ୍ଡରଗ୍ରାଉଣ୍ଡ ବଙ୍କର କିମ୍ବା ପାର୍ବତ୍ୟାଞ୍ଚଳ ସୁଡ଼ଙ୍ଗକୁ ଧ୍ୱଂସ ଲାଗି ଏହି କ୍ଷେପଣାସ୍ତ୍ରକୁ ବ୍ୟବହାର କରାଯାଇଥାଏ।


# Classified Everyday

0674-2580101, 2549949



**MATRIMONIAL**

**GROOM WANTED**

54 ବୟସ୍କା ବିଧବା ସରକାରୀ ଚାକିରିଆ ନିଃସନ୍ତାନ, କରଣ ଝିଅଙ୍କୁ ଯେକୌଣସି ଜାତିର ଯୋଗ୍ୟ ବରପାତ୍ର ଆବଶ୍ୟକ। ଯୋଗାଯୋଗ- 7326057574. D-0249

45 ବୟସ୍କା ସୁନ୍ଦର Divorced ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ବଣିଆ, ନିଃସନ୍ତାନ ଝିଅଙ୍କୁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 8093860535. D-0250

50 ବୟସ୍କା Divorced Bank Manager 60,000/- ଦରମା ପାଉଥିବା ଖଣ୍ଡାୟତ ଝିଅଙ୍କୁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 7606067313. D-0248

Wanted a groom (preferred Doctor, CA, Aeronautical Engineer) for a girl, age 29+, Ht.- 5'6", fair complexion, doctor in AIIMS Bhubaneswar. With condition, no to (caste/religion/ dowry/horoscope.). Contact: 9437012201, 9776350320. D-73762

Pension Holder, କେନ୍ଦ୍ରାପଡ଼ାସ୍ଥିତ Retd. Govt. Nurse, 61ବୟସ୍କା କରଣ Widow ଝିଅଙ୍କୁ Anycaste ଘରଜ୍ୱାଇଁ ଦରକାର। 6371586968. D-0279

34 ବୟସ୍କା Govt. ଚାକିରିଆ Unmarried ଖଣ୍ଡାୟତ ଜାତିର ଅନାଥ ଝିଅଙ୍କୁ ବିବାହିତ/ ଅବିବାହିତ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 8327715036. D-0278

47 ବର୍ଷର ମହିଳା PNB Bankରେ କାର୍ଯ୍ୟରତ ଅଛନ୍ତି। ଉପଯୁକ୍ତ ବୟସର ବ୍ୟକ୍ତି ବିବାହ ପାଇଁ ଯୋଗାଯୋଗ କରନ୍ତୁ। 8455853154. D-0280



**REAL ESTATE**

**SALE**

4 BHK luxurious flat for sale at unit -3 Kharavelanagar, behind Ram Mandir Construction work going on contact- 9438362399. D-0263

ଭୁବନେଶ୍ୱର କାଟେଣୀ ନିକଟରେ Bank Loanରେ ପ୍ଲଟ୍ sqft.-980/-ରେ ମିଳୁଛି। 9439668575. D-74850

ISO 9001- 2015 ସ୍ୱୀକୃତିପ୍ରାପ୍ତ କମ୍ପାନୀରୁ ନିଜ ମନପସନ୍ଦର ପ୍ଲଟ୍ / ଘର କିଣିବା ସହିତ ମାସିକ ରୋଜଗାରର ସୁବିଧା ପାଆନ୍ତୁ। ପ୍ରଥମ ୧୦୦ ଜଣଙ୍କୁ ଅଗ୍ରାଧିକାର ଦିଆଯିବ। ନାମ ପଞ୍ଜୀକରଣ ପାଇଁ ଯୋଗାଯୋଗ କରନ୍ତୁ- 8658992600. D-74851

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ନିକଟରେ ଘରବାରି, ପାଚେରି, ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। 9827119799. D-0262

1BHK flat for sale near Sundarpada, Bhubaneswar at minimum price- 9776088188. D-74856

Apartment sale near Sum Hospital Bhubaneswar. @ 4200/sqft.- Contact- 9777433701. D-74853

Land for sale near Samantarapur Bhubaneswar. Area: 2650sqft. Contact: 9090030068. D-0114

Premium 3BHK Flat for Sale with 3 Balconies, BMC approved at N1/285, IRC Village, Nayapalli, Bhubaneswar. Contact - 7978145499. D-0266

ଜାଗା ବିକ୍ରି- ଢେଙ୍କାନାଳ ସହର ବୋରାପଦାରେ ପିଚୁ ରାସ୍ତାକୁ ଲାଗି ଘରବାରି ୬୫ ଗୁଣ୍ଠ ଜାଗା ପାଚେରି ସହିତ ବିକ୍ରି ହେବ। Mob- 9438533557, 9437146868 D-74061

ବରମୁଣ୍ଡାରୁ ୧୫କି.ମି. ଦୂରରେ 30' ଫୁଟ ରୋଡ୍‌ଥାଇ ୧୦ଟି ପ୍ଲଟ୍ ବିକ୍ରିହେବ- 9938016295. D-74854

ଭୁବନେଶ୍ୱର କଳିଙ୍ଗନଗରରେ ଘର ଉପଯୋଗୀ ପ୍ଲଟ୍ 30' ରାସ୍ତାଥାଇ କିଣନ୍ତୁ ଓ BDA Housing Projectକୁ ଲାଗି sqft. 650/-. 9348767829, 7978850450.- D-74855

Gharabari Plot near CDA Bypass NH 55 Chowk, Mouza Kuspangi@399 & Baula@699/ sqft. 9178727577, 7855816205. D-0235

A gharabari plot with 5 feet compound wall, steel gate, 10feet Coconut Tree 4 sides of 6000sft. NH side Adaspur road 6 K.M. from Phulanakhara, 11K.M. to BBSR, Middle of CTC & BBSR in a Complex with high profile Atmosphere & Educated 7 Families with electricity & water supply. If u want self independent & peacefully life. 7809525452. D-74678

Gharabari, boundarywall, yellowzone plot sale near CV. Raman College, Tamando. 7008492511. D-0241

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର 1200sqft. 3,00,000/-, ନଖରା- 300/-. 6371569855. D-74849



**BUSINESS**

ଆତ୍ମନିର୍ଭରଶୀଳ ରୋଜଗାରକ୍ଷମ ହେବାକୁ ଚାହାନ୍ତି କି? ଫୋନ୍- 9437230026 ଭୁବନେଶ୍ୱର। D-71679

ଭୁବନେଶ୍ୱରରେ ଘରରଙ୍ଗ ଏବଂ ଘର Shifting Service ପାଇଁ ଯୋଗାଯୋଗ କରନ୍ତୁ। 9777097322. D-0225

House Colouring & Packers Movers for service at Bhubaneswar. 9777097322. D-0224



**CONSTRUCTION**

Construct your Dream home @460/-, 850/-, 1325/- with Branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact: The Engineering Pvt., Ltd. 9439856856. D-0206

Construct your home @ 499/-, 1340/- with branded materials includes architecture, structure 3years FMC, provide BDA plan approval, boring, interiorwork- SNV Construction. 9439295469. D-74842

Construct your dream home with competitive rate and for sharing projects. Contact Besco Developers, Bhubaneswar, 7735330028, 9778855101. D-0082

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com



Office space 2175sqft. fully furnished office alongwith at 5, Janpath, Unit-3, Kharabela nagar behind Kalsi Petrolpump, Bhubaneswar -751001. Facilities available 12 split AC, 36 workstations, toilet, pantry, server room, lift, parking for 2wheelers. Security deposite for 6months rent at 4th floor. Contact- 9437001845. D-73378

3BHK flat available at 122A, Satyanagar for family. 9825315882, 7567765305. D-0270

4 Bedrooms, Drawing Room, Kitchen, Dining with attached Bath Rooms, Puja and Store Room (1750sqft.) with Garage. (Plot No.- 216/12), Lane- 9, Aerodrome Area, @ Rs.-30,000/- Ideal for Corporate Office/ Guest House and Residential House on long term agreement. Contact Owner- 9437837859, 9437294485, 9437689393. D-0281



Newly open SPA positively health benefit with expert. Contact: 7751083098. D-74537

Spa full body Massage best Therapist Gents & ladies @799/- Bhubaneswar. Kajal-9337672475. D-0260

Relax, Refresh your body, Mind at Saikrupa Spa with best therapies. 8984068077. D-0282

All types hair cutting, body massage by smart lady, one hour 700/-. room services available. Contact. 9668767100. D-71372

Newly open health benefits SPA special offer @ 799 Jaydev Vihar. 8018429809. D-75105

All types hair cutting, body massage by smart lady, one hour 700/-, room services available. Contact. 9937833100. D-71373

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74677

**ମନେ ପଡ଼ନ୍ତି**

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



ସ୍ୱ.ରାଜକିଶୋର ଧଳ
ନିଜିଗଡକୁରୁଣ୍ଟି, ଜଟଣୀ, ପିପିଲି
ଆବିର୍ଭାବ-୦୧।୦୭।୧୯୪୨
ତିରୋଧାନ- ୨୮।୦୫।୨୦୨୧
ବାପା, ଚାହୁଁ ଚାହୁଁ ଆମକୁ ଛାଡି ଚାଲି ଯିବାର ଦୁଇବର୍ଷ ବିତିଗଲା। ଆପଣଙ୍କର ସେହି ସ୍ନେହ, ଶ୍ରଦ୍ଧା, ଓ ଭଲପାଇବାକୁ ପାଥେୟ କରି ଆମେ ଜୀବନର ଚଲାପଥରେ ଆଗେଇ ଚାଲିଛୁ, ସବୁଦିନ ଆପଣ ଆମ ସ୍ମୃତିରେ ରହିଛନ୍ତି ଓ ରହିଥିବେ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା
ଶୋକସନ୍ତପ୍ତ:- ଝିଅ, ଜ୍ୱାଇଁ, ପୁଅ, ବୋହୂ, ନାତି, ନାତୁଣୀ ଓ ପରିବାରବର୍ଗ।
ଧ-୦୨୭୪

**ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱ.ବଟକୃଷ୍ଣ ଚୌଧୁରୀ
ଗ୍ରାମ- ଅଲଣା, ଜିଲ୍ଲା- କଟକ
ଆପଣଙ୍କ ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-: ଶୋକସନ୍ତପ୍ତ :-
ବନ୍ଧୁବାନ୍ଧବ ଓ ପରିବାରବର୍ଗ
ଧ-୭୧୫୬୦

## ଏ ସପ୍ତାହର ପ୍ରଶ୍ନ

୧– ର୍ୟାବିଟ୍ ହିମୋରାଜିକ୍ ଡିଜିଜ୍ ପ୍ରଥମଥର ପାଇଁ............ ଦେଶରେ ବ୍ୟାପିଥିଲା ?
୨– ରାୟାନା ବର୍ଣ୍ଣାୱି ............. ଦେଶର ପ୍ରଥମ ମହିଳା ମହାକାଶଚାରୀ ?
୩– ଭାଇବ୍ରାଣ୍ଟ ଭିଲେଜେସ୍ ପ୍ରୋଗ୍ରାମ୍.............. ମନ୍ତ୍ରଣାଳୟ ଦ୍ୱାରା କାର୍ଯ୍ୟକାରୀ କରାଯାଇଛି ?
୪– ୟୁଏନ୍ ଡେମୋକ୍ରାସି ଫଣ୍ଡ ............. ବର୍ଷରେ ଆରମ୍ଭ ହୋଇଥିଲା ?
୫– ଉର୍ଜା ଗଙ୍ଗା ପାଇପ୍‌ଲାଇନ୍ସ ପ୍ରୋଜେକ୍ଟ ..........ରାଜ୍ୟରେ କାର୍ଯ୍ୟକାରୀ କରାଯାଇଛି ?

## ଗତ ଥରର ଉତ୍ତର

୧ କର୍ନାଟକ
୨ କୋନେରୁ ହମ୍ପି
୩ ଗୋଆ
୪ ବ୍ରାଜିଲ୍
୫ ସାବିତ୍ରୀ ବାଇ ଫୁଲେ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଉତ୍ତରଦାତା


ଶେଖ୍ ୟାକୁବ୍, ଗୋପ


ଦିବ୍ୟାଂଶୁ ସାହୁ, ନୟାଗଡ଼

## ଟପ୍ ୧୦

### ବଡ଼ ଖେଳନା କମ୍ପାନୀ




୧. ଲିଗୋ.................... ଡେନ୍‌ମାର୍କ
୨. ବାଣ୍ଡାଇ ନାମ୍‌କୋ.................... ଆମେରିକା
୩. ଫିଶର୍ ପ୍ରାଇସ୍.................... ଆମେରିକା
୪. ବାର୍ବି .................... ଆମେରିକା
୫. ନେର୍ଫ .................... ଆମେରିକା
୬. ଡ୍ରାଗନ୍ ବଲ୍ .................... ଜାପାନ
୭. ହାସ୍‌ବ୍ରୋ.................... ରୋଡେ ଆଇସ୍‌ଲାଣ୍ଡ, ଆମେରିକା
୮. ହଟ୍ ହ୍ୱିଲ୍ସ .................... ଆମେରିକା
୯. ପପ୍ .................... ଆମେରିକା
୧୦. ମାଇଁ ଲିଟଲ୍ ପୋନୀ .................... ଆମେରିକା

## ସ୍ୱାସ୍ଥ୍ୟ ପାଇଁ ମହୌଷଧି

# ହସ



ମୁହଁରେ ହସ ଏକ ପ୍ରଫୁଲ୍ଲ ମନର ପରିପ୍ରକାଶ, ଯାହାକି ମଣିଷ ସ୍ୱାସ୍ଥ୍ୟର ପରମ ଶତ୍ରୁ ବିଷାଦ, ମାନସିକ ଚିନ୍ତା, କ୍ରୋଧ ଆଦିକୁ ଦୂର କରେ। ଏହା ଏମିତି ଏକ ମହୌଷଧି, ଯାହା ରୋଗ ବିନାଶକାରୀ ଔଷଧଠାରୁ ବି ଅଧିକ ଉପକାରୀ...

**ହ**ସର କୌଣସି ଭାଷା ନାହିଁ। ଧନୀଠୁ ଗରିବ, ପିଲାଠୁ ବୃଦ୍ଧ ସମସ୍ତଙ୍କ ପାଇଁ ଏହା ସମାନ। ତେବେ ଏହା କେବଳ ମନର ଖୁସିକୁ ପରିପ୍ରକାଶ କରିବାର ଏକ ମାଧ୍ୟମ ନୁହେଁ, ଏହା ହେଉଛି ଏମିତି ଏକ ପ୍ରାକୃତିକ ବ୍ୟାୟାମ, ଯାହା ମଣିଷକୁ ସୁସ୍ଥ ରଖିବାରେ ବେଶ୍ ସାହାଯ୍ୟ କରେ। ତେବେ ବର୍ତ୍ତମାନ ବ୍ୟସ୍ତବହୁଳ ଜୀବନଶୈଳୀ ଭିତରେ ଖୁସି ବଦଳରେ ଚିନ୍ତା ଏବଂ ଅବସାଦରେ ଅନେକ ରହୁଥିବା ଦେଖିବାକୁ ମିଳୁଛି। ଫଳରେ ବିଭିନ୍ନ ରୋଗ ମଧ୍ୟ ବୃଦ୍ଧି ପାଉଛି, ଯାହାକୁ ଦୂର କରିବା ଲାଗି ହସ କେତେ ଉପକାରୀ ସେ ଦିଗରେ ଜନସାଧାରଣଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମେ' ପ୍ରଥମ ରବିବାରକୁ ବିଶ୍ୱ ହାସ୍ୟ ଦିବସ ଭାବେ ପାଳନ କରାଯାଉଛି। ସର୍ବପ୍ରଥମେ ୧୯୯୮ ମସିହାରେ ଭାରତର ମୁମ୍ବାଇଠାରେ ଡା. ମଦନ କାତାରିଆଙ୍କ ତତ୍ତ୍ୱାବଧାନରେ ମେ ୧୦ ତାରିଖ ଦିନ ଏହି ଦିବସ ପାଳନ କରାଯାଇଥିଲା। ସେବେଠାରୁ ଆଜି ପର୍ଯ୍ୟନ୍ତ ସମଗ୍ର ପୃଥିବୀର ପ୍ରାୟ ୭୦ରୁ ଉର୍ଦ୍ଧ୍ୱ ଦେଶରେ ଏହି ଦିବସ ପାଳନ କରାଯାଇଆସୁଅଛି। ଚଳିତବର୍ଷ ଏହି ଦିବସ ଅବସରରେ ଥିମ୍ ରହିଛି 'ହସ ଏବଂ ଖୁସିରେ ସମଗ୍ର ପୃଥିବୀକୁ ବଦଳାଇବାର ଶକ୍ତି ରହିଛି'।

– ପୌର୍ଣ୍ଣମାସୀ

## ହୃତ୍‌ପିଣ୍ଡକୁ ସୁସ୍ଥ ରଖେ ହସ



**ବ**ର୍ତ୍ତମାନ ବିଷାଦ, ମାନସିକ ଚିନ୍ତା, କ୍ରୋଧ ଆଦି ମଣିଷ ସ୍ୱାସ୍ଥ୍ୟର ପରମ ଶତ୍ରୁ ପାଲଟିଛି। ଆଉ ଏଥିପାଇଁ ସାରା ପୃଥିବୀରେ ହୃଦ୍‌ରୋଗ ଓ ହୃଦ୍‌ଘାତ ସବୁଠୁ ବଡ଼ ଘାତକ ବ୍ୟାଧି ପାଲଟିଛି ଏବଂ ଏଥିରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକ ମୃତ୍ୟୁମୁଖରେ ପଡୁଛନ୍ତି। ହେଲେ ଯେଉଁମାନେ ସର୍ବଦା ପ୍ରଫୁଲ୍ଲ ରହିଥା'ନ୍ତି, ସେମାନଙ୍କୁ ଚିନ୍ତା ଓ ଦୁଃଖ ଗ୍ରାସ କରେନାହିଁ। ସେମାନଙ୍କ ହୃତ୍‌ପିଣ୍ଡ ଠିକ୍ ରହିଥାଏ। କାରଣ ହୃତ୍‌ପିଣ୍ଡ ଭଳି ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ମଣିଷର ମନ ଓ ଭାବପ୍ରବଣତା ସହ ଓତପ୍ରୋତ ଭାବେ ଜଡ଼ିତ ହୋଇଥିବାରୁ ମଣିଷ ବିଷାଦରେ ବା' ଦୁଃଖରେ ରହିଲେ ମଧ୍ୟ ତା'ର ସମଗ୍ର ଦେହ ଭାରାକ୍ରାନ୍ତ ହୋଇଥାଏ। ଏହି ପ୍ରକ୍ରିୟାରେ ହୃତ୍‌ପିଣ୍ଡରୁ ଏବଂ ହୃତ୍‌ପିଣ୍ଡକୁ ରକ୍ତ ନେବାଆଣିବା କରୁଥିବା ରକ୍ତନଳୀ ଏବଂ ରକ୍ତନଳୀର ଆଭ୍ୟନ୍ତରୀଣ ଝିଲ୍ଲୀ ମଧ୍ୟ ଆକ୍ରାନ୍ତ ହୋଇଥା'ନ୍ତି। ଭୟ, ବିଷାଦରେ ହୃତ୍‌ପିଣ୍ଡ ପ୍ରକ୍ରିୟା ବଢ଼ିବା ସହିତ ରକ୍ତନଳୀଗୁଡ଼ିକ ସଂକୁଚିତ ହୋଇଯା'ନ୍ତି ଏବଂ ରକ୍ତପ୍ରବାହରେ ବାଧା ସୃଷ୍ଟି ହୋଇଥାଏ। ଫଳରେ ମସ୍ତିଷ୍କ, ବୃକ୍କ ଆଦି ମୁଖ୍ୟ ଅଙ୍ଗଗୁଡ଼ିକ ଆବଶ୍ୟକ ପରିମାଣରେ ରକ୍ତ ପାଇପାରନ୍ତି ନାହିଁ। ଫଳରେ ହୃଦ୍‌ଘାତ ଆଶଙ୍କା ବୃଦ୍ଧିପାଏ। ହେଲେ ଏକ ରିସର୍ଚ୍ଚରୁ ଜଣାପଡ଼ିଛି ଯେ, ଯେଉଁମାନେ ହସିହସି ଜୀବନ ବିତାଇଥା'ନ୍ତି, ସେମାନଙ୍କଠାରେ ହୃତ୍‌ପିଣ୍ଡଜନିତ ରୋଗ, ମାନସିକ ରୋଗ କମିଯାଏ। ଯଦି ଜଣେ ଲୋକ ଦିନକୁ ୧୦–୧୫ ମିନିଟ୍ ଯାଏ ହସେ, ତେବେ ୪୦ କ୍ୟାଲୋରି ଖର୍ଚ୍ଚ ହୋଇଯାଏ। ଏହା ନିୟମିତ ଭାବରେ କଲେ ମେଦବହୁଳତା ବି ହ୍ରାସ ହୁଏ। ଥରେ ହସିଲେ ହାରାହାରି ୩୫ ମିନିଟ୍‌ଯାଏ ଦେହ ହାଲୁକା ହୋଇଯାଇଥାଏ। ଏହାଛଡ଼ା ମଣିଷର ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବଢ଼ିଥାଏ। ହସିଲେ 'ଏଣ୍ଡୋର୍‌ଫିନ୍' ନାମକ ହର୍‌ମୋନ୍ ଶରୀରରୁ ନିର୍ଗତ କରାଇଥାଏ, ଯାହା ମାନସିକ ଅବସାଦକୁ ଦୂରେଇ ଦେଇଥାଏ ଏବଂ ଷ୍ଟ୍ରେସ୍ ହରମୋନ୍ କମାଇଦିଏ। ହସ ରକ୍ତଚାପ କମାଏ ଏବଂ ଶରୀରକୁ ବିଶୁଦ୍ଧ ରକ୍ତ ସଂଚାଳିତ ହୋଇଥାଏ। ଫଳରେ ହୃଦ୍‌ଘାତ ଆଶଙ୍କା କମିଥାଏ। ଏଇ ଚମତ୍କାରିତା କିଛି ମିନିଟ୍ ପାଇଁ ହୋଇଥାଏ ସତ ହେଲେ ଏହାର ସୁପ୍ରଭାବ ଘଣ୍ଟା ଘଣ୍ଟା ଧରି ରହିଥାଏ। ଏମିତିକି ଗୋଟିଏ ଘଣ୍ଟାର ହାସ୍ୟ ରସାତ୍ମକ ଚଳଚ୍ଚିତ୍ରର ଭଲ ପ୍ରଭାବ ପ୍ରାୟ ୧୨ରୁ ୨୪ ଘଣ୍ଟା ଯାଏ ରହିଥାଏ। ତେଣୁ ହଜାର ହଜାର ଟଙ୍କା ଖର୍ଚ୍ଚ କରି ଔଷଧ ଖାଇବା ବଦଳରେ କିଛି ସମୟ ହୃଦୟ ଖୋଲି ହସିଲେ ମଣିଷ ସୁସ୍ଥ ରହିବ ସେଥିରେ ସନ୍ଦେହ ନାହିଁ।

– ଡା. ରମାରମଣ ଷଡ଼ଙ୍ଗୀ
ହୃଦ୍‌ବକ୍ଷ ଶଲ୍ୟ ବିଶେଷଜ୍ଞ, କଟକ



## ଅନ୍ୟକୁ ହସାଇବାରେ ମିଳେ ଆତ୍ମସନ୍ତୋଷ



**ଆଶିଷ କୁମାର ଦାସ** (ହାସ୍ୟ ଅଭିନେତା)– **ହ**ସରେ ଏମିତି ଏକ ଯାଦୁ ରହିଛି, ଯାହା ଭାରାକ୍ରାନ୍ତ ମନକୁ ତତ୍‌କ୍ଷଣାତ୍ ରିଲାକ୍ସ କରିଦିଏ। ଏହା ଅଙ୍ଗେନିଭା ଅନୁଭୂତିରୁ କହିପାରୁଛି। ତେବେ ନିଜେ ହସିଲେ ଯେତିକି ଖୁସି ନ ଲାଗେ, ଅନ୍ୟ କାହାର ହସିବାର କାରଣ ସାଜିପାରିଲେ ତା'ଠୁ ଢେର୍ ଅଧିକ ଆତ୍ମସନ୍ତୋଷ ମିଳେ। ପିଲାବେଳୁ ହିଁ ସାଙ୍ଗସାଥୀଙ୍କଠୁ ଆରମ୍ଭ କରି ପରିବାର ସଦସ୍ୟଙ୍କ ପର୍ଯ୍ୟନ୍ତ ସଭିଙ୍କୁ ହସାଏ, ହେଲେ ଏହା ଯେ କେବେ ମୋର ପ୍ରଫେସନ୍ ପାଲଟିଯିବ ଭାବି ନ ଥିଲି। ୟୁଟ୍ୟୁବ୍‌ରେ ମିଷ୍ଟର ଗୁଲୁଆ ଭାବେ ମୋର କମେଡି ଭିଡିଓ ଦେଖି ଯେବେ ଦର୍ଶକ ହସନ୍ତି, ମୋତେ କମେଣ୍ଟ କରନ୍ତି ଅବା ଦେଖା ହେଲେ ପ୍ରଶଂସା କରନ୍ତି ଶ୍ରମ ସାର୍ଥକ ହୋଇଗଲା ଭଳି ମନେହୁଏ। ନିଜର କିଛି ସମୟ ଅଭିନୟରେ କାହାକୁ ହସାଇବା ଓ କାହା ମନରେ ଖୁସି ଆଣିଦେବାର ଆନନ୍ଦ ଅବର୍ଣ୍ଣନୀୟ। ଦର୍ଶକଙ୍କ ଭଲପାଇବା ହିଁ ମୋ ପାଇଁ ସବୁଠୁ ବଡ଼ ପୁରସ୍କାର। ମୋ ମତରେ ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ ରହିବା ଲାଗି ହସିବା ନିହାତି ଦରକାର। ତେଣୁ ଆଜି ବିଶ୍ୱ ହାସ୍ୟ ଦିବସରେ ସଭିଙ୍କୁ ଏହି ବାର୍ତ୍ତା ଦେବାକୁ ଚାହିଁବି ଯେ– ନିଜ ହସନ୍ତୁ, ଅନ୍ୟକୁ ହସାଇବାର କାରଣ ସାଜନ୍ତୁ ଏବଂ ସୁସ୍ଥ ରୁହନ୍ତୁ।

## ହସ ସବୁଠୁ ଭଲ ବ୍ୟାୟାମ



**ମାନସ ସାହୁ**(ଆନ୍ତର୍ଜାତିକ ବାଲୁକା ଶିଳ୍ପୀ, ପୁରୀ)– **କ**ର୍ମମୟ ଜଞ୍ଜାଳ ମଧ୍ୟରେ ଆମେ ଯେମିତି ହସିବା ଭୁଲିଗଲୁଣି। ଏହା ଏକ ଉତ୍ତମ ବ୍ୟାୟାମ। ହସିବା ସମୟରେ ସମସ୍ତ ଅଙ୍ଗ ପ୍ରତ୍ୟଙ୍ଗ ଚଳପ୍ରଚଳ ହୋଇ ରକ୍ତ ସଞ୍ଚାଳନ ଭଲ ଭାବେ ହୋଇଥାଏ। ଏହାଦ୍ୱାରା ଶରୀର ସୁସ୍ଥ ରହିବା ସହ ମନ ପ୍ରଫୁଲ୍ଲିତ ରହିଥାଏ। ବିଶ୍ୱ ହାସ୍ୟ ଦିବସ ଅବସରରେ ସମସ୍ତଙ୍କୁ ଅନୁରୋଧ ପ୍ରତିଦିନ କିଛି ସମୟ ପାଇଁ ମନ ଖୋଲି ହସନ୍ତୁ। ଜଣେ ସ୍ୟାଣ୍ଡ ଆର୍ଟିଷ୍ଟ ଭାବେ ବାଲୁକା କଳାରେ ଲୋକମାନଙ୍କର କିପରି ମନୋରଞ୍ଜନ ହେବ ସେଥିପ୍ରତି ଗୁରୁତ୍ୱ ଦେଇଥାଏ। ବେଳେ ବେଳେ ନିଜ କଳାକୃତି ମାଧ୍ୟମରେ ଅନ୍ୟକୁ ହସାଇବାର ପ୍ରୟାସ କରେ। ଅନେକ ସ୍ଥାନରେ ଫନି ଥିମ୍ ନେଇ ସ୍ୟାଣ୍ଡ ଆର୍ଟ କରେ, ବେଳେ ବେଳେ ପୁରୀ ବେଳାଭୂମିରେ ମଧ୍ୟ ମଜାଳିଆ ବାଲୁକା କାର୍ଟୁନ କରେ। ଆଉ ଯେତେବେଳେ ପର୍ଯ୍ୟଟକ ବୁଲିବା ସମୟରେ ଏହାର ମଜା ନିଅନ୍ତି, ସେଠାରେ କିଛି ସମୟ ଠିଆ ହୋଇ ହସନ୍ତି, ଏହାର ଫଟୋ ଉଠାନ୍ତି ଏବଂ ସୋସିଆଲ୍ ମିଡିଆରେ ଶେୟାର କରନ୍ତି ବହୁତ ଖୁସି ଲାଗେ।

## ୟୁଥ୍ ଆଲର୍ଟ

# ରାତିରେ ମନା ଏହି ଖାଦ୍ୟ

ଖାଦ୍ୟ ସମସ୍ତଙ୍କ ଜୀବନର ଆଧାର। ହେଲେ ଜାଣନ୍ତି କି, ଯେକୌଣସି ଖାଦ୍ୟ ପ୍ରତ୍ୟେକ ସମୟରେ ଖାଇବା ସ୍ୱାସ୍ଥ୍ୟପକ୍ଷେ ହିତକର ନୁହେଁ। କାରଣ ଏମିତି କିଛି ଖାଦ୍ୟ ରହିଛି, ଯାହାକୁ ରାତିରେ ଖାଇଲେ ଶରୀର ଉପରେ ନକାରାତ୍ମକ ପ୍ରଭାବ ପଡ଼ିପାରେ। ଜାଣିବା ରାତିରେ କ'ଣ ନ ଖାଇବା ଆବଶ୍ୟକ...



**ତେଲ ମସଲାଯୁକ୍ତ ଖାଦ୍ୟ:** ରାତ୍ର ଭୋଜନରେ ଏଭଳି ଖାଦ୍ୟକୁ ସାମିଲ କରିବା ଦ୍ୱାରା ସହଜରେ ଖାଦ୍ୟ ହଜମ ନ ହୋଇପାରି ଏସିଡିଟି, ଗ୍ୟାସ୍ ଏବଂ ଛାତି ଜଳିବା ଭଳି ସମସ୍ୟା ଉପୁଜିଥାଏ। ଏଣୁ ନିଦ୍ରାରେ ବାଧା ସୃଷ୍ଟି ହୋଇଥାଏ। ତେଣୁ ଏଭଳି ଖାଦ୍ୟ ରାତିରେ ଆଦୌ ଖାଆନ୍ତୁ ନାହିଁ ଏବଂ ଅନ୍ୟ ସମୟରେ ମଧ୍ୟ କମ୍ ଖାଆନ୍ତୁ। ଏହା ବଦଳରେ ଆପଣ ଅଳ୍ପ ତେଲ ମସଲାଯୁକ୍ତ ସୁଷମ ଖାଦ୍ୟ ଖାଇଲେ ସ୍ୱାସ୍ଥ୍ୟ ପ୍ରତି ହିତକର।

**ଫଳ:** କାହାକୁ ବା ପସନ୍ଦ ନୁହେଁ ଫଳ! ତେବେ ଫଳ ମଧ୍ୟରେ ବର୍ଷର ସବୁ ସମୟରେ ସହଜରେ ମିଳୁଥିବା କଦଳି ଖାଇବାକୁ ପ୍ରାୟ ସମସ୍ତେ ଭଲପାଆନ୍ତି। ଏଥିରେ ଅନେକ ପୋଷକତତ୍ତ୍ୱ ମଧ୍ୟ ଭରି ରହିଛି। ହେଲେ ଏହାକୁ ରାତିରେ ଖାଇଲେ ହଜମ ହେବାରେ କଷ୍ଟ ହୋଇଥାଏ। ତା'ଛଡ଼ା ଏହାଦ୍ୱାରା ଛାତିରେ କଫ ଜମା ହେବାର ବି ଆଶଙ୍କା ଥାଏ।

**ଚା କିମ୍ବା କଫି:** ଅନେକଙ୍କର ସକାଳୁ ଉଠିଲେ ଏବଂ ଶୋଇବା ପୂର୍ବରୁ ଚା କିମ୍ବା କଫି ପିଇବାର ଅଭ୍ୟାସ ରହିଛି। ହେଲେ ଆପଣ ଜାଣନ୍ତି କି ଏକ ରିସର୍ଚ୍ଚ ରିପୋର୍ଟ ମୁତାବକ ରାତିରେ ଏକ କପ୍ ଷ୍ଟ୍ରଙ୍ଗ୍ କଫି ପିଇବା ଦ୍ୱାରା ଏଥିରେ ଥିବା କ୍ୟାଫିନ୍ ଯୋଗୁ ୨ ଘଣ୍ଟାର ନିଦ୍ରା ନଷ୍ଟ ହୋଇଥାଏ। ତେଣୁ ଭଲ ନିଦ୍ରା ପାଇଁ ରାତିରେ ଏସବୁ ପିଇବା ଆଦୌ ହିତକର ନୁହେଁ।

**ଚକୋଲେଟ୍:** ଖାଇ ସାରିବା ପରେ କିଛି ମିଠା କିମ୍ବା ଚକୋଲେଟ୍ ଖାଇବାକୁ ଅନେକେ ପସନ୍ଦ କରନ୍ତି। ହେଲେ ରାତିରେ ଚକୋଲେଟ୍ ଖାଇଲେ ଏଥିରେ ଥିବା କ୍ୟାଫିନ୍ ନିଦ୍ରାହୀନତାର କାରଣ ସାଜିଥାଏ। ଏହା ବ୍ୟତୀତ ଏଥିରେ ଅଧିକ ମାତ୍ରାରେ ଥିବା ଚିନି ବା ସୁଗାର ମଣିଷଠାରେ ମେଦବହୁଳତା ସମସ୍ୟା ସୃଷ୍ଟି କରିଥାଏ।



## ଜାଣନ୍ତୁ ଦୁନିଆ

# ୟୁରୋପର ଅଜବ ପ୍ରଥା

ପୃଥିବୀର ବିଭିନ୍ନ ପ୍ରାନ୍ତରେ ଥିବା ଜନସାଧାରଣଙ୍କର ଚାଲିଚଳଣ, କଥାବାର୍ତ୍ତା ଏବଂ ପ୍ରଥା ପରସ୍ପରଠାରୁ ଭିନ୍ନ। ତେବେ ୟୁରୋପରେ ଏବେବି ଏମିତି କିଛି ପ୍ରଥାର ପ୍ରଚଳନ ରହିଛି, ଯାହା ସମ୍ପର୍କରେ ଜାଣିଲେ ଆଶ୍ଚର୍ଯ୍ୟ ହୋଇଯିବେ। ଜାଣିବା ଏଭଳି ବିଚିତ୍ର ପ୍ରଥା ସମ୍ପର୍କରେ...



**ଟମାଟିନୋ ଫେଷ୍ଟିଭାଲ:** ସ୍ପେନ୍‌ର ଭ୍ୟାଲେନ୍ସିଆନ୍ ନାମକ ଏକ ଛୋଟ ଟାଉନ୍‌ରେ ଅଗଷ୍ଟ ମାସ ତୃତୀୟ ବୁଧବାର ଦିନ ପାଳନ ହୋଇଥାଏ ଟମାଟିନୋ ଫେଷ୍ଟିଭାଲ୍, ଯେଉଁଥିରେ ପ୍ରତିବର୍ଷ ୪୦ ହଜାରରୁ ଉର୍ଦ୍ଧ୍ୱ ଲୋକ ଭାଗ ନେଉଥିବା ବେଳେ ପ୍ରାୟ ୪୦ ମେଟ୍ରିକ୍ ଟନ୍ ଟମାଟୋ ବ୍ୟବହାର କରାଯାଇଥାଏ। ଖୁବ୍ କମ୍ ସମୟ ପାଇଁ ଆୟୋଜିତ ଏହି ଫେଷ୍ଟିଭାଲ୍‌ରେ ମାତ୍ର ଏକ ଘଣ୍ଟା ମଧ୍ୟରେ ପରସ୍ପରକୁ ଏତେ ସଂଖ୍ୟାରେ ଟମାଟୋ ଫିଙ୍ଗିଥା'ନ୍ତି ଯେ ସହର ମଧ୍ୟରେ ଏକ ଟମାଟୋ ରସର ବନ୍ୟା ଭଳି ଦେଖାଯାଇଥାଏ।

**ଇଷ୍ଟରରେ ମହିଳାଙ୍କୁ ହୁଏ ମାଡ଼:** ଗୋଟିଏ ପର୍ବରେ ସମସ୍ତେ ମିଳିମିଶି ଖୁସି ମନାଇବା ବଦଳରେ ମହିଳାଙ୍କୁ ମାଡ଼ କାହିଁକି ହୁଏ, ଏକଥା ଆଶ୍ଚର୍ଯ୍ୟ ଲାଗୁଥିବ ନିଶ୍ଚୟ। ହେଲେ ୟୁରୋପର ଚେକ୍ ରିପବ୍ଲିକ୍‌ରେ ରହିଛି ଏଭଳି ଏକ ଅଜବ ପରମ୍ପରା। ଇଷ୍ଟର ପାଳନ ଅବସରରେ ସେଠାକାର ପୁରୁଷମାନେ ମହିଳାମାନଙ୍କୁ ଦେଖିବା ମାତ୍ରେ ଗଛର ଡାଳରେ ମାଡ଼ ମାରିଥା'ନ୍ତି। ଏହାଦ୍ୱାରା ମହିଳାଙ୍କ ପ୍ରଜନନ କ୍ଷମତା ବୃଦ୍ଧି ହେବା ସହ ପରିବାରକୁ ସୁଖ ସମୃଦ୍ଧି ଆସିଥାଏ ବୋଲି ସେଠାକାର ଲୋକେ ବିଶ୍ୱାସ ରଖନ୍ତି। ତେବେ ଏହି ମାଡ଼ ବଦଳରେ ମହିଳାମାନେ ଯୁବକମାନଙ୍କୁ ରଙ୍ଗିନ ଅଣ୍ଡା ଦେଉଥିବା ବେଳେ ମଧ୍ୟବୟସ୍କମାନଙ୍କୁ ମଦ ଉପହାର ଦେଇଥା'ନ୍ତି।

**କାଗା ଟିଓ:** ସ୍ପେନ୍‌ର କାଟାଲୋନିଆଠାରେ ଖ୍ରୀଷ୍ଟମାସ୍ ବେଳେ ଏକ ଅଜବ ପରମ୍ପରା ପାଳନ ହେଉଥିବାର ଦେଖାଯାଏ। ସେଠାକାର ଲୋକେ ଡିସେମ୍ବର ମାସ ଆରମ୍ଭରେ ଏକ ଛୋଟ କାଠଗଣ୍ଡିରେ ମୁହଁ ଭଳି ଆକୃତି ପ୍ରସ୍ତୁତ କରି ଘର ସମ୍ମୁଖରେ ରଖନ୍ତି, ଯାହାକୁ କାଗାଟିଓ କୁହାଯାଏ। ପିଲାମାନେ ଏହାର ଯତ୍ନ ନିଅନ୍ତି ଏବଂ ଖାଇବାକୁ ଦିଅନ୍ତି, ପ୍ରତିବଦଳରେ ସେ ତାଙ୍କୁ ଉପହାର ଦେବ ବୋଲି ସେମାନଙ୍କର ବିଶ୍ୱାସ ରହିଥାଏ। ଖ୍ରୀଷ୍ଟମାସ ଦିନ ପିଲାମାନେ ଏକ ସ୍ୱତନ୍ତ୍ର ଗୀତ ଗାଇ ବାଡ଼ି ସାହାଯ୍ୟରେ ଏହାକୁ ମାରିଥା'ନ୍ତି। ଶେଷରେ ସେମାନଙ୍କୁ ସେଥିରୁ ପରିବାର ସଦସ୍ୟଙ୍କ ଦ୍ୱାରା ପୂର୍ବରୁ ଲୁଚାଇ ରଖାଯାଇଥିବା ଛୋଟ ଛୋଟ ଉପହାର ଚକୋଲେଟ୍ ଆଦି ମିଳିଥାଏ।



# ଚେନ୍ନାଇର ସହଜ ବିଜୟ

ଚେନ୍ନାଇ,୬।୫(ପି.ଟି.)

ପେସ୍ ବୋଲରଙ୍କ ଘାତକ ବୋଲିଂ ଏବଂ ଓପନିଙ୍ଗ ବ୍ୟାଟରଙ୍କ ଦୃଢ଼ ବ୍ୟାଟିଂ ବଳରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚକୁ ୬ ଉଇକେଟରେ ଜିତି ନେଇଛି ଚେନ୍ନାଇ ସୁପର କିଙ୍ଗ୍ସ। ଚେନ୍ନାଇର ତିନି ପେସ୍ ବୋଲର ଦୀପକ ଚହର, ତୁଷାର ଦେଶପାଣ୍ଡେ ଏବଂ ମଥିଶା ପଥିରାନା ନିଜ ମଧ୍ୟରେ ୭ ଉଇକେଟ ବାଣ୍ଟି ନେବାରୁ ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ୨୦ ଓଭରରେ ୮ ଉଇକେଟ ହରାଇ ୧୩୯ ରନ୍ କରିଥିଲା। ଜବାବରେ ଡେଭନ କନୱେଙ୍କ ୪୪ ରନ୍ ବଳରେ ଚେନ୍ନାଇ ୪ ଉଇକେଟ ହରାଇ ୧୪ ବଲ୍ ବାକିଥାଇ ମ୍ୟାଚ୍‌କୁ ଜିତି ନେଇଥିଲା। ସୂର୍ଯ୍ୟକୁମାର ଯାଦବଙ୍କ ସ୍ଥାନରେ ରାଘବ ଗୋୟଲ ଓ ମହୀଷ ଥିକ୍ସାନାଙ୍କ ସ୍ଥାନରେ ଅମ୍ବାତି ରାୟୁଡୁ ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟ୍ ଭାବରେ ସାମିଲ ହୋଇଥିଲେ।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ଇଣ୍ଡିଆନ୍ସର ଆରମ୍ଭ ଭଲ ରହି ନ ଥିଲା। ରୋହିତ ଶର୍ମାଙ୍କ ସ୍ଥାନରେ କାମେରନ୍ ଗ୍ରୀନ୍ ଓପନ କରିଥିବା ବେଳେ ମାତ୍ର ୬ ରନ୍ କରି ସେ ଦ୍ୱିତୀୟ ଓଭରରେ ଆଉଟ ହୋଇଥିଲେ। ତୃତୀୟ ଓଭର ବୋଲିଂ କରିଥିବା ଦୀପକ ଚହର ମାତ୍ର ୨ ରନ୍ ଦେଇ ଇଶାନ କିଶନ(୭) ଓ ରୋହିତ ଶର୍ମା(୦)ଙ୍କୁ ଆଉଟ କରିଥିଲେ। ୧୪ ରନ୍‌ରେ ୩ ଉଇକେଟ ପଡ଼ିବା ପରେ ସୂର୍ଯ୍ୟକୁମାର ଯାଦବ(୨୬) ଓ ନେହାଲ ୱଧେରା (୬୪) ଚତୁର୍ଥ ଉଇକେଟରେ ୫୫ ରନ୍ ଯୋଡ଼ିଥିଲେ। ଉଭୟ ଖେଳାଳି ୪୯ ବଲ୍ ଖେଳିଥିବା ବେଳେ ରବୀନ୍ଦ୍ର ଜାଡେଜା ଏହି ଯୋଡ଼ି ଭାଙ୍ଗିଥିଲେ। ପରବର୍ତ୍ତୀ ବ୍ୟାଟର ଟ୍ରିଷ୍ଟାନ୍ ଷ୍ଟବ୍ସ(୨୦)ଙ୍କ ସହିତ ନେହାଲ ୫୪ ରନ୍ ଯୋଡ଼ିଥିଲେ। ୧୮ ତମ ଓଭରରେ ନେହାଲଙ୍କୁ ବୋଲ୍ଡ କରି ପଥିରାନା ମୁମ୍ବାଇର ରନ୍ ହାର ଉପରେ ରୋକ୍ ଲଗାଇଥିଲେ। ୫୧ ବଲ୍ ଖେଳିଥିବା ନେହାଲ ୮ ଚୌକା ଓ ୧ ଛକା ମାରିଥିଲେ। ଏହି ୩ ଖେଳାଳିଙ୍କୁ ବାଦ ଦେଲେ ମୁମ୍ବାଇର କୌଣସି ଖେଳାଳି ଦୁଇ ଅଙ୍କ ସ୍କୋର ଛୁଇଁ ପାରି ନ ଥିଲେ। ଚେନ୍ନାଇ ପକ୍ଷରୁ ମଥିଶା ପଥିରାନା ସର୍ବାଧିକ ୩ ଉଇକେଟ ନେଇଥିବା ବେଳେ ଦୀପକ ଚହର ଓ ତୁଷାର ଦେଶପାଣ୍ଡେ ଦୁଇଟି ଲେଖାଏ ଉଇକେଟ ନେଇଥଲେ।

୧୪୦ ରନ୍ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ଚେନ୍ନାଇ ସୁପର କିଙ୍ଗ୍ସ ପକ୍ଷରୁ ଜଣେ ବି ଖେଳାଳି ଅର୍ଦ୍ଧଶତକ ହାସଲ କରି ନ ଥିଲେ। ସମସ୍ତ ଟପ୍ ଅର୍ଡର ଖେଳାଳିଙ୍କ ଉପଯୋଗୀ ଅବଦାନ ଫଳରେ ଦଳ ୬ ଉଇକେଟରେ ମ୍ୟାଚକୁ ଜିତି ନେଇଥିଲେ। ଦୁଇ ଓପନର ଋତୁରାଜ ଗାଏକ୍ୱାଡ(୩୦)ଓ ଡେଭନ୍ କନ୍‌ୱେ(୪୪) ପ୍ରଥମ ଉଇକେଟରେ ୪୬ ରନ୍ ଯୋଡ଼ିଥିଲେ। ଏହାପରେ ଅଜିଙ୍କ୍ୟ ରାହାନେ ୨୧ ରନ୍ କରିଥିଲେ। ଦଳୀୟ ସ୍କୋର ୮୧ ରନରେ ରାହାନେ ଆଉଟ ହୋଇଥିଲେ। ଅମ୍ବାତି ରାୟୁଡୁ ୧୨ ରନ୍ କରି ଆଉଟ ହେବା ସହ ଆଉଥରେ ବିଫଳ ହୋଇଥିଲେ। ବିଜୟ ପାଇଁ ୯ ରନ୍ ଆବଶ୍ୟକ ଥିବା ବେଳେ ଟପ୍ ସ୍କୋରର ଡେଭନ୍ କନ୍‌ୱେ ୪୪ ରନ୍ କରି ଆଉଟ ହୋଇଥିଲେ। ଶିବମ୍ ଦୁବେ ୨୬ ଓ ମହେନ୍ଦ୍ର ସିଂ ଧୋନୀ ୨ରନ୍‌ରେ ଅପରାଜିତ ରହି ଦଳକୁ ବିଜୟୀ କରିଥିଲେ। ମୁମ୍ବାଇ ପକ୍ଷରୁ ପୀୟୁଷ ଚାୱଲା ୨ ଉଇକେଟ ନେଇଥିବା ବେଳେ ଆକାଶ ମାଧୱାଲ ଓ ଟ୍ରିଷ୍ଟାନ ଷ୍ଟବ୍ସ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ପଥିରାନାଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୩୯/୮ (ସୂର୍ଯ୍ୟକୁମାର ଯାଦବ-୨୬, ନେହାଲ ୱଧେରା -୬୪, ଟ୍ରିଷ୍ଟାନ ଷ୍ଟବ୍ସ-୨୦, ମଥିଶା ପଥିରାନା-୩/୧୫, ତୁଷାର ଦେଶପାଣ୍ଡେ-୨/୨୬, ଦୀପକ ଚହର-୨/୧୮)। ଚେନ୍ନାଇ ସୁପର୍ କିଙ୍ଗ୍ସ ୧୭.୪ ଓଭରରେ ୧୪୦/୪ (ଡେଭନ୍ କନ୍‌ୱେ-୪୪, ଋତୁରାଜ ଗାଏକ୍ୱାଡ-୩୦, ଶିବମ ଦୁବେ-୨୬*, ପୀୟୁଷ ଚାୱଲା-୨/୨୪, ଆକାଶ ମାଧୱାଲ-୧/୪, ଟ୍ରିଷ୍ଟାନ ଷ୍ଟବ୍ସ-୧/୧୪)।



ବୋଲିଂ ଆକ୍ସନରେ ପ୍ଲେୟର ଅଫ୍ ଦି ମ୍ୟାଚ୍ ଚେନ୍ନାଇ ସୁପର କିଙ୍ଗ୍ସର ମଥିଶା ପଥିରାନା।

# ସଲ୍ଟଙ୍କ ଅର୍ଦ୍ଧଶତକରେ ଜିତିଲା ଦିଲ୍ଲୀ

ନୂଆଦିଲ୍ଲୀ,୬।୫

ଅରୁଣ ଜେଟ୍‌ଲୀ କ୍ରିକେଟ ଷ୍ଟାଡିୟମରେ ଆଇପିଏଲ୍‌ର ୫୦ତମ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର(ଆର୍‌ସିବି)କୁ ୭ ଉଇକେଟରେ ପରାସ୍ତ କରିଛି ଦିଲ୍ଲୀ କ୍ୟାପିଟାଲ୍ସ। ବିରାଟ କୋହଲି ଓ ମହିପାଲ ଲୋମରୋର୍‌ଙ୍କ ଅର୍ଦ୍ଧଶତକ ସହାୟତାରେ ଆର୍‌ସିବି ୨୦ ଓଭରରେ ୪ ଉଇକେଟ ହରାଇ ୧୮୧ ରନ୍ କରିଥିଲା। ଜବାବରେ ଦିଲ୍ଲୀ ୧୬.୪ ଓଭରରେ ୩ ଉଇକେଟ ହରାଇ ବିଜୟୀ ହୋଇଥିଲା। ଇଶାନ୍ତ ଶର୍ମାଙ୍କ ସ୍ଥାନରେ ରିପଲ ପଟେଲ ଓ କେଦାର ଯାଦବଙ୍କ ସ୍ଥାନରେ ହର୍ଷଲ ପଟେଲ ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟ ରହିଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆର୍‌ସିବି ପକ୍ଷରୁ ଡୁ ପ୍ଲେସି ୩୨ ବଲ୍‌ରୁ ୪୫ ରନ୍ କରିଥିବା ବେଳେ କୋହଲି ୪୬ ବଲ୍ ଖେଳି ୫୫ ରନ୍ କରିଥିଲେ। ପ୍ରଥମ ଉଇକେଟରେ ୮୨ ରନ୍ ଯୋଡ଼ିଥିଲେ। ଡୁ ପ୍ଲେସିଙ୍କ ଇନିଂସରେ ୫ ଚୌକା ସାମିଲ ଥିବା ବେଳେ କୋହଲି ୫ ଚୌକା ଓ ୧ ଛକା ମାରିଥିଲେ। ଲୋମରୋର ଶେଷ ଯାଏ ଅପରାଜିତ ରହି ସେ ୬ଚୌକା ଓ ୩ ଛକା ସହ ୨୯ ବଲରୁ ୫୪ ରନ୍ କରିଥିଲେ। ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ମିଚେଲ ମାର୍ଶ ୨, ମୁକେଶ କୁମାର ଓ ଖଲିଲ ଅହମଦ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଫିଲିପ୍ ସଲ୍ଟଙ୍କ ୪୫ ବଲ୍ ୮୭ ରନ୍ ବଳରେ ଦିଲ୍ଲୀ ସହଜ ବିଜୟ ହାସଲ କରିଥିଲା। ଅନ୍ୟ ଖେଳାଳିଙ୍କ ମଧ୍ୟରେ ରିଲି ରୋଷୋ ୩୫*, ମିଚେଲ ମାର୍ଶ ୨୬ ଓ ଡେଭିଡ୍ ୱାର୍ନର ୨୨ ରନ୍ କରିଥିଲେ। ଆର୍‌ସିବି ପକ୍ଷରୁ ହାଜେଲଉଡ୍, ହର୍ଷଲ ପଟେଲ ଓ କର୍ନ ଶର୍ମା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୧୮୧/୪ (ମହିପାଲ ଲୋମରୋର-୫୪*, ବିରାଟ କୋହଲି-୫୫, ଫାଫ୍ ଡୁ ପ୍ଲେସି-୪୫, ମିଚେଲ ମାର୍ଶ-୨/୨୧, ମୁକେଶ କୁମାର-୧/୩୦, ଖଲିଲ ଅହମଦ-୧/୪୫)। ଦିଲ୍ଲୀ କ୍ୟାପିଟାଲ୍ସ ୧୬.୪ ଓଭରରେ ୧୮୭/୩ (ଫିଲିପ୍ ସଲ୍ଟ-୮୭, ରିଲି ରୋଷୋ-୩୫*, ମିଚେଲ ମାର୍ଶ-୨୬, ଜୋଶ ହାଜେଲଉଡ-୧/୨୯, ହର୍ଷଲ ପଟେଲ-୧/୩୨, କର୍ନ ଶର୍ମା-୧/୩୩)।



ବିରାଟ କୋହଲି

## ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)

**ଗୁଜରାଟ ବନାମ ଲକ୍ଷ୍ନୌ**
ସ୍ଥାନ: ଦିଲ୍ଲୀ,
ସମୟ: ଅପରାହ୍ନ ୩.୩୦

**ରାଜସ୍ଥାନ ବନାମ ହାଇଦ୍ରାବାଦ**
ସ୍ଥାନ: ଜୟପୁର,
ସମୟ: ରାତି ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୦ | ୭ | ୩ | ୧୪ | +୦.୭୫୨ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୧ | ୬ | ୪ | ୧୩ | +୦.୪୦୯ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୦ | ୫ | ୪ | ୧୧ | +୦.୬୩୯ |
| ରାଜସ୍ଥାନ ରୟାଲ୍ସ | ୧୦ | ୫ | ୫ | ୧୦ | +୦.୪୪୮ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୦ | ୫ | ୫ | ୧୦ | -୦.୨୦୯ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୦ | ୫ | ୫ | ୧୦ | -୦.୪୫୪ |
| ପଞ୍ଜାବ କିଙ୍ଗ୍ସ | ୧୦ | ୫ | ୫ | ୧୦ | -୦.୪୭୨ |
| କୋଲକାତା ନାଇଟ ରାଇଡର୍ସ | ୯ | ୩ | ୬ | ୬ | -୦.୧୪୭ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୦ | ୪ | ୬ | ୮ | -୦.୫୨୯ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୮ | ୩ | ୫ | ୬ | -୦.୫୭୭ |

# ଫେୟାର ପ୍ଲେ କମିଟିର ସଦସ୍ୟ ଅପରାଜିତା



ଭୁବନେଶ୍ୱର,୬।୫(ସ୍ପୋର୍ଟ୍ସ ବ୍ୟୁରୋ)

ସର୍ବଭାରତୀୟ ଚେସ୍ ସଂଘ ଫେୟାର ପ୍ଲେ କମିଟି ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି ଓଡ଼ିଆ ଝିଅ ତଥା ଅନ୍ତର୍ଜାତୀୟ ଚେସ୍ ଖେଳାଳି ଓ ଆର୍ବିଟର ଅପରାଜିତା ଗୋଛିକାର। ସର୍ବଭାରତୀୟ ଚେସ୍ ଫେଡେରେଶନ ପକ୍ଷରୁ ଗଠିତ ଏହି କମିଟିରେ ଅପରାଜିତାଙ୍କ ସମେତ ଚାରିଜଣ ସଦସ୍ୟ ରହିଛନ୍ତି। ୪୪ତମ ଫିଡେ ଚେସ୍ ଅଲିମ୍ପିଆଡ୍‌ରେ ପ୍ରଦର୍ଶନକୁ ଦୃଷ୍ଟିରେ ରଖି ଫେୟାର ପ୍ଲେ ଏକ୍ସପର୍ଟ ନର୍ମ ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।

# ବିନ୍ଧ୍ୟାରାଣୀ ଦେବୀ ଜିତିଲେ ରୌପ୍ୟ

ଜିନ୍‌ହୁ (କୋରିଆ),୬।୫(ପି.ଟି.)

**ଏସୀୟ ଭାରୋତ୍ତୋଳନ ଚାମ୍ପିୟନଶିପ୍**

ଭାରତୀୟ ଭାରୋତ୍ତୋଳିକା ମଣିପୁରର ବିନ୍ଧ୍ୟାରାଣୀ ଦେବୀ ଏଠାରେ ଚାଲିଥିବା ଏସୀୟ ଚାମ୍ପିୟନଶିପ୍ ମହିଳା ୫୫ କେଜି ପ୍ରତିଯୋଗିତାରେ ରୌପ୍ୟ ପଦକ ଲାଭ କରିଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ରୌପ୍ୟ ବିଜେତା ଟୋଟାଲ ଇଫୋର୍ଟରେ ୧୯୪ କେଜି (୮୩କେଜି+୧୧୧କେଜି) ଉଠାଇ ଚାମ୍ପିୟନଶିପ୍‌ର ଏହି ସଂସ୍କରଣର ପଦକ ତାଲିକାରେ ଭାରତର ଖାତା ଖୋଲିଛନ୍ତି। ସେ କ୍ଲିନ ଓ ଜର୍କ ବିଭାଗରେ ମଧ୍ୟ ରୌପ୍ୟ ଜିତିଛନ୍ତି, ହେଲେ ସେ ଅଣଅଲିମ୍ପିକ ୱେଟ୍ କାଟେଗୋରିରେ ଏହି ସବୁ ପଦକ ଜିତିଛନ୍ତି। ଚାଇନିଜ ତାଇପେର ଚେନ୍ ଗୁଆନ୍ ଲିଙ୍ଗ୍ ଟୋଟାଲ ଇଫୋର୍ଟରେ ୨୦୪କେଜି (୯୦କେଜି+୧୧୪କେଜି) ଓଜନ ଉଠାଇ ପ୍ରଥମ ସ୍ଥାନ ସହ ସ୍ୱର୍ଣ୍ଣ ପଦକ ଲାଭ କରିଥିବା ବେଳେ ଭିଏଟ୍‌ନାମର ଭୋ ଥି କ୍ୱିନ୍ ଏନ୍‌ହୁ ୧୯୨କେଜି ଓଜନ (୮୮କେଜି+୧୦୪କେଜି) ଉତ୍ତୋଳନ କରି ବ୍ରୋଞ୍ଜ ପାଇଛନ୍ତି। ୨୦୨୪ ଅଲିମ୍ପିକ କ୍ୱାଲିଫିକେଶନ ନିୟମାନୁସାରେ ଜଣେ ଲିଫ୍ଟରଙ୍କୁ ୨୦୨୩ ବିଶ୍ୱ ଚାମ୍ପିୟନଶିପ୍ ଓ ୨୦୨୪ ବିଶ୍ୱକପ୍‌ରେ ଅଂଶଗ୍ରହଣ ବାଧ୍ୟତାମୂଳକ। ଉପରୋକ୍ତ ଦୁଇ ଇଭେଣ୍ଟ ବ୍ୟତୀତ ଜଣେ ଲିଫ୍ଟରଙ୍କୁ ନିମ୍ନ ଉଲ୍ଲେଖିତ ପ୍ରତିଯୋଗିତାଗୁଡ଼ିକ ମଧ୍ୟରୁ ଅତିକମ୍‌ରେ ୩ଟିରେ ଭାଗ ନେବାକୁ ହେବ। ସେଗୁଡ଼ିକ ହେଲା ୨୦୨୨ ବିଶ୍ୱ ଚାମ୍ପିୟନଶିପ୍, ୨୦୨୩ କଣ୍ଟିନେଣ୍ଟାଲ ଚାମ୍ପିୟନଶିପ୍, ୨୦୨୩ ଗ୍ରାଁ ପ୍ରି-୧, ୨୦୨୩ ଗ୍ରାଁ ପ୍ରି-୨ ଏବଂ ୨୦୨୪ କଣ୍ଟିନେଣ୍ଟାଲ ଚାମ୍ପିୟନଶିପ୍। ଏଠାରେ ୪୯ କେଜି କାଟେଗୋରିରେ ୬ଷ୍ଠ ସ୍ଥାନ ଅଧିକାର କରିଥିବା ମୀରାବାଈ ଚାନୁ ଓ ବିନ୍ଧ୍ୟାରାଣୀ ଗତ ବର୍ଷ ବିଶ୍ୱ ଚାମ୍ପିୟନଶିପ୍‌ରେ ଭାଗ ନେଇଥିଲେ। ଏହି ଦୁଇ ଜଣଙ୍କୁ ବର୍ତ୍ତମାନ ବାଧ୍ୟତାମୂଳକ ଦୁଇ ପ୍ରତିଯୋଗିତା ବ୍ୟତୀତ ଅନ୍ୟ ଏକ ଅତିରିକ୍ତ ଚାମ୍ପିୟନଶିପ୍‌ରେ ଭାଗ ନେବାକୁ ପଡ଼ିବ।

**କବାଡ଼ି ମହାସଂଘ ନିର୍ବାଚନ**

# ହାଇକୋର୍ଟଙ୍କ ରହିତାଦେଶ

ନୂଆଦିଲ୍ଲୀ,୬।୫(ପି.ଟି.)

ଭାରତୀୟ ଆମେଚର କବାଡି ମହାସଂଘ(ଏକେଏଫ୍‌ଆଇ)ର ନିର୍ବାଚନ ବିଜ୍ଞପ୍ତି ଉପରେ ଦିଲ୍ଲୀ ହାଇକୋର୍ଟ ରହିତାଦେଶ ଦେଇଛନ୍ତି। କବାଡି ସହ ଜଡିତ ନ ଥିବା ଅଧିକାରୀମାନଙ୍କ ଭୋଟଦାନ ଅଧିକାର ଖାରଜ ହେବାକୁ ନେଇ ଅଗତ ଯାଚିକା ଉପରେ ଶୁଣାଣି କରି କୋର୍ଟ ଏହି ନିଷ୍ପତ୍ତି ନେଇଛନ୍ତି। ଖେଳ ସହ ସମ୍ପୃକ୍ତ ନ ଥିବା କାରଣରୁ ୧୩ ଜଣଙ୍କ ଭୋଟଦାନ ଅଧିକାର ଉପରେ ରୋକ ଲାଗିଥିଲା। ଜାତୀୟ ସ୍ପୋର୍ଟ୍ସ ମଡେଲ ଓ ଆଇନ ଲାଗୁ କରିବା ପରଠାରୁ ଏହି ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିବା ବେଳେ କୋର୍ଟଙ୍କ ପକ୍ଷରୁ ଏକେଏଫ୍‌ଆଇ ଓ କେନ୍ଦ୍ର ସରକାରଙ୍କୁ ନୋଟିସ୍ ଜାରି କରାଯାଇଛି।

# ଭଦ୍ରକରେ ଓସିଏ ସ୍ପିନର ଟ୍ୟାଲେଣ୍ଟ ହଣ୍ଟ କ୍ୟାମ୍ପ

ଭୁବନେଶ୍ୱର, ୬।୫ (ସ୍ପୋର୍ଟ୍ସ ବ୍ୟୁରୋ)

ଭଦ୍ରକ ରେଲୱେ ଷ୍ଟାଡିୟମରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ସ୍ପିନର ଟ୍ୟାଲେଣ୍ଟ ହଣ୍ଟ କ୍ୟାମ୍ପ ଶନିବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ମୟୂରଭଞ୍ଜ ଓ ଯାଜପୁର ଜିଲାର ଜୋନାଲ ଭେନ୍ୟୁ ଭଦ୍ରକରେ ୯୭ଜଣ ସ୍ପିନ ବୋଲର ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରିଥିଲେ। ଓଡ଼ିଶା ସିନିୟର ପୁରୁଷ ଦଳ ମୁଖ୍ୟ କୋଚ୍ ଦୀନେଶ ମୋଙ୍ଗିଆଙ୍କ ବ୍ୟତୀତ ଓସିଏର ଜୁନିୟର ଓ ସିନିୟର ଚୟନକର୍ତ୍ତାଗଣ, ଅମିୟ ରାୟ, ସୁବିତ ବିଶ୍ୱାଳ, ପ୍ରଭଞ୍ଜନ ମଲିକ, ନିରଞ୍ଜନ ବେହେରା ଓ ଶୁଭ୍ରଜିତ୍ ସାହୁ ପ୍ରମୁଖ ପ୍ରତିଭା ଚିହ୍ନଟ କରିଥିଲେ। ଏହି କ୍ୟାମ୍ପର ଉଦ୍‌ଘାଟନ ବେଳେ ଭଦ୍ରକ ଜିଲା କ୍ରିକେଟ ଆସୋସିଏଶନର କର୍ମକର୍ତ୍ତାଗଣ ଯଥା ସଭାପତି ଉପେନ୍ଦ୍ର ବାରିକ, ଉପସଭାପତି ଭବତୋଷ ଦାସ, ସାଧାରଣ ସମ୍ପାଦକ ଧୀରେନ ପଲାଇ, କୋଷାଧ୍ୟକ୍ଷ ବ୍ୟୋମକେଶ ସେନାପତି, କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଜ୍ୟୋତିକାନ୍ତ ନାୟକ, ପୱନ ଶର୍ମା, ନରେନ ପଲାଇ ଏବଂ ଉପଦେଷ୍ଟା କମିଟି ସଦସ୍ୟ ବିଜୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ।




ଦୀନେଶ ମୋଙ୍ଗିଆଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ଧୀରେନ ପଲାଇ ଓ ଉପେନ୍ଦ୍ର ବାରିକ।

# କଟକ, କନ୍ଧମାଳର ସହଜ ବିଜୟ

ଭୁବନେଶ୍ୱର,୬।୫ (ସ୍ପୋର୍ଟ୍ସ ବ୍ୟୁରୋ)

**ସାହାଣୀ କପ୍ ଫୁଟ୍‌ବଲ**

୬୨ତମ ଜାତୀୟ ପୁରୁଷ ସିନିୟର ଆନ୍ତଃଜିଲା ଫୁଟ୍‌ବଲ ଚାମ୍ପିୟନଶିପ୍ ସାହାଣୀ କପ୍‌ର କ୍ୱାର୍ଟରଫାଇନାଲ ଲିଗ୍ ପର୍ଯ୍ୟାୟରେ ଶନିବାର ଖେଳାଯାଇଥିବା ଦୁଇଟି ମ୍ୟାଚରେ କଟକ ଓ କନ୍ଧମାଳ ସେମାନଙ୍କ ମ୍ୟାଚରେ ସହଜ ବିଜୟ ହାସଲ କରିଛନ୍ତି। ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ଫୁଟ୍‌ବଲ ଆରେନାଠାରେ ଅନୁଷ୍ଠିତ ମ୍ୟାଚରେ କଟକ ୪-୦ ଗୋଲରେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆରଏସ୍‌ପି)କୁ ହରାଇ ଦେଇଛି। ଦଳ ପକ୍ଷରୁ ପ୍ରକାଶ ନାୟକ ହ୍ୟାଟ୍ରିକ୍ ଗୋଲ୍ (୪୫ତମ, ୬୬ତମ, ୭୩ତମ ମିନିଟ) ସ୍କୋର କରିଥିବା ବେଳେ ଦୀନବନ୍ଧୁ ଦାସ ୩୩ତମ ମିନିଟରେ ଦଳ ପକ୍ଷରୁ ପ୍ରଥମ ଗୋଲ ଦେଇଥିଲେ।

ଶିବଶଙ୍କର ପଣ୍ଡା, ଚନ୍ଦ୍ରକାନ୍ତ ବାରିକ, ଦୁର୍ଗା ମାଧବ ଆଚାର୍ଯ୍ୟ ଓ ଦେବରାଜ ସ୍ୱାଇଁ ମ୍ୟାଚ ଅଫିସିଆଲ ଦାୟିତ୍ୱ ତୁଲାଇଥିବା ବେଳେ ଦୁର୍ଗାମାଧବ ନାୟକ ମ୍ୟାଚ କମିଶନର ରହିଥିଲେ। କଟକସ୍ଥିତ ଓଟିଏମ୍ ଗ୍ରାଉଣ୍ଡରେ ଖୋର୍ଦ୍ଧା ବିପକ୍ଷରେ କନ୍ଧମାଳ ୩-୦ ଗୋଲ୍‌ରେ ବିଜୟୀ ହୋଇଛି। ଦଳ ପକ୍ଷରୁ ସଞ୍ଜୀବ ଓରାମ (୩୨ତମ ମିନିଟ), ରମେଶ ଓରାମ (୪୦ତମ) ଓ ରାହୁଲ ମୁଖୀ (୭୨ତମ) ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଏଥିରେ ଶ୍ରୀକାନ୍ତ ବହିଦାର, ସୁବ୍ରତ ପୁରୋହିତ, ବିପୁଲ ବିଦ୍ୟାଧର ଓ ଶଶିକାନ୍ତ ଦାସିଆ ମ୍ୟାଚ ଅଫିସିଆଲ ଏବଂ ଯୁଗଳ କିଶୋର ଦାସ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ।




ଖୋର୍ଦ୍ଧା ଓ କନ୍ଧମାଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍

# ନଜରରେ ଭାରତୀୟ ଆଥ୍‌ଲେଟ

**ଆଜି ବିଶ୍ୱ ଆଥ୍‌ଲେଟିକ୍ସ ଦିବସ**

ପ୍ରତି ବର୍ଷ ମେ' ୭ ତାରିଖକୁ ବିଶ୍ୱ ଆଥ୍‌ଲେଟିକ୍ସ ଦିବସ ଭାବରେ ପାଳନ କରାଯାଇଥାଏ। ସମଗ୍ର ବିଶ୍ୱର କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଏହି ଦିବସ ପାଳନ କରାଯାଇଥାଏ। ଏହା ସହିତ ଶିଶୁ ଓ ଯୁବକମାନଙ୍କ ମଧ୍ୟରେ ଫିଟ୍‌ନେସ୍‌କୁ ନେଇ ସଚେତନତା ସୃଷ୍ଟି କରିବା ଏହି ଦିବସର ମୁଖ୍ୟ ଲକ୍ଷ୍ୟ। ୧୯୯୬ ମସିହାରେ ବିଶ୍ୱ ଆଥ୍‌ଲେଟିକ୍ସ ଦିବସ ପ୍ରଥମ ଥର ପାଳନ କରାଯାଇଥିଲା। ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ୍ ଆଥ୍‌ଲେଟିକ୍ସ ଫେଡେରେଶନ (ଆଇଏଏଏଫ୍) ପକ୍ଷରୁ ପ୍ରଥମ ଥର ପାଇଁ ଏହି ଦିବସର ପ୍ରଚଳନ କରାଯାଇଥିଲା। ୧୯୧୨ରେ ଆଇଏଏଏଫ୍ ସ୍ଥାପନ କରାଯାଇଥିଲା। ୨୦୧୯ରେ ଏହାର ନାମ ୱାର୍ଲ୍ଡ ଆଥ୍‌ଲେଟିକ୍ସକୁ ପରିବର୍ତ୍ତନ କରାଯାଇଥିଲା। ୧୭ଟି ଦେଶର ଫେଡେରେଶନକୁ ନେଇ ସମଗ୍ର ବିଶ୍ୱରେ ଶିଶୁ ଓ ଆଥ୍‌ଲେଟମାନଙ୍କୁ ସଚେତନ କରିବା ଦିଗରେ ଆରମ୍ଭ ହୋଇଥିବା ମିଶନରେ ଏହା ଉଲ୍ଲେଖନୀୟ ସଫଳତା ହାସଲ କରିଥିଲା। ତେବେ ଯୁବ ସମାଜକୁ ଅଧିକରୁ ଅଧିକ ଆକୃଷ୍ଟ କରିବା ପାଇଁ ୧୯୯୬ରେ ପ୍ରଥମ ଥର ପାଇଁ ବିଶ୍ୱ ଆଥ୍‌ଲେଟିକ୍ସ ଦିବସ ପାଳନ କରାଯିବା ପାଇଁ ଯୋଜନା କରାଯାଇଥିଲା। ବିଭିନ୍ନ କ୍ରୀଡ଼ା ଇଭେଣ୍ଟ ଓ ସେମିନାର ଦ୍ୱାରା ସଚେତନତା ପାଇଁ ପ୍ରୟାସ କରାଯାଏ। ସମଗ୍ର ବିଶ୍ୱର ସ୍କୁଲ ଓ କଲେଜଗୁଡ଼ିକରେ ଏହି କାର୍ଯ୍ୟକ୍ରମ ପାଳନ କରାଯାଏ। ଆଥଲେଟ୍‌ମାନଙ୍କୁ ଡୋପିଂ ସମ୍ପର୍କରେ ସଚେତନ କରିବା ମଧ୍ୟ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ୨୦୧୩ରେ ଆଥ୍‌ଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ ସ୍ଥାପନ କରାଯାଇଥିଲା।




ନୀରଜ ଚୋପ୍ରା

ବିଗତ ବର୍ଷରେ ଭାରତୀୟ ଆଥ୍‌ଲେଟଙ୍କ ପ୍ରଦର୍ଶନରେ ବିଶେଷ ଉନ୍ନତି ପରିଲକ୍ଷିତ ହୋଇଛି। ନୀରଜ ଚୋପ୍ରା ପ୍ରଥମ ଭାରତୀୟ ଆଥ୍‌ଲେଟ ଭାବରେ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିବା ବେଳେ ଡାଇମଣ୍ଡ ଲିଗ୍‌ରେ ମଧ୍ୟ ଏକମାତ୍ର ଭାରତୀୟ ଭାବେ ଦୁଇ ଦୁଇ ଥର ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହା ସହିତ ଅଞ୍ଜୁ ବବି ଜର୍ଜଙ୍କ ପରେ ଦ୍ୱିତୀୟ ଭାରତୀୟ ଆଥ୍‌ଲେଟ ଭାବରେ ନୀରଜ ଏକ ବିଶ୍ୱ ଚାମ୍ପିୟନଶିପ୍ ପଦକ ହାସଲ କରିଥିଲେ। ମୁରଲୀ ଶ୍ରୀଶଙ୍କର, ଏଲଧୋଶ ପଲ ଓ ଅବଦୁଲ ଆବୁ ବକରଙ୍କ ପରି ଖେଳାଳି ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ବିଶ୍ୱ ଚାମ୍ପିୟନଶିପ୍‌ରେ ମଧ୍ୟ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ। ମହିଳା ଆଥ୍‌ଲେଟଙ୍କ ମଧ୍ୟରେ ରେସ୍ ୱାକର ପ୍ରିୟଙ୍କା ଗୋସ୍ୱାମୀ ଏବଂ ଜାଭେଲିନ୍ ଥ୍ରୋୟର ଅନ୍ନୁ ରାଣୀଙ୍କ ପ୍ରଦର୍ଶନରେ ଆଖିଦୃଶିଆ ଉନ୍ନତି ଘଟିଛି। ପ୍ରିୟଙ୍କା ରେସ୍ ୱାକିଂରେ ରାଜ୍ୟ ଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ବିଜୟୀ ହୋଇଥିବା ବେଳେ ଅନ୍ନୁ ରାଣୀ କ୍ରମାଗତ ୩ ବର୍ଷ ଧରି ବିଶ୍ୱ ମାନ୍ୟତାର ଶ୍ରେଷ୍ଠ ୫ରେ ସାମିଲ ଅଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ହାସଲ କରିଥିବା ଅନ୍ନୁ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଚତୁର୍ଥ ସ୍ଥାନରେ ରହି ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଥିଲେ।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ